NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20
8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
22 AUGUST 2025
ଶୁକ୍ରବାର
୨୨ ଅଗଷ୍ଟ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 98 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୯୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

## ଚନ୍ଦକାରେ ବିଶ୍ୱର ପ୍ରଥମ ଏସୀୟ ହାତୀ ପ୍ରଜାତି ବଞ୍ଚାଅ କେନ୍ଦ୍ର ପ୍ରତିଷ୍ଠା

# ଓଡ଼ିଶାର ହାତୀ ସଂରକ୍ଷଣ ମଡେଲ୍ ବିଶ୍ୱକୁ ପ୍ରେରଣା ଦେବ

**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:**



ଚନ୍ଦକାରେ ବିଶ୍ୱର ପ୍ରଥମ ଏସୀୟ ହାତୀ ପ୍ରଜାତି ବଞ୍ଚାଅ କେନ୍ଦ୍ର ପ୍ରତିଷ୍ଠା ହେବ। ଓଡ଼ିଶାର ହାତୀ ସଂରକ୍ଷଣ ମଡେଲ୍ ବିଶ୍ୱକୁ ପ୍ରେରଣା ଦେବ। ଆମର ଦୃଷ୍ଟିକୋଣ ହେଉଛି ଓଡ଼ିଶା ପାଇଁ ଏକ ବିକାଶ ମଡେଲ୍ ସୃଷ୍ଟି କରିବା। ଯେଉଁଠାରେ ହାତୀମାନେ ମୁକ୍ତ ଭାବରେ ବିଚରଣ କରିବେ, ଆମର ଜଙ୍ଗଲ ସୁସ୍ଥ ରହିବେ। ସମ୍ପ୍ରଦାୟଗୁଡ଼ିକ ପ୍ରାଣୀମାନଙ୍କ ସହିତ ଶାନ୍ତିରେ ସହାବସ୍ଥାନ କରିବେ। ଏହି ମଡେଲ୍ ବିଶ୍ୱର ଅନ୍ୟ ଦେଶକୁ ଅନୁପ୍ରାଣିତ କରିବ। ଓଡ଼ିଶାର ପ୍ରତିବଦ୍ଧତାକୁ ପୁନଃ ଦୃଢ଼ କରବାକୁ ପଡ଼ିବ। ଗୁରୁବାର ମାନବ-ହାତୀ ସହାବସ୍ଥାନ ଉପରେ ଅନ୍ତର୍ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି ଯେ ରାଜ୍ୟ ସରକାର ଆଇୟୁସିଏନ୍ ପ୍ରଜାତି ବଞ୍ଚାଇବା କମିଶନ, ଭାରତୀୟ ବନ୍ୟପ୍ରାଣୀ ଟ୍ରଷ୍ଟ ଏବଂ କଲମ୍ବସ୍ ଚିଡ଼ିଆଖାନା ଏବଂ ଆକ୍ୱାରିୟମ୍ ସହଯୋଗରେ ଭୁବନେଶ୍ୱରର ଚନ୍ଦକା ବନ୍ୟପ୍ରାଣୀ ଡିଭିଜନ୍ ନିକଟ ଗୋଡ଼ିବାରିରେ ବିଶ୍ୱର ପ୍ରଥମ 'ପ୍ରଜାତି ବଞ୍ଚାଇବା କେନ୍ଦ୍ର: ଏସୀୟ ହାତୀ' ପ୍ରତିଷ୍ଠା କରିବାକୁ ଯାଉଛନ୍ତି। 'ଏହି କେନ୍ଦ୍ର କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ସମଗ୍ର ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆ ପାଇଁ ଗବେଷଣା, ନୀତି ଏବଂ ସର୍ବୋତ୍ତମ ଅଭ୍ୟାସକୁ ପ୍ରବର୍ତ୍ତାଇବ। ଏହି ପଦକ୍ଷେପ ଏସୀୟ ହାତୀ ସଂରକ୍ଷଣରେ ଏକ ନୂତନ ବିଶ୍ୱ ମାନଦଣ୍ଡ ସ୍ଥାପନ କରିଛି। ଏହା ଦକ୍ଷିଣ-ପୂର୍ବ ଏସିଆରେ ହାତୀ ସଂରକ୍ଷଣ ପାଇଁ ବିଜ୍ଞାନକୁ ଆଗକୁ ବଢାଇବା, ନୀତି ଗଠନ କରିବା ଏବଂ ସାମୁଦାୟିକ କାର୍ଯ୍ୟକୁ ଚାଳିତ କରିବା ପାଇଁ ଏକ ଆଞ୍ଚଳିକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। 'ଭାରତ ଏବଂ ବିଦେଶର ବିଶିଷ୍ଟ ବ୍ୟକ୍ତି, ପ୍ରତିନିଧି ଏବଂ ବିଶେଷଜ୍ଞମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ, 'ଓଡ଼ିଶାରେ, ହାତୀ ପଶୁ ଅପେକ୍ଷା ଅଧିକ-ସେମାନେ ଆମର ପରିଚୟ, ଇତିହାସ ଏବଂ ଆଧ୍ୟାତ୍ମିକତାର ଅଂଶ। ଜାତୀୟ ଐତିହ୍ୟ ପ୍ରାଣୀ ଭାବରେ ହାତୀ ପ୍ରକୃତରେ ଆମ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ରଖେ। 'କୃଷିର ପ୍ରସାର ଏବଂ ଭିତ୍ତିଭୂମି ବିକାଶ ପାରମ୍ପରିକ ହାତୀ ବାସସ୍ଥାନକୁ ହ୍ରାସ କରୁଛି, ଯାହା ଫଳରେ ମଣିଷ-ହାତୀ ସଂଘର୍ଷ ବୃଦ୍ଧି ପାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାସସ୍ଥାନ କ୍ଷତି ଯୋଗୁଁ ବଢୁଥିବା ସଂଘର୍ଷ ଉପରେ ଚିନ୍ତା ପ୍ରକାଶ କରିଛନ୍ତି।

### ଅନ୍ତର୍ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ୋକ୍ତି

ମୁଖ୍ୟମନ୍ତ୍ରୀ ହାତୀ କରିଡର୍ ମ୍ୟାପିଂ, ଅବକ୍ଷୟିତ ଜଙ୍ଗଲ ପୁନରୁଦ୍ଧାର, ଗଜ ସାଥୀ ଏବଂ ବନ ସୁରକ୍ଷା ସମିତି ମାଧ୍ୟମରେ ସ୍ଥାନୀୟ ସୁରକ୍ଷା ଗୋଷ୍ଠୀକୁ ସଶକ୍ତ କରିବା, ଶିକାର ବିରୋଧୀ ସ୍କ୍ୱାଡ୍‌କୁ ସୁଦୃଢ଼ କରିବା ଏବଂ ହାତୀ ଗତିବିଧି ଟ୍ରାକିଂ କରିବା ପାଇଁ ଜିପିଏସ୍ କଲାର୍, ଡ୍ରୋନ୍ ଏବଂ ଏଆଇକ୍ୟାମେରା ବ୍ୟବହାର କରିବା ସମେତ ଓଡ଼ିଶାର ପଦକ୍ଷେପଗୁଡ଼ିକୁ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ ସମ୍ପ୍ରଦାୟକୁ ସୁରକ୍ଷା ଦେବା ସହିତ ହାତୀମାନଙ୍କୁ ସୁରକ୍ଷା ଦେଇ ଏହି ଚ୍ୟାଲେଞ୍ଜକୁ ପରିଚାଳନା କରିବା ପାଇଁ ଓଡ଼ିଶାର ବ୍ୟାପକ ଆଭିମୁଖ୍ୟ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଓଡ଼ିଶାର ପ୍ରତିବଦ୍ଧତାକୁ ପୁନଃ ଦୃଢ଼କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଆମର ଦୃଷ୍ଟିକୋଣ ହେଉଛି ଓଡ଼ିଶା ପାଇଁ ଏକ ବିକାଶ ମଡେଲ୍ ସୃଷ୍ଟି କରିବା ଯେଉଁଠାରେ ହାତୀମାନେ ମୁକ୍ତ ଭାବରେ ବିଚରଣ କରନ୍ତି, ଆମର ଜଙ୍ଗଲ ସୁସ୍ଥ ରହେ ଏବଂ ସମ୍ପ୍ରଦାୟଗୁଡ଼ିକ ପ୍ରାଣୀମାନଙ୍କ ସହିତ ଶାନ୍ତିରେ ସହାବସ୍ଥାନ କରନ୍ତି। ଏହି ମଡେଲ୍ ବିଶ୍ୱର ଅନ୍ୟ ଦେଶକୁ ପ୍ରେରଣା ଦେବ।

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ▶▶ ୫

# ଆଇପିଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ

**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:**



ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ମୋଟ ୧୮ଜଣ ଆଇପିଏସ୍ ଓ ଓପିଏସ୍ ଅଫିସରଙ୍କ ବଦଳି ହୋଇଛି। ବରିଷ୍ଠ ଆଇପିଏସ୍ ସନ୍ତୋଷ ବାଲାଙ୍କୁ ରାଜ୍ୟ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏସ୍‌ସିଆର୍‌ବି)ରୁ ଓ ପ୍ରବୀଣ କୁମାରଙ୍କୁ କେନ୍ଦ୍ରାଞ୍ଚଳ ଡିଆଇଜି ପଦବୀରୁ ହଟାଇ ଦିଆଯାଇଛି। ସେହିପରି କେନ୍ଦ୍ରୀୟ ଡେପୁଟେସନ୍‌ରେ ନିଯୁକ୍ତି ସତ୍ତ୍ୱେ ଓଡ଼ିଶାରେ ରହିଥିବା ଏସ୍. ଗଜଭିୟେଙ୍କୁ ସ୍ୱତନ୍ତ୍ର ସଶସ୍ତ୍ର ପୁଲିସର ଆଇଜି ଭାବେ ଅବସ୍ଥାପିତ କରାଯାଇଛି। ମୋଟ ୮ ଜିଲ୍ଲାରେ ନୂଆ ପୁଲିସ ଏସ୍‌ପିଙ୍କୁ ନିଯୁକ୍ତି ମିଳିଛି। ସେମାନଙ୍କ ମଧ୍ୟରୁ ଆଇପିଏସ୍ ସନ୍ତୋଷ ବାଲା-ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବୋରେଟୋରୀ ▶▶ ୫

### ୮ ଜିଲ୍ଲାରେ ନୂଆ ଏସ୍‌ପି, ବଦଳିଲେ କେନ୍ଦ୍ରାଞ୍ଚଳ ଡିଆଇଜି

# ପୋଖରୀରେ ବୁଡ଼ିଗଲେ ମା', ଝିଅ

**ନନ୍ଦପୁର,୨୧।୮/ଏନ୍ଏନ୍ଏସ୍:**

କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ବାଲିଆ ଗାଁରେ ପୋଖରୀରେ ବୁଡ଼ି ମା' ଝିଅଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଉଛନ୍ତି ନମିତା ମାଝୀ ଓ ସୁମିତ୍ରା ମାଝୀ। ସେମାନଙ୍କ ଘର ହରଗଣ୍ଡା ଗାଁରେ।

ସୂଚନା ମୁତାବକ ସନୁ ମାଝୀଙ୍କ ପତ୍ନୀ ନମିତା ମାଝୀ ଗୁରୁବାର ପୁଅ ଓ ଦୁଇ ଝିଅଙ୍କୁ ଧରି ବାଲିଆ ଗାଁକୁ ଯାଇଥିଲେ। ସେଠାରେ ଥିବା ଚାଷଜମିରେ ସେମାନେ ଅଦା ଚାଷ କରିଛନ୍ତି। ନମିତା ପୁଅ ଝିଅଙ୍କୁ ନେଇ ଜମିକୁ ଅଦା ଖୋଳିବାକୁ ଯାଇଥିଲେ। ଏହି ସମୟରେ ସୁମିତ୍ରା ଓ ତାଙ୍କ ଭାଇ ଗାଧୋଇବାକୁ ପାଖ ପୋଖରୀକୁ ଯାଇଥିଲେ। ଗାଧୋଉଥିବା ବେଳେ ସୁମିତ୍ରା ପୋଖରୀରେ ବୁଡ଼ି ଯାଇଥିଲେ। ଏହା ଦେଖି ଭାଇ ମା'ଙ୍କୁ ଡାକ ପକାଇଥିଲେ। ନମିତା କାଳବିଳମ୍ବ ନକରି ଝିଅକୁ ଉଦ୍ଧାର କରିବାକୁ ପୋଖରୀ ଭିତରକୁ ପଶିଥିଲା ବେଳେ ଆଉ ଫେରିନଥିଲେ। ସେ ମଧ୍ୟ ପୋଖରୀରେ ବୁଡ଼ି ଯାଇଥିଲେ। ଖବର ପାଇ ନନ୍ଦପୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମା' ଓ ଝିଅଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ସେପ୍ଟେମ୍ବର ୧୮ରୁ ମୌସୁମୀ ଅଧିବେଶନ

**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:**



### ୨୫ ପର୍ଯ୍ୟନ୍ତ ଚାଲିବ

ସେପ୍ଟେମ୍ବର ୧୮ରୁ ଆରମ୍ଭ ହେବ ବିଧାନସଭା ମୌସୁମୀ ଅଧିବେଶନ। ତାହା ସେପ୍ଟେମ୍ବର ୨୫ ତାରିଖ ଯାଏ ଚାଲିବ। ବିଧାନସଭା ପକ୍ଷରୁ ଏନେଇ ପ୍ରକାଶ ପାଇଛି ବିଜ୍ଞପ୍ତି। ସେପ୍ଟେମ୍ବର ୧୮ରେ ସରକାରୀ କାର୍ଯ୍ୟ ଥିବାବେଳେ ୧୯ରେ ଘରୋଇ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ଦିବସ ରହିଛି। ସେହିପରି ସେପ୍ଟେମ୍ବର ୨୦ରେ ସରକାରୀ କାର୍ଯ୍ୟ ଦିବସ ଥିବାବେଳେ ୨୧ରେ ରବିବାର ପାଇଁ ଛୁଟି ରହିବ ଏବଂ ସେପ୍ଟେମ୍ବର ୨୨ରୁ୨୫ ଯାଏ ସରକାରୀ କାର୍ଯ୍ୟ ପାଇଁ ଗୃହ ଚାଲିବ। ତେବେ ଏହି ସ୍ୱଳ୍ପ ଅଧିବେଶନ ସତ୍ତ୍ୱେ ବିଧାନସଭାର ଗୁରୁତ୍ୱ ଢେର ରହିଛି। ଆରମ୍ଭରୁ ଗୃହ ସରଗରମ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଉଲ୍ଲେଖନୀୟ ଯେ ଅତୀତରେ ଜୁଲାଇ ଦ୍ୱିତୀୟ ସପ୍ତାହରୁ ଅଗଷ୍ଟ ଦ୍ୱିତୀୟ ସପ୍ତାହ ଭିତରେ ବିଧାନସଭାର ମୌସୁମୀ ଅଧିବେଶନ ବସି ଶେଷ ହୋଇଥାଏ। ଏଥର ବିଳମ୍ବରେ ମୌସୁମୀ ଅଧିବେଶନ ବସିବାକୁ ଯାଉଛି।

# ସିଏମ୍ ଶ୍ରୀ ଯୋଜନା ଆର୍ଥିକ ସହାୟତା ବୃଦ୍ଧି

### ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିକାଶକୁ ଗୁରୁତ୍ୱ


**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:**

ସିଏମ୍ ଶ୍ରୀ ଯୋଜନା'କୁ ଅଧିକ ଫୋକସ୍ ଦିଆଯିବା ସହ ୨୦୨୪-୨୫ରୁ ୪ ବର୍ଷ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି। ଉକ୍ତ ଯୋଜନା ଅନ୍ତର୍ଗତ ଆର୍ଥିକ ସହାୟତା ୧୦ଲକ୍ଷ, ୫୦ଲକ୍ଷ, ୧କୋଟି, ୩ କୋଟିରୁ ୨୫ଲକ୍ଷ, ୧କୋଟି, ୩କୋଟି ଓ ୫କୋଟି ପର୍ଯ୍ୟନ୍ତ ବୃଦ୍ଧି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିକାଶକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ପିଏମ୍‌ଇଜିପି ଯୋଜନାର ସଫଳ ରୂପାୟନ ପାଇଁ ଜରୁରୀ ପଦକ୍ଷେପ ନିଆଯାଇଛି। ଶିଳ୍ପ ସଂସ୍ଥାମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ▶▶ ୫

## ଜିଏସ୍‌ଟି ସ୍ଲାବ୍‌ରେ ସଂଶୋଧନ ପ୍ରସ୍ତାବ

# କେନ୍ଦ୍ରର ପ୍ରସ୍ତାବକୁ ସ୍ୱୀକୃତି ଦେଲା ଜିଓଏମ୍

**ନୂଆଦିଲ୍ଲୀ,୨୧।୮/ଏଜେନ୍ସି:**




### ସମାପ୍ତ ହେବ ୧୨% ଓ ୨୮%ର ଟିକସ ବ୍ୟବସ୍ଥା

### ୫% ଓ ୧୮% ସ୍ଲାବ୍ ଅଧୀନକୁ ଆସିବ ସାମଗ୍ରୀ ଓ ସେବା

ଗୁରୁବାର ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କ ପ୍ୟାନେଲ୍ ବା ଗୋଷ୍ଠୀ (ଜିଓଏମ୍)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବିତ ଜିଏସ୍‌ଟି ସଂଶୋଧନ ବିଲ୍ ଉପରେ ବ୍ୟାପକ ଆଲୋଚନା ତଥା ବିଚାରବିମର୍ଶ କରାଯିବା ଉଦ୍ଦେଶ୍ୟରେ ଏହି ବୈଠକ ଆହୂତ ହୋଇଥିଲା। ତେବେ ବୈଠକରେ ଦେଶରେ ସମ୍ପ୍ରତି ପ୍ରଚଳିତ ଜିଏସ୍‌ଟି ସ୍ଲାବ୍‌କୁ ଯୁକ୍ତିଯୁକ୍ତ ଭାବେ କାଣ୍ଟଛାଣ୍ଟ କରିବା ନେଇ କେନ୍ଦ୍ର ଅର୍ଥମନ୍ତ୍ରଣାଳୟର ପ୍ରସ୍ତାବକୁ ଗୃହୀତ କରାଯାଇଛି। ଏହାର ଅର୍ଥ ୪ଟିକିଆ ଟିକସ ସ୍ଲାବ୍ ବ୍ୟବସ୍ଥା (୫%, ୧୨%, ୧୮% ଏବଂ ୨୮%)କୁ ସଂକୁଚିତ କରି ୨ଟିକିଆ ସ୍ଲାବ୍ (୫% ଏବଂ ୧୮%)ରେ ସୀମିତ ରଖାଯିବାଜନିତ ପ୍ରସ୍ତାବକୁ ସବୁ ରାଜ୍ୟ ସରକାର ମଧ୍ୟ ସହମତି ପ୍ରକାଶ କରିଛନ୍ତି। ଏଥିସହ ରାଜ୍ୟ ଅର୍ଥମନ୍ତ୍ରୀଙ୍କ ପ୍ୟାନେଲ୍ ପକ୍ଷରୁ ମଧ୍ୟ କିଛି ପ୍ରସ୍ତାବନା ଦିଆଯାଇଛି।

ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଉତ୍ତରପ୍ରଦେଶ ଅର୍ଥମନ୍ତ୍ରୀ ସୁରେଶ କୁମାର ଖାନ୍ନା, ରାଜସ୍ଥାନ ସ୍ୱାସ୍ଥ୍ୟମନ୍ତ୍ରୀ ଗଜେନ୍ଦ୍ର ସିଂହ, ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ, କର୍ଣ୍ଣାଟକ ରାଜସ୍ୱ ମନ୍ତ୍ରୀ କୃଷ୍ଣ ବାଇରେ ଗୌଡ଼ା ଏବଂ କେରଳ ଅର୍ଥମନ୍ତ୍ରୀ କେଏନ୍ ବାଲଗୋପାଳ ପ୍ରମୁଖ ଏହି ବୈଠକରେ ସାମିଲ ହୋଇଥିଲେ। ଅର୍ଥ ମନ୍ତ୍ରଣାଳୟର ବିସ୍ତୃତ ପ୍ରସ୍ତାବଗୁଡ଼ିକର ସମୀକ୍ଷା କରିବା ପରେ ମନ୍ତ୍ରୀମାନେ ଏକ ବ୍ୟାପକ ସହମତିରେ ପହଞ୍ଚିଥିଲେ।

କେନ୍ଦ୍ର ସରକାର ଜିଏସ୍‌ଟି ବ୍ୟବସ୍ଥାରେ ସଂଶୋଧନ ପୂର୍ବକ ଏକ ବଡ଼ଧରଣର ପରିବର୍ତ୍ତନ କରାଯିବା ନେଇ ପ୍ରସ୍ତାବ ଦେଇଛନ୍ତି। ପ୍ରସ୍ତାବରେ ୧୨% ଏବଂ ୨୮% ସ୍ଲାବ୍‌କୁ ହଟାଇ କେବଳ ୫% ଏବଂ ୧୮% ଦୁଇଟି ସ୍ଲାବ୍ ହାର ରଖିବାକୁ ପ୍ରସ୍ତାବନା ଦିଆଯାଇଛି। ଜିଓଏମ୍ ପ୍ୟାନେଲ୍ ମଧ୍ୟ ସୁପାରିଶ କରିଛି ଯେ ବିଳାସପୂର୍ଣ୍ଣ କାର୍‌ଗୁଡ଼ିକୁ ୪୦% ଟିକସ ବ୍ରାକେଟ୍ ଅଧୀନକୁ ଅଣାଯିବ। ଏତଦ୍‌ବ୍ୟତୀତ, ତମାଖୁ ଏବଂ ପାନ ମସଲା ଭଳି ସାମଗ୍ରୀ ଉପରେ ୪୦%ର ଏକ ସ୍ୱତନ୍ତ୍ର ହାର ମଧ୍ୟ ଲାଗୁ କରାଯିବା ଉପରେ ବିଚାର କରିବାକୁ ପ୍ରସ୍ତାବ ଦିଆଯାଇଛି।

ପ୍ରକାଶ, କେନ୍ଦ୍ର ସରକାର ଜିଏସ୍‌ଟିରେ ପରିବର୍ତ୍ତନ ମାଧ୍ୟମରେ ସାଧାରଣ ଲୋକ, ଚାଷୀ, ମଧ୍ୟବିତ୍ତ ବର୍ଗ ଏବଂ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଆଶ୍ୱସ୍ତି ଦେବାକୁ ଚାହୁଁଛନ୍ତି। ଏହା ମାଧ୍ୟମରେ ଟିକସ ବ୍ୟବସ୍ଥାକୁ ମଧ୍ୟ ସରଳ କରିବାକୁ ଚାହୁଁଛନ୍ତି। ସରକାର ବିଶ୍ୱାସ କରନ୍ତି ଯେ ସରଳ ଦୁଇ-ସ୍ଲାବ୍ ବ୍ୟବସ୍ଥା ବ୍ୟବସାୟଗୁଡ଼ିକ ପାଇଁ ଅନୁପାଳନକୁ ସହଜ କରିବ ଏବଂ ଗ୍ରାହକମାନଙ୍କ ପାଇଁ ଟିକସ ବୋଝ ମଧ୍ୟ କମ୍ କରିବ। ଜିଓଏମ୍ ପକ୍ଷରୁ ପ୍ରସ୍ତାବିତ ସମସ୍ତ ସୁପାରିଶଗୁଡ଼ିକ ଏବେ ଜିଏସ୍‌ଟି ପରିଷଦକୁ ପଠାଯିବ, ଯାହାର ଅଧ୍ୟକ୍ଷତା କେନ୍ଦ୍ର ଅର୍ଥମନ୍ତ୍ରୀ ନିଜେ କରୁଛନ୍ତି। ଏଥିରେ ସମସ୍ତ ରାଜ୍ୟର ପ୍ରତିନିଧିମାନେ ମଧ୍ୟ ସାମିଲ ଅଛନ୍ତି। ପରିଷଦ ଏହାର ଆଗାମୀ ବୈଠକରେ ପ୍ରସ୍ତାବଗୁଡ଼ିକର ସମୀକ୍ଷା କରିବ ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ଆଶା କରାଯାଉଛି। ଯଦି ଜିଏସ୍‌ଟି ପରିଷଦ ବୈଠକରେ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ ମିଳେ, ତେବେ ଏହି ପରିବର୍ତ୍ତନଗୁଡ଼ିକ ୨୦୧୭ରେ ଜିଏସ୍‌ଟି ▶▶ ୫

## ଫାର୍ମା କମ୍ପାନୀରେ ନାଇଟ୍ରୋଜେନ୍ ଗ୍ୟାସ୍ ଲିକ୍

# ୪ ଶ୍ରମିକ ମୃତ, ୨ ଗୁରୁତର

**ମୁମ୍ବାଇ,୨୧।୮/ଏଜେନ୍ସି:**

ମହାରାଷ୍ଟ୍ରର ପାଲଘର ଜିଲ୍ଲା ତାରାପୁର ଏମ୍‌ଆଇଡିସିରେ ଅବସ୍ଥିତ ଏକ ଫାର୍ମା କମ୍ପାନୀରେ ଗ୍ୟାସ୍ ଲିକ୍‌ହେବା ଏବଂ ଏଥିରେ ୪ଜଣଙ୍କ ମୃତ୍ୟୁହେବା ଭଳି ଅଭାବନୀୟ ଘଟଣା ଘଟିଛି। ରିପୋର୍ଟ ଅନୁସାରେ ଅପରାହ୍ନରେ ମୁମ୍ବାଇରୁ ପ୍ରାୟ ୧୩୦ କିଲୋମିଟର ଦୂର ବୋଇସର ଶିଳ୍ପାଞ୍ଚଳରେ ଅବସ୍ଥିତ ମେଡ୍‌ଲି ଫାର୍ମା ନାମକ ଏକ ଔଷଧ କମ୍ପାନୀର ପ୍ଲାଣ୍ଟ୍‌ରେ ଏହି ଘଟଣା ଘଟିଛି। ନାଇଟ୍ରୋଜେନ୍ ଗ୍ୟାସ୍ ଲିକ୍ ହୋଇଯିବା ଯୋଗୁ କର୍ମଚାରୀମାନେ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ହସ୍ପିଟାଲ୍ ନିଆଯାଇଥିଲେ ମଧ୍ୟ ୪ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଅନ୍ୟ ୨ଜଣଙ୍କ ଅବସ୍ଥା ଅତ୍ୟନ୍ତ ଜଟିଳ ରହିଥିବା କୁହାଯାଉଛି। ଏହି ୨ ଶ୍ରମିକଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ପାଲଘର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ସେଲ୍‌ର ମୁଖ୍ୟ ବିବେକାନନ୍ଦ କଦମ କହିଛନ୍ତି ଯେ ଅପରାହ୍ନ ୨.୩୦ରୁ ୩ଟା ମଧ୍ୟରେ କମ୍ପାନୀର ଗୋଟିଏ ୟୁନିଟ୍‌ରେ ନାଇଟ୍ରୋଜେନ୍ ଗ୍ୟାସ୍ ଲିକ୍ ହୋଇଥିଲା। ସେଠାରେ କାର୍ଯ୍ୟରତ କର୍ମଚାରୀ ଏହାକୁ ଶ୍ୱାସକ୍ରିୟାରେ ଗ୍ରହଣ କରିବାରୁ ଏହାର ଉତ୍କଟ ପ୍ରଭାବ ଦେଖିବାକୁ ମିଳିଛି। ୬ ଶ୍ରମିକଙ୍କୁ ଡାକ୍ତରଖାନାକୁ ପଠାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ସନ୍ଧ୍ୟା ପ୍ରାୟ ୬.୧୫ରେ ୪ ଜଣ ପ୍ରାଣ ହରାଇଛନ୍ତି।

# ପାଣି ବ୍ୟବହାରରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:**

ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ୨.୦ ର ଜଳ ବିଭାଜିକା ଅଧୀନରେ ପାଣି ବ୍ୟବହାରରେ ଓଡ଼ିଶା ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟ ହୋଇଛି। ଆଜି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଦେଶର ସମସ୍ତ ରାଜ୍ୟ ଏବଂ ଜମ୍ମୁ କାଶ୍ମୀର, ଲଦାଖ କେନ୍ଦ୍ରଶାସିତ ପ୍ରଦେଶର ଜଳବିଭାଜିକା-ପ୍ରଧାନମନ୍ତ୍ରୀ ▶▶ ୫

### ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନାର ସମୀକ୍ଷା

# ୩୧ରେ ହେବନି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା

**କଟକ,୨୧।୮/ଏନ୍ଏନ୍ଏସ୍:**

ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଡ଼ିଶା ଟିଚର୍ ଇଲିଜିବିଲିଟି ଟେଷ୍ଟ (ଓଟିଇଟି) ସ୍ଥଗିତ ରଖାଯାଇଛି। ଆସନ୍ତା ୩୧ରେ ସ୍ପେଶାଲ୍ ଓଟିଇଟି ପରୀକ୍ଷା ହେବାକୁ ଥିଲା। ଓଟିଇଟି ସ୍ଥଗିତ ନେଇ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଜାରି ▶▶ ୫

## ● ୩ ବର୍ଷରେ ପୂରଣ ହେବ ୪୫ ହଜାର ପଦବୀ

# ନିୟମିତ ହେବେ ସ୍କିମାଟିକ୍ ଶିକ୍ଷକ



**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:**

### ● ମିଶିବ ଯୁକ୍ତ ଦୁଇ ପରିଷଦ ଓ ମାଧ୍ୟମିକ ଶିକ୍ଷା ବୋର୍ଡ

### ● ଏନ୍‌ସିଇଆର୍‌ଟି ଢାଞ୍ଚାରେ ପ୍ରସ୍ତୁତ ହେବ ପୁସ୍ତକ

ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରିଛନ୍ତି। ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ କରିବା ଦିଗରେ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ଥିବା ଦୃଷ୍ଟିରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଅଧିକ ଫୋକସ୍ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ଏହି ପରାମର୍ଶ ଦେବା ସହିତ ଅନେକ ନୂତନ ନିଷ୍ପତ୍ତି ନେଇଛନ୍ତି।

ନିଷ୍ପତ୍ତି ଅନୁଯାୟୀ, ସ୍କିମାଟିକ୍ ପ୍ରାଥମିକ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟରେ ବର୍ତ୍ତମାନ ୪୫, ୨୯୨ ପ୍ରାଥମିକ ବିଦ୍ୟାଳୟରେ ୧, ୬୦, ୩୧୯ ଶିକ୍ଷକ ପଦବୀ ରହିଛି। ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯, ୩୬୬ ପଦବୀ ସୃଷ୍ଟି କରାଯିବ। ଏହାସହିତ ଡିସେମ୍ବର ୨୦୨୫ ସୁଦ୍ଧା ୫, ୦୬୭ ଶିକ୍ଷକ ପଦବୀ ମଧ୍ୟ ଖାଲି ହେବ। ତେଣୁ ଏହି ସମସ୍ତ ପଦବୀକୁ ମିଶାଇ ଆସନ୍ତା ୩ ବର୍ଷ ମଧ୍ୟରେ ୪୪, ୪୩୩ ପଦବୀ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବର୍ଷକୁ ପ୍ରାୟ ୧୫ ହଜାର ▶▶ ୫

## ଶାନ୍ତି ଆଲୋଚନା ମଧ୍ୟରେ ୟୁକ୍ରେନ୍ ଉପରେ ରୁଷ୍‌ର ପ୍ରଚଣ୍ଡ ଆକ୍ରମଣ

# ୫୭୪ ଡ୍ରୋନ୍, ୪୦ କ୍ଷେପଣାସ୍ତ୍ର ମାଡ଼

**କିଭ୍,ମସ୍କୋ,୨୧।୮/ଏଜେନ୍ସି:**



ଗୋଟିଏ ପଟେ ରୁଷ-ୟୁକ୍ରେନ୍ ମଧ୍ୟରେ ଶାନ୍ତି ସ୍ଥାପନ ପାଇଁ ବ୍ୟାପକ ଆଲୋଚନା ବୈଠକ କରାଯାଉଛି। ଏପରିକି ନିଜେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ମଧ୍ୟ କିଛିଦିନ ପୂର୍ବେ ଆଲାସ୍କାଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସାକ୍ଷାତ୍ କରି ଆଲୋଚନା କରି ଫେରିଛନ୍ତି। ତେବେ ଏସବୁ ମଧ୍ୟରେ ରୁଷ୍ ପକ୍ଷରୁ ୟୁକ୍ରେନ୍ ଉପରେ ବୁଧବାର ବିଳମ୍ବିତ ରାତିରେ ପୁଣିଥରେ ଏକ ଭୟାବହ ଆକ୍ରମଣ କରାଯାଇଛି।

ଆକ୍ରମଣ ସମ୍ପର୍କରେ ୟୁକ୍ରେନ୍ ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ୟୁକ୍ରେନ୍ ସେନା ଦର୍ଶାଇଛି ଯେ ୟୁକ୍ରେନ୍ ଉପରେ ରୁଷ୍ ୫୭୪ ଡ୍ରୋନ୍ ଏବଂ ୪୦ ବାଲିଷ୍ଟିକ୍ ତଥା କ୍ରୁଜ୍ କ୍ଷେପଣାସ୍ତ୍ର ସହ ଆକ୍ରମଣ କରିଛି। ଏହା ୟୁକ୍ରେନ୍ ଉପରେ ବର୍ଷର ଅନ୍ୟତମ ବଡ଼ ବିମାନ ଆକ୍ରମଣ। ସରକାରୀ ସଂଖ୍ୟା ଅନୁସାରେ, ଏହି ବର୍ଷ ଡ୍ରୋନ୍ ମାଡ଼ ସଂଖ୍ୟା ଦୃଷ୍ଟିରୁ ଏହା ରୁଷର ତୃତୀୟ ସର୍ବବୃହତ୍ ଏବଂ ମିସାଇଲ୍ ଦୃଷ୍ଟିରୁ ଅଷ୍ଟମ ସର୍ବବୃହତ ବିମାନ ଆକ୍ରମଣ ଥିଲା। ଗତ ତିନିବର୍ଷ ଧରି ଚାଲିଥିବା ଯୁଦ୍ଧକୁ ବନ୍ଦ କରିବା ପାଇଁ ସାମ୍ପ୍ରତିକ କୂଟନୈତିକ ପ୍ରୟାସ ଜାରି ରହିଥିବା ବେଳେ ରୁଷ୍‌ର ଏପ୍ରକାର ଆଭିମୁଖ୍ୟ ପରିସ୍ଥିତିକୁ ଅଧିକ ଖରାପ କରୁଛି। ୟୁକ୍ରେନ୍‌ର ବାୟୁସେନା କହିଛି ଯେ ଏହି ଆକ୍ରମଣ ମୁଖ୍ୟତଃ ଦେଶର ପଶ୍ଚିମ ଅଞ୍ଚଳଗୁଡ଼ିକୁ ଟାର୍ଗେଟ୍ କରି କରାଯାଇଛି। ଏସବୁ ଅଞ୍ଚଳରେ ୟୁକ୍ରେନ୍‌ର ପଶ୍ଚିମ ସହଯୋଗୀମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସାମରିକ ସହାୟତାର ଅଧିକାଂଶ ଭାଗ ଆସିଥାଏ ଏବଂ ସଂରକ୍ଷଣ କରାଯାଇଥାଏ। ତେବେ ୟୁକ୍ରେନ୍ ସେନାବାହିନୀର ଜଣେ ଅଧିକାରୀଙ୍କ ଅନୁଯାୟୀ, ଏହି ଆକ୍ରମଣରେ ଅତିକମ୍‌ରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ୧୫ ଜଣ ଆହତ ହୋଇଛନ୍ତି। ଏପରି ଅଧିକାଂଶ ରୁଷୀୟ ଆକ୍ରମଣ ବେସାମରିକ ଅଞ୍ଚଳଗୁଡ଼ିକୁ ପ୍ରଭାବିତ କରିଛି। ଆକ୍ରମଣରେ ୨୬ ଆବାସିକ କୋଠା, ଏକ କିଣ୍ଡରଗାର୍ଡେନ୍ ଏବଂ ପ୍ରଶାସନିକ କୋଠା କ୍ଷତିଗ୍ରସ୍ତ ହୋଇଥିବା କୁହାଯାଉଛି। ତେବେ ଜେଲେନ୍‌ସ୍କି ଏକା ନୁହଁନ୍ତି ସମଗ୍ର ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷ୍‌ର ଏପ୍ରକାର ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି।

ଟ୍ରମ୍ପ, ୟୁକ୍ରେନ୍-ରୁଷ୍ ଯୁଦ୍ଧକୁ ରୋକିବା ଦିଗରେ ମଧ୍ୟସ୍ଥତା କରୁଥିବା ବେଳେ ପୁଟିନ୍ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷର କରିବା ପାଇଁ କେତେକ ସର୍ତ୍ତ ରଖିଛନ୍ତି। ଏସବୁ ସର୍ତ୍ତକୁ ମାନିବା ପାଇଁ ଟ୍ରମ୍ପ ଏବେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ଉପରେ ଚାପ ପକାଉଛନ୍ତି ଯେତେବେଳେ କି ଜେଲେନ୍‌ସ୍କି, କୌଣସି ପରିସ୍ଥିତିରେ ମଧ୍ୟ ୟୁକ୍ରେନ୍‌ର ଭୌଗୋଳିକ ସୀମାରୁ ଆଂଶିକ ଭୂମି ମଧ୍ୟ ରୁଷ୍‌କୁ ଦେବାକୁ ପ୍ରସ୍ତୁତ ନାହାନ୍ତି ବୋଲି ସ୍ପଷ୍ଟ କରିସାରିଛନ୍ତି। ତେବେ ବୁଧବାର ବିଳମ୍ବିତ ରାତିରେ ହୋଇଥିବା ଆକ୍ରମଣ ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ଜେଲେନ୍‌ସ୍କି କହିଛନ୍ତି ରୁଷ୍‌ର ▶▶ ୫

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଙ୍ଗନବାଡ଼ି ସଂଘ ପକ୍ଷରୁ ଦାବିପତ୍ର



**ନୟାଗଡ଼,୨୧।୮/ଏନ୍ଏନ୍ଏସ୍:** ଅଖିଳ ଭାରତୀୟ ଅଙ୍ଗନବାଡ଼ି କର୍ମଚାରୀ ସଂଘ ନୟାଗଡ଼ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ବିଭିନ୍ନ ସମସ୍ୟା ନେଇ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ବାରମ୍ବାର ଦାବି କରାଯାଉଥିଲେ ମଧ ଅଦ୍ୟାବଧି ତାହାର କୌଣସି ସମାଧାନ କରାଯାଉ ନଥିବା ଅଭିଯୋଗ ହେଉଛି । ବିଭିନ୍ନ ଦାବି ମଧରେ ଆଇ.ସି.ଡି.ଏସ୍. ଯୋଜନାର ନାମ ଉଚ୍ଛେଦ କରାଯିବା ସହ ଅଙ୍ଗନବାଡ଼ି କର୍ମୀ ଏବଂ ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା,ସରକାରୀ ନହେବା ପର୍ଯ୍ୟନ୍ତ ଅଙ୍ଗନଓ୍ୱାଡ଼ି ଓ୍ୱାଡ଼ି କର୍ମଚାରୀଙ୍କୁ ସର୍ବନିମ୍ନ ଯଥାକ୍ରମେ ୧୮ ହଜାର ଟଙ୍କା ଏବଂ ସହାୟିକାଙ୍କ ପାଇଁ ୯ ହଜାର ଟଙ୍କା ପ୍ରଦାନ କରିବା,ଅବସର ପରେ ଅଙ୍ଗନବାଡ଼ି କର୍ମୀ ଏବଂ ସହାୟିକାଙ୍କୁ ଯଥାକ୍ରମେ ୧୦ ଲକ୍ଷ ଏବଂ ୫ ଲକ୍ଷ ଟଙ୍କାର ଅବସରକାଳୀନ ସହାୟତା ରାଶି ପ୍ରଦାନ କରାଯିବା ସହିତ ମାସିକ ପେନସନ କର୍ମୀଙ୍କୁ ୫ହଜାର ଟଙ୍କା ଏବଂ ସହାୟିକାଙ୍କୁ ୩ ଟଙ୍କା ପ୍ରଦାନ କରିବା, ପୋଷଣ ଟ୍ରାକରରେ ଏଫଆରଏସ୍ ସମୟରେ ଏବଂ ଅନ୍ୟାନ୍ୟ ଅନଲାଇନରେ ହେଉଥିବା ନେଟ୍ କାର୍ଯ୍ୟ ପାଇଁ ଉନ୍ନ ?ତମାନର ମୋବାଇଲ ପ୍ରଦାନ କରିବା, ତିନି ମାସରେ ରିଚାର୍ଜ ବାବଦକୁ ୯ ଶହ ଟଙ୍କା ଯୋଗାଇବା ଦାବି ରହିଥିବା ବେଳେ ଛଅ ମାସରେ ଥରେ ଫେସ୍ କ୍ୟାପଚର୍ କରିବା ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ସେହିପରି ଭାବରେ ଅଧିକାଂଶ ସମୟ ନେଟ୍ ସମସ୍ୟା ରହୁଥିବାରୁ ପୁନର୍ବାର ଅଫ୍ ଲାଇନ୍ ରେ କରିବା ପାଇଁ ସୁଯୋଗ ଦେବା,ଅଙ୍ଗନଓ୍ୱାଡି କର୍ମଚାରୀଙ୍କୁ ୫୦% ସିଧାସଳଖ ପଦୋନ୍ନତି, ପିଏଫ, ଗ୍ରାଚ୍ୟୁଇଟି, ବରିଷ୍ଠତା ଭିତ୍ତିରେ ବେତନ ବୃଦ୍ଧି ସହିତ ଆଶ୍ରିତ ମାନଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରିବା, ପ୍ରତି ଶନିବାର କିଶୋରୀ ବାଳିକା ମାନଙ୍କ ନିମନ୍ତେ ଏମ୍ଏସପିଓ୍ୱାଇ ଯୋଜନାରେ ଦୁଇଟି ସିଝା ଅଣ୍ଡା ଓ ଦୁଇଟି କଞ୍ଚା ଅଣ୍ଡା ବଣ୍ଟନ କରାଯାଉଥିବା ବେଳେ ଏହି ଯୋଜନାରେ ଆସୁଥିବା ଅର୍ଥ ରାଶିକୁ ଜଏଣ୍ଟ ଆକାଉଣ୍ଟରେ ପୂର୍ବରୁ ଜମା କରିବା, ସିଝା ଅଣ୍ଡା ନିମନ୍ତେ ଜାଳେଣି କେଉଁ ଅର୍ଥରୁ ଖର୍ଚ୍ଚ ହେବ ତାହାର ସୁବ୍ୟବସ୍ଥା କରିବା, ପ୍ରତି ବ୍ଲକ ଏବଂ ଜିଲ୍ଲାରେ ଅଭିଯୋଗ ନିବାରଣ କମିଟି ଯାହାଦ୍ୱାରା ସ୍ଥାନୀୟ ସମସ୍ୟାର ସମାଧାନ ସହଜ ଏବଂ ପାରଦର୍ଶୀ ଗଠନ କରିବା ପାଇଁ ନିର୍ଦ୍ଦେଶ ଦେବା, ଅଙ୍ଗନଓ୍ୱାଡ଼ି ନିଜସ୍ୱ ଗୃହନିର୍ମାଣ ପୂର୍ବ ଭଳି ନକରି ଉନ୍ନ ?ତ ମାନର କେନ୍ଦ୍ର, ଜଳ ଓ ବିଦ୍ୟୁତ ଯୋଗାଣ ନିମନ୍ତେ ପଦକ୍ଷେପ ନେବା,କାର୍ଯ୍ୟରତ ସମୟରେ ମୃତ୍ୟୁ ବରଣ କରୁଥିବା ସହିତ ପରିବାରର ଜଣଙ୍କୁ ଯୋଗ୍ୟତା ଭିତ୍ତିରେ ସେହି ସ୍ଥାନରେ ନିଯୁକ୍ତି ସୁଯୋଗ ଦେବା, ଅଙ୍ଗନଓ୍ୱାଡ଼ି କର୍ମୀ ଓ ସହାୟିକାଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ କରିବା, ଅବସରପ୍ରାପ୍ତ ଅଙ୍ଗନବାଡ଼ି କର୍ମଚାରୀଙ୍କ ନିମନ୍ତେ ଡିସ୍ ଏନଗେଜ୍ ଓ୍ୱାର୍ଡକୁ ଉଚ୍ଛେଦ କରି ରିଟାୟାରମେଣ୍ଟ ଓ୍ୱାର୍ଡ ବ୍ୟବହାର କରିବା ଏବଂ ଅବସରକାଳୀନ ସହାୟତା ରାଶି ଦୁଇ ମାସ ମଧରେ ପ୍ରଦାନ କରିବା,୨୦୨୪ ବିଧାନ ସଭା ନିର୍ବାଚନୀ ଇସ୍ତାହାରରେ ଦିଆ ଦିଆଯାଇଥିବା ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ବେତନ ବୃଦ୍ଧି ପ୍ରତିଶ୍ରୁତିକୁ ତୁରନ୍ତ ଲାଗୁକରି କର୍ମୀ ଓ ସହାୟିକାଙ୍କ ମନୋବଳ ବଢାଇବା ସହିତ ଜାତୀୟ ଶିକ୍ଷା ପଲିସିରେ ଯୋଗ୍ୟତା ଭିତ୍ତିରେ ଅଙ୍ଗନବାଡି କର୍ମୀଙ୍କୁ ଶିକ୍ଷୟତ୍ରୀ ଭାବେ ନିଯୁକ୍ତି ପ୍ରଦାନ କରାଯିବା ଉପରେ ଦାବି କରାଯାଇଛି । ଅଙ୍ଗନବାଡ଼ି ଜିଲ୍ଲା ସଂଘ ସଭାପତି ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ନେତୃତ୍ୱରେ ସମ୍ପାଦିକା ଗୀତାଞ୍ଜଳି ସେଠୀ ଓ ସମସ୍ତ ବ୍ଲକର ସଭାପତି, ସମ୍ପାଦିକାମାନେ ଅତିରିକ୍ତ ଜିଲ୍ଲାପାଳ ରୋଜାଲିନ୍ ଦାଶଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ମୃତ୍ୟୁ ସହ ଯେବେ ଦେଖାହେଲା



ସ୍ୱୟଂପ୍ରଭା ରଥ

ଅଚାନକ ମୃତ୍ୟୁ ସହ ଦେଖା ହେଲା ମୋର, ସେ ଦିନ ତନ୍ଦ୍ରାରେ,
ଧୂଆଁଳିଆ ତୃତୀୟ ପ୍ରହରରେ !
ଯେତେଥର ତା' ସହ ଦେଖା ହୁଏ
ସେ' ମୋ ଆଖିରେ କିଛି କିଛି ବିଷ ଢାଳି ଦିଏ !
ମୋ ଆଖି ପଛ ପଟେ ପାହାଡ଼ଟେ ଭାଙ୍ଗେ
ଚୁରମାର୍ ହୁଏ
ଦେହରେ ମୋର ଅନିଶ୍ଚିତତାର
ଲୁଣ ଚରିଯାଏ
ସେଇ ମୁହୂର୍ତ୍ତ, ସେ କ୍ଷଣ ସ୍ଥାୟୀ ବେଳରେ !

ତା' ସହ ଦେଖା ହେଲେ ଅଜଣା ପବନଟିଏ ଉଡ଼ାଇ ନିଏ ମୋର କାୟାକଳ୍ପ
ମୋର ହୃଦବୋଧ ହୁଏ
ମୁଁ ଏକ କ୍ଷୟିଷ୍ଣୁ ସତ୍ତା
ହାତ ଗଣତିରେ ମୋର ଆୟୁଷ୍କାଳ, ଖୁବ୍ ଅଳ୍ପ !

ତା' ସହ ଦେଖା ହେଲେ କ'ଣ ଗୋଟେ ମୋ ଭିତରେ ଘଟେ କେଜାଣି
ମୁଁ ପାସୋରି ଦିଏ ମୋର ଗତାୟୁ ଦିନମାନଙ୍କୁ !
ଜିଇଁବାକୁ ପ୍ରତିଶ୍ରୁତି ଦେଇଥିବା
ମୋର ଆସନ୍ତାକାଲିକୁ
ନୀଳ ଆଲୁଅର ଆକର୍ଷଣରେ ମୁଁ ଉଲୁସି ଉଠେ
ପତଙ୍ଗ ସମ ଝାସ ଦେବାକୁ
ପ୍ରସ୍ତୁତ କରେ ମୋର ଡେଣା ମାନଙ୍କୁ !

ତା' ଆଗରେ ମୁଁ ଅସହାୟ ନିରସ୍ତ୍ର ହୋଇ ଛିଡ଼ା ହୋଇଥାଏ
ଏ ପାଖେ ଛିଡ଼ା ହୋଇଥାନ୍ତି ମୋର ସ୍ୱାମୀ, ସଙ୍ଗୀ, ବନ୍ଧୁ, ସହୋଦର
ପ୍ରିୟଜନ ପରିବାର
ଆଖିରେ ଆଖିଏ ଲୁହ ନେଇ ମୋର ଦୁଇ ପୁଅ
ଏବେ ବି କହୁଥାନ୍ତି, ବ୍ୟସ୍ତ ହେବୁନି ମା'
ଜିତି ସାରିଛୁ ତୁ, ବାଜି ତୋର !

ଅନୁନୟ ବିନୟ କରି ମୃତ୍ୟୁକୁ କହିଲି:
ଟିକିଏ ଅପେକ୍ଷା କର ମୃତ୍ୟୁ,
କ୍ଷୁଦ୍ର ଏକ ଭଗ୍ନାଂଶ କାଳ ବାକିଅଛି ମୋର
ବେଶୀ କିଛି ଲୋଡ଼ା ନାହିଁ
ପ୍ରସ୍ତୁତ ମୁଁ ଯିବାର ତ ବେଳ !

ହାତ ଦି'ଟା ଦେଇ ଆସେ
କାଲି ଭେଟିଥିବା ବୃଦ୍ଧାଶ୍ରମରେ ମା' ପରି ସେବା ଦେଉଥିବା ପରିଚାରିକାକୁ
ସ୍ୱପ୍ନତକ ଦେଇ ଆସେ
ଚାରି କାନ୍ଥରେ ଆବଦ୍ଧ ଥିବା
ରଙ୍ଗ ଫିତା ପିନ୍ଧିଥିବା ଝିଅଟିକୁ
ହୃଦୟଟା ଦେଇ ଆସେ
ଅନ୍ୟ ପାଇଁ ଧଡ଼ ଧଡ଼ କରିପାରୁଥିବା ମୋ' କୃପାଳୁ ପୁଅକୁ
ସବୁ ସଞ୍ଚିତ ଧନ ଦେଇ ମୁଁ ଏବେ ରିକ୍ତ
ଚାଲ ଯିବା ଏଥର
ବେଳ ହେଲା ଉଛୁର !

ନୀଳ ଆଲୁଅର ସଖା ମୋର !
ତତେ ମୁଁ ସମର୍ପି ଦେଉଛି ମୋର ଅତୀତ, ବର୍ତ୍ତମାନ
ମୋର ବୟସ, ବ୍ୟସନ !
ଅର୍ଜିଥିବା ସୁଖ, ଦୁଃଖ, ଭାବନା, କାରୁଣ୍ୟ !
ମୋ ସ୍ନାୟୁରେ ସ୍ନାୟୁରେ
ଲେଖିଥିବା ମୋହ ଏ ଦୁର୍ବାର
ଜୟ ପରାଜୟ, ଅହଂର ସ୍ୱାକ୍ଷର
ଏବେ ମୁଁ  ନୀରବ, ନିଶ୍ଚଳ, ସମାହିତ
ପ୍ରଶାନ୍ତିରେ ବ୍ୟାପ୍ତ, ପରିତୃପ୍ତିରେ ଆପ୍ଳୁତ
ଧନ୍ୟ ହେଲି ପାଇ ତୋର ଗାଢ଼ ନୀଳ ଆଲିଙ୍ଗନ !

*ଫ୍ଲାଟ୍ ନମ୍ବର ୫୧୩, ୭୮ ଡ୍ରିମ୍ସ ଆପାର୍ଟମେଣ୍ଟ, ଘାଟିକିଆ, ଭୁବନେଶ୍ୱର*
*ମୋ: ୯୪୩୭୪୬୨୮୧୨*

# ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

**ଅସ୍ତରଙ୍ଗ,୨୧।୮/ଏନ୍ଏନ୍ଏସ୍:** ଅସ୍ତରଙ୍ଗ ବ୍ଲକ ତାଳଦା ଗ୍ରାମରୁ ଜଣେ ମହିଳା ୫ ଦିନ ହେବ ନିଖୋଜ ଥିଲେ । ମହିଳାଙ୍କ ନାମ ଲିଲି ପ୍ରଭାନାୟକ ଓ ସେ ଜଗତସିଂହପୁର ଥାନା ନାଉଗାଁ ବ୍ଲକ ଓଷକଣା ଗ୍ରାମର । ୧୭ବର୍ଷ ପୂର୍ବେ ପୁରୀ ଅସ୍ତରଙ୍ଗ ବ୍ଲକ ତାଳଦା ଗ୍ରାମର ସୁରେନ୍ଦ୍ର ନାୟକଙ୍କ ପୁଅ ଅଜୟ ନାୟକଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ । କିନ୍ତୁ କୌଣସି କାରଣରୁ ଉକ୍ତ ମହିଳା ଜଣଙ୍କ ରାତ୍ର ସମୟରୁ କୁଆଡ଼େ ହଠାତ ପଳେଇ ଯାଇଥିଲେ । ଯାହାକୁ ନେଇ ମହିଳାଙ୍କ ବାପା ଶରତ ନାୟକ ଅସ୍ତରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ।

ଅଭିଯୋଗ ମୁତାବକ ଅସ୍ତରଙ୍ଗ ପୁଲିସ ମୃତକଙ୍କ ସ୍ୱାମୀ ଅଜୟ ନାୟକଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା ଜାରୀ ରଖିଥିବା ବେଳେ ଆଜି ମଧ୍ୟାହ୍ନ ସମୟରେ ତାଳଦା ରିସୋଲ୍ ନିକଟରେ କିଛି ଜାଲୁଆ ମହିଳାଙ୍କ ଶରୀର ନଦୀରେ ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଅସ୍ତରଙ୍ଗ ପୁଲିସ ଏହି ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ମଧ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି । ମୃତା ମହିଳାଙ୍କ ବାପଘର ଲୋକ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମହିଳା ତାଙ୍କ ପରିବାର ବୋଲି ଚିହ୍ନଟ କରିଛନ୍ତି । ଏ ସଂକ୍ରାନ୍ତରେ ଅସ୍ତରଙ୍ଗ ପୁଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି ।

# ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଚତୁର୍ଥ ଦିନରେ



**ଚାରିଛକ,୨୧।୮/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ୨୦୦୮ ରୁ ୨୦୧୮ ମଧରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀ ସରକାରୀ ଅନୁଦାନ ପରିସରଭୁକ୍ତ ହେବା ପାଇଁ ଅଗଷ୍ଟ ୧୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆଜି ଚତୁର୍ଥ ଦିନରେ ପହଞ୍ଚିଛି । ସଂଘର ସଂଯୋଜକ ଅଧ୍ୟାପକ ସ୍ୱୟଂ ବିକାଶ ରଥ, ଅଧ୍ୟାପକ ଅନାଥ ଚରଣ ବିଶ୍ୱାଳ ଓ ଅଧ୍ୟାପକ ସମାପ୍ତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନରେ ୨୦୦୮ ପରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଛନ୍ତି କ୍ଷ ସୂଚନା ଯୋଗ୍ୟ ବେସରକାରୀ ମହାବିଦ୍ୟାଳୟ ମାନଙ୍କରେ ୨୦୦୮ ପରେ ନିଯୁକ୍ତି ପାଇଥିବା ଅଧ୍ୟାପକ କର୍ମଚାରୀମାନେ ଅଧାବଧି ସରକାରୀ ଅନୁଦାନ ପରିସରଭୁକ୍ତ ହୋଇନାହାନ୍ତି । ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଦୀର୍ଘ ୬ ବର୍ଷ ହେଲା ବିଭିନ୍ନ ସ୍ତରରେ ଆନ୍ଦୋଳନ କରିଆସୁଛନ୍ତି । ଦଶ ହଜାର ଅଭିଯୋଗ ପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି । ଦେଢ଼ ଲକ୍ଷ ଦସ୍ତଖତ ପତ୍ର, ୪୯୭ ଦିନ ଅହୋରାତ୍ର ଗାନ୍ଧୀ ମାର୍ଗରେ ଧାରଣା, ୩୦ ରୁ ଊର୍ଦ୍ଧ୍ୱ ମହାସମାବେଶ, ୧୨୦ ବିଧାୟକଙ୍କ ଅନୁମୋଦନ ପତ୍ର, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୧୨ଥର ଅଭିଯୋଗ ପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ତଥାପି ସରକାର ନୂତନ ଅନୁଦାନ ନୀତି ଘୋଷଣା କଲେ ନାହିଁ । ତେଣୁ ସଂଘ ଅଗଷ୍ଟ ୧୬ ତାରିଖ ଶିକ୍ଷକ ଦାବି ଦିବସରେ ଗାନ୍ଧୀମାର୍ଗରେ ମହାସମାବେଶ କରି ଯେ ପର୍ଯ୍ୟନ୍ତ ସରକାର ନୂତନ ଅନୁଦାନ ନୀତି ଘୋଷଣା କରି ନାହାନ୍ତି ସେ ପର୍ଯ୍ୟନ୍ତ ଏ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିବ ବୋଲି ସଂଘର ସଂଯୋଜକ ଅଧ୍ୟାପକ ଜୀବନ ଦାଶ ପ୍ରକାଶ କରିଛନ୍ତି ।

# ଭୋକେଶନାଲ୍ ଟ୍ରେନିଂ ସେଣ୍ଟର୍ ପକ୍ଷରୁ ବିଶ୍ୱ ଉଦ୍ୟମିତା ଦିବସ



**ଖୋର୍ଦ୍ଧା,୨୧।୮/ଏନ୍ଏନ୍ଏସ୍:** ଟି.ପି.ସିଓ.ଡି.ଏଲ ଦ୍ୱାରା ଅନୁବନ୍ଧିତ ରୋଶନି ଭୋକେଶନାଲ ପ୍ରଶିକ୍ଷଣ କେନ୍ଦ୍ର ଖୋର୍ଦ୍ଧାରେ ଉଦ୍ୟମିତା ଆତ୍ମସାତ କରିବା ଏବଂ ନୂତନ ଉଦ୍ୟମୀମାନେ କିପରି ନିଜ ଲକ୍ଷ୍ୟ ପ୍ରତି ପ୍ରେରିତ ହେବେ, ସେଥିପାଇଁ ବିଶ୍ୱ ଉଦ୍ୟମିତା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ମୁଭମେଣ୍ଟ ଫର ଉରବନାଇଜେସନ ଦ୍ୱାରା ଆୟୋଜିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଓ୍ୱାର୍ଲଡ ଟ୍ରେଡ୍ ସେଣ୍ଟରର କନଭେନର ଏବଂ ବିଭାବରୀ କ୍ରିଏସନ୍ସର ଏମ.ଡି. ଚୌଧୁରୀ ଜ୍ୟୋସ୍ନା ଦାସ ଯୋଗ ଦେଇଥିଲେ । ତାଙ୍କୁ ମୁଭମେଣ୍ଟ ଫର୍ ଅର୍ବାନାଇଜେସନ୍ର ସଚିବ ସତ୍ୟନାରାୟଣ ମିଶ୍ର ପରିଚୟ କରାଇଥିଲେ । ତାଙ୍କର ବକ୍ତୃତାରେ, ଶ୍ରୀମତୀ ଦାସ କହିଥିଲେ, ଯେ ଲକ୍ଷ୍ୟ ପ୍ରତି ଦୃଢ଼ ନିଶ୍ଚୟ, କଠୋର ପରିଶ୍ରମ, ନିଷ୍ଠା, ସମୟର ସଦୁପଯୋଗ ଏବଂ ନିରନ୍ତର ନିଜକୁ ଉନ୍ନତ କରିବା ଦ୍ୱାରା ଏକ ଶ୍ରେଷ୍ଠ ଉଦ୍ୟମୀ ହେବା ସମ୍ଭବ । ତାଙ୍କର ପ୍ରେରଣାଦାୟିକ ଶବ୍ଦଗୁଡିକ ପ୍ରଶିକ୍ଷଣ ନେଉଥିବା ଯୁବକମାନଙ୍କ ମଧରେ ନୂତନ ଆଶା ଓ ଆତ୍ମବିଶ୍ୱାସ ଜଗାଇଥିଲା ।ଶେଷରେ ଏକ ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ଯେଉଁଥିରେ ପ୍ରଶିକ୍ଷାର୍ଥୀ ମାନେ ନିଜ ଲକ୍ଷ୍ୟ ଓ ସ୍ୱପ୍ନ ସମ୍ପର୍କରେ ପ୍ରସ୍ତୁତି କରିବା ନିମନ୍ତେ ମୁଖ୍ୟ ଅତିଥିଙ୍କ ନିକଟରୁ ପ୍ରେରଣା ପାଇଥିଲେ । ଅନ୍ୟମାନଙ୍କ ମଧରେ କେନ୍ଦ୍ର ସଂଯୋଜକ ଦୁର୍ଯ୍ୟୋଧନ ବାରିକ ପ୍ରଶିକ୍ଷକ ଗୟଶୁଦ୍ଦିନ ଶ, କୁନୀଲତା ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମାର୍କେଟିଙ୍ଗ ମ୍ୟାନେଜର ବିରଞ୍ଚି ରଥ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସଦାଚାର ଓ ପାରଦର୍ଶିତା ବୃଦ୍ଧି ପାଇଁ ସତର୍କତା ସଚେତନତା ସେମିନାର୍



**ଖୋର୍ଦ୍ଧା ରୋଡ,୨୧।୮/ଏନ୍ଏନ୍ଏସ୍:** ସତର୍କତା ସଚେତନତା ସପ୍ତାହ ୨୦୨୫ ପାଳନକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ମଣ୍ଡଳ ରେଳବାଇ ପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ସଦଚାର ଓ ପାରଦର୍ଶିତା ବୃଦ୍ଧି ପାଇଁ ସତର୍କତା ସଚେତନତା ସେମିନାର ଆୟୋଜିତ ହୋଇଯାଇଛି । ସେମିନାରରେ ରେଳବିଭାଗର ସ୍ୱାସ୍ଥ୍ୟ, ଭଣ୍ଡାର (ଷ୍ଟୋରସ) ଓ ଲେଖା (ଆକାଉଣ୍ଟସ୍ ) ବିଭାଗ ସହିତ ସଂପୃକ୍ତ ବିଜିଲାନ୍ସ ସମସ୍ୟାବଳୀ ଉପରେ ଆଲୋଚନା ହୋଇଥିଲା । ଏହି ଆୟୋଜନ ମାଧ୍ୟମରେ ଏକ ନୀତିନିଷ୍ଠା, ଦାୟିତ୍ୱବୋଧ ଓ ନୀତିଗତ ଆଚରଣ ଭିତ୍ତିକ ସଂସ୍କୃତି ସୃଷ୍ଟି କରିବାର ଉଦ୍ଦେଶ୍ୟ ରହିଛି । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା)ଶୁଭ୍ରଜ୍ୟୋତି ମଣ୍ଡଳ ଯୋଗଦେଇ କହିଥିଲେ ଯେ, ସୁଶାସନ ଓ କ୍ଷମତାଶୀଳ ସେବା ପ୍ରଦାନ ପାଇଁ ସତର୍କତା ଅତ୍ୟନ୍ତ ଆବଶ୍ୟକ ଉପାଦାନ । ସ୍ୱାସ୍ଥ୍ୟ, ଭଣ୍ଡାର (ଷ୍ଟୋରସ) ଓ ଲେଖା (ଆକାଉଣ୍ଟସ୍ ) ବିଭାଗର ବରିଷ୍ଠ ଅଧିକାରୀମାନେ ମଧ ସକ୍ରିୟ ଭାବରେ ଅଂଶଗ୍ରହଣ କରି ସ୍ୱଚ୍ଛ ସୁଶାସନ ପାଇଁ ସେମାନଙ୍କର ମତ ରଖିଥିଲେ । ସେମିନାରକୁ ପୂର୍ବତଟ ରେଳପଥ ଉପମୁଖ୍ୟ ସତର୍କତା ଅଧିକାରୀ ରମେଶ କାମିନି ପରିଚାଳନା କରିବା ସହ ସମସ୍ତ ବିଭାଗରେ ସ୍ୱଚ୍ଛତା ଓ ପ୍ରତିଷେଧକ ସଜାଗତାର ଉନ୍ନତି ଆଣିବା ପାଇଁ ଦୃଢ଼ ମତ ରଖିଥିଲେ ।

# ଅନ୍‌ଲାଇନ ଗେମ୍ କିମିଆରେ ଲକ୍ଷ ଲକ୍ଷ ଟଙ୍କା ହରାଇଲେ ଯୁବପିଢ଼ି

**ଟାଙ୍ଗୀ,୨୧।୮/ଏନ୍ଏନ୍ଏସ୍:** ଅନ୍ଲାଇନ ହିୟୁଜ ଗେମ୍ ମାୟାରେ ପଡ଼ି ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କା ହରାଇଲେ ଯୁବ ପିଢ଼ି । କଥାରେ ଅଛି ନିଜ ବୁଦ୍ଧିରେ ଘାସ କଟିବ ପଛେ ପର ବୁଦ୍ଧିରେ ଘୋଡ଼ା ଚଢିବନି । ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ ଗୋବିନ୍ଦପୁର ପଞ୍ଚାୟତ ସର୍ବାଧିକ ଯୁବପିଢି ଏଭଳି କିଛି ବ୍ୟକ୍ତି କଥାରେ ଫସି ବିନା ପରିଶ୍ରମରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବା ଆଶାରେ ଟଙ୍କା ବିନିଯୋଗ କରି ଟଙ୍କା ବୁଡିଯିବା ଯୁବ ପୀଢ଼ି ମୁଣ୍ଡରେ ଚଡ଼କ ପଡିଛି । ସରକାର ଅନ୍ ଲାଇନ ଗେମ୍ ଉପରେ ଅଙ୍କୁଶ ଲାଗିଛନ୍ତି । ସେଥି ମଧରୁ ଗୋଟିଏ ହେଉଛି ହିୟୁଜ ଆପ୍ ଯେଉଁ ଆପରେ ଯୋଡ଼ି ହେବା କୁ ହେଲେ ୨୧୫୦,୫୫୦୦,୧୬୫୦୦, ୪୯୫୦୦ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ଦେଇ ଯୋଡ଼ି ହେଲେ ପ୍ରଥମେ କିଛି ଆକର୍ଷଣ ଉପର ଆଉ କିଛି ଲକି କୁପନ ଜରିଆରେ ଲଗାଇଥିବା ଟଙ୍କା ଉକ୍ତ ଗେମ୍ର ଓ୍ୱଲେଟ୍ ପଇଠ ହୋଇ ରହିବ ତାହା ଛଡ଼ା ଉକ୍ତ ଆପରେ ବିଭିନ୍ନ ନାମୀ ଦାମୀ କମ୍ପାନୀର ବିଜ୍ଞାପନ ଦେଖିଲେ ପ୍ରତ୍ୟେକ ଦିନ ଲଗାଯାଇଥିବା ଟଙ୍କା ହିସାବରେ ୭୫ ଟଙ୍କା ଠାରୁ ଆରମ୍ଭ କରି ୧୦୦୦ ଟଙ୍କା ରୁ ଉର୍ଦ୍ଧ୍ୱ ଟଙ୍କା ଉକ୍ତ ଓ୍ୱାଲାଟେରେ ପିଠ ହେବ ତାହା ଯୋଡ଼ି ହୋଇଥିବା ଗ୍ରାହକ ମାନଙ୍କୁ ଲୋଭ ଦେଖାଇ ଫଣ୍ଡରେ ଟଙ୍କା ଲଗାଇ ୭ଦିନରେ ଚାରି ଗୁଣା ହୋଇ ପାରିବ । ଯାହାକୁ ନେଇ ବିଭିନ୍ନ ସ୍ଥାନରେ ମିଟିଙ୍ଗ କରାଯିବା ସହ କଟକ ରୁହ କିଛି ବ୍ୟକ୍ତି ଆସି ଯୁବ ପୀଢ଼ିକୁ ଉକ୍ତ ଆପରେ ଯୋଡ଼ି ହେବାକୁ ପରାମର୍ଶ ଦେଇଥିଲେ । ଖାଲି ସେତିକି ନୁହେଁ ଜଣେ ବ୍ୟକ୍ତି ଯଦି ୧୨ଜଣ ସଦସ୍ୟ ତାଙ୍କ ତଳେ ରଖନ୍ତି ସେ ମାସକୁ ଦରମା ୧୦ହଜାର ଟଙ୍କା ପାଇବ, ୨୦ଜଣ ଯୋଡିଲେ ୧୫ହଜାର ଦରମା ଲାଗୁ ହେବ ବୋଲି ଏଭଳି ଲୋଭ ଦେଖାଇ ଜରିପଡା, ଗୋବିନ୍ଦପୁର, ମାଗୁରା ଏହି ସବୁ ପଞ୍ଚାୟତ ମାନଙ୍କ ମଧରେ ୫ହଜାରୁ ଉର୍ଦ୍ଧ୍ୱ ଯୁବକ, ଯୁବତୀ ଏହି ହିୟୁଜ ମାୟା ଜାଲରେ ଛନ୍ଦି ହୋଇ ଲକ୍ଷ ଲକ୍ଷ ଟଙ୍କା ହରାଇ ବାଉନି କାନ୍ଦୁଛନ୍ତି । ତେବେ ଏହି ଅନ୍ ଲାଇନ ଗେମ୍ର କଟକରେ ସ୍ୱତନ୍ତ୍ର ଏକ ଅଫିସ କରାଯାଇ ବିଶ୍ୱାସ ଜମାଇବା ସହ ଯୁବପୀଢ଼ି ବୟସ୍କ ବ୍ୟକ୍ତିଙ୍କୁ ଭର୍ତ୍ତି କରାଯାଇଥିଲା । ଏମିତି ଗରିବ ଲୋକମାନେ ମିଳିଥିବା ସୁଭଦ୍ରା ଟଙ୍କା ଆଉ କିଛି ବ୍ୟକ୍ତି ଘରେ ରଖିଥିବା ଗହଣା ବିକି ଏହି ଗେମରେ ଟଙ୍କା ଲଗାଇ ଲକ୍ଷପତି ହେବାର ସ୍ୱପ୍ନ ସ୍ୱପ୍ନରେ ରହିଗଲା ।

# ବରିଷ୍ଠ ନାଗରିକଙ୍କ ଆଧ୍ୟାତ୍ମିକ ସ୍ନେହମିଳନ ଉତ୍ସବ




**ସାକ୍ଷୀଗୋପାଳ,୨୧।୮/ଏନ୍ଏନ୍ଏସ୍:** ସାକ୍ଷୀଗୋପାଳ ସ୍ଥିତ ଈଶ୍ୱରୀୟ ବ୍ରହ୍ମା କୁମାରୀ ଉପ ସେବାକେନ୍ଦ୍ର ପରିସରରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏହି ଦିବସ ପାଳନ ନିମନ୍ତେ ବରିଷ୍ଠମାନଙ୍କୁ ନେଇ ଏକ ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଈଶ୍ୱରୀୟ ଯୋଗ ସାଧନା କେନ୍ଦ୍ରର ସମ୍ପାଦିକା ରାଜଯୋଗିନୀ ବ୍ରହ୍ମା କୁମାରୀ ପ୍ରତିମା, ବ୍ରହ୍ମା କୁମାର ସତ୍ୟାନନ୍ଦ ଓ ସମ୍ମାନୀତ ଅତିଥି ଭାବରେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡ଼ିଓ ଦେବାଶିଷ ନାୟକ, ସତ୍ୟବାଦୀ ବିକାଶ ପରିଷଦର ସଭାପତି ଗୁଣ୍ଡିଚା ବରାଳ, ସାକ୍ଷୀଗୋପାଳ ବଜାର କମିଟି ସଭାପତି ବିରେନ୍ଦ୍ର କୁମାର ହୋତା, ସାଧାରଣ ସମ୍ପାଦକ ଅମର ନନ୍ଦ, କନିଷ୍ଠ ଯନ୍ତ୍ରୀ ପ୍ୟାରୀମୋହନ ବିଶ୍ୱାଳ, ବରିଷ୍ଠ ନାଗରିକ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ଦାଶ ଓ ଦେବେନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକ ସମାଜକୁ ପରିବର୍ତ୍ତନ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା । କାହିଁକି ନା ବିଭିନ୍ନ ଜିନିଷକୁ ନେଇ ସେମାନେ ନିଖୁଣ ପାରଙ୍ଗମତା ରହିଛି । ସେମାନଙ୍କ ଉଚିତ ମାର୍ଗ ଦର୍ଶନ ହିଁ ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିଥାଏ । ବରିଷ୍ଠ ନାଗରିକଙ୍କ ପରାମର୍ଶରେ ଯୁବପିଢି ହିଁ ସମାଜରେ ସଂସ୍କାର ଆଣିବାରେ ଆଗଭର ହୋଇଥାନ୍ତି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସେବାକେନ୍ଦ୍ରର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମା କୁମାରୀ ସଂଯୁକ୍ତା ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ସମସ୍ତଙ୍କ ଶ୍ରେଷ୍ଠ ଜୀବନ କାମନା କରିଥିଲେ । ଅଞ୍ଚଳର ସମୁଦାୟ ୧୬୦ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ବ୍ରହ୍ମା କୁମାରୀ ରେବତୀ ଓ ସଂଯୁକ୍ତାଙ୍କ ଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ଉପହାର ସ୍ୱରୂପ ଈଶ୍ୱରୀୟ ଫୋଟ ଚିତ୍ର ପ୍ରଦାନ କରାଯାଇଥିଲା । ବ୍ରହ୍ମାକୁମାରୀ ଜ୍ୟୋସ୍ନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବ୍ରହ୍ମା କୁମାର ପିତାମ୍ବର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନର ବ୍ରହ୍ମା କୁମାର ଭାଇ ଭଉଣୀମାନେ କାର୍ଯ୍ୟକ୍ରମରେ ପରିଚାଳନାରେ ସହଯୋଗ କରିଥିଲେ ।

■ କୃଷି ଅଧିକାରୀଙ୍କୁ ସଚିବଙ୍କ କଡ଼ା ଚେତାବନୀ

# ୩୧ ସୁଦ୍ଧା କାର୍ଯ୍ୟରେ ଯୋଗନଦେଲେ ଦରମା ବନ୍ଦ

**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:** କୃଷି ବିଭାଗର ପ୍ରମୁଖ ସଚିବଙ୍କ କଡ଼ା ଚେତାବନୀ। ସମସ୍ତ କୃଷି ଅଧିକାରୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି କୃଷି ବିଭାଗ ପ୍ରମୁଖ ସଚିବ ଡ.ଅରବିନ୍ଦ କୁମାର ପାଢ଼ୀ। ଚଳିତ ମାସ ଶେଷ ସୁଦ୍ଧା କାର୍ଯ୍ୟ ଯୋଗ ଦେବାକୁ ଦିଆଯାଇଛି ଅଲ୍ଟିମେଟମ୍ । ଯଦି ବିଭାଗର ନିର୍ଦ୍ଦେଶକୁ କେହି ନମାନନ୍ତି, ତେବେ ସେମାନଙ୍କ ଦରମା ବନ୍ଦ ହେବ ବୋଲି କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଡ. ଅରବିନ୍ଦ କୁମାର ପାଢୀ ଏକ ଆଦେଶନାମା ଜାରିକରି କହିଛନ୍ତି ଯେ, ସମସ୍ତ ପଦୋନ୍ନତିପ୍ରାପ୍ତ / ବଦଳି ହୋଇଥିବା ଅଧିକାରୀମାନେ ବିଳମ୍ବ ନକରି ସେମାନଙ୍କର ନିଯୁକ୍ତ ସ୍ଥାନରେ ଯୋଗଦେବା ଉଚିତ ଏବଂ କୌଣସି ପରିସ୍ଥିତିରେ ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯିବ ନାହିଁ। ଆସନ୍ତା ଅଗଷ୍ଟ ୩୧ ସୁଦ୍ଧା ତାଙ୍କ ନିଯୁକ୍ତ ସ୍ଥାନରେ ଯୋଗଦେବାରେ ବିଫଳ ହେଉଥିବା ଯେକୌଣସି ଅଧିକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ ଏବଂ ଏପରି ଅଧିକାରୀମାନଙ୍କର ଦରମା ଆସନ୍ତା ସେପ୍ଟେମ୍ବର ମାସରୁ ବନ୍ଦ କରାଯିବ। ପୋଷ୍ଟିଂ ଆଦେଶର ପରିବର୍ତ୍ତନ ପାଇଁ ଅନୈତିକ ବାହ୍ୟ ପ୍ରଭାବ ଆଣିବାର ପ୍ରୟାସ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତେଇ ଦିଆଯାଇଛି। ନିର୍ଦ୍ଦେଶାଳୟ, କ୍ଷେତ୍ର ପ୍ରତିଷ୍ଠାନର ମୁଖ୍ୟ, ଅଧିକାରୀମାନଙ୍କୁ ଆଦେଶର ଅନୁପାଳନ ଉପରେ ନଜର ରଖିବାକୁ ଏବଂ କାର୍ଯ୍ୟସ୍ଥଳରେ ଯୋଗଦାନ ନ ଦେଉଥିବା ମାମଲା ଗୁଡ଼ିକୁ ବିଭାଗରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତୃଣମୂଳ ସ୍ତରରେ କାର୍ଯ୍ୟାଳୟଗୁଡ଼ିକର ସୁଗମ କାର୍ଯ୍ୟ ପାଇଁ ଏହି ବିଜ୍ଞପ୍ତି ଜାରି କରାଯାଇଛି।

ଉତ୍କଳ ବିଶ୍ୱବିଦ୍ୟାଳୟ ଆଲୁମିନି ଆସୋସିଏସନ୍‌ର ବାର୍ଷିକ ସମାରୋହ

# ପୁରାତନ ଛାତ୍ରଛାତ୍ରୀ ସାମାଜିକ ପରିବର୍ତ୍ତନର ଦାୟିତ୍ୱ ନିଅନ୍ତୁ: ରାଜ୍ୟପାଳ

**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:** ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଶିକ୍ଷାକୁ ଏକ ସାମୂହିକ ଦାୟିତ୍ୱ ଭାବରେ ଗ୍ରହଣ କରିବା, ସେମାନଙ୍କର ଜ୍ଞାନକୁ ସମାଜର ଉନ୍ନତି ଏବଂ କରୁଣାପୂର୍ଣ୍ଣ ସମାଜ ଗଠନ ପାଇଁ ବ୍ୟବହାର କରିବା ସହ ସାମାଜିକ ପରିବର୍ତ୍ତନର ଦାୟିତ୍ୱ ନିଅନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରର ଏମ୍‌କେସିଜି ଅଡିଟୋରିୟମ୍ ଠାରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଲୁମିନି ଆସୋସିଏସନ୍‌ର ପଞ୍ଚମ ବାର୍ଷିକ ସମାରୋହରେ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ ଶିକ୍ଷା କେବଳ ବ୍ୟକ୍ତିଗତ ସଫଳତା ନୁହେଁ ଏହା ସମାଜକୁ ଆଲୋକିତ ଏବଂ ପରିବର୍ତ୍ତନ କରିବା ପାଇଁ ଜୀବନବ୍ୟାପୀ ଦାୟିତ୍ୱ। ଆଠ ଦଶନ୍ଧିରୁ ଅଧିକ ସମୟ ଧରି ରାଜନୀତି, ଶାସନ, ବିଜ୍ଞାନ, ଶିକ୍ଷା, ସାହିତ୍ୟ ଆଇନ, ସଂସ୍କୃତି, ବ୍ୟବସାୟ ଏବଂ ସାଧାରଣ ଜୀବନରେ ସଫଳ ବ୍ୟକ୍ତିତ୍ୱ ଗଢ଼ି ତୋଳିବାରେ ବିଶ୍ୱ ବିଦ୍ୟାଳୟର ଅନବଦ୍ୟ ଭୂମିକା ରହିଛି, ଯେଉଁମାନେ ବିଶ୍ୱ ବିଦ୍ୟାଳୟର ଗରିମା ବଢ଼ାଇବା ସହିତ ରାଜ୍ୟ, ଦେଶ ଏବଂ ବିଦେଶରେ ବିଶ୍ୱ ବିଦ୍ୟାଳୟ ମୂଲ୍ୟବୋଧର ଆମ୍ବାସଡର୍ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ରାଜ୍ୟପାଳ କହିଥିଲେ। ପୁରାତନ ଛାତ୍ରାଛାତ୍ରୀସୋମାନଙ୍କର ଅଭିଜ୍ଞତା ବାଣ୍ଟିବା, ଯୁବପିଢ଼ିଙ୍କୁ ପରାମର୍ଶ ଦେବା ଏବଂ ବିଶ୍ୱ ବିଦ୍ୟାଳୟ ଏବଂ ସମାଜକୁ ମଜବୁତ କରୁଥିବା ପଦକ୍ଷେପ ଗୁଡ଼ିକୁ ସମର୍ଥନ ଓ




ପ୍ରୋତ୍ସାହନ ଯୋଗାଇବାକୁ ପରାମର୍ଶ ଦେଇଥିଲେ।

ଏହି ସମାରୋହରେ ମୁଖ୍ୟ ବକ୍ତା ଭାବେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଯୋଗ ଦେଇ ନିଜ ବକ୍ତବ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗରିମାମୟ ଇତିହାସ ଓ ପରମ୍ପରା ଏବଂ ରାଜ୍ୟ ତଥା ଦେଶ ପ୍ରତି ଅବଦାନ ସମ୍ପର୍କରେ ଅବତାରଣା କରି ବିଶ୍ୱବିଦ୍ୟାଳୟ ସହ ଜଡିତ ତାଙ୍କର ସ୍ମୃତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଭାଇସ୍ ଚ୍ୟାନ୍‌ସେଲର ଯଜ୍ଞେଶ୍ୱର ଦଣ୍ଡପାଟ ବକ୍ତବ୍ୟ ପ୍ରଦାନ କରି ଆଲୁମିନି ଆସୋସିଏସନ୍‌ର ସହଯୋଗରେ ବିଶ୍ୱବିଦ୍ୟାଳୟର ପ୍ରଭୁତ ଉନ୍ନତି ସାଧିତ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ଆଲୁମିନି ଆସୋସିଏସନ୍‌ର ସଭାପତି-ତଥା-ଅବସରପ୍ରାପ୍ତ ବରିଷ୍ଠ ଆଇପିଏସ୍ ଅଫିସର ଡ. ସତ୍ୟଜିତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଲୁମିନି ଆସୋସିଏସନ୍‌ର ସାଧାରଣ ସଂପାଦକ ଦେବେନ୍ଦ୍ର ପ୍ରସାଦ ଦାଶ ଆଗାମୀ ଦିନରେ ଆଲୁମିନି ଆସୋସିଏସନ୍ କିପରି ପରିବ୍ୟାପ୍ତ ହୋଇ ଅଧିକ କ୍ରିୟାଶୀଳ ହେବ ସେ ସଂପର୍କରେ ଉଲ୍ଲେଖ କରିଥିଲେ।

କେନ୍ଦୁଝର ଜିଲ୍ଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଜିଲ୍ଲାବାସୀ

**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:** ଦକ୍ଷିଣ କୋରିଆର ପ୍ରସିଦ୍ଧ ଇସ୍ପାତ ଶିଳ୍ପ ପୋସ୍କୋ ଓ ଭାରତର ଜେଏସ୍‌ଡବ୍ଲ୍ୟୁର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏହା ହେବ ରାଜ୍ୟର ଦ୍ୱିତୀୟ ବୃହତ ଇସ୍ପାତ କାରଖାନା। ଜିଲ୍ଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଥିବାରୁ ଗୁରୁବାର ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସଂଗଠନ ଓ ନାଗରିକ ମଞ୍ଚ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। କେନ୍ଦୁଝର ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳର ଆଦିବାସୀ ମଞ୍ଚ, ଯୁବ ଛାତ୍ରସାମୁଖ୍ୟ, ନାଗରିକ ମଞ୍ଚ, ପ୍ରେସ୍ କ୍ଲବ, ବୁଦ୍ଧିଜୀବୀ ଓ ଅନ୍ୟାନ୍ୟ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ,



ସ୍ଥାନୀୟ ଜନପ୍ରତିନିଧି ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । କେନ୍ଦୁଝର ଜିଲ୍ଲାବାସୀଙ୍କ ସହିତ ପାଟଣା ବିଧାୟକ ଅଖିଳ ନାୟକ ଏବଂ ତେଲକୋଇ ବିଧାୟକ ଡ. ଫକୀର ନାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ପ୍ରତ୍ୟୁତ୍ତରରେ ଧନ୍ୟବାଦ ଦେଇ କହିଥିଲେ ଯେ ଖଣିବହୁଳ କେନ୍ଦୁଝର ଜିଲ୍ଲା ସମୃଦ୍ଧ ହେଲେ ଓଡ଼ିଶା ସମୃଦ୍ଧ ହେବ। ଇସ୍ପାତ କାରଖାନା ଦାବି ଜିଲ୍ଲାବାସୀଙ୍କର ସବୁଠୁ ପୁରୁଣା ଓ ବଡ଼ ଦାବି ଥିଲା । ପୂର୍ବରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଶର ଖଣିବହୁଳ ରାଜ୍ୟରେ ଚାରୋଟି ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଘୋଷଣା କରିଥିଲେ। ତିନୋଟି ଇସ୍ପାତ କାରଖାନା ପ୍ରତିଷ୍ଠା ସରିଛି କିନ୍ତୁ

**ହେବ ପୋସ୍କୋ, ଜେଏସ୍‌ଡବ୍ଲ୍ୟୁର ମିଳିତ ମେଗା ଷ୍ଟିଲ୍ ପ୍ଲାଣ୍ଟ**

ଇଚ୍ଛାଶକ୍ତିର ଅଭାବରୁ ଓଡ଼ିଶା ଏଥିରୁ ବଞ୍ଚିତ ଥିଲା। ଡବଲ ଇଞ୍ଜିନ ସରକାରଙ୍କ ଯୋଗୁଁ ଆଜି ବିଶ୍ୱର ବୃହତ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ପକ୍ଷରୁ ଏହା ସ୍ଥାପନ ହେବାକୁ ଯାଉଛି। ଏହି ଇସ୍ପାତ କାରଖାନା କେନ୍ଦୁଝର ଜିଲ୍ଲା ଓ ସମୃଦ୍ଧ ଓଡ଼ିଶାର ଭବିଷ୍ୟତ ନିର୍ମାଣ କରିବ।

# ପର୍ଯ୍ୟଟନ ବିଭାଗର ୩ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:** ପର୍ଯ୍ୟଟନ ବିଭାଗର ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶାର ପର୍ଯ୍ୟଟନର ବିକାଶରେ ଯୋଡ଼ି ହୋଇଥିବା ଏହି ନୂତନ ଫର୍ଦ୍ଦର ଉନ୍ମୋଚନ ଅବସରରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗ ଦେଇଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତିନୋଟି ବୁଝାମଣାପତ୍ର ଓଡ଼ିଶାର ଐତିହ୍ୟ ସଂରକ୍ଷଣ, ପର୍ଯ୍ୟଟନ ବିବିଧତା ବିଶ୍ୱସ୍ତରରେ ଏହାର ପ୍ରଭାବ ବିସ୍ତାର କରିବାରେ ସହାୟକ ହେବ। ଏଥିସହ ଏହି ପ୍ରକଳ୍ପଗୁଡ଼ିକୁ ମିଶନ୍ ମୋଡରେ କାର୍ଯ୍ୟକାରୀ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସେହିପରି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୌଦ୍ଧ ପର୍ଯ୍ୟଟନ ପଦକ୍ଷେପକୁ ଏକ ଐତିହାସିକ ସହଭାଗିତା ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ଓଡ଼ିଶାର ଅତୁଳନୀୟ ସାଂସ୍କୃତିକ ଐତିହ୍ୟକୁ ପୁନର୍ଜୀବିତ ଏବଂ ପ୍ରୋତ୍ସାହିତ କରିବ। ସୂଚନାଯୋଗ୍ୟ, ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ, ମାଡ୍ରାସ, ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟ୍ସ, ଗୋଆ ଏବଂ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ୍ ଇଣ୍ଟରନ୍ୟାସନାଲ୍ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଆଇଆଇଟି ମାଡ୍ରାସ ସହିତ ହୋଇଥିବା ବୁଝାମଣାପତ୍ର ଅନୁଯାୟୀ, ଓଡ଼ିଶା ଐତିହ୍ୟ ସ୍ମାରକୀଗୁଡ଼ିକର ସାଇଣ୍ଟିଫିକ୍ ଷ୍ଟ୍ରକ୍ଚରାଲ୍ ଅଡ଼ିଟ୍ ଓ ସଂରକ୍ଷଣ ନିମନ୍ତେ ଉନ୍ନତ ବୈଜ୍ଞାନିକ କୌଶଳ ବ୍ୟବହାର କରାଯିବ। ଏହି ସହଯୋଗରେ ବିସ୍ତୃତ ଡକ୍ୟୁମେଣ୍ଟେସନ୍, ସାମଗ୍ରୀ ପରୀକ୍ଷଣ, ଭୂ-ବୈଷୟିକ ତଦନ୍ତ ଓ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ଅନ୍ତର୍ଭୁକ୍ତ ହେବ। ଏଥିରେ ସ୍ଥାୟୀ ପୁନଃବ୍ୟବହାର ଯୋଜନା ଓ ପ୍ରକଳ୍ପ ପରିଚାଳନା ପରାମର୍ଶ ସହାୟତା ମଧ୍ୟ ଅନ୍ତର୍ଭୁକ୍ତ, ଯାହାର ଲକ୍ଷ୍ୟ ଓଡ଼ିଶାର ଐତିହାସିକ ସ୍ଥାନଗୁଡ଼ିକର ଦୀର୍ଘକାଳୀନ ସଂରକ୍ଷଣ ସୁନିଶ୍ଚିତ କରିବା। ଏହି ବୁଝାମଣାପତ୍ର ଓଡ଼ିଶାର ଅମୂଲ୍ୟ ଐତିହ୍ୟ ସମ୍ପତ୍ତିଗୁଡ଼ିକୁ ସଂରକ୍ଷଣ ଏବଂ ପୁନରୁଦ୍ଧାର କରିବା ଉପରେ ଧ୍ୟାନ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଦ୍ୱିତୀୟରେ ଓଡ଼ିଶାରେ ଜଳଭିତ୍ତିକ ଦୁଃସାହସିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟ୍ସ, ଗୋଆ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି ପର୍ଯ୍ୟଟନ ବିଭାଗ। ତୃତୀୟତଃ ପର୍ଯ୍ୟଟନ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଏବଂ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ୍ ଇଣ୍ଟରନ୍ୟାସନାଲ୍ ମିଳିତ ଭାବେ ବୌଦ୍ଧ ତୀର୍ଥ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବେ।



## ନଳକୂପରୁ ଅନବରତ ବାହାରୁଛି ଉଷ୍ମ ଜଳ

**ଆସିକା,୨୧।୮/ଏନ୍ଏନ୍ଏସ୍:** ଘଟଣାଟି ଆଶ୍ଚର୍ଯ୍ୟ ହେଲେ ବି ସଂପୂର୍ଣ୍ଣ ସତ୍ୟ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଥିଲା ବେଳେ ଘଟଣାକୁ ଯେ କେହି ବି ସ୍ୱଚକ୍ଷୁରେ ନଦେଖିଲେ ବିଶ୍ୱାସ କରିପାରିବ ନାହିଁ ବୋଲି ମତ ପ୍ରକାଶ ପାଉଛି । ଦୀର୍ଘ ବର୍ଷେ କି ଦୁଇ ବର୍ଷ ନୁହେଁ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆସିକା ବ୍ଲକ ଅନ୍ତର୍ଗତ ବେଣାପାଟ ଗ୍ରାମର ବାଇପାସ୍ ରାସ୍ତା ନିକଟରେ ଥିବା ଏକ ହ୍ୟାଣ୍ଡଲ ବିହୀନ ନଳକୂପରୁ ଅନବରତ ନିର୍ଗତ ହେଉଛି ଉଷ୍ମଜଳ ।



ସତେ ଯେମିତି ଏହା ଏକ ଉଷ୍ମ ପ୍ରସବଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ନଳକୂପରୁ ଉଷ୍ମଜଳ ଅନବରତ ନିର୍ଗତ ହେଉଥିବାର କାରଣ ସଂପର୍କରେ କେହି ବି କିଛି କହିପାରୁନାହାଁନ୍ତି। ଏହି ଘଟଣା ସାଧାରଣ ଜନତାଙ୍କୁ ଚକିତ କରିପକାଉଥିବା ଦେଖିବାକୁ ମିଳୁଛି । ଆସିକା ବ୍ଲକ ଅନ୍ତର୍ଗତ ବେଣାପାଟ ଗ୍ରାମର ନିର୍ମାଣାଧୀନ ବାଲୁଙ୍କେଶ୍ୱର ଶୈବମନ୍ଦିର ନିକଟରେ ଥିବା ଏହି ହ୍ୟାଣ୍ଡଲ ବିହୀନ ନଳକୂପରୁ ଅବିରତ ଭାବେ ସରୁ ଧାରରେ ଗରମ ଜଳ ନିର୍ଗତ ହେଉଥିବା ଦେଖିବାକୁ ମିଳୁଛି । ରାଜ୍ୟ ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବେଣାପାଟ ଗ୍ରାମର ନଳକୂପରୁ ଉଷ୍ମଜଳ ଅବିରତ ନିର୍ଗତର କାରଣ ବାହାର କରି ଉକ୍ତ ସ୍ଥଳକୁ ଏକ ପର୍ଯ୍ୟଟନ ସ୍ଥଳ ଭାବେ ବିକଶିତ କରାଗଲେ ଏଠାକୁ ଆହୁରି ବହୁ ବ୍ୟକ୍ତି ଆସି ଏହାର ଉପଭୋଗ କରିପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ସରକାରଙ୍କ ପକ୍ଷରୁ ବେଣାପାଟ ଗ୍ରାମର ଉଷ୍ମଜଳ ନିର୍ଗତ ନଳକୂପ ନିକଟରେ ଏକ ପର୍ଯ୍ୟଟନସ୍ଥଳୀ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ସମାଜସେବୀ ସୁଶାନ୍ତ କୁମାର ପ୍ରଧାନ ଅନୁରୋଧ କରିଛନ୍ତି ।

## ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ନବାଗତଙ୍କୁ ସମ୍ବର୍ଦ୍ଧନା




**ବୁଗୁଡ଼ା,୨୧।୮/ଏନ୍ଏନ୍ଏସ୍:** ସ୍ଥାନୀୟ ପିପୁଲ୍ସ କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱପରିସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧାପିକା କ୍ରିଷ୍ଣା କୁମାରୀ ବାର୍ଗୀ, ଅଧାପିକା ପ୍ରତୀକ୍ଷା ସାହୁ ଓ ମଧୁସ୍ମିତା ପ୍ରଧାନ, ଡେମୋନଷ୍ଟ୍ରେଟର୍ ରାମକୃଷ୍ଣ ନାୟକ ଯୋଗ ଦେଇଥିଲେ । ଏହି ଅବସରରେ ନବାଗତ ଛାତ୍ରଛାତ୍ରୀମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ ଏବଂ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ସହ ନିଜ ଡିପାର୍ଟମେଣ୍ଟ ଓ କଲେଜର ଅନୁଶାସନ ମାନି ଚଳିବାକୁ ପରାମର୍ଶ ଦେଇଥିଲେ । ଏଥି ସହ ଅଧ୍ୟକ୍ଷ ଏବଂ ବିଭାଗୀୟ ଅଧାପନାକାରୀମାନେ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀ ଯାଜ୍ଞସେନୀ ପ୍ରଧାନ ସ୍ୱାଗତ ଭାଷଣ ଓ ପ୍ରିୟାଙ୍କା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀ ଶ୍ୱେତାଙ୍ଗିନୀ ଖାଡ଼ଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

## ମତ୍ସ୍ୟ ଚାଷୀଙ୍କୁ ଯାଆଁଳ ବଣ୍ଟନ

**ଛତ୍ରପୁର,୨୧।୮/ଏନ୍ଏନ୍ଏସ୍:** ଛତ୍ରପୁର ସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଠାରେ ଆତ୍ମା ତରଫରୁ ପାଞ୍ଚ ଜଣ ମତ୍ସ୍ୟ ଚାଷୀଙ୍କୁ ମାଛ ଯାଆଁଳ ଓ ମାଛ ଖାଦ୍ୟ ବଣ୍ଟନ କରାଯାଇଛି। ଆଗ୍ରହୀ ମାଛ ଚାଷୀଙ୍କୁ ଚୟନ କରି ସେମାନଙ୍କ ନିଜସ୍ୱ ପୋଖରୀରେ ମାଛ ଚାଷ ପ୍ରଦର୍ଶନ କ୍ଷେତ୍ର ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ। ମାଛ ଯାଆଁଳା ବଣ୍ଟନ ବେଳେ ଗୋଷ୍ଠୀ କୃଷି ଅଧିକାରୀ ଚୌଧୁରୀ ସନମାର୍ଗ କର, ସହକାରୀ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ନାୟକ, ସହକାରୀ ଉଦ୍ୟାନ ଅଧିକାରୀ ସନ୍ଦୀପ କୁମାର ବଡ଼େଇ, ଗୋଷ୍ଠୀ ବୈଷୟିକ ପରିଚାଳିକା ସ୍ମୃତି ସ୍ମରଣିକା ସାହୁ, କୃଷି ଅଧୀଦର୍ଶକ ଦୁର୍ଗା ପ୍ରସାଦ ପ୍ରଧାନ, ସହକାରୀ ବୈଷୟିକ ପରିଚାଳକ ଗୋପୀନାଥ ଦାଶ ଓ ସୋନାଲି ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଷ୍କର୍ମ ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ

**ଫୁଲବାଣୀ,୨୧।୮/ଏନ୍ଏନ୍ଏସ୍:** ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତକୁ ଦଣ୍ଡାଦେଶ ଶୁଣାଇଛନ୍ତି। ସ୍ୱତନ୍ତ୍ର କୋର୍ଟ ଗଣେଶ କହଁରକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଜରିମାନା ଶୁଣାଇଛନ୍ତି। ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ମାମଲାର ଶୁଣାଣି କରିଥିଲେ। ଜରିମାନା ଅନାଦେୟ ଅଧିକ ଦୁଇ ବର୍ଷ ଜେଲ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପି.ପି.ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ। ସୂଚନା ଅନୁସାରେ ୨୦୨୩ ମସିହାରେ ୧୪ ବର୍ଷୀୟା ପୀଡ଼ିତା ଜଣକ ଏକ ସରକାରୀ ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ରହି ପାଠ ପଢୁଥିଲେ। ମାସିକ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ସେ ଗର୍ଭବତୀ ଥିବା ଜଣାପଡିଥିଲା। ତଦନ୍ତ ପରେ ଅଭିଯୁକ୍ତ ଗଣେଶ କହଁର ଗ୍ରୀଷ୍ମ ଛୁଟିରେ ପୀଡ଼ିତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ବ୍ରହ୍ମପୁର ମେଡିକାଲ କଲେଜରେ ପୀଡ଼ିତା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଲିଖିତ ଅଭିଯୋଗ ଆଧାରରେ ସଦର ପୁଲିସ ୧୯/୨୩ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଗଣେଶ କହଁରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ମାମଲାର ଶୁଣାଣି କରିଥିଲେ। ୧୯ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ପୀଡ଼ିତାଙ୍କୁ କ୍ଷତି ପୂରଣ ବାବଦରେ ୬ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ସୁନା ଅଳଙ୍କାର ଚୋରି ଗ୍ୟାଙ୍ଗ୍‌କୁ ଧରିଲା ଦିଗପହଣ୍ଡି ପୁଲିସ୍

# ସୁନା ଅଳଙ୍କାର ସହ ଟଙ୍କା ଜବତ, ୫ ଗିରଫ

**ବ୍ରହ୍ମପୁର,୨୧।୮/ଏନ୍ଏନ୍ଏସ୍:** ଦିଗପହଣ୍ଡି ଥାନା ଅଞ୍ଚଳରେ ବାରମ୍ବାର ସୁନା ଅଳଙ୍କାର ଚୋରି ଅଭିଯୋଗ ହୋଇ ଆସୁଥିବା ବେଳେ ପୁଲିସ୍ ଲୁଟ୍ ଘଟଣାର ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଅଳଙ୍କାର ଲୁଟ୍ ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରିଛି ପୁଲିସ୍। ସେମାନେ ହେଲେ କେ. ନୂଆଗାଁ ଥାନା ବମ୍‌କେଇ ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ଜିଲ୍ଲା ବେଣାପଞ୍ଚୁରୀ ଅଞ୍ଚଳର ଜେ. ମୋହନ(୩୦), ପଥରାପଲ୍ଲୀ ଥାନା ବୁଇରାଣୀ ଅଞ୍ଚଳର ବାଲୁ ପାତ୍ର(୨୫), ବୁଇରାଣୀ ଅଞ୍ଚଳର କ୍ରୀଷ୍ଣା ପାତ୍ର(୨୦), କେ.ନୂଆଗାଁ ଥାନା ବମ୍‌କେଇ ଅଞ୍ଚଳର ଜେ. ପ୍ରକାଶ(୨୭) ଏବଂ ଚୋରି ସୁନା କିଣିବା ଅଭିଯୋଗରେ ଶେରଗଡ ଥାନା ପରମାନନ୍ଦପୁର ବ୍ରାହ୍ମଣସାହି ଅଞ୍ଚଳର ମନୋଜ କୁମାର ପାଢୀ(୨୭)ଙ୍କୁ ପୁଲିସ୍ ଗିରଫ କରିଛି। ସେମାନଙ୍କ ନିକଟରୁ ନଗଦ ଦେଢ ଲକ୍ଷ ଟଙ୍କା ସହ ପ୍ରାୟ ୨୫୦ ଗ୍ରାମ ଓଜନର ବିଭିନ୍ନ ସୁନା ଅଳଙ୍କାର ଜବତ ହୋଇଛି। ଅଭିଯୁକ୍ତମାନେ ଗ୍ୟାଙ୍ଗ କରି ଦିଗପହଣ୍ଡି ଥାନା ଏବଂ ଚିକିଟି କେ. ନୂଆଗାଁ ଥାନା ଅଞ୍ଚଳରେ ଚୋରି କରୁଥିଲେ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ପ୍ରକାରେ ଦିଗପହଣ୍ଡି ଥାନା ସୁମନ୍ତପୁର ଅଞ୍ଚଳର ପ୍ରହଲ୍ଲାଦ ପ୍ରଧାନ(୫୦) ନାମକ ବ୍ୟକ୍ତି ଚୋରିର ଶିକାର ହୋଇଥିବା ନେଇ ଚଳିତ ମାସ ୨ ତାରିଖ ଦିନ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ୨୭୩/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଖୋଳତାଡ ବେଳେ ପୁଲିସ୍ କୌଣସି ସୂତ୍ରରୁ ସୂଚନା ପାଇଁ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ସହ ଧରିବାରେ ସଫଳ ହୋଇଥିଲା। ଜେ. ମୋହନ, ବାଲୁ ପାତ୍ର, କ୍ରୀଷ୍ଣା ପାତ୍ର, ଜେ. ପ୍ରକାଶଙ୍କୁ ଧରିବା ସହ ସେମାନଙ୍କୁ ଜେରା ବେଳେ ଦିଗପହଣ୍ଡି ଥାନା ଅଞ୍ଚଳର ପରଶମା, ଦାଭର, ଚାନ୍ଦପୁର, କୃଷ୍ଣପୁର ଏବଂ ବଡପଲଙ୍କ ଅଞ୍ଚଳ ସମେତ କେ. ନୂଆଗାଁ ଥାନାର କେତେକ ଅଞ୍ଚଳରେ ଅଳଙ୍କାର ଚୋରି କରୁଥିବା ନେଇ ସ୍ୱୀକାର କରିଥିଲେ। ଚୋରି ସୁନାକୁ ଅଭିଯୁକ୍ତମାନେ ଶେରଗଡ ଥାନା ଅନ୍ତର୍ଗତ ପରମାନନ୍ଦପୁର ଗ୍ରାମ ବ୍ରାହ୍ମଣ ସାହି ଅଞ୍ଚଳର ମନୋଜ କୁମାର ପାଢୀଙ୍କୁ ବିକିଥିବା କହିଥିଲେ। ପରେ ପୁଲିସ୍ ଟିମ୍ ଅଭିଯୁକ୍ତଙ୍କୁ ନେଇ ମନୋଜଙ୍କ ଘରେ ଚଢଉ କରି ତାଙ୍କୁ ଧରିବାରେ ସଫଳ ହୋଇଥିଲା। ପୁଲିସ୍ ମନୋଜଙ୍କୁ ପଚରାଉଚରା ବେଳେ ସେ ଅଳଙ୍କାରକୁ ଆସିକା ଅଞ୍ଚଳର ସୁନା ବ୍ୟବସାୟୀ ଏସ୍. ଅନିଲ କୁମାର ପୃଷ୍ଟିଙ୍କୁ ବିକିଥିବା ପ୍ରକାଶ କରିଥିଲେ। ପୁଲିସ୍ ଉକ୍ତ ସୁନା ଦୋକାନରେ ଚଢଉ କରି ଚୋରି ସୁନା ଉଦ୍ଧାର କରିବାରେ ସଫଳ ହୋଇଥିଲା। ଉଭୟ ଥାନା ଅଞ୍ଚଳରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଚୋରି ମାମଲାରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ବ୍ରହ୍ମପୁର ଏସ୍‌ପି ସୂଚନା ଦେଇଛନ୍ତି।



### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗଣ୍ଡଗୋଳ ଘଟଣା

## ଶସ୍ତା ରାଜନୀତି କରୁଛନ୍ତି ସାନଖେମୁଣ୍ଡି ବିଧାୟକ: ବିଜେପି




**ବ୍ରହ୍ମପୁର,୨୧।୮/ଏନ୍ଏନ୍ଏସ୍:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସ ଚାଲିଛି। ପାଖାପାଖି ୨୦୦ କୋଟି ଟଙ୍କାର ଅନୁଦାନରେ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ଶୈକ୍ଷିକ ବିକାଶ କାର୍ଯ୍ୟ ଚାଲିଥିବା ବେଳେ କଂଗ୍ରେସ ବିଧାୟକ ରମେଶ ଜେନା ଅଣଛାତ୍ରମାନଙ୍କୁ ନେଇ ବିଶୃଙ୍ଖଳିତ ବାତାବରଣ ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ନେଇ ବିଜେପି ପକ୍ଷରୁ ଅଭିଯୋଗ ହୋଇଛି। ବିଧାୟକଙ୍କ ଏଭଳି ଉଦ୍ୟମକୁ ନେଇ ହିଲପାଟଣାସ୍ଥିତ ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଗତକାଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଘଟିଥିବା ଛାତ୍ର ଅଶାନ୍ତି ପରିପ୍ରେକ୍ଷୀରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ସେଠାରେ ପହଞ୍ଚି ରାଜ୍ୟ ସରକାର ଓ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ବିରୁଦ୍ଧରେ ଦେଇଥିବା ମନ୍ତବ୍ୟକୁ ଗଞ୍ଜାମ ଜିଲ୍ଲା ବିଜେପି ତରଫରୁ ଦୃଢ଼ ନିନ୍ଦା କରାଯାଇଛି । ଛାତ୍ରମାନଙ୍କ ମଧ୍ୟରେ କୌଣସି କାରଣରୁ ହୋଇଥିବା ବିବାଦର ସମାଧାନ କରିବାକୁ ଉଦ୍ୟମ କରିବା ଜଣେ ଦାୟିତ୍ୱ ସମ୍ପନ୍ନ ନେତାଙ୍କ କାର୍ଯ୍ୟ । କିନ୍ତୁ ବିଧାୟକ ଶ୍ରୀ ଜେନା ତାହା ନକରି ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ଘଟଣାରେ ୯ ଲକ୍ଷ ଟଙ୍କା କାରବାର ହୋଇଛି ଓ ଖଣି, ବାଲି, ମୋରମ ଚୋରି ହେଉଥିବା କଥା ଅଭିଯୋଗ କରିଛନ୍ତି। ଯାହାକି ଶସ୍ତା ରାଜନୀତିକୁ ପରିପ୍ରକାଶ କରୁଛି ବୋଲି ବିଜେପି ନେତାମାନେ କହିଥିଲେ । ମୋହନ ମାଝୀଙ୍କ ସରକାରରେ ଅପରାଧି କେତେ ଶକ୍ତିଶାଳୀ ହେଉନା କାହିଁକି ଆଇନ୍ ହାତରୁ ଖସି ଯାଇପାରିବ ନାହିଁ । ଗୋପାଳପୁର ଦୁଷ୍କର୍ମ ଘଟଣାରେ ଚବିଶି ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ୪୫ ଦିନ ମଧ୍ୟରେ କୋର୍ଟରେ କ୍ରାଇମ ବ୍ରାଞ୍ଚ ଚାର୍ଜସିଟ୍ ଦାଖଲ କରିଛି । ବିଧାୟକ ରମେଶ ଜେନାଙ୍କ ପାଖରେ ଯଦି ଟଙ୍କା କାରବାରର କୌଣସି ପ୍ରମାଣ ଅଛି ତେବେ ସେ ତାକୁ ପୁଲିସରେ କାହିଁକି ଅଭିଯୋଗ କରୁନାହାଁନ୍ତି ବୋଲି ଜିଲ୍ଲା ବିଜେପି ପକ୍ଷରୁ ପ୍ରଶ୍ନ କରାଯାଇଛି । ଏଣୁ ଶସ୍ତା ଲୋକପ୍ରିୟତା ପାଇଁ ବିଧାୟକ ଶ୍ରୀ ଜେନା ଲୋକଙ୍କୁ ବିଭ୍ରାନ୍ତ କରିବା ବନ୍ଦ କରନ୍ତୁ ବୋଲି ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ତିନି ଲୋକସଭା କ୍ଷେତ୍ର ଦାୟିତ୍ୱରେ ଥିବା ବିଜେପି ନେତା ସୁନିଲ କୁମାର ସାହୁ, ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ ପ୍ରମୁଖ ପ୍ରକାଶ କରିଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ, ଦୁଇ ମୃତ

**ବାଲିଗୁଡା, ୨୧।୮/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ କୋଟଗଡ ଥାନା ଅନ୍ତର୍ଗତ ଲାସେରୀ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ ବାଲିଗୁଡା ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସିତ କରାଯାଉଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ତୁମୁଡିବନ୍ଧସ୍ଥିତ ନେତାଜୀ ସୁବାସ ବୋଷ କଲେଜରୁ କ୍ଲାସ ସାରି ଅନଙ୍ଗ ପ୍ରଧାନୀ (୧୯) ନିଜ ଘରକୁ ବାଇକ ନଂ.ଓଡି-୧୨ ଏଫ- ୮୭୭୯ ଯୋଗେ ଫେରୁଥିଲେ। ସେହି ସମୟରେ ବଣ୍ଡପିପିଲି ରୁ ବାଇକ ନଂ. ଓଡି-୧୨-ଡି-୮୮୬୩ ଯୋଗେ ଦୁଇଜଣ କୌଣସି ଏକ କାମ ନେଇ କୋଟଗଡ଼ ଆସୁଥିଲେ। ଏହି ସମୟରେ ଲାସେରୀ ନିକଟରେ ଦୁଇ ବାଇକ ଭାରସାମ୍ୟ ହରାଇବାରୁ ମୁହାଁମୁହିଁ ଧକ୍କା ହୋଇ ଯାଇଥିଲା। ଘଟଣା ସ୍ଥଳରେ ହିଁ ଦୁଇଜଣ ବ୍ୟକ୍ତି ବଣ୍ଡପିପିଲିର ସନ୍ତୋଷ ସାହୁ (୪୨), ନେତାଜୀ ସୁବାସ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ର +୩ କଳା ଦ୍ୱିତୀୟ ବର୍ଷର ଛାତ୍ର ଗେଟାବାଲି ନିବାସୀ ଅନଙ୍ଗ ପ୍ରଧାନୀଙ୍କ ମୃତ୍ୟୁ ଘଟି ଥିବା ବେଳେ ଅନ୍ୟ ଜଣେ କଲେଜ ଛାତ୍ର ଗୁରୁତର ଥିବା ଜଣାପଡିଛି। ଘଟଣା ସ୍ଥଳରେ ସ୍ଥାନୀୟ ଲୋକ ପହଂଚି ଗୁରତର କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋଟଗଡ ମେଡିକାଲକୁ ନେଇପ୍ରାଥମିକ ଚିକିତ୍ସା କରି ଗୁରୁତର ଥିବାରୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଘଟଣା ସ୍ଥଳରେ କୋଟଗଡ ପୋଲିସ ପ୍ରଶାସନ ଓ ଅଗ୍ନିଶମ ବାହିନୀ ଟିମ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି।

## ପଥର ତଳେ ଚାପିହୋଇ ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

**ପାତ୍ରପୁର,୨୧।୮/ଏନ୍ଏନ୍ଏସ୍:** ବ୍ରହ୍ମପୁର ପୁଲିସ ଜିଲ୍ଲା ଜରଡା ଥାନା ତୁମ୍ବା ପଞ୍ଚାୟତ ଅନ୍ତର୍ଗତ ସୁନାରୀବାଡ ନିକଟସ୍ଥ ମେଙ୍କାଡ଼ାଇ ଝରଣାରେ ଗାଧୋଉଥିବା ସମୟରେ ପଥର ତଳେ ଚାପି ହୋଇ ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଛାତ୍ର ଜଣକ ଶଙ୍କର ଶବର (୧୨) ବୋଲି ଜରଡା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁସାରେ ଆଜି ସକାଳ ସମୟରେ ମେଙ୍କାଡାଇ ଗ୍ରାମର ତିନି ଜଣ ଛାତ୍ର ନିକଟରେ ଥିବା ଏକ ଝରଣାରେ ଗାଧୋଇବା ପାଇଁ ଯାଇଥିଲେ। ଝରଣାରେ ତିନି ଛାତ୍ର ଗାଧୋଇବା ବେଳେ ହଠାତ ଉପର ପଟରେ ଥିବା ପାହାଡ଼ର ବଡ଼ ପଥର ଖସି ଆସିବା ଫଳରେ ଶଙ୍କର ଶବର ଦୁଇଟି ପଥର ସନ୍ଧିରେ ଛନ୍ଦି ହୋଇ ପଡ଼ିଥିଲା। ତାଙ୍କ ସହିତ ଥିବା ଅନ୍ୟ ଦୁଇଜଣ ଛାତ୍ର ମଧ୍ୟରୁ ଜଣେ ଗ୍ରାମବାସୀ ମାନଙ୍କୁ ଡ଼ାକି ଆଣିଥିଲେ। ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ଶଙ୍କର ଶବରକୁ ପଥର ସନ୍ଧିରୁ ଉଦ୍ଧାର କରି ଦୋଳା ସାହାଯ୍ୟରେ ବୋହି ଆଣିବା ସମୟରେ ଅଧ ରାସ୍ତାରେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ପାଇ ଜରଡା ପୋଲିସ ପକ୍ଷରୁ ଏଏସଆଇ କୃଷ୍ଣ ଚନ୍ଦ୍ର ଭୁୟାଁ ଘଟଣାସ୍ଥଳରେ ପହଞ୍ଚି ୧୦/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିବା ବେଳେ ତଦନ୍ତ ଜାରି ରହିଥିବା ନେଇ ଜରଡା ଥାନା ଅଧିକାରୀ ଟୁନା ସାସମଲ ସୂଚନା ଦେଇଛନ୍ତି।

## ମା’ ତାରାତାରିଣୀଙ୍କ ଅନ୍ନପ୍ରସାଦ ବିତରଣ ନେଇ ଜିଲ୍ଲାପାଳଙ୍କ ବୈଠକ



**ପୁରୁଷୋତ୍ତମପୁର,୨୧।୮/ଏନ୍ଏନ୍ଏସ୍:** ଦକ୍ଷିଣ ଓଡିଶାର ପ୍ରସିଦ୍ଧ ମା’ ତାରାତାରିଣୀଙ୍କୁ ଆଜି ଦର୍ଶନ କରିଛନ୍ତି ଗଞ୍ଜାମ ଜିଲ୍ଲପାଳ ଭି. କିର୍ତ୍ତୀ ଭାଷନ । ମା’ ତାରାତାରିଣୀଙ୍କ ପୀଠରେ ପ୍ରସ୍ତୁତ ହେବାକୁ ଥିବା ହାଇଜେନିକ ଅଟୋମେଟିକ ଅନ୍ନପ୍ରସାଦ ରୋଷେଇ ବ୍ୟବସ୍ଥା ସମ୍ପର୍କରେ ସେବାୟତମାନଙ୍କ ସହିତ ଜିଲ୍ଲାପାଳ ଆଲୋଚନା କରିଥିଲେ । ଉପଜିଲ୍ଲାପାଳ ସୁବାଶିଷ ବରାଳଙ୍କ ସହିତ ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡ଼ିଓ ଶରତ କୁମାର ପାତ୍ର ଏବଂ ପ୍ରମୋଦ ପଣ୍ଡା, ଆରଡ଼ି ଏସି ଶୁଭେନ୍ଦୁ ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ସୁରେଶ କୁମାର ମିଶ୍ର, ସେବାୟତ ସଭାପତି ତପନ କୁମାର ରଣା, ଗ୍ରାମ୍ୟ ଉନ୍ନୟନ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ, ଏନଏସି ଯନ୍ତ୍ରୀ, ବିଭିନ୍ନ ପ୍ରଶାସନିକ ଅଧିକାରୀ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଟିକେ ରେଡି ପ୍ରମୁଖ ଉପସ୍ଥିତ ଥିଲେ। ପାହାଡ଼ ଉପରେ ଥିବା ପ୍ରସାଦ ସେବନ ବୈଠକ ଗୃହରେ ଭକ୍ତମାନଙ୍କୁ କିପରି ସହଜ ଓ ସୁବିଧାରେ ପ୍ରସାଦ ମିଳିପାରିବ ସେନେଇ ଜିଲ୍ଲାପାଳ ସମସ୍ତଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ଜିଲ୍ଲାପାଳ ଏକ ସୁଲଭ ଶୌଚାଳୟ ସହ, ମା’ଙ୍କ ଦଶ ଅବତାର ମୂର୍ତ୍ତି, ତାରାତାରିଣୀ ଛକ ଠାରୁ ମନ୍ଦିର ପର୍ଯ୍ୟନ୍ତ ସୋଲାର ଲାଇଟ୍ ବ୍ୟବସ୍ଥା, ହୁମା ଓ ଜଗନ୍ନାଥ ଛକଠାରେ ଦୁଇଟି ବଡ଼ ତୋରଣ ସହ ବହୁ ଉନ୍ନତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି । ଏହା ସହିତ ପ୍ରସାଦ ସେବନ ଓ ପରିଚାଳନା ପାଇଁ ସେବାୟତମାନଙ୍କୁ ଦାୟିତ୍ୱ ଦିଆଯିବ ବୋଲି ନିଷ୍ପତି ହୋଇଛି। ଏହାର ପ୍ରଶିକ୍ଷଣ ଦାୟିତ୍ୱ ଅକ୍ଷୟ ପାତ୍ର ଫାଉଣ୍ଡେସନକୁ ଦିଆଯାଇଛି ବୋଲି ଜିଲ୍ଲାପାଳ କହିଥିଲେ । ମନ୍ଦିର ଟ୍ରଷ୍ଟିଙ୍କ କହିବା ଅନୁସାରେ ଆଗାମୀ ଗଣେଶ ପୂଜା ଦିନ ଅନ୍ନ ପ୍ରସାଦର ଶୁଭାରମ୍ଭ ପାଇଁ ପ୍ରସ୍ତାବ ଦିଆଯାଇଛି। ଜିଲ୍ଲାପାଳ ଏହି ମାସ ଶେଷ ସୁଦ୍ଧା ଭକ୍ତଙ୍କୁ ହାଇଜେନିକ ଚୁଲାରେ ରୋଷେଇ କରି ପ୍ରସାଦ ଭକ୍ତଙ୍କୁ ଦିଆଯିବ ବୋଲି କହିଛନ୍ତି।

## ମହାବିଦ୍ୟାଳୟରେ କଲମ ଛାଡ଼ ଆନ୍ଦୋଳନ




**ଆସିକା,୨୧।୮/ଏନ୍ଏନ୍ଏସ୍:** ଆସିକା ବିଜ୍ଞାନ ମହାବିଦ୍ୟାଳୟର ପରିଚାଳନା କମିଟି ପରିସରଭୁକ୍ତ ଅଧ୍ୟାପକ ଏବଂ କର୍ମଚାରୀ ମାନଙ୍କ କଲମଛାଡ ଏବଂ କାର୍ଯ୍ୟବନ୍ଦ ଆନ୍ଦୋଳନ ଦ୍ୱାରା କଲେଜ ଶିକ୍ଷା ବ୍ୟବସ୍ଥା ଏବଂ ପ୍ରଶାସନିକ କ୍ଷେତ୍ରରେ ସ୍ଥାଣୁତା ଦେଖାଦେଇଛି। ଦୀର୍ଘ ୧୭ ବର୍ଷ ଧରି କାର୍ଯ୍ୟରତ ଥିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି ପ୍ରକାରର ଅନୁଦାନ ଏପର୍ଯ୍ୟନ୍ତ ପାଇନାହାଁନ୍ତି। ସରକାରଙ୍କ ସମସ୍ତ କାର୍ଯ୍ୟ ଯେମିତି ନିର୍ବାଚନ, ଛାତ୍ରଛାତ୍ରୀଙ୍କ ନାମ ଲେଖା, କଲେଜ ତରଫରୁ ସରକାରଙ୍କ ସମସ୍ତ ଶୈକ୍ଷିକ କାର୍ଯ୍ୟ, ସଚେତବତା ଯୋଜନାକୁ ତୁଲେଇ ଆସିଲେ ମଧ୍ୟ ସରକାର ଏଯାବତ୍ କୌଣସି ଅନୁଦାନ ଦେଉନାହାଁନ୍ତି। ମହାବିଦ୍ୟାଳୟରେ ସମୁଦାୟ ୨୨ଜଣ ଅଣ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ ଅନ୍ୟାନ୍ୟ କର୍ମଚାରୀ କଲେଜ ପରିଚାଳନା ସମିତି ଦ୍ୱାରା କାମ କରିଆସୁଛନ୍ତି। ମାସିକ ସ୍ୱଳ୍ପ ଦରମା ଯୋଗୁଁ ପରିବାର ପୋଷଣ ତ ଦୂରର କଥା ଏମିତି କି ନିଜେ ମଧ୍ୟ ଜୀବନ ଅତିବାହିତ କରିବା କଷ୍ଟ ସାଧ୍ୟ ହୋଇଯାଉଛି। ସମସ୍ତ କର୍ମଚାରୀ ସରକାରୀ କର୍ମଚାରୀ ନ ହୋଇ ଚାକିରୀରୁ ଅବସର ନେବା ପାଇଁ ବୟସର ଅପରାହ୍ନରେ ପହଞ୍ଚି ସାରିଲେଣି। ତେଣୁ ଲୋକଙ୍କ ସରକାର ମୋହନ ମାଝି ସରକାରଙ୍କୁ ୨୦୦୮ ମସିହାରୁ ୨୦୧୮ ମସିହା ପର୍ଯ୍ୟନ୍ତ କଲେଜରେ କାର୍ଯ୍ୟରତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ଦାବି କରାଯାଇଥିଲା। ଆନ୍ଦୋଳନରେ ଅଧ୍ୟାପକ ସରୋଜ କୁମାର ପଣ୍ଡା, ରାଜେଶ୍ କୁମାର ସାହୁ ସହିତ ଅନ୍ୟାନ୍ୟ କର୍ମଚାରୀ, ପିଙ୍କୁ ବିଶୋୟୀ, ମୁନା ଗୌଡ, ଜିତେନ୍ଦ୍ର କୁମାର ସାହୁ, କୃଷ୍ଣଚନ୍ଦ୍ର ପଣ୍ଡା, ଗଣେଷ ବାହାଦୂର ଗୁରୁମ, କୃଷ୍ଣଚନ୍ଦ୍ର ଡାକୁଆ, ପ୍ରବୀଣ କୁମାର ସ୍ୱାଇଁ, ସନ୍ତୋଷ କୁମାର ମହାରଣା, ଶଂକର ଗୌଡ଼, ଅନିଲ କୁମାର ମଲ୍ଲିକ, ବନ୍ଦୀ ପ୍ରଧାନ, ଭିକାରି ଗୌଡ଼, ରାଧାଚରଣ ସ୍ୱାଇଁ, ପ୍ରଶାନ୍ତ କୁମାର ମହାନ୍ତି, ମାନସରଞ୍ଜନ ଗୌଡ଼, ସନ୍ତୋଷ କୁମାର ଲେଙ୍କା, ବସନ୍ତ ନାଇକ, ଗଗନ ନାଇକ, ସବିତା ପାଳ, ଶିବରାମ ନାହାକ ପ୍ରମୁଖ କର୍ମଚାରୀ ସାମିଲ ହୋଇଥିଲେ।

# ପ୍ରାଣୀଧନ ନିରୀକ୍ଷକ ଓ ଆଟେଣ୍ଡାଣ୍ଟ ପଦବୀ ପୂରଣ ଦାବି




**ଆସିକା,୨୧।୮/ଏନ୍ଏନ୍ଏସ୍:** ଆସିକା ପ୍ରାଣୀଚିକିତ୍ସାଳୟ କାର୍ଯ୍ୟାଳୟ ଅଧୀନସ୍ଥ କେତେକ ଅଞ୍ଚଳରେ ଥିବା ପ୍ରାଣୀଧନ ସହାୟତା କେନ୍ଦ୍ର ଗୁଡିକରେ ଖାଲି ପଡିଥିବା ପ୍ରାଣୀଧନ ନିରୀକ୍ଷକ ଓ ଆଟେଣ୍ଡାଣ୍ଟ୍ ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯାଉଥିବା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଆସିକା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଆସିକା ବ୍ଲକ ପରିସରଭୁକ୍ତ ହରିଡାପଦର, ଭେଟନଇ, ଖୁକୁଣ୍ଡିଆ, ବାଲିଛାଇ, ନଳବଣ୍ଟା ପ୍ରାଣୀଧନ ସହାୟତା କେନ୍ଦ୍ରରେ ପ୍ରାଣୀ ପ୍ରାଣୀଧନ ନିରୀକ୍ଷକ ପଦବୀ ଖାଲି ପଡିଥିଲା ବେଳେ ବାବନପୁର, ଗହଙ୍ଗୁ, ଭେଟନଇ, ନିମିନା, ଖୁକୁଣ୍ଡିଆ, ବାଲିସିରା, ଗୁଣ୍ଡୁପଡା, ବାଲିଛାଇ, ସିଦ୍ଧନଇ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ରରେ ଆଟେଣ୍ଡାଣ୍ଟ୍ ପଦବୀ ଖାଲି ପଡିଛି। ଚାଷ ଓ ଚାଷୀର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ସରକାରଙ୍କ ପକ୍ଷରୁ ଗାଇଗୋରୁଙ୍କ ଚିକିତ୍ସା ପାଇଁ ଚିକିତ୍ସା କେନ୍ଦ୍ର ଖୋଲିବା ସହ ପର୍ଯ୍ୟାପ୍ତ ପରିମାଣର ଔଷଧ ଓ ଟୀକା ମଧ୍ୟ ଯୋଗାଉଛନ୍ତି। ଗୋପାଳକମାନଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତି ପାଇଁ କାମଧେନୁ ଯୋଜନା ଠାରୁ ଆରମ୍ଭ କରିଛନ୍ତି। ତେବେ ଆସିକା ବ୍ଲକ ପରିସରଭୁକ୍ତ ୨୭ଟି ଗ୍ରାମପଞ୍ଚାୟତର ଅଧିନସ୍ଥ ଅଞ୍ଚଳରେ ଥିବା ୧୧ଟି ପ୍ରାଣୀଧନ ସହାୟତା କେନ୍ଦ୍ର ମଧ୍ୟରୁ ୫ଟି କେନ୍ଦ୍ରରେ ପ୍ରାଣୀଧନ ନିରୀକ୍ଷକ ପଦବୀ ଖାଲି ପଡିଛି। ଗ୍ରାମାଞ୍ଚଳର ହଜାର ହଜାର ଜନତା ଆବଶ୍ୟକ ସମୟରେ ନିଜର ଗୃହପାଳିତ ପଶୁଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ଯୋଗାଇବା କ୍ଷେତ୍ରରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆସିକା ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ ଅଧୀନସ୍ଥ ଅଞ୍ଚଳରେ ୫ଟି ପ୍ରାଣୀଧନ ନିରୀକ୍ଷକ ଓ ୯ଟି ଆଟେଣ୍ଡାଣ୍ଟ୍ ପଦବୀ ଖାଲି ପଡିଥିବା ବେଳେ ମରାମତି ଅଭାବରୁ କେତେକ ପ୍ରାଣୀଧନ ସହାୟତା କେନ୍ଦ୍ର ଗୁଡିକ ଲଟାବୁଦାରେ ପରିପୂର୍ଣ୍ଣ ହେଲାଣି। ଅସୁସ୍ଥ ଗୃହପାଳିତ ପଶୁଙ୍କୁ ପ୍ରାଣୀଧନ ସହାୟତା କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣି ଗୋରୁ ମାଲିକ ନିରାଶରେ ଫେରୁଥିବା ଅଭିଯୋଗ ହେଉଛି। ଅତିରିକ୍ତ ଦାୟିତ୍ୱରେ ଥିବା ପ୍ରାଣୀଧନ ନୀରିକ୍ଷକମାନେ ପ୍ରାଣୀ ଚିକିତ୍ସା କରୁଥିବା ଦେଖିବାକୁ ମିଳୁଛି । ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଉନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ପ୍ରାଣୀଧନ ସହାୟତା ଗୁଡିକରେ ଆବଶ୍ୟକୀୟ କର୍ମଚାରୀ ଅଭାବରୁ ଗାଇଗୋରୁ, ଛେଳି ମେଣ୍ଢା ଆଦି ଗୃହପାଳିତ ପଶୁଙ୍କ ଆବଶ୍ୟକତା ସମୟରେ ଟୀକାକରଣ ବାଧାପ୍ରାପ୍ତ ହେଉଥିବା ବେଳେ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଚିକିତ୍ସା ସେବା ପ୍ରାୟତଃ ଠପ୍ ହୋଇପଡୁଥିବା ଅଭିଯୋଗ ହେଉଛି । ଆସିକା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ଶେଖର ବେହେରା ଓ ପ୍ରାଣୀ ଚିକିତ୍ସକ ଡାକ୍ତର ଆଶୁତୋଶ ଚୌଧୁରୀ ଆସିକା ପ୍ରାଣୀ ଚିକିତ୍ସାଳୟକୁ ଆସୁଥିବା ଗାଇଗୋରୁଙ୍କ ଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କୁ ଚିକିତ୍ସା କରୁଛନ୍ତି। ଏଥିସହ ସେମାନେ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ଗାଡିରେ ଗାଁ ଗଣ୍ଡାକୁ ବୁଲି ଗାଇଗୋରୁଙ୍କୁ ଚିକିତ୍ସା ସେବା ଯୋଗାଉଥିବା ଦେଖିବାକୁ ମିଳୁଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନଦେଇ ଖାଲି ପଡିଥିବା ପ୍ରାଣୀଧନ ନିରୀକ୍ଷକ ଓ ଆଟେଣ୍ଡାଣ୍ଟ ପଦବୀ ଗୁଡିକ ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

# ରେଳ ଓଭର୍ ବ୍ରିଜ୍ ପାର୍ଶ୍ୱ ଆପ୍ରୋଚ୍ ରୋଡ୍ ଅବସ୍ଥା ବେହାଲ୍





**ବାଲୁଗାଁ,୨୧।୮/ଏନ୍‌ଏନ୍‌ଏସ୍:** ଏସିଆ ମହାଦେଶର ସର୍ବବୃହତ ଲବଣା ହ୍ରଦ ଚିଲିକା ତଟଦେଶରେ ଅବସ୍ଥିତ ଖୋର୍ଦ୍ଧା ଜିଲ୍ଲାର ପ୍ରମୁଖ ସହର ବାଲୁଗାଁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସହିତ ବାଣିଜ୍ୟ ପେଣ୍ଠସ୍ଥଳୀ ରୂପେ ବେଶ ପରିଚିତ। ଦୈନନ୍ଦିନ ଏଠାକୁ ହଜାର ହଜାର ସଂଖ୍ୟାରେ ଯାନବାହାନ ସହ ଲୋକଙ୍କ ଯାତାୟତ ଲାଗି ରହିଛି। ବର୍ତ୍ତମାନ ପରିସ୍ଥିତିରେ ଜନସଂଖ୍ୟା ବୃଦ୍ଧି ସହ ଗାଡି ମଟରର ବହୁଳ ବ୍ୟବହାର ସହ ପୂର୍ବର ବାଲୁଗାଁରୁ ବାଣପୁରକୁ ଯାଇଥିବା ମୁଖ୍ୟ ରାସ୍ତାରେ ରେଳଫାଟକ ପଡୁଥିବା ବେଳେ ବାଲୁଗାଁ ବାଣପୁରବାସୀଙ୍କ ଯାତାୟତ ଲାଗି ମୁଖ୍ୟ ସମସ୍ୟା ଥିଲା ରେଳଫାଟକ।

ଦୈନନ୍ଦିନ ଘଣ୍ଟା ଘଣ୍ଟା ଧରି ଲୋକେ ରେଳଫାଟକ ନିକଟରେ ଜଗି ରହି ସମୟ ନଷ୍ଟ ହେଉଥିବା ବେଳେ ସମସ୍ୟାର ଦୂରିକରଣକୁ ନଜରରେ ରଖି ତଥା ବାଲୁଗାଁ ସହରକୁ ସରଶ ସୁନ୍ଦର କରିବା ନିମନ୍ତେ ପୂର୍ବ ବିଜେଡି ସରକାର

## ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା

ସମୟରେ ୨୦୧୯ ମସିହାରେ ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲାଯିବାରେ ଅଞ୍ଚଳବାସୀ ସାମାନ୍ୟ ଆସ୍ୱସ୍ତି ଲାଭ କରିଥିଲେ। ମାତ୍ର ସେହି ସମୟରୁ ରେଳ ଓଭରବ୍ରିଜର ଦୁଇ ପାର୍ଶ୍ୱରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଆପ୍ରୋଚରୋଡ ସଠିକ ଭାବେ ତଥା ସମ୍ପୂର୍ଣ୍ଣ ନିର୍ମାଣ କରାଯାଇ ନଥିବା ବେଳେ ବର୍ତ୍ତମାନ ଉଭୟ ପାର୍ଶ୍ୱର ଆପ୍ରୋଚ ରୋଡ ଖାଲଖମାରେ ପରିପୂର୍ଣ୍ଣ ହୋଇ ଯାତାୟାତ ଲାଗି ସମ୍ପୂର୍ଣ୍ଣ ଅନୁପୋଯୋଗୀ ହୋଇପଡି ମରଣଯନ୍ତା ପାଲଟିଛି।

ଫ୍ଲାଇଓଭର ପାର୍ଶ୍ୱ ଆପ୍ରୋଚ ରୋଡ଼ ଶୋଚନୀୟ ହୋଇପଡ଼ିଥିବା ବେଳେ ଉକ୍ତ ରୋଡ଼ ପୁଃନହ ଉଦ୍ଧାର ଦୂରର କଥା ସାମାନ୍ୟ ମରାମତି କରାଯାଉନଥିବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡି ବିଭିନ୍ନ ସମୟରେ ବହୁ ଛୋଟ ବଡ଼ ଦୁର୍ଘଟଣାମାନ ଘଟି ବହୁ ଧନ ଜୀବନ କ୍ଷତି ଘଟୁଅଛି। ଓଭରବ୍ରିଜର ଗୋଟିଏ ପାର୍ଶ୍ୱ ବାଲୁଗାଁ ଜେନା କଲୋନୀ ଠାରୁ ଆରମ୍ଭ ହୋଇଥିବା ଆପ୍ରୋଚ ରୋଡ ବାଲୁଗାଁ ଅଞ୍ଚଳର ଆରାଦ୍ଧ୍ୟ ଠାକୁର ଉମାମହେଶ୍ୱର ଦେବଙ୍କ ମନ୍ଦିର ସହ କେ କେ ନୂଆଗାଁ, ବେଲପଡା, ନିମିକ୍ଷେତା, ଚାଷଙ୍ଗରା ଓ ଅଙ୍କୁଲା ଆଦି ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଗ୍ରାମକୁ ଏହି ରାସ୍ତା ସଂଯୋଗ ହୋଇଥିବା ବେଳେ ଉକ୍ତ ଅଞ୍ଚଳର ଲୋକଙ୍କ ଯାତାୟତ ପାଇଁ ଏକ ପ୍ରମୁଖ ରାସ୍ତା। ଓଭରବ୍ରିଜର ଅନ୍ୟ ପାର୍ଶ୍ୱ ଆପ୍ରୋଚ ରୋଡ ବଜାରରୁ ବାଲୁଗାଁ ରେଳଷ୍ଟେସନ ଓ ପାଟଣାସାହିକୁ ସଂଯୋଗ କରୁଛି। ଦୈନନ୍ଦିନ ହଜାର ହଜାର ଲୋକେ ଏହି ଦୁଇ ଆପ୍ରୋଚ ରୋଡ ଉପରେ ଯାତାୟାତ କରୁଛନ୍ତି। ମାତ୍ର ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମିତ ଉକ୍ତ ଆପ୍ରୋଚ ରୋଡ ସଠିକ ଭାବେ କରାଯାଇ ନଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସିନତା ଯୋଗୁଁ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ରାସ୍ତା ସାରା ଖାଲ ଖମାରେ ପରିପୂର୍ଣ୍ଣ ହୋଇ ଯାତାୟାତ ନିମନ୍ତେ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡଥିବା ସହ ବର୍ଷା ଦିନରେ ଉକ୍ତ ଖାଲଖମାରେ ପାଣି ପରିପୂର୍ଣ୍ଣ ହୋଇ ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତତ୍‌ସହିତ ଉକ୍ତ ରାସ୍ତାରେ ବଡ ବଡ ଗର୍ତ୍ତ ମାନ ସୃଷ୍ଟି ହୋଇଥିବା ବେଳେ ସେଥିରେ ବର୍ଷା ପାଣି ଜମି ରହିଥିବାରୁ ରାସ୍ତା ସଠିକ ଭାବେ ଜଣା ନପଡିବାରେ ଗାଡି ମଟର ତଥା ଲୋକେ ସେହି ଗର୍ତ୍ତରେ ପଡି ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ମାନ ଘଟି ବହୁ ଧନଜୀବନ ହାନି ହେଉଥିବା ବହୁ ନଜିର ରହିଛି। ଅସରାଏ ବର୍ଷାରେ ଉକ୍ତ ଆପ୍ରୋଚ ରୋଡ଼ ବର୍ଷାପାଣି ଓ କାଦୁଅରେ ବେହାଲ ହୋଇପଡୁଥିବା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ବର୍ଷା ଓ ପଣିକାଦୁଅରେ ଯିବାଆସିବା କରି ଦୁର୍ଘଟଣାର ଶିକାର ହେଉଛନ୍ତି। ଓଭରବ୍ରିଜି ସହ ସଠିକ ଆପ୍ରୋଚରୋଡ଼ ଗମନାଗମନ ପାଇଁ କାର୍ଯ୍ୟକରି କରି ରାସ୍ତା ମରାମତି କରିବାର ନିୟମ ରହିଛି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସିନତା ଯୋଗୁଁ ରାସ୍ତାର ରକ୍ଷଣାବେକ୍ଷଣ ଅଭାବର ଫଳ ଉକ୍ତ ଖାଲଖମା ଆପ୍ରୋଚ ରାସତାରେ ଲୋକେ ଯାତାୟତ କରି ଦହନ୍ତସନ୍ତ ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ଏଥିପ୍ରତି ବିଭାଗୀୟ ଅଧିକାରୀ ମାନେ ନିରବଦ୍ରଷ୍ଟା ସାଜିଛନ୍ତି। ଫଳରେ ଅଞ୍ଚଳରେ ଜନଅସନ୍ତୋସ ବୃଦ୍ଧି ପାଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେଇ ତୁରନ୍ତ ଏହି ଆପ୍ରୋଚରୋଡ଼କୁ ସଠିକ ନିର୍ମାଣ କରିବାକୁ ଜନସାଧାରଣରେ ଦୃଢ଼ ଦାବି ହେଉଛି।

# ବାହାବଳପୁରରେ କଙ୍ଗାରୁ କୋର୍ଟ



**ବଳଙ୍ଗା,୨୧।୮/ଏନ୍‌ଏନ୍‌ଏସ୍:** ବଳଙ୍ଗା ଥାନା ଅନ୍ତର୍ଗତ ବାହାବଳପୁର ଗ୍ରାମରେ କଙ୍ଗାରୁ କୋର୍ଟ ଦେଖିବାକୁ ମିଳିଛି। ପୂର୍ବ ବିବାଦକୁ ନେଇ ଆଜି ସକାଳେ ଗ୍ରାମବାସୀ ମାନେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଆଗରେ ପଥର ଗଦା କରି ବାଟ ବନ୍ଦ କରିଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୂତାବକ ଗ୍ରାମର ଧରମା ମୁଦୁଲିଙ୍କ ସ୍ତ୍ରୀ ଝୁମୁରି ବିଷୋୟୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ୨୦୧୬ ମସିହାରେ ଧରମା ମୁଦୁଲିଙ୍କ ଘରକୁ ଗ୍ରାମବାସୀମାନେ ପୋଡ଼ି ଦେଇଥିବା ମାମଲା କୋର୍ଟରେ ବିଚାରାଧୀନ ରହିଛି। ଉକ୍ତ ମାମଲାକୁ କୋର୍ଟରୁ ଉଠାଇବା ପାଇଁ ଗ୍ରାମବାସୀମାନେ ଧରମାଙ୍କ ଉପରେ ଚାପ ପକାଇ ଆସୁଥିଲେ। ଧରମାଙ୍କ ପରିବାର ମାମଲା ନ ଉଠାଇବାରୁ ଗ୍ରାମବାସୀ ମାନେ ଗୁରୁବାର ଦିନ ସକାଳେ ଧରମାଙ୍କ ଘର ଆଗରେ ଟ୍ରକରେ ପଥର ଆଣି ଗଦା କରିଥିଲେ। ଫଳରେ ଧରମାର ପରିବାର ଲୋକେ ଘରୁ ବାହାରକୁ ବାହାରିବା ଏକ ପ୍ରକାର ବନ୍ଦ ହୋଇଯାଇଛି। ପଥର ଖାଲି କରିବା ସମୟରେ ଗ୍ରାମବାସୀ ମାନେ ହାତରେ ବିଭିନ୍ନ ପ୍ରକାରର ମାରଣାସ୍ତ୍ର ଧରି ଜଗି ବସିବା ସହ ଘରୁ ବାହାରିଲେ ପରିବାର ଲୋକଙ୍କୁ ମାରିଦେବା ପାଇଁ ଭୟଭୀତ କରିଥିଲେ। ଧରମାଙ୍କ ପରିବାର ପକ୍ଷରୁ ଏ ନେଇ ବଳଙ୍ଗା ଥାନାରେ ଖବର ଦେବାପରେ ବଳଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ମାନଙ୍କୁ ଘର ଆଗରୁ ତଡ଼ି ଦେଇଥିଲେ। ତେବେ ପଥର ଗୁଡିକ ଗଦା ହୋଇଥିବାରୁ ଧରମାଙ୍କ ବୁଢ଼ି ମା' ଝାଡ଼ା ରୋଗରେ ଆକ୍ରାନ୍ତ ହୋଇଥିବାରୁ ବହୁ କଷ୍ଟରେ ପଥରଗଦା ଉପରେ ଟେକି ଟେକି ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ରୋଟାରୀ କ୍ଲବ୍ ପକ୍ଷରୁ ମେଗା ଚକ୍ଷୁ ଚିକିତ୍ସା ଶିବିର



**ବାଣପୁର,୨୧।୮/ଏନ୍‌ଏନ୍‌ଏସ୍:** ବାଣପୁର ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ଆଜି ଏକ ବିଶାଳ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ ବାଣପୁର ବ୍ଲକର ଭେଟେଶ୍ୱର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ କରାଯାଇଛି। ଭୁବନେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଏକ ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା ଯାନ, ଭିଜନ କେଆର ହସ୍ପିଟାଲ ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅଜୟ କୁମାର ସିଂ, ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ଚିକିତ୍ସାଧିକାରୀ ଅନସୂୟା ମହାନ୍ତି, ବରିଷ୍ଠ ଚକ୍ଷୁ ଚିକିତ୍ସା ଅଧିକାରୀ ତଥା କ୍ଲବର ପ୍ରାକ୍ତନ ସଭାପତି ବିଜୟ କୁମାର ବେହେରା ତଥା ଅନ୍ୟାନ୍ୟ ସହାୟକମାନଙ୍କ ସହାୟତାରେ ୧୪୫ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକ ଥିବା ଔଷଧ ଓ ଚଷମା ଆଦି ବଣ୍ଟନ କରାଯାଇଛି। ସେଥିମଧ୍ୟରୁ ୬ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଚିହ୍ନଟ କରାଯାଇ ସେମାନଙ୍କୁ ଭୁବନେଶ୍ୱର ରୋଟାରୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ବ୍ୟବସ୍ଥିତ ଗାଡିରେ ଭୁବନେଶ୍ୱର ନିଆଯାଇଛି। ଶିବିରକୁ ଭେଟେଶ୍ୱର ସରପଞ୍ଚ ତଥା କ୍ଲବର ସଦସ୍ୟା ସାବିତ୍ରୀ ଭୋଳ ଉଦ୍‌ଘାଟନ କରିଥିଲେ। କ୍ଲବର ସଭାପତି ସୁନୀଲ କୁମାର ପାତ୍ର, ସଂପାଦକ ହିମାଂଶୁ କୁମାର ପାତ୍ର, ପ୍ରାକ୍ତନ ସଭାପତି ଧୀରେନ୍ଦ୍ରନାଥ ପାତ୍ର, ରବିନାରାୟଣ ନାୟକ, ଅଶୋକ କୁମାର ପାତ୍ର, ନନ୍ଦକିଶୋର ମିଶ୍ର, ଅନଙ୍ଗଭୀମ ବିଶ୍ୱାଳ, ଜଗଦୀଶ ପ୍ରସାଦ ଲାଖୋଟିଆ, ରବିନାରାୟଣ ପାଲ ଙ୍କ ସମେତ ସଭ୍ୟ ଡ. ଚିନ୍ତାମଣି ମିଶ୍ର, କ୍ୟାପଟେନ ଭବାନୀ ପ୍ରସାଦ ହୋତା, ସଂଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଚୌଧୁରୀ, ଅଶୋକ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# ବ୍ଲକ୍‌ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନର ବାର୍ଷିକ ବୈଠକ

**ନୟାଗଡ଼,୨୧।୮/ଏନ୍‌ଏନ୍‌ଏସ୍:** ନୟାଗଡ଼ ବ୍ଲକ ଅନ୍ତର୍ଗତ ବିଦ୍ୟାଳୟ ସମୂହର କ୍ରୀଡ଼ା ସଂଗଠନ ମାନଙ୍କ ବାର୍ଷିକ ସାଧାରଣ ବୈଠକ ନବଘନପୁର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନର ସଭାପତି ତଥା ନୟାଗଡ଼ ବ୍ଲକ ଶିକ୍ଷାଧିକାରୀ ଉମାକାନ୍ତ ସେଠି ଅଧକ୍ଷତା କରିଥିଲେ। ସଂଗଠନ ସମ୍ପାଦକ ଉମାକାନ୍ତ ମିଶ୍ର ବାର୍ଷିକ ବିବରଣୀ ପାଠ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ନବଘନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ରନାଥ ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅନିଲ କୁମାର ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ନୟାଗଡ଼ ବ୍ଲକକୁ ୪ଟି ଜୋନରେ ବିଭକ୍ତ କରି ବିଦ୍ୟାଳୟ ସ୍ତରରେ ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ଶେଷ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବାର୍ଷିକ ବୈଠକରେ ବ୍ଲକ ସ୍ତରରେ କାର୍ଯ୍ୟରତ ସମସ୍ତ ପ୍ରଧାନ ଶିକ୍ଷକ, ସିଆରସିସି ଏବଂ କ୍ରୀଡ଼ା ଶିକ୍ଷକ ମାନେ ଯୋଗଦାନ କରିଥିଲେ।

### କେବେ ନିର୍ମାଣ ହେବ ଲଡୁବାବାଙ୍କ ମନ୍ଦିର ମାର୍କେଟ୍ କମ୍ପ୍ଲେକ୍ସ !

# ସୁଧୁରୁନି ବ୍ୟବସ୍ଥା, ବଢୁଛି ଟ୍ରାଫିକ୍ ସମସ୍ୟା



**ଓଡ଼ଗାଁ,ଶରଣକୁଳ, ୨୧।୮/ଏନ୍‌ଏନ୍‌ଏସ୍:** ରାଜ୍ୟର ପ୍ରସିଦ୍ଧ ଶୈବପୀଠ ତଥା ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଶରଣକୁଳ ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ ବର୍ଷବର୍ଷ ଧରି ପଡ଼ିଥିବା ଦୋକାନ ସ୍ଥାନାନ୍ତର କରିବାକୁ ଦେବୋତ୍ତର ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ୬୦ଜଣ ଦୋକାନୀଙ୍କୁ ସାମିଲ କରାଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ନ ହେବାରୁ ଦୋକାନୀମାନେ ଚିନ୍ତାରେ ପଡ଼ିଛନ୍ତି। ଫଳରେ ଦେବୋତ୍ତର ବିଭାଗର ମାର୍କେଟ କଂପ୍ଲେକ୍ସ ଯୋଜନା ଭେଲିକିରେ ପରିଣତ ହୋଇଥିବା କୁହାଯାଉଛି। ସୂଚନା ଅନୁଯାୟୀ ଶରଣକୁଳ ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ ବର୍ଷବର୍ଷ ଧରି ଦୋକାନ ଥିବାରୁ ମନ୍ଦିରର ସୌନ୍ଦର୍ଯ୍ୟ ନଷ୍ଟହେବା ସହିତ ଭକ୍ତମାନଙ୍କ ଯିବା ଆସିବାରେ ବାଧା ଉପୁଜିଛି। ଏହାସହିତ ଗାଡ଼ି ପାର୍କି କରିବା ଓ ପର୍ବପର୍ବାଣୀରେ ଠାକୁରଙ୍କ ନିତୀକାନ୍ତି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ଶରଣକୁଳ ଗ୍ରାମବାସୀ ବହୁବାର ଦାବି କରିବାପରେ ଠାକୁରଙ୍କ ପଡ଼ିଆରେ ନୂତନ ମାର୍କେଟ କଂପ୍ଲେକ୍ସ ନିର୍ମାଣ କରି ଦୋକାନୀଙ୍କୁ ଘର ଯୋଗାଇବାକୁ ଯୋଜନା କାର୍ଯ୍ୟକାରୀ ହେଲା। ଏଥିପାଇଁ ପ୍ରତି ଦୋକାନୀ ୨ଲକ୍ଷ ଟଙ୍କା ଲେଖାଏଁ ଦେବୋତ୍ତର ବିଭାଗ ପାଖରେ ସିକ୍ୟୁରିଟି ଜମାକଲେ କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହୋଇ ପଡ଼ିରହିଛି। ଗତ ଜାନୁଆରୀ ମାସ ୨୮ତାରିଖ ଦିନ ନୂତନ ମାର୍କେଟ କଂପ୍ଲେକ୍ସର ଶୁଭ ଉଦ୍ଘାଟନରେ ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ତତ୍କାଳୀନ ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟ, ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ ଉପସ୍ଥିତ ରହି ଦୋକାନୀଙ୍କ ସମସ୍ୟା ଦୂରହେବ ବୋଲି କହିଥିଲେ କିନ୍ତୁ ତାହା ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ନହୋଇ ପଡ଼ିରହିଛି। ଦୋକାନୀଙ୍କ ପ୍ରତି ଦେବୋତ୍ତର ବିଭାଗର ବୈମାତୃକ ମନୋଭାବକୁ ଦୋକାନୀମାନେ ନାପସନ୍ଦ କରିବା ସହିତ ତୁରନ୍ତ କାର୍ଯ୍ୟକାରୀ କରିବାକୁ କହିଛନ୍ତି। ନୂତନ ମାର୍କେଟ କଂପ୍ଲେକ୍ସ ନିର୍ମାଣ ଆଶା ମଉଳି ଯାଇଥିବାରୁ ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୋକାନୀଙ୍କ କହିବାକଥା ଦୋକାନ ଘରନେବାକୁ ୭ଦିନ ଭିତରେ ସିକ୍ୟୁରିଟି ବାବଦକୁ ୨ଲକ୍ଷ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେବାପରେ ୬୦ଜଣ ଦୋକାନୀ ବହୁ କଷ୍ଟରେ ଏଠୁସେଠୁ ଆଣି ଟଙ୍କା ଜମାକଲେ। ଟଙ୍କା ଜମାପରେ ଦେବୋତ୍ତର ବିଭାଗ ଧରାଛୁଆଁ ଦେଉନଥିବା କହି ଶରଣକୁଳ ବଣିକ ସଂଘ ଅସନ୍ତୋଷ ଝାଡ଼ିଛନ୍ତି। ସେମାନେ କହିଛନ୍ତି ଯଦି ନୂତନ ମାର୍କେଟ କଂପ୍ଲେକ୍ସ ତିଆରିକରି ଦୋକାନ ଦିଆନଯାଏ ତେବେ ଏକ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିବ। ଏଥିପାଇଁ ଦେବୋତ୍ତର ବିଭାଗ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।ଏହି ଘଟଣାରେ ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ ୬୦ଜଣ ବଦଳରେ ଅଧିକ ଦୋକାନୀଙ୍କୁ ସାମିଲ କରିବାକୁ ଲକ୍ଷ୍ୟଥିବାରୁ ବିଳମ୍ବ ହେଉଛି ବୋଲି କହିଛନ୍ତି।

# ପୁରୀ-ଶାଲିମାର ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍‌ରେ ବୈଷୟିକ ତ୍ରୁଟି

**ପୁରୀ,୨୧।୮/ଏନ୍‌ଏନ୍‌ଏସ୍:** ପୁରୀ ରେଳଷ୍ଟେସନ ରେ ଦେଖାଦେଇଛି ଅଭାବନୀୟ ଘଟଣା। ପୁରୀ-ଶାଲିମାର ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଗୋଟିଏ କୋଚରେ ଗୁରୁତର ବୈଷୟିକ ତ୍ରୁଟି। ୧୮୪୧୦ ନମ୍ବର୍ ବିଶିଷ୍ଟ ଏହି ଟ୍ରେନ୍ ବୁଧବାର ରାତ୍ର ୧୦.୪୦ ରେ ପୁରୀ ରେଳଷ୍ଟେସନ ଛାଡିବାର ଥିଲା। କିନ୍ତୁ ରାତ୍ର ୧.୧୫ ସୁଦ୍ଧା ଟ୍ରେନ ପ୍ଲାଟଫର୍ମ ଛାଡ଼ି ନଥିଲା। ପରେ ଇଞ୍ଜିନ ସହ ଖରାପ ହୋଇଥିବା କୋଚ ମରାମତି ପାଇଁ ନିଆଯାଇଥିଲା। ତେବେ ସଠିକ୍ ସୂଚନା ନ ପାଇ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ମିଳିଥିବା ସୂଚନା ମୁତାବକ, ବି-୪ କୋଚରେ ଦେଖାଦେଇଥିଲା ଏହି ତ୍ରୁଟି। ଏୟାର ବେଲୋ ସିଷ୍ଟମରେ ତ୍ରୁଟି ଦେଖାଦେଇଥିବା ଜଣାପଡିଥିଲା।

# ୪୨ମୌଜା ଥାନା ପକ୍ଷରୁ ଗଣେଶ ପୂଜା ବୈଠକ




**ବୟାଳିଶମୌଜା,୨୧।୮/ଏନ୍‌ଏନ୍‌ଏସ୍:** କଟକ ସଦର ୪୨ ମୌଜା ଝିଙ୍କିରିଆ ସ୍ମାଇଲ ପ୍ୟାଲେସରେ ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କ ଅଧକ୍ଷତାରେ ଆଗାମୀ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥଲା। ଏଥିରେ ଗଣେଶ ପୂଜାରେ ରୋଡ ଅବରୋଧକୁ ବାରଣ କରାଇଥିଲା, ଡ଼ିଜେ ମୁକ୍ତ, ନିଶା ମୁକ୍ତ ଓ ପଲିଥିନ ମୁକ୍ତ ଗଣେଶ ଭସାଣି କରିବାକୁ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଗଣେଶ ପୂଜା ମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସାଂସ୍କୃତିକ କାର୍ଯକ୍ରମକୁ ରାତି ୧୦ଘଟିକା ମଧରେ ଶେଷ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଥାନା ଷ୍ଟାଫ ସୁନିଲ କୁମାର ଦଳାଇ ଓ ବିକାଶ ମଲ୍ଲିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୪୨ମୌଜାର ୬ଟି ଗ୍ରାମ ପଞ୍ଚାୟତର ବିଭିନ୍ନ ପୂଜା କମିଟିର ସଭାପତି, ସମ୍ପାଦକ ଓ କାର୍ଯ୍ୟନିର୍ବାହୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ପରିଷଦ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ



**ଓଡ଼ଗାଁ,୨୧।୮/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦ ପକ୍ଷରୁ ଗୁରବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାପତି ରାମେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପରିଷଦର ସଂପାଦକ ମନୋଜ କୁମାର ନାୟକ ସମସ୍ତ ସଭ୍ୟସଭ୍ୟାମାନଙ୍କୁ ସ୍ୱାଗତ ଜଣାଇବା ସହିତ ପାଳନୋତ୍ସବ ଦିବସର ଆଭିମୁଖ୍ୟ, ମହତ୍ୱ ଓ ଉପାଦେୟତା ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ତଙ୍କର ଗୁରୁଜୀ ତଥା ବରିଷ୍ଠସଭ୍ୟ ଶ୍ୟାମସୁନ୍ଦର ଚୌଧୁରୀ ଆଜିର ଦିନରେ ସମସ୍ତଙ୍କୁ ଆଶୀର୍ବାଦ କରିବା ସହିତ ବରିଷ୍ଠ ନାଗରିକମାନେ ସର୍ବଦା ପ୍ରଫୁଲ୍ଲିତ, ଚିନ୍ତାଶୂନ୍ୟ, ନିଃଜଞ୍ଜାଳ, ସମାଜସେବାକାରୀ, ପରିବେଶ ସୁରକ୍ଷା ସଚେତକ ଓ ସ୍ୱାସ୍ଥ୍ୟପ୍ରତି ଯତ୍ନବାନହେବା ପାଇଁ ବୁଝାଇବା ସହିତ ଶାକାହାରୀ ଓ ଭଗବତ୍ ଚିନ୍ତନ ବା ସତସଙ୍ଗ ଲିପ୍ତହେଲେ ସମସ୍ତେ ସୁସ୍ଥ, ଦୀର୍ଘାୟୁ ଓ ନିରାମୟ ଜୀବନ ଯାପନ କରିପାରିବେବୋଲି ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ପରିଷଦ ସହାୟତାରେ ବୃକ୍ଷ ରୋପଣ, ପଞ୍ଚାୟତର ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା, ମାଗଣା ଚିକିତ୍ସା ଶିବିର, ନିଶାଦ୍ରବ୍ୟ ପରିତ୍ୟାଗ ସଚେତନତା ପ୍ରଭୃତି କାର୍ଯ୍ୟକ୍ରମ କରାଯିବ ବୋଲି ଆଜି ପ୍ରସ୍ତାବନା କରାଯାଇଥିଲା। ତତ୍‌ସହିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କୁ ସରକାରୀ ସହଯୋଗରେ ଭାରତ ଭ୍ରମଣ, ତୀର୍ଥଯାତ୍ରା କରିବାକୁ ସୁବିଧା ଓ ସୁଯୋଗ ଯୋଗାଇ ଦେବାପାଇଁ ଦରଖାସ୍ତ ବା ସମ୍ବାଦପତ୍ର ମାଧ୍ୟମରେ ସରକାରଙ୍କୁ ଅବଗତ କରାଇବା ପାଇଁ ପ୍ରସ୍ତାବ ରଖାଯାଇଥିଲା।ବରିଷ୍ଠସଭ୍ୟ ସୁବାଷ ଚନ୍ଦ୍ର ସାହୁ ନିଜବକ୍ତବ୍ୟ ମାଧ୍ୟମରେ ପରିଷଦର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଉପସଭାପତି ରଜତ କୁମାର ମହାପାତ୍ର, ବରିଷ୍ଠ ସଭ୍ୟ ନିରଞ୍ଜନ ମହାପାତ୍ର, ଲକ୍ଷ୍ମଣ ସେନାପତି, ରାମକୃଷ୍ଣ ଦାସ, ଶିବପ୍ରସାଦ ଖଟେଇ, ଅର୍ଜୁନ ସାମନ୍ତରା ଓ ଜଗନ୍ନାଥ ପ୍ରଧାନଙ୍କ ସମେତ ପରିଷଦର ସମସ୍ତ ସଦସ୍ୟମାନେ ଉପସ୍ଥିତରହି ଆଗାମୀ କାର୍ଯ୍ୟକ୍ରମଗୁଡ଼ିକୁ ଆଗେଇ ନେବାକୁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଟୁର୍ ଅପରେଟର୍ସର ୪୦ତମ ବାର୍ଷିକ ସମ୍ମେଳନ




**ପୁରୀ,୨୧।୮/ଏନ୍‌ଏନ୍‌ଏସ୍:** ପୁରୀରେ ଇଣ୍ଡିଆନ ଆସୋସିଏସନ୍ ଅଫ୍ ଟୁର ଅପରେଟର୍ସର ୪୦ ତମ ବାର୍ଷିକ ସମ୍ମେଳନ ଆସନ୍ତା ୨୨ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମେଳନରେ କେନ୍ଦ୍ର ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଓ ଓଡ଼ିଶା ସରକାରଙ୍କ ଉପ-ମୁଖ୍ୟମନ୍ତ୍ରୀ ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେବେ। ଗ୍ରାମୀଣ ପର୍ଯ୍ୟଟନ ,ଟ୍ରାଇବାଲ ପର୍ଯ୍ୟଟନ ଓ କ୍ରୁଜ ପର୍ଯ୍ୟଟନ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଓଡ଼ିଶାରେ ପର୍ଯ୍ୟଟନ ଭିତ୍ତିଭୂମି ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ରହିଥିଲେ ମଧ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ବିଦେଶୀ ପର୍ଯ୍ୟଟକ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇ ପାରିନାହିଁ।ଉଭୟ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଁ ଏହି ସମ୍ମେଳନରେ ମାନସ ମନ୍ଥନ କରାଯିବ। ପ୍ରାୟ ୮୫ ପ୍ରତିଶତ ବିଦେଶୀ ପର୍ଯ୍ୟଟକ ଇଣ୍ଡିଆନ ଆସୋସିଏସନ୍ ଅଫ୍ ଟୁର ଅପରେଟର୍ସର ଦ୍ୱାରା ଭାରତ ଆସିଥାନ୍ତି। ଓଡ଼ିଶାରେ ପର୍ଯ୍ୟଟନର ଅପୂର୍ବ ସୁଯୋଗ ରହିଥିବାରୁ ଏଠାକୁ ଅଧିକରୁ ଅଧିକ ବିଦେଶୀ ପର୍ଯ୍ୟଟକଙ୍କୁ ଆଣିବା ପାଇଁ ସମ୍ମେଳନର ବିଜନେସ ସେସନ୍ ଓ ନଲେଜ ସେସନ୍ ରେ ଆଲୋଚନା କରାଯାଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ୨୦୦୮ ରେ ଶେଷ ଥର ପାଇଁ ଭୁବନେଶ୍ୱରରେ ଇଣ୍ଡିଆନ ଆସୋସିଏସନ୍ ଅଫ୍ ଟୁର ଅପରେଟର୍ସର ସମ୍ମେଳନ ଅନୁଷ୍ଠିତ ହୋଇଥିଲା। ୨୫ ତାରିଖରେ ଭାରତ ବର୍ଷର ବିଭିନ୍ନ ରାଜ୍ୟରୁ ଆସିଥିବା ୧୦୦୦ ଟୁର ଅପରେଟର୍ସର ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ପରବର୍ତୀ ପର୍ଯ୍ୟଟନ ଭିତ୍ତିଭୂମି ଓ ବ୍ୟବସ୍ଥା ଅନୁଧାନ କରି ପରେ ନିଜ ନିଜ ୱେବସାଇଟ୍ ରେ ଏହାକୁ ସ୍ଥାନ ଦେବେ।ଇଣ୍ଡିଆନ ଆସୋସିଏସନ୍ ଅଫ୍ ଟୁର ଅପରେଟର୍ସର ସଦସ୍ୟ ସଂଖ୍ୟା ୨୦୦୦ ରେ ପହଞ୍ଚିଛି। ପୁରୀରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସମ୍ମେଳନ ଆୟୋଜନ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାର, ଓଡ଼ିଶା ପର୍ଯ୍ୟଟନ ଏବଂ ୧୭ଟି ରାଜ୍ୟ ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାକୁ ଆସୁଥିବା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ମୂଳ ଲକ୍ଷ୍ୟ। ସଂସ୍କୃତି, ଐତିହ୍ୟ, ବନ୍ୟପ୍ରାଣୀ, ତୀର୍ଥ ଏବଂ ଗ୍ରାମୀଣ ଏବଂ ଜନଜାତି ପର୍ଯ୍ୟଟନ ଦୃଷ୍ଟିରୁ ଓଡ଼ିଶାରେ ବହୁତ କିଛି ପ୍ରଦାନ କରିବାକୁ ଅଛି। ସମଗ୍ର ଭାରତରେ ବୃହତ ସଦସ୍ୟତା ଆଧାର ମାଧ୍ୟମରେ ବିଦେଶୀ ବଜାରରେ ଏହାକୁ ପ୍ରୋତ୍ସାହିତ କରିବାକୁ ଆଇଏଟିଓ ଲକ୍ଷ୍ୟ ରଖିଛି। ସମ୍ମିଳନୀରେ ବରିଷ୍ଠ ସରକାରୀ ଅଧିକାରୀ, ପର୍ଯ୍ୟଟନ ଅଂଶୀଦାର ଯଥା ଟୁର୍ ଅପରେଟର, ଟ୍ରାଭେଲ୍ ଏଜେଣ୍ଟ, ହୋଟେଲିୟର୍, ପର୍ଯ୍ୟଟନ ପରିବହନ ଅପରେଟର, ଏୟାରଲାଇନ୍ସ, ବିଶେଷଜ୍ଞ ବକ୍ତା, ଯାତ୍ରା ବାଣିଜ୍ୟ ଗଣମାଧ୍ୟମ ଏବଂ ସେମାନଙ୍କ ପତି, ପତ୍ନୀ ସାମିଲ ହେବେ।

**ନିତି ଭାରତୀ**

ବର୍ଷା ହେବା ସମୟରେ ସବୁ ପକ୍ଷୀ ଆଶ୍ରୟ ନିଅନ୍ତି। କିନ୍ତୁ ବାଦଲ ଉପରେ ଉଡ଼ି ଛାଞ୍ଚଣ ମେଘକୁ ଏଡ଼ାଇ ଯାଏ।

- ଡକ୍ଟର ଏପିଜେ ଅବଦୁଲ୍ କଲାମ୍

ନିତିଦିନ NITIDIN
ଶୁକ୍ରବାର , ୨୨ ଅଗଷ୍ଟ,୨୦୨୫

# ଗାନ୍ଧିଜୀଙ୍କ ପ୍ରିୟ 'ହରିଜନ' ଏବେ କେଉଁଠି ?



ପ୍ରହଲାଦ କୁମାର ସିଂହ

ହରିଜନ ଶବ୍ଦ ବହୁ ପୁରାତନ। ଈଶ୍ୱରଙ୍କ ସନ୍ତାନମାନଙ୍କୁ ହରିଜନ ବୋଲି ବହୁ ସନ୍ଥ ଲେଖି ଯାଇଛନ୍ତି। ଏହି ମର୍ମରେ ପ୍ରାୟ ୩୦୦ ବର୍ଷ ତଳେ ନରସିଂହ ମେହେତା ନାମକ ଜଣେ ଗୁଜରାଟୀ ସନ୍ଥ କବି ତାଙ୍କ ଭଜନରେ ଏହି ଶବ୍ଦ ବ୍ୟବହାର କରିଥିଲେ। ତାଙ୍କର ଅନ୍ୟତମ ଭଜନ 'ବୈଷ୍ଣବ ଜନତୋ' ବେଶ୍ ଜନପ୍ରିୟ ଏବଂ ଦେଶ ବିଦେଶରେ ମଧ୍ୟ ବୋଲା ଯାଇଥାଏ। ଏହା ଥିଲା ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀଙ୍କର ଅତି ପ୍ରିୟ ଭଜନ। ତେବେ ପୁରାଣ କାଳରୁ ହିରଣ୍ୟକଶିପୁ ଭଳି କିଛି ଚରିତ୍ର ହରି ଶବ୍ଦକୁ ବିରୋଧ କରି ଆସୁଛନ୍ତି। ଆମ ସାମାଜିକ ବ୍ୟବସ୍ଥାରେ ପ୍ରଥମରୁ ଜାତି ପ୍ରଥା ନଥିଲା। ପରବର୍ତ୍ତୀ ସମୟରେ ଜାତି ପ୍ରଥା ସୃଷ୍ଟି କରାଯାଇ ଏହି କଳଙ୍କର ବୋଝ ଆମ ସମାଜ ଉପରେ ହଜାର ହଜାର ବର୍ଷ ଧରି ଲଦି ଦିଆଯିବା ସହିତ ତଥାକଥିତ ଉଚ୍ଚ ବର୍ଗର ଲୋକମାନେ ନୀଚ ବର୍ଗଙ୍କୁ ଛୋଟ ଦୃଷ୍ଟିରେ ଦେଖିଲେ। ଏହାର ସଂସ୍କାର ପାଇଁ ବହୁ ମହାପୁରୁଷ କାମ କରି ଯାଇଛନ୍ତି। ଗୋଟିଏ ବର୍ଗର ଲୋକଙ୍କୁ ଅସ୍ପୃଶ୍ୟ କହି ଯେଉଁମାନେ ଘୃଣା, ହିଂସା, ଦ୍ୱେଷ ଆଦିର ବିଷ ମଞ୍ଜି ବୁଣିଗଲେ, ତାହାର କୁଫଳ ଆମ ସମାଜକୁ ଭୋଗିବାକୁ ପଡୁଛି।

ଗାନ୍ଧିଜୀ ଅସ୍ପୃଶ୍ୟତା ନିବାରଣକୁ ତାଙ୍କ ଜୀବନର ଅନ୍ୟତମ ବ୍ରତ ଭାବେ ଗ୍ରହଣ କରିଥିଲେ। ତା ୦୪.୦୫.୧୯୨୧ ରିଖର ୟଙ୍ଗ୍ ଇଣ୍ଡିଆରେ 'ମୋ ଜୀବନର ଆକାଂକ୍ଷା' ଶୀର୍ଷକ ବକ୍ତବ୍ୟରେ ଗାନ୍ଧିଜୀ ଲେଖିଛନ୍ତି, 'ସେଦିନ ମୁଁ ପ୍ରାର୍ଥନା କରିଥିଲି ଓ ଆଜି ମଧ୍ୟ ପ୍ରାର୍ଥନା କଲି ଯେ ଯଦି ମତେ ପୁନର୍ଜନ୍ମ ନେବାକୁ ପଡ଼େ, ତେବେ ଜଣେ ଅସ୍ପୃଶ୍ୟ ଭାବରେ ଜନ୍ମଗ୍ରହଣ କରିବା ମୋର ଉଚିତ। ତା'ହେଲେ ସେମାନଙ୍କୁ ଦୁଃଖ ଦୁର୍ଦ୍ଦଶାରୁ ମୁକ୍ତ କରିବାକୁ ମୁଁ ଚେଷ୍ଟା କରି ପାରିବି।' ପରବର୍ତ୍ତୀ ସମୟରେ ଗାନ୍ଧିଜୀ ଅସ୍ପୃଶ୍ୟ ପରିବର୍ତ୍ତେ 'ହରିଜନ' ଶବ୍ଦ ବ୍ୟବହାର କରିଥିଲେ। ତା ୦୬.୦୮.୧୯୩୧ ରିଖର ୟଙ୍ଗ୍ ଇଣ୍ଡିଆରେ ସେ ଲେଖିଛନ୍ତି ଯେ ଅସ୍ପୃଶ୍ୟ ପରିବର୍ତ୍ତେ ହରିଜନ ଶବ୍ଦ ବ୍ୟବହାର କରିବା ପାଇଁ ଜଣେ ବନ୍ଧୁ ତାଙ୍କୁ ପରାମର୍ଶ ଦେଇଥିଲେ। ମହାନ ସାଧୁ ନରସିଂହ ମେହେତା ଅସ୍ପୃଶ୍ୟମାନଙ୍କୁ ନିଜର ବୋଲି ଦାବି କରି ସମଗ୍ର ବ୍ରାହ୍ମଣ ସଂପ୍ରଦାୟର ଆଦେଶକୁ ଅମାନ୍ୟ କରିଥିଲେ। ଯେଉଁ ଶବ୍ଦ ଏତେ ବଡ଼ ମହାନ ସାଧୁଙ୍କ ଦ୍ୱାରା ବ୍ୟବହୃତ ହେବା ସହ ପବିତ୍ର ହୋଇ ଯାଇଛି, ତାହାକୁ ଗ୍ରହଣ କରିବାରେ ତାଙ୍କର ଆନନ୍ଦ ହେଉଛି ବୋଲି ସେ ଉଲ୍ଲେଖ କରିଥିଲେ। ଏମିତିକି ୧୯୩୩ ମସିହାରେ ସେ ଆରମ୍ଭ କରିବାକୁ ଯାଉଥିବା ଅନ୍ୟ ଏକ ସଂସ୍କାରଧର୍ମୀ ପତ୍ରିକାର ନାମକରଣ ପାଇଁ ପାଠକମାନଙ୍କ ମତାମତ ଲୋଡ଼ିବା ବେଳେ ସେ ପୁଣିଥରେ ପାଇଥିଲେ 'ହରିଜନ' ନାମଟି। ଅସ୍ପୃଶ୍ୟତା ହିନ୍ଦୁ ଧର୍ମର ସବୁଠାରୁ ବଡ଼ କଳଙ୍କ ଏବଂ ଏହି କଳଙ୍କି ନ ଛଡ଼ାଇଲେ ତାହା ହିନ୍ଦୁ ଧର୍ମକୁ ନଷ୍ଟ କରିଦେବ ବୋଲି ଚେତାଇ ଦେଇ ଗାନ୍ଧିଜୀ କହି ଯାଇଛନ୍ତି ଯେ ଉତ୍ପତ୍ତି ସ୍ଥଳରେ ଗଙ୍ଗା ନଦୀ ପବିତ୍ର ଓ ଆବର୍ଜନାମୁକ୍ତ। କିନ୍ତୁ ପ୍ରବାହିତ ହୋଇ ଆସିବା ବାଟରେ ତାହା ଦେହରେ ଅନେକ ଆବର୍ଜନା ମିଶିଥାଏ। ହିନ୍ଦୁ ଧର୍ମରେ ମିଶିଥିବା ଅସ୍ପୃଶ୍ୟତା ଭଳି ଆବର୍ଜନାଗୁଡ଼ିକୁ ବାହାର କରିଦେଇ ତାକୁ ବିଶୁଦ୍ଧ କରିବାକୁ ପଡ଼ିବ। ହାତୀଠାରୁ ପିମ୍ପୁଡ଼ି ପର୍ଯ୍ୟନ୍ତ ବିଭିନ୍ନ ଜୀବଜନ୍ତୁଙ୍କର ଆକାର ଭିନ୍ନଭିନ୍ନ ଭାବେ ସ୍ରଷ୍ଟା ସୃଷ୍ଟି କରିଛନ୍ତି। ଅନ୍ୟ ପକ୍ଷରେ ସବୁ ମଣିଷଙ୍କୁ ଗୋଟିଏ ଛାଞ୍ଚରେ ତିଆରି କରିଥିବା ବେଳେ ସେମାନଙ୍କ ଭିତରେ ବଡ଼, ସାନ, ସବର୍ଣ୍ଣ, ଅସବର୍ଣ୍ଣ ଆଦି ଆସିବେ କେଉଁଠୁ ?

ବାସ୍ତବରେ ହରିଜନ ଶବ୍ଦକୁ ଗାନ୍ଧିଜୀ ଲୋକପ୍ରିୟ କରାଇ ଥିଲେ। ୟଙ୍ଗ୍ ଇଣ୍ଡିଆ, ନବଜୀବନ ଭଳି ଗାନ୍ଧିଜୀ ଆଉ ଏକ ସାପ୍ତାହିକ ପତ୍ରିକା ସହ ଜଡ଼ିତ ଥିଲେ, ଯାହାର ନାମ 'ହରିଜନ'। ଏହି ପତ୍ରିକାଟି ତା ୧୧.୦୨.୧୯୩୩ ରିଖରେ ପ୍ରଥମେ ପ୍ରକାଶ ପାଇଥିଲା। ଏହି ପତ୍ରିକାର ପ୍ରଥମ ସଂଖ୍ୟାରେ ଅସ୍ପୃଶ୍ୟତାର ସଂପୂର୍ଣ୍ଣ ବିଲୋପ ପାଇଁ ଗାନ୍ଧିଜୀ ଓ ବାବାସାହେବ ଭୀମରାଓ ଆମ୍ବେଦକର ଆକର୍ଷଣୀୟ ଆଲେଖ୍ୟ ପ୍ରକାଶ କରିଥିଲେ। ୧୯୩୩ରୁ ୧୯୫୫ ପର୍ଯ୍ୟନ୍ତ ଏହି ପତ୍ରିକା ବେଶ୍ ପ୍ରଭାବଶାଳୀ ଥିଲା। ତେବେ ଭାରତ ଛାଡ଼ ଆନ୍ଦୋଳନ ସମୟରେ ଏହା କିଛି ଦିନ ପାଇଁ ବନ୍ଦ ରହିଥିଲା। ହିନ୍ଦୀ, ଇଂରାଜୀ, ଗୁଜରାଟୀ, ଓଡ଼ିଆ ସମେତ ବିଭିନ୍ନ ଭାଷାରେ ଏହି ପତ୍ରିକା ପ୍ରକାଶ ପାଉଥିଲା। ଅସ୍ପୃଶ୍ୟତା ନିବାରଣ ଅଭିଯାନ ପାଇଁ ଗାନ୍ଧିଜୀ ହରିଜନ ସେବକ ସଂଘ ନାମରେ ଏକ ଅନୁଷ୍ଠାନ ୧୯୩୨ରେ ଆରମ୍ଭ କରିଥିଲେ। ହରିଜନ ସେବକ ସଂଘ 'ହରିଜନ ପତ୍ରିକା' ପ୍ରକାଶ କରୁଥିଲା। ୧୯୭୩ ମସିହାରେ ବୋଡୁରାଣ୍ଟ ଜନ୍ ନାମକ ଜଣେ ଗବେଷକ ୧୯ ଖଣ୍ଡରେ ପ୍ରକାଶ କରିଥିଲେ 'ହରିଜନ: କଲେକ୍ଟେଡ୍ ଇସ୍ୟୁଜ୍ ଅଫ୍ ଗାନ୍ଧୀ'ସ୍ ଜର୍ଣ୍ଣାଲ୍।' ଏହା ନ୍ୟୁୟର୍କର ଗର୍ଲାଣ୍ଡ ପବ୍ଲିଶିଂ ସଂସ୍ଥା ଛପାଇ ଥିଲେ, ଯାହା ସାରା ବିଶ୍ୱରେ ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା।


ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମରେ ଅସ୍ପୃଶ୍ୟତା ନିବାରଣ ଏକ ପ୍ରମୁଖ ପ୍ରସଙ୍ଗ ଥିଲା। ୧୯୩୦ ମାର୍ଚ୍ଚ ୧୨ ତାରିଖରେ ଗୁଜରାଟର ସାବରମତୀ ଆଶ୍ରମରୁ ଗାନ୍ଧିଜୀ ଦାଣ୍ଡି ଅଭିଯାନ ଆରମ୍ଭ କଲାବେଳେ ଘୋଷଣା କରିଥିଲେ ଯେ ସ୍ୱରାଜ ପ୍ରାପ୍ତି ନହେବା ପର୍ଯ୍ୟନ୍ତ ସେ ଆଉ ଏହି ଆଶ୍ରମକୁ ଫେରିବେ ନାହିଁ ବୋଲି। ପରବର୍ତ୍ତୀ ସମୟରେ ସେ ସାବରମତୀ ଆଶ୍ରମକୁ ହରିଜନ ସେବକ ସଂଘ ହାତରେ ଟେକି ଦେଇଥିଲେ। ଏବେ ହରିଜନ ସେବକ ସଂଘର ମୁଖ୍ୟ ଦପ୍ତର ନୂଆଦିଲ୍ଲୀର କିଙ୍ଗସ୍‌ୱେ କ୍ୟାମ୍ପ ଅଞ୍ଚଳରେ ରହିଛି ଏବଂ ଏହାକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଛି। ଏଠାରେ ଥିବା ବାଲ୍ମିକୀ ଭବନରେ ଗାନ୍ଧିଜୀ ପୂର୍ବରୁ ରହୁଥିଲେ। ରାଜଘାଟସ୍ଥିତ ଗାନ୍ଧୀ ସମାଧି ପୀଠରେ ଦାନ ସଂଗ୍ରହ ପାଇଁ ରହିଥିବା ହୁଣ୍ଡି ଉପରେ ହରିଜନ ସେବକ ସଂଘ ବୋଲି ଲେଖା ଯାଇଛି।

ଅସ୍ପୃଶ୍ୟତା ନିବାରଣ ପ୍ରସଙ୍ଗରେ କଂଗ୍ରେସରେ ସହମତି ନ ରହିବାରୁ ଗାନ୍ଧିଜୀ ୧୯୩୪ ମସିହାରେ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ଦେଶସାରା ବୁଲି ଏହି କାମରେ ମାତିଥିଲେ। ସେତେବେଳେ ହରିଜନ ସେବକ ସଂଘର କର୍ମକର୍ତ୍ତା ଥିବା ମା' ରମାଦେବୀ କଟକ ସହରରେ ଓ ଅନ୍ୟ ଅଞ୍ଚଳରେ ଯେଭଳି ଉତ୍ସର୍ଗୀକୃତ ଭାବେ କାମ କରୁଥିଲେ, ଗାନ୍ଧିଜୀ ତାହାର ଭୂୟସୀ ପ୍ରଶଂସା କରି ରମାଦେବୀଙ୍କ କାମକୁ ସାରା ଦେଶ ଅନୁସରଣ କରୁ ବୋଲି ମଧ୍ୟ ଲେଖିଥିଲେ। ଏହି କ୍ରମରେ ଓଡ଼ିଶାରେ ତାଙ୍କର ହରିଜନ ଯାତ୍ରା ଆରମ୍ଭ ହୋଇଥିଲା। ଝାରସୁଗୁଡ଼ା, ସମ୍ବଲପୁର, ବାମୁର, ଅନୁଗୁଳ, ହିନ୍ଦୋଳ, ମେରାମୁଣ୍ଡଳୀ ଦେଇ ଗାନ୍ଧିଜୀ ସଡ଼କ ଓ ରେଳପଥରେ ଆସିଥିଲେ ପୁରୀ। ଏଠାରେ ତା ୦୮.୦୫.୧୯୩୪ ରିଖରେ ଶ୍ରୀମନ୍ଦିରର ସିଂହଦ୍ୱାର ନିକଟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ପର ଦିନଠାରୁ ବିନା ପ୍ରାକ୍ ପ୍ରସ୍ତୁତିରେ ଆରମ୍ଭ କଲେ ହରିଜନ ପଦଯାତ୍ରା। ପ୍ରଥମ ପର୍ଯ୍ୟାୟରେ ଏହି ପଦଯାତ୍ରା ପୁରୀରୁ କଟକ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ବୈରୀରୁ ଚମ୍ପାପୁର, ସତ୍ୟଭାମାପୁର, କେନ୍ଦ୍ରାପଡ଼ା, ବରୀ, ଯାଜପୁର, ଭଣ୍ଡାରୀପୋଖରୀ ଦେଇ ଭଦ୍ରକରେ ସମାପିତ ହୋଇଥିଲା ଜୁନ୍ ୮ ତାରିଖରେ। ମେ'-ଜୁନ୍ ମାସର ପ୍ରଚଣ୍ଡ ଖରା ଓ ମଝିରେ ମଝିରେ ତୁହାକୁ ତୁହା ବର୍ଷାରେ ଗାନ୍ଧିଜୀ ଓଡ଼ିଶାରେ କରିଥିଲେ ଐତିହାସିକ ହରିଜନ ପଦଯାତ୍ରା। ଓଡ଼ିଶାରେ ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରାରେ ସାମିଲ ଥିବା ବିନୋଦ କାନୁନ୍‌ଗୋଙ୍କ ରଚିତ 'ଗାନ୍ଧିଜୀଙ୍କ ଉତ୍କଳରେ ପଦଯାତ୍ରା' ପୁସ୍ତକରେ ବହୁ ତଥ୍ୟ ରହିଛି।

ଗାନ୍ଧିଜୀ କହୁଥିଲେ ଯେ ଯେଉଁମାନେ ମଇଳା ସଫା କରି ଆମ ସମାଜକୁ ସଫା ରଖୁଛନ୍ତି, ସେମାନଙ୍କୁ ଅସ୍ପୃଶ୍ୟ କହିବା ମହାପାପ। ଯଦି ମଇଳା ସଫା କରିବା ପାପ ହୁଏ, ତେବେ ମା'ମାନେ ଛୋଟ ପିଲାଙ୍କ ମଇଳା ସଫା କରିବା ସାଂଘାତିକ ପାପ ହୁଅନ୍ତା। ଯେଉଁମାନେ ମଇଳା ସଫା କରି ଆମକୁ ରୋଗ ବ୍ୟାଧିରୁ ଦୂରେଇ ରଖୁଛନ୍ତି, ସେମାନଙ୍କୁ ସମ୍ମାନ କରିବା ଆବଶ୍ୟକ। ହଜାର ହଜାର ବର୍ଷର ଅସ୍ପୃଶ୍ୟତା କଳଙ୍କକୁ ଧୋଇଦେବା ପାଇଁ ଯଦି ଜୀବନ ବିସର୍ଜନ କରିବାକୁ ପଡ଼େ, ତେବେ ସେଥିପାଇଁ ସେ ପ୍ରସ୍ତୁତ ବୋଲି ଗାନ୍ଧିଜୀ ଓଡ଼ିଶା ମାଟିରେ କହିଥିଲେ। ତାଙ୍କ ପଦଯାତ୍ରା ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସାମିଲ ହେଉଥିଲେ ଏବଂ ଗାଁ ଗାଁରେ ପଙ୍କ୍ତି ଭୋଜନରେ ଏକାଠି ଖାଉଥିଲେ। ଏମିତିକି ଏହି ହରିଜନ ଯାତ୍ରା ବେଳେ ହିନ୍ଦୋଳ ଓ ବାଲିଅନ୍ତା ଭଳି କେତେକ ସ୍ଥାନରେ ଲୋକେ ସର୍ବସମ୍ମତକ୍ରମେ ମନ୍ଦିରର ଦ୍ୱାର ସମସ୍ତଙ୍କ ପାଇଁ ଖୋଲି ଦେଇଥିଲେ। ଏଠାରେ ଉଲ୍ଲେଖନୀୟ ଯେ ବିଭାଜନର ବିଷ ବୁଣିବା ପାଇଁ ବ୍ରିଟିଶ ସରକାର ଘୋଷଣା କରିଥିବା 'କମ୍ୟୁନାଲ୍ ଆୱାର୍ଡ'କୁ ବିରୋଧ କରି ଗାନ୍ଧିଜୀ ୧୯୩୨ରେ ୟେରୱାଡ଼ା ଜେଲ୍‌ରେ ଆମରଣ ଅନଶନ କରିଥିଲେ। ପୁନା ଚୁକ୍ତିନାମା ପରେ ତାଙ୍କ ଅନଶନ ପ୍ରତ୍ୟାହୃତ ହୋଇଥିଲା।

୧୯୩୦ରୁ ସାବରମତୀ ଆଶ୍ରମ ଛାଡ଼ିବା ପରେ ଗାନ୍ଧିଜୀଙ୍କର କିଛି ସ୍ଥାୟୀ ଠିକଣା ନଥିଲା। ବେଳେବେଳେ ସେ ୱାର୍ଦ୍ଧାରେ ଅବସ୍ଥାନ କରୁଥିଲେ। ୧୯୩୬ ଏପ୍ରିଲ ୩୦ରେ ସେବାଗ୍ରାମ ଆଶ୍ରମ ପ୍ରତିଷ୍ଠା ହେଲା। ତା' ପର ଦିନ ଅର୍ଥାତ୍ ମେ' ପହିଲାରେ ସେବାଗ୍ରାମ ଆଶ୍ରମରେ ଗାନ୍ଧିଜୀଙ୍କର ପ୍ରଥମ ଅତିଥି ଥିଲେ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକର। ଗାନ୍ଧିଜୀଙ୍କ ସହ ଆମ୍ବେଦକରଙ୍କର କିଛି ପ୍ରସଙ୍ଗରେ ମତ ପାର୍ଥକ୍ୟ ଥିଲା। ତେବେ ବୟସରେ ସାନ ହେଲେ ବି ଆମ୍ବେଦକରଙ୍କୁ ଗାନ୍ଧିଜୀ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ। ଯେଉଁ ସାମାଜିକ ବ୍ୟବସ୍ଥାର ଶିକାର ହୋଇ ଆମ୍ବେଦକର ସ୍ରୋତର ପ୍ରତିକୂଳ ଦିଗରେ ସାହସର ସହ ସନ୍ତରଣ କରି ପୂର୍ଣ୍ଣ ଅସ୍ପୃଶ୍ୟତା ନିବାରଣ ପାଇଁ କାମ କରୁଥିଲେ, ତାହାକୁ ସେ ସମର୍ଥନ ଦେଉଥିଲେ। ଗାନ୍ଧିଜୀଙ୍କ ଜୀବନୀକାର ଲୁଇ ଫିସରଙ୍କୁ ଆମ୍ବେଦକରଜୀ କହିଥିଲେ, 'ମୁଁ ସ୍ୱୀକାର କରୁଛି, ମୁଁ ତାଙ୍କୁ (ଗାନ୍ଧିଜୀଙ୍କୁ) ସାକ୍ଷାତ କରିବା ପରେ ଆଶ୍ଚର୍ଯ୍ୟ ହେଲି, ଖୁବ୍ ଆଶ୍ଚର୍ଯ୍ୟ ହେଲି। ଆମ ଦୁହିଁଙ୍କ ଚିନ୍ତାଧାରା ଏତେ ମେଳ ଖାଇ ଯାଉଛି ଆବିଷ୍କାର କରି ଆଶ୍ଚର୍ଯ୍ୟ ହେଲି। ମୁଁ ଆଶ୍ଚର୍ଯ୍ୟ ହେଲି, ଯେଉଁ ମଣିଷଟି ଗୋଲ ଟେବୁଲ ବୈଠକରେ ମୋଠାରୁ ସଂପୂର୍ଣ୍ଣ ଭିନ୍ନ ମତ ପୋଷଣ କରୁଥିଲେ, ଏଠି ତାଙ୍କ ସମର୍ଥକମାନଙ୍କ ପରିବର୍ତ୍ତେ ମତେ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ।'

ସାବରମତୀ ପୂର୍ବରୁ କୋଚରବ୍‌ରେ ଗାନ୍ଧିଜୀ ସତ୍ୟାଗ୍ରହ ଆଶ୍ରମ ଚଳାଉ ଥିବା ବେଳେ ସେଠାରେ ଅନ୍ୟମାନଙ୍କ ସହ ଦୁଦାଭାଇ ବୋଲି ଜଣେ ଅସ୍ପୃଶ୍ୟ ବ୍ୟକ୍ତି ସପରିବାର ତାଙ୍କ ସହ ରହୁଥିଲେ। ଯେଉଁ ମନ୍ଦିରକୁ ହରିଜନମାନଙ୍କ ପ୍ରବେଶ ନିଷିଦ୍ଧ ସେଠାକୁ ସେ ଯିବେ ନାହିଁ କିମ୍ବା ଜୋର ଜବରଦସ୍ତ କୌଣସି ମନ୍ଦିରକୁ ତାଙ୍କ ସହ ହରିଜନ ପ୍ରବେଶ କରାଇବେ ନାହିଁ ବୋଲି ଘୋଷଣା କରିଥିଲେ। ଅବଶ୍ୟ ଗାନ୍ଧିଜୀଙ୍କର ଏହି ଅସ୍ପୃଶ୍ୟତା ନିବାରଣ ଅଭିଯାନକୁ କିଛି ଉଚ୍ଚ ବର୍ଗର ସନାତନୀ ବିରୋଧ କରୁଥିଲେ। ଈଶ୍ୱରଙ୍କ ପରିତ୍ୟକ୍ତ ଅଞ୍ଚଳରେ କେବଳ ହରିଙ୍କୁ ଜନମାନସରୁ ଦୂରେଇ ଦିଆଯାଇପାରେ ବୋଲି ଗାନ୍ଧିଜୀଙ୍କ ଉକ୍ତି ବେଶ୍ ପ୍ରାସଙ୍ଗିକ। ଦାସିଆ ବାଉରୀ, ଶ୍ରୀୟା ଚଣ୍ଡାଳୁଣୀ, ଭୀମ ଭୋଇ, ସାଲବେଗ ଆଦି ଈଶ୍ୱରଙ୍କ ପ୍ରିୟତମ ବ୍ୟକ୍ତି ବୋଲି ବାରମ୍ବାର ପ୍ରମାଣିତ ହୋଇଥିବା ବେଳେ ହରିଜନମାନଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖିବା ଅତ୍ୟନ୍ତ ଅପ୍ରାସଙ୍ଗିକ। ମଣିଷକୁ ମଣିଷ ଜାତି ନାମରେ ଘୃଣା କରିବା ଏକ ସାଂଘାତିକ ପାପ। ଏ ପ୍ରସଙ୍ଗରେ କାଳଜୟୀ ଓଡ଼ିଆ କବିମାନେ ଲେଖି ଯାଇଛନ୍ତି- 'ଜନମ ଆମର ମଣିଷ କୁଳରେ ନାହିଁ ଇଜ୍ଜତ ମାନ / ଆମ ଝିଅ-ବୋହୂ ସଭିଙ୍କ ଶାଳୀ ହେ ଆମେ ଶ... ସଇତାନ... ମଣିଷକୁ ଥରେ ପଢ଼ପଢ଼ / ମଣିଷଠାରୁ କେହି ନାହିଁ ବଡ଼... ଶୁଣରେ ମଣିଷ ଭାଇ / ଡରି ମରିବାକୁ ଝୁରି ମରିବାକୁ ମଣିଷ ଜନମି ନାହିଁ...।'




ଆମ ପବିତ୍ର ସମ୍ବିଧାନ ସମାନତାର ଅଧିକାର ଦେବା ସହିତ ଅସ୍ପୃଶ୍ୟତା ଉଚ୍ଛେଦ ହୋଇଛି ବୋଲି ଘୋଷଣା କରିଥିବା ବେଳେ ବାସ୍ତବରେ କିନ୍ତୁ ଏହି ବ୍ୟାଧି ସଂପୂର୍ଣ୍ଣ ଭାବେ ନିବାରିତ ହୋଇନାହିଁ। ସେଥିପାଇଁ ତ 'ହରିଜନ' ଶବ୍ଦକୁ ଅନେକ ଡରୁଛନ୍ତି। ଏହି ଶବ୍ଦ ବ୍ୟବହୃତ ହେଉ ବା ନହେଉ, ଅସ୍ପୃଶ୍ୟତା କିନ୍ତୁ ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ନିବାରିତ ହେବା ଏକାନ୍ତ ଆବଶ୍ୟକ।■

ମୋ: ୯୪୩୭୦୧୭୩୯୫
prahalladsinha@gmail.com

# 'ମର୍‌ସିଡିଜ୍' ଭାରତ ବନାମ 'ଡମ୍ପ୍ ଟ୍ରକ୍' ପାକିସ୍ତାନ



ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ପାକିସ୍ତାନର ଫିଲ୍‌ଡ ମାର୍ଶାଲ ଅସୀମ ମୁନିର ଆପଣାର ଜିଭଟିକୁ ଆୟତ୍ତରେ କିପରି ବା ରଖି ପାରିଥାନ୍ତେ, ଯେତେବେଳେ ତାଙ୍କ ଚେତନ ଓ ଅବଚେତନ ସ୍ତର ଦୁଇଟିଯାକ ନେଳି ପଡିଯାଇଛି ତୀବ୍ର ଭାରତ-ବିଦ୍ୱେଷୀ ବିଷଜ୍ୱାଳାରେ ? ଫ୍ଲୋରିଡାର ପାକିସ୍ତାନୀ-ଆମେରିକୀୟମାନଙ୍କ ଗୋଟିଏ ମଜଲିସ୍‌ରେ ଉଦ୍‌ବୋଧନ ଦେଉଥିବା ବେଳେ ଆପଣାର ବାକ୍ୟ-ବିନ୍ୟାସରେ ଟିକିଏ ରୂପକାତ୍ମକ କାବ୍ୟିକତାର ଛୁଙ୍କ ଦେବାକୁ ଯାଇ ତେଣୁ କହି ପକାଇଲେ - 'ଭାରତ ଏକ ମର୍‌ସିଡିଜ୍ କାର୍ ଓ ପାକିସ୍ତାନ ଏକ ଡମ୍ପ୍ ଟ୍ରକ୍।' ଅର୍ଥାତ୍, ମର୍‌ସିଡିଜ୍ ପରି ଚକାଚକ୍ ସାମ୍ରାଜ୍ୟର ଭାରତ କାହୁଁ ବା ସମ୍ଭାଳି ପାରିବ ଅଳିଆ ବୋହୁଥିବା 'ଡମ୍ପ୍ ଟ୍ରକ୍' ପାକିସ୍ତାନର ପ୍ରଚଣ୍ଡ ମାଡ଼ ? ଅସୂୟା-ବିଷବୋଳା ଆବେଗରେ ଦୃଷ୍ଟିଶକ୍ତିହୀନ ବିଚରା ମାର୍ଶାଲ ମହୋଦୟ ଜଣକ କି ଆତ୍ମଘାତୀ-ଗୋଲ୍ (ସେଲ୍‌ଫ-ଗୋଲ୍)ଟିଏ ମାରିଦେଲେ, ତାହା ତାଙ୍କର ସେ ମୋଟା ମଗଜରେ ସିନା ପଶି ନଥିବ, ହେଲେ ବୁଝିବା ଲୋକ ବୁଝିଗଲେ ଯେ ତାଙ୍କ ଅଜାଣତରେ ସେ ଭାରତର ଖାଲି ମହିମା ମଣ୍ଡନ କଲେନି, ନିଜ ମାତୃଭୂମି ପାକିସ୍ତାନକୁ ବିଶ୍ୱ ସମ୍ମୁଖରେ ପୂରାପୂରି ହୀନିମାନ କରି ରଖିଦେଲେ। କେଡ଼େ ବଡ଼ ଅପ୍ରିୟ ସତ କଥାଟି ବାହାରି ପଡ଼ିଲା ତାଙ୍କ ତୁଣ୍ଡରୁ, କେଡ଼େ ଅପଦସ୍ତ ସେ ନହେଲେ ତାଙ୍କ ଅବଚେତନ ମନରୁ ଛିଟିକି ଆସିଥିବା ବାକ୍ୟଟି ଯୋଗୁଁ, ଦେଖନ୍ତୁ ତ! ଯଦି ମନୋବୈଜ୍ଞାନିକ ସିଗ୍‌ମଣ୍ଡ୍ ଫ୍ରଏଡ୍ ଏବେ ଥାଆନ୍ତେ, କେତେ ଖୁସି ହୋଇ ନଥାନ୍ତେ ସେ ମୁନିରଙ୍କ ଏ 'ଫ୍ରଏଡିଆନ୍ ସ୍ଲିପ୍'ରେ-ଅମାନିଆ ଜିଭଟିର ଅକସ୍ମାତ ସତ୍ୟ ଉଚ୍ଚାରଣରେ। ପାକିସ୍ତାନର ମୁନିର ଭକ୍ତମାନେ ଏବେ ନିଶ୍ଚୟ ଥାନ ଅଥାନରେ ମୁଣ୍ଡ ଗୁଞ୍ଜି ଦେଇଥିବେ ଏ ଲଜ୍ଜାକର, ଏ ଅପମାନଜନକ 'ମୁନିର ସେଲ୍‌ଫ-ଗୋଲ୍'ର ମାଡ଼ରେ। ସାମାଜିକ ଗଣମାଧ୍ୟମର ସଦା ତିଆର୍ ଟ୍ରୋଲ୍ ବାହିନୀଙ୍କ ପାଇଁ ଏବେ ଏ ଘୃଣାର ସୌଦାଗର ଫିଲ୍‌ଡ୍ ମାର୍ଶାଲ୍ ନାହିଁ ନଥିବା ବ୍ୟଙ୍ଗ ବିଦ୍ରୂପର ଶରବ୍ୟ ହେବେନି ବା କାହିଁକି ? ତେବେ, ବର୍ତ୍ତମାନର ଏ ନାନା ଘନଘଟାପୂର୍ଣ୍ଣ ଓ ବିମର୍ଷକର ସମୟରେ ମୁନିର କିଛିଟା ନିର୍ମଳ ହାସ୍ୟ ବିନୋଦନର ଅବସର ଆମକୁ ଦେଇଥିବାରୁ ତାଙ୍କର ଏ ଚରମ ନିର୍ବୋଧପଣିଆ ବି କ୍ଷମାଯୋଗ୍ୟ-ସହୃଦୟତା ସହ ଏମିତି ଭାବିନେବାଟା ଆଦୌ ଦୋଷାବହ ନୁହେଁ ନିଶ୍ଚୟ।

ମୁନିର ମହୋଦୟଙ୍କ ଏ 'ଫ୍ରଏଡିଆନ୍ ସ୍ଲିପ୍' (ଅବଲୋକରା ଜିହ୍ୱା ସ୍ଖଳନ) ପାଇଁ ସେ ଇତିହାସ ପ୍ରସିଦ୍ଧ ଏମିତି କେତେ ଜଣ ଖାତ ବା ଅଳ୍ପ ଖ୍ୟାତ ବ୍ୟକ୍ତିମାନଙ୍କ ଗହଣରେ ଏବେ। କେତେ କେତେ ସଭା, ସମିତି, ସମାରୋହ କିମ୍ବା ବ୍ୟକ୍ତିଗତ କଥୋପକଥନର ଅବସରରେ ଆମେ ଶୁଣିଛେ ଏମିତି କେତେ ଜିହ୍ୱାଗ୍ର-ପତିତ ଆମୋଦଦାୟକ, ହାସ୍ୟୋଦ୍ଦୀପକ ବାକ୍ୟ ବା ଖଣ୍ଡବାକ୍ୟମାନ। ଆମେରିକୀୟ ଅଭିନେତ୍ରୀ 'ମେରିଲ୍ ଷ୍ଟ୍ରିପ୍' ଥରେ ତାଙ୍କ ପ୍ରଶଂସକମାନଙ୍କୁ ଧନ୍ୟବାଦ ଦେବାକୁ ଯାଇ କହିଦେଲେ, 'ଆଇ ଉଡ୍ ଲାଇକ୍ ଟୁ ସ୍ୱାଙ୍କ୍- ନୋ, ନୋ, ଟୁ ଥ୍ୟାଙ୍କ୍ ୟୁ ଅଲ୍।' ଇଂରାଜୀ 'ଥ୍ୟାଙ୍କ୍' ଶବ୍ଦଟି ସହିତ 'ସ୍ୱାଙ୍କ୍' ଶବ୍ଦଟିର ଉଚ୍ଚାରଣଗତ ସାମ୍ୟଟି ଯୋଗୁଁ ଏମିତି ଏକ ଅପ୍ରତିଭ ମୁହୂର୍ତ୍ତର ସାମ୍ନା କରିବାକୁ ହେଇଥିଲା ତାଙ୍କୁ। ଅପ୍ରତିଭ କେମିତି ବା ନ ହେବେ ସେ, କାରଣ 'ଥ୍ୟାଙ୍କ୍'ର ଅର୍ଥଟି ଧନ୍ୟବାଦ ହେଲେ, 'ସ୍ୱାଙ୍କ୍'ର ଅର୍ଥ ହେଉଛି ପିଟିବା ବା ମାଡ଼ ଦେବା-ପୂରାପୂରି ଓଲଟା। ମେରିଲ୍ ଷ୍ଟ୍ରିପ୍‌ଙ୍କ ଏ ଉଚ୍ଚାରଣଗତ ତ୍ରୁଟି ଏକ ପ୍ରକାର 'ମାଲାପ୍ରପିଜମ୍'। ଉଲ୍ଲେଖଯୋଗ୍ୟ ଯେ ଇଂରାଜୀ ନାଟ୍ୟକାର 'ସେରିଡାନ୍'ଙ୍କ ନାଟକ 'ଦି ରାଇଭାଲସ୍'ର ଚରିତ୍ର ଶ୍ରୀମତୀ ମାଲାପ୍ରପ୍‌ଙ୍କ ସଂଳାପମାନଙ୍କରେ ମିଳିଥାଏ ଏମିତି ଅନେକ ଉଚ୍ଚାରଣଗତ ତ୍ରୁଟି। ଏଇ ଯେମିତି- 'ହି ଇଜ୍ ଦି ଭେରି ପାଇନ୍‌ଆପ୍ଲ ଅଫ୍ ପୋଲାଇଟ୍‌ନେସ୍'। ମାଲାପ୍ରପ୍ 'ପାଇନ୍‌ଆପ୍ଲ' (ସପୁରୀ) କହିଦେଲେ 'ପିନାକିଲ୍' (ଶୀର୍ଷ ବା ଶିଖର) କହିବା ପରିବର୍ତ୍ତେ। ତେବେ ସବୁଠୁ ପ୍ରସିଦ୍ଧ ମାଲ୍‌ପ୍ରପିଜମ୍‌ଟି ହେଉଛି- 'ସି ଇଜ୍ ଆଜ୍ ହେଡ୍‌ଷ୍ଟ୍ରଙ୍ଗ୍ ଆଜ୍ ଏନ୍ ଏଲିଗୋରୀ ଅନ୍ ଦି ବ୍ୟାଙ୍କସ୍ ଅଫ୍ ନାଇଲ୍'- ଏଲିଗୋରୀ (ରୂପକାତ୍ମକ କଥା) ସହିତ ଏଲିଗେଟ୍‌ର (କୁମ୍ଭୀର)ର ଉଚ୍ଚାରଣଗତ ସାମାନ୍ୟ ସମାନତା ଯୋଗୁଁ। ମହାନ୍ ନାଟ୍ୟକାର ସେକ୍ସପିୟର ବି ତାଙ୍କ ନାଟକ 'ମଚ୍ ଏଡୋ ଏବାଉଟ୍ ନଥିଂ'ରେ ଆମକୁ ଦେଇଥିଲେ ଶ୍ରୀମତୀ ମାଲାପ୍ରପ୍‌ଙ୍କ ପରି ଚରିତ୍ରଟିଏ। ନାମ ଥିଲା ତାଙ୍କର 'ଡଗ୍‌ବେରି'। ବେଳ ଅବେଳରେ କାହା କାହା ତୁଣ୍ଡରୁ ଅଜାଣତରେ ବାହାରି ଯାଉଥିବା ଏମିତି ହାସ୍ୟୋଦ୍ଦୀପକ ବାକ୍ୟସବୁକୁ କେତେକ ବି କହିଥାନ୍ତି 'ଡଗ୍‌ବେରିଜମ୍'।




ଆଉ କେତୋଟିର ଉଦାହରଣ ଦେବା- ଖାସ୍ ମୁନିରଙ୍କୁ କିଛିଟା ଆଶ୍ୱସ୍ତି ଦେବା ପାଇଁ ଅବଶ୍ୟ। ୧୯୮୮ ମସିହାରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ବୁଶ୍ ତାଙ୍କର ପୂର୍ବସୂରୀ ରେଗାନଙ୍କୁ ପ୍ରଶଂସା କରିବାର ମହତ୍ ଉଦ୍ଦେଶ୍ୟ ରଖି କିଛି ପ୍ରଶସ୍ତିମୂଳକ ବାକ୍ୟ ଢାଳି ଦେଇ ଚାଲିଥିବା ବେଳେ ଶେଷ ଆଡ଼କୁ କହିଦେଲେ- 'ଉଇ ହାର୍ଡ୍ ସମ୍ ସେଟ୍‌ବ୍ୟାକ୍‌ସ' (ପ୍ରତିବନ୍ଧକମାନ)। ତେବେ ଗୁରୁତର ତ୍ରୁଟିଟିଏ କରିଦେଲେ ସେ, କାରଣ 'ସେଟ୍' ନ କହି କହିଦେଲେ ତିନୋଟି ଇଂରାଜୀ ଅକ୍ଷରର ବିପଦଜ୍ଜନକ ଶବ୍ଦଟିଏ, ଯାହା ସେହି 'ସେ' ଉଚ୍ଚାରଣରୁ ଆରମ୍ଭ ହୋଇଥାଏ। ଜର୍ଜ ବୁଶ୍‌ଙ୍କ ପାଇଁ ଏଇଟି ଥିଲା ଅତି ଅପମାନଜନକ ମୁହୂର୍ତ୍ତ। ସେମିତି ଅପମାନଜନକ ମୁହୂର୍ତ୍ତଟିଏ ଭୋଗିଥିଲେ 'ଟେଡ୍ କେନେଡି' ୧୯୧୧ମସିହାରେ। ଆମେରିକାର ଦୂରଦର୍ଶନରେ 'ଦି ବେଷ୍ଟ ଏଣ୍ଡ ଦି ବ୍ରାଇଟେଷ୍ଟ'ମାନଙ୍କ ସଂପର୍କରେ ଛୋଟ ପରାମର୍ଶମୂଳକ ବାର୍ତ୍ତାଟିଏ ଦେଉଥିବା ବେଳେ 'ବେଷ୍ଟ' ଶବ୍ଦଟି ନ କହି କହିଦେଲେ ଅନ୍ୟ ଶବ୍ଦଟି- 'ବେ' ଅକ୍ଷରରେ 'ର' ଫଳାଟିଏ ଯୁକ୍ତ କରି। କିଏ ଜାଣେ ଚର୍ଚ୍ଚିତ ଏଇ କେତେଜଣ 'ଫ୍ରଏଡିଆନ୍ ସ୍ଲିପ୍' ଆକ୍ଷରିକ ଭାବରେ ଯେଉଁ ସନ୍ଦର୍ଭରେ ବ୍ୟବହାର କରାଯାଏ, ସେମିତି କରିଛନ୍ତି କି ନାହିଁ ? ତେବେ ଗୋଟିଏ କଥା ଏଥିରୁ ନିଶ୍ଚୟ ସ୍ପଷ୍ଟ ଯେ ଯିଏ ଯେଉଁଠି ଯାହା କହୁଥିବେ, ସେତେବେଳେ ପୂରାପୂରି ସଜାଗ ରହିବା ସେମାନଙ୍କର ସବୁଠାରୁ ବଡ଼ ଗୁରୁ ଦାୟିତ୍ୱ, କାରଣ ଏ ଜିଭ ଖଣ୍ଡିକ ଅନେକ ଧାର ଥିବା ଛୁରୀକା କିମ୍ବା କରତଟିଏ। କିନ୍ତୁ କିଏ ବା ନ ଜାଣେ ଏ ଫିଲ୍‌ଡ ମାର୍ଶାଲ୍ ମୁନିର ଜଣକ ତାଳମେଳ କେବେହେଲେ ଠିକ୍ ରଖିପାରୁ ନଥିବା ଅସଂଯତ ମଣିଷ ଜଣେ ବୋଲି ? କିଏ ବା ନଜାଣେ ତାଙ୍କ ଅବିମୃଶ୍ୟକାରୀ ଚରିତ୍ର ସଂପର୍କରେ ? ମସ୍ତବଡ଼ ଅହଂସ୍ଫୀତ, ଅଥଚ ନିରୋଳା ନିର୍ବୋଧ ନ ହୋଇଥିଲେ ସେ କ'ଣ ଆମେରିକାର ମାଟିରେ ବାହାସ୍ଫୋଟ ମାରି କହିଥାନ୍ତେ- 'ପାକିସ୍ତାନ ଉପରେ ବିପଦ ଘନେଇ ଆସିଲେ ସେ ଅଧା ପୃଥିବୀକୁ ଭସ୍ମୀଭୂତ କରିଦେବେ ପରମାଣୁ ବୋମା ମାଡ଼ରେ ?'■

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
କୋଠିଆଁ ବାରଙ୍ଗ
ମୋ: ୯୮୫୩୩୫୫୧୦୭

## ଦକ୍ଷିଣ ବନାମ ଦକ୍ଷିଣ

ଜୁଲାଇ ୨୧,୨୦୨୫ରେ ହଠାତ୍ ଏବଂ ଏକ ଆଶ୍ଚର୍ଯ୍ୟଚକିତ କରିଦେବା ଭଳି ଢଙ୍ଗରେ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ପ୍ରଦାନ କଲେ। ତା' ପରଠାରୁ ଏହି ପଦ ଖାଲି ପଡ଼ିଥିବା ବେଳେ ଏଥିପାଇଁ ନିର୍ବାଚନର ତାରିଖ ବିଧିବଦ୍ଧ ଭାବରେ ଘୋଷଣା ହେବା ସହିତ ଇତି ମଧ୍ୟରେ ଶାସନ କ୍ଷମତାରେ ଥିବା ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ବିରୋଧୀ ଭୂମିକାରେ ଥିବା କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ସେମାନଙ୍କ ନିଜ ନିଜର ପ୍ରାର୍ଥୀ ଚୟନ କରି ସାରିଛନ୍ତି। ଏବେ ଏହି ପଦ ପାଇଁ ନିର୍ବାଚନ ଲଢ଼େଇ ନିମନ୍ତେ ମଞ୍ଚ ପ୍ରସ୍ତୁତ। ସଂସଦରେ ଉଭୟ ପକ୍ଷଙ୍କ ସଦସ୍ୟ ସଂଖ୍ୟା ଦୃଷ୍ଟିରୁ କେଉଁ ପ୍ରାର୍ଥୀଙ୍କ ସପକ୍ଷରେ କେତେ ଭୋଟ୍ ଯିବ, ତାହା ଆପାତତଃ ସ୍ପଷ୍ଟ ଏବଂ ଏହି ନିର୍ବାଚନର ପରିଣତି କ'ଣ ହେବ, ସେ ସମ୍ପର୍କରେ ଆଶ୍ଚର୍ଯ୍ୟ ହେବା ଭଳି କ୍ୱଚିତ୍ କିଛି ରହିଛି। ତେବେ ଉଭୟ ପକ୍ଷ ଏହି ନିର୍ବାଚନକୁ ଏକ ଆଦର୍ଶର ଲଢ଼େଇ ଭାବରେ ଦେଖୁଛନ୍ତି। ସିପି ରାଧାକ୍ରିଷ୍ଣନ୍‌ଙ୍କୁ ଏନ୍‌ଡିଏ ଉପରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ଭାବରେ ବାଛିବା ବସ୍ତୁତଃ ଥିଲା ଏକ ସହମତିଭିତ୍ତିକ ବ୍ୟାପାର। ବାସ୍ତବ କ୍ଷେତ୍ରରେ ଏହି ପସନ୍ଦ କେବଳ ଭାରତୀୟ ଜନତା ପାର୍ଟିର ରାଜନୀତିକ ମହତ୍ତ୍ୱାକାଂକ୍ଷାକୁ ପ୍ରତିଫଳିତ କରୁନାହିଁ, ବରଂ ବିରୋଧୀମାନଙ୍କ ବିରୋଧରେ ଏକ ରଣନୀତିକ ଆକ୍ରମଣର ସଙ୍କେତ ପ୍ରଦାନ କରୁଛି। ବିସ୍ମିତ ହେବାର କିଛି ନାହିଁ ଯେ ଶ୍ରୀଯୁକ୍ତ ରାଧାକ୍ରିଷ୍ଣନ୍ ଆବଶ୍ୟକୀୟ ଆଦର୍ଶଗତ ପେଟିକୁ ବହନ କରୁଛନ୍ତି: ତାଙ୍କ ପ୍ରାର୍ଥୀତ୍ୱ ଉପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୋହର ବାଜିବା ଏହି କଥାକୁ ପ୍ରମାଣିତ କରୁଛି। କିନ୍ତୁ ପ୍ରକୃତ ଉଦ୍ଦେଶ୍ୟ ହେଉଛି ତାମିଲନାଡୁରେ ଦ୍ରାବିଡ଼ ରାଜନୀତିର ଏକ ମଶାଲକୁ ପ୍ରଜ୍ଜ୍ୱଳିତ କରି ବିଜେପିର ନିର୍ବାଚନୀ ଛାପ ଛାଡ଼ିବା, ଯାହା ଏଯାବତ୍ ବିଜେପିର ରଣନୀତିକୁ ଏହି ରାଜ୍ୟରେ ବିଫଳ କରି ଆସିଛି। ୨୦୨୪ ଲୋକସଭା ନିର୍ବାଚନରେ ଦେଶର ଦକ୍ଷିଣ ଭାଗରେ ଅବସ୍ଥିତ ଏହି ରାଜ୍ୟରେ ବିଜେପି ତା'ର ଭୋଟ୍ ହାର ବୃଦ୍ଧି କରିବାରେ କେତେକାଂଶରେ ସମର୍ଥ ହୋଇଥିଲା ଏବଂ ବିଜ୍ଞ ଲୋକମାନେ ବିଶ୍ୱାସ କରନ୍ତି ଯେ ତାମିଲନାଡୁର ବାସିନ୍ଦା ହୋଇଥିବା ଶ୍ରୀଯୁକ୍ତ ରାଧାକ୍ରିଷ୍ଣନ୍‌ଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ମନୋନୀତ କରିବା ଆଗାମୀ ସମୟରେ ତାମିଲନାଡୁରେ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନରେ ଦଳକୁ ଅଧିକ ଫାଇଦାରେ ରଖିବ। ତେବେ ଦ୍ରାବିଡ଼ ମୁନ୍ନେତ୍ର କାଡ଼ାଗାମ୍ ବିଜେପିର ଏହି କୌଶଳ ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରୁଛି, ତାହା ଦେଖିବାକୁ ବାକି ରହିଛି।

ସେହିପରି କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ଉପରାଷ୍ଟ୍ରପତି ପଦ ପାଇଁ ତା'ର ପ୍ରାର୍ଥୀ ଭାବରେ ଜଣେ ପୂର୍ବତନ ସୁପ୍ରିମ୍‌କୋର୍ଟ ବିଚାରପତି ତଥା ଆଦରଣୀୟ ଆଇନ ବିଶାରଦ ବି ସୁଦର୍ଶନ ରେଡ୍ଡୀଙ୍କୁ ବାଛିଛି। ୭୯ ବର୍ଷ ବୟସ୍କ ଅବସରପ୍ରାପ୍ତ ବିଚାରପତି ରେଡ୍ଡୀଙ୍କର ଜଣେ ସଚ୍ଚୋଟ ଆଇନଜୀବୀ ଭାବରେ ସମ୍ପୃକ୍ତ ମହଲରେ ରହିଛି ସୁଖ୍ୟାତି। ସେ ମଧ୍ୟ ଇଣ୍ଡି ମେଣ୍ଟ ଦାବି କରୁଥିବା ବହୁଳତାବାଦୀ, ଧର୍ମନିରପେକ୍ଷ, ଉଦାରବାଦୀ ମୂଲ୍ୟବୋଧଗୁଡ଼ିକର ଧାରଣକାରୀ ଭାବରେ ବିଦିତ ଯାହା ତାଙ୍କୁ ଏହି ମେଣ୍ଟର ଜଣେ ମୁଖପାତ୍ର ଭାବରେ ଉପସ୍ଥାପିତ କରୁଛି। ୧୪ ବର୍ଷ ପୂର୍ବେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟରୁ ଅବସର ଗ୍ରହଣ କରିବା ପରେ ତାଙ୍କର ଅନ୍ୟ କେତେକ ବିଚାରପତି ସହକର୍ମୀମାନଙ୍କ ଭଳି ସେ କେବେହେଲେ ସରକାରର କୌଣସି ପଦ ପଦବୀରେ ଅଧିଷ୍ଠିତ ହେବାକୁ ଚାହିଁ ନାହାନ୍ତି, ଯେମିତି ସେମାନେ କରିଛନ୍ତି ଉଚ୍ଚ ନ୍ୟାୟିକ କାର୍ଯ୍ୟାଳୟରୁ ଅବସର ନେବା ପରେ କିଛି ସମୟ ଶାନ୍ତ ନିରବ ଜୀବନ କାଟିବା ବିନା। ଶ୍ରୀଯୁକ୍ତ ରାଧାକ୍ରିଷ୍ଣନ୍‌ଙ୍କର ପ୍ରାର୍ଥୀତ୍ୱକୁ ଶାସକ ଏନ୍‌ଡିଏ ଏକ ଚତୁରତାପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖୁଥିଲା, କାରଣ ଏହା ଇଣ୍ଡି ମେଣ୍ଟର ଏକ ବଡ଼ ଅଂଶୀଦାର ତାମିଲନାଡୁରେ ଶାସନ କ୍ଷମତାରେ ରହିଥିବା ଡିଏମ୍‌କେକୁ ଏକ ଅସ୍ୱସ୍ତିକର ପରିସ୍ଥିତିରେ ପକାଇବାର ସମ୍ଭାବନାକୁ ବହନ କରୁଥିଲା, ଯେହେତୁ ସେ ହେଉଛନ୍ତି ଉକ୍ତ ରାଜ୍ୟର ବାସିନ୍ଦା। କିନ୍ତୁ ଡିଏମ୍‌କେର ସଭାପତି ତଥା ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ବିଜେପିର ଏପରି କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଯାଇ ପୂର୍ବତନ ବିଚାରପତି ରେଡ୍ଡୀଙ୍କ ପ୍ରାର୍ଥୀତ୍ୱକୁ ସାଦରେ ଗ୍ରହଣ କରି ନେଇଛନ୍ତି।

୨୦୨୧ ବିଧାନସଭା ନିର୍ବାଚନରେ ବିଜୟ ଲାଭ କରି କ୍ଷମତାକୁ ଆସିବା ପରଠାରୁ ଶ୍ରୀଯୁକ୍ତ ଷ୍ଟାଲିନ୍ ଗୈରିକ ମେଣ୍ଟ ବିରୁଦ୍ଧରେ ଲଢ଼େଇ କରି ଆସୁଛନ୍ତି। ସେ ଏକଥା ଭଲ ଭାବରେ ଜାଣିଛନ୍ତି ଯେ ତାଙ୍କ ରାଜ୍ୟରେ କ୍ଷମତା ଅକ୍ତିଆର କରିବା ଉପରେ ବିଜେପିର ଆଖି ରହିଛି। ଯଦିଓ ଏଆଇଏଡିଏମ୍‌କେ ହେଉଛି ତାଙ୍କର ଅତି ନିକଟତମ ରାଜନୀତିକ ଶତ୍ରୁ, ତେବେ ସେ ନିଜକୁ ଦ୍ରାବିଡ଼ ମଡେଲର ଜଣେ ଶ୍ରେଷ୍ଠ ନେତା ଭାବରେ ନିଜକୁ ଅଧିଷ୍ଠିତ କରିବା ନିମନ୍ତେ ସେ ଆପ୍ରାଣ ଉଦ୍ୟମ କରି ଆସୁଛନ୍ତି, ଯାହା ହିନ୍ଦୁତ୍ୱ ରାଜନୀତି ବିରୁଦ୍ଧରେ ସାଲିସବିହୀନ ଲଢ଼େଇ କରି ଆସୁଛି। ପୁନଶ୍ଚ, ତାମିଲନାଡୁର ରାଜ୍ୟପାଳ ଆରଏନ୍ ରବିଙ୍କ କାର୍ଯ୍ୟକଳାପଗୁଡ଼ିକ ତାଙ୍କୁ ଯଥେଷ୍ଟ ସୁଯୋଗ ପ୍ରଦାନ କରୁଛି ଦ୍ରାବିଡ଼ୀୟ ବନାମ ହିନ୍ଦୁତ୍ୱ କାହାଣୀଗୁଡ଼ିକୁ ନିଜ ଲୋକମାନଙ୍କ ମଧ୍ୟରେ ପ୍ରଭାବଶାଳୀ ଢଙ୍ଗରେ ପ୍ରଚାର କରିବାକୁ। ଏଭଳି ଏକ ପରିସ୍ଥିତିରେ ଶ୍ରୀଯୁକ୍ତ ରାଧାକ୍ରିଷ୍ଣନ୍‌ଙ୍କର ବିରୋଧ କରିବା ତାଙ୍କର ଦାବିଡ଼ୀୟ ରାଜନୀତି ସହିତ ଅଧିକ ବୈଧତାକୁ ଯୋଗ କରିବ। ଅନ୍ୟ ପକ୍ଷରେ, ଆଦୌ କାଳ ବିଳମ୍ବ ନ କରି ନିଜର ଜଣେ ତେଲୁଗୁ ଭାଇଙ୍କୁ ସମର୍ଥନ କରିବା ପରିବର୍ତ୍ତେ ଏନ୍‌ଡିଏ ପ୍ରାର୍ଥୀ ଶ୍ରୀଯୁକ୍ତ ରାଧାକ୍ରିଷ୍ଣନ୍‌ଙ୍କୁ ସମର୍ଥନ କରିବେ ବୋଲି ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ଦଳର ସଭାପତି ଏନ୍ ଚନ୍ଦ୍ରବାବୁ ନାଇଡୁ ଘୋଷଣା କରି ସାରିଛନ୍ତି। ଏଥିରୁ ସ୍ପଷ୍ଟ ହୋଇ ସାରିଛି ଯେ ଦଳ ପାଇଁ ରାଜନୀତି ହେଉଛି ପ୍ରଥମ ଏବଂ ଏହା ହିଁ ବାସ୍ତବରେ ଯଥାର୍ଥ କଥା। ଏସବୁ ଭିତରେ ଅବଶ୍ୟ ଏହା ସ୍ପଷ୍ଟ ଯେ ଏନ୍‌ଡିଏ ମେଣ୍ଟର ପ୍ରାର୍ଥୀ ବିଜୟ ଲାଭ କରିବାକୁ ଯାଉଛନ୍ତି। ତେବେ ବିଦାୟ ନେଇଥିବା ଉପରାଷ୍ଟ୍ରପତି ଶ୍ରୀଯୁକ୍ତ ଧନଖଡ଼ଙ୍କ କଥାରୁ ଶ୍ରୀଯୁକ୍ତ ରାଧାକ୍ରିଷ୍ଣନ୍ ଅନ୍ତତଃପକ୍ଷେ ଏତିକି ଶିକ୍ଷାଲାଭ କରିଥିବେ ବୋଲି ଆଶା କରାଯାଏ ଯେ ଏକ ମର୍ଯ୍ୟାଦାଜନକ ଆସନରେ ଅଧିଷ୍ଠିତ ଥିବା ବେଳେ ତାଙ୍କ ପାଇଁ ରାଜନୀତିକ ଦଳଠାରୁ ଊର୍ଦ୍ଧ୍ୱରେ ରହି କାମ କରିବାର ଆବଶ୍ୟକତା ରହିଛି। ■

## ଆଶଙ୍କାର ଅନ୍ଧାରୀ ଦିଗ

ବିପଦ ଆମର ଯେମିତି ମିତ୍ର, ସମ୍ପଦ ବି ସେମିତି ମିତ୍ର। ତେବେ ବିପଦ ବେଳେ ଆମେ ଅଧୀର ହୋଇଉଠୁ। ଆଗକୁ ବିପଦ ଆସୁଛି ଏଇ କଥା ଭାବିଦେବା କ୍ଷଣି ଛାତି ଥରିଉଠେ। ଅନେକ ମନ୍ଦ ଚିନ୍ତା ଆକ୍ରାନ୍ତ କରେ। କିନ୍ତୁ ବେଳେବେଳେ ଏମିତି ହୁଏ, ଆମେ ବିପଦକୁ ଯେଉଁ ଭଳି ବିରାଟ ରୂପରେ ଚିନ୍ତା କରିଥାଉ, ସେମିତି ହିଁ ଆସି ନଥାଏ। ଅତି ସରଳରେ ମୁଣ୍ଡ ନୁଆଁଇ ଚାଲିଯାଏ। ବିପଦ ହେଉ କି ସମ୍ପଦ, ସବୁକିଛି ଅତୀତରେ ଆମ କର୍ମର ଫଳ। ଏବେ ମିଳୁଛି। ଏଇ ଧାରଣା କରିନେଲେ ବିପଦ ଆଉ ଛାନିଆ କରି ପାରିବନି। ଏ ନେଇ ଉଦାହରଣଟିଏ। ଜଣେ ଘରୋଇ କମ୍ପାନୀରେ ଚାକିରି କରନ୍ତି। ସେଦିନ ବଡ଼ବାବୁ ଗୋଟିଏ କାମ ବରାଦ କରିଥିଲେ। ଲୋକ ଜଣକ ସେ କାମଟି କରିବାକୁ ଭୁଲିଗଲେ। ପରଦିନ ଛୁଟିରେ ରହିଲେ। ଘରେ ଥିବା ବେଳେ ପୂର୍ବ ଦିନର ବାବୁଙ୍କ କାମ କଥା ମନେ ପଡ଼ିଗଲା। ବ୍ୟସ୍ତ ହେଲେ। ଖାଇଲେନି। ଚାକିରିରୁ ବିଦା ହେବା ଭୟରେ ବ୍ୟଥିତ ହେଲେ। ରାତିରେ ନିଦ ବି ହେଲାନି। ସକାଳୁ ସକାଳୁ ଉଠି କର୍ମକ୍ଷେତ୍ରକୁ ବାହାରି ଗଲେ। ଗାଡ଼ି ଚଲେଇଲା ବେଳେ ବି ଭାବନା ଛାଡ଼ି ନଥାଏ। ମନ ମଳି ହେଉଥାଏ। ଅନ୍ୟମନସ୍କ ହୋଇ ରାସ୍ତା କଡ଼ ଗଛରେ ଗାଡ଼ିଟି ପିଟିଦେଲେ। ଅଫିସ୍ ସମସ୍ୟା କିଛି ସମୟ ପାଇଁ ସିନା ମନରୁ ଗଲା, ଏବେ ଡେରି ହେବା କାରଣରୁ ବେଶି ଚିନ୍ତା ବଢ଼ିଲା। ଗଲା ଦିନର ସମସ୍ୟାକୁ କେମିତି ସମାଧାନ କରିବେ, ସେ ନେଇ ଶୀତଦିନେ ବି ଗମ୍‌ଗମ୍ ଝାଳ ବହୁଥାଏ। ଆଖିରେ ଲୁହ ଭରିଥାଏ। ଛାତି ଧକ୍ ଧକ୍ କରୁଥାଏ। ଅଫିସ୍‌ରେ ପହଞ୍ଚିଲେ। ଶୁଣିଲେ ବାବୁ କାହାକୁ ଗାଳି ଦେଉଛନ୍ତି। ତା' ପରେ ଏ ଲୋକକୁ ଡକେଇଲେ। ଛାତି ଆହୁରି ଥରିବାକୁ ଲାଗିଲା। କାମରେ ଢିଲା କରିଛି ବୋଲି ବାବୁଙ୍କୁ କି ଉତ୍ତର ଦେବି! ଚିନ୍ତା କରି ବରଡ଼ା ପତ୍ର ପରି ଥରୁଥିଲେ। ବାବୁ କିଛି ଟଙ୍କା ବଢ଼େଇ ଦେଲେ ଏ ଲୋକ ହାତକୁ। ଧୀର ଓ ଶାନ୍ତ ସ୍ୱରରେ କହିଲେ- 'ବାଟରେ ଆସିଲା ବେଳେ ଏମିତି ଅନ୍ୟମନସ୍କରେ ଗାଡ଼ି ଚଲେଇବନି। ତମେ ଗାଡ଼ିରୁ ପଡ଼ିଗଲା ବେଳେ ମୁଁ ଦେଖିଥିଲି। ଖଣ୍ଡିଆଖାବରା ହୋଇଛ। ଆଜି ଯାଅ। ଔଷଧ କିଣି ଖାଇବ। ଦେହ ସୁସ୍ଥ ହେଲେ କାମରେ ଯୋଗ ଦେବ।' ଲୋକଟି ବାବୁଙ୍କ କଥା ଶୁଣି ବିଶ୍ୱାସ କରିପାରୁ ନଥିଲା ନିଜ କାନକୁ। ଯାହା ଯାହା ଭାବିଥିଲା, ତା'ର ସମ୍ପୂର୍ଣ୍ଣ ବିପରୀତ ଘଟଣା ଘଟିଲା।

କଥାଟି ହେଲା ମଣିଷର ଆଶଙ୍କା। ଯେଉଁ କାମ କଦାପି ଘଟିବାର ନଥାଏ, ଆଶଙ୍କା ତାକୁ ହିମାଳୟ ପରି କରିଦିଏ। ବିନ୍ଦୁଏ ଜଳକୁ ସିନ୍ଧୁ ଆଖ୍ୟା ଦେଇଦିଏ, ଯାହା ଫଳରେ ମନରୁ ସୁଚିନ୍ତା ଦୂରେଇ ଯାଏ। ଦୁଶ୍ଚିନ୍ତା ରାଜୁତି କରେ। ଆଉ ଦୁଶ୍ଚିନ୍ତାର ପରିଣତି କ'ଣ ହୁଏ, ତାହା ସମସ୍ତଙ୍କୁ ଭଲ ଭାବରେ ଜଣା। ମନରୁ ଏଇ ଆଶଙ୍କାକୁ ହଟେଇବାକୁ ହେଲେ ପ୍ରତିଦିନ କିଛି ସମୟ ପ୍ରକୃତିକୁ ଚାହିଁବା। ନିରୋଳାରେ ବସିବା। ନହେଲେ ମନକୁ ଈଶ୍ୱରମନସ୍କ କରିବା ପାଇଁ ଯାହା ଉପାୟ ଅବଲମ୍ବନ କରାଯାଇପାରେ, ତାହା କରିବା।■

# ବେଲପଡ଼ାକୁ ଏନ୍‌ଏସି ମାନ୍ୟତା ଦାବି ନେଇ ୧୨ ଘଣ୍ଟିଆ ବନ୍ଦ



**ପାଟଣାଗଡ଼,୨୧।୮/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାର ୧୨ଟି ଏନ୍‌ଏସି ଘୋଷଣା କରିଥିବାବେଳେ ଏଥିରୁ ବେଲପଡ଼ା ବାଦ୍ ପଡ଼ିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିରୋଧ କରି ଯୁବ ଏକତା ମଞ୍ଚ ଓ ବିଭିନ୍ନ ସଂଗଠନ ପକ୍ଷରୁ ବେଲପଡ଼ା ବନ୍ଦ ଡାକରା ଦିଆଯାଇଥିଲା। ଫଳରେ ଅଞ୍ଚଳର ସମସ୍ତ ଦୋକାନ, ବଜାର ସହ ସରକାରୀ ଓ ବେସରକାରୀ ଅଫିସ୍ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ଆନ୍ଦୋଳନକାରୀମାନେ ସକାଳୁ ତାରିଣୀ ମନ୍ଦିର ନିକଟରେ ରାସ୍ତା ଅବରୋଧ କରି ସରକାର ବିରୁଦ୍ଧରେ ସ୍ଲୋଗାନ୍ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାର ପ୍ରଭାବରେ ବେଲପଡ଼ାରୁ ବଲାଙ୍ଗୀରକୁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ନେଇ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଏସ୍‌ଡିପିଓ ଅଜୟ କୁମାର ତିର୍କି ସୂଚନା ଦେଇଛନ୍ତି।

### କଳାବଜାରୀ ବଢ଼ୁଥିବା ନେଇ ଅଭିଯୋଗ

# ୟୁରିଆ ସାର ଅଭାବ, ଚାଷୀ ହତାଶ

**ମାଲକାନଗିରି,୨୧।୮/ଏନ୍‌ଏନ୍‌ଏସ୍:** ବର୍ତ୍ତମାନ ବର୍ଷା ଋତୁ ଚାଲିଥିବା ବେଳେ ଚାଷୀମାନେ ଧାନ ଫସଲ କରିଥାନ୍ତି। ମାଲକାନଗିରି ଜିଲ୍ଲାରେ ଖରିଫ-୨୦୨୫ ଲାଗି ବୁଣା ଓ ଧାନ ରୁଆ କାର୍ଯ୍ୟ ସରିଗଲାଣି। ଧାନ ବିଲରେ ଧାନ ଚାରା ବୃଦ୍ଧି ଲାଗି ୟୁରିଆ ସାରର ଆବଶ୍ୟକତା ଥିବାବେଳେ ଚାଷୀଙ୍କୁ ଦରକାର ଅନୁଯାୟୀ ସାର ମିଳୁନାହିଁ। ଫଳରେ ଚାଷୀଙ୍କ ମନରେ ଭାଳେଣି ପଡ଼ିଛି। ବିଗତ ବର୍ଷ ଗୁଡ଼ିକରେ ୟୁରିଆ ସାର ଉତ୍କଟ ଅଭାବ ପ୍ରାୟ ନଥିଲା କହିଲେ ଚଳେ। ମାତ୍ର ବର୍ତ୍ତମାନ ୟୁରିଆ ସାର ଉତ୍କଟ ଅଭାବ ସାଙ୍ଗକୁ କଳାବଜାରୀ ମଧ୍ୟ ବୃଦ୍ଧି ପାଇଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ମାଲକାନଗିରି ଜିଲ୍ଲାରେ ଚଳିତ ଖରିଫ-୨୦୨୫ ଫସଲ ପାଇଁ ୧୦ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଧାର୍ଯ୍ୟ କରାଯାଇଛି। ଅଗଷ୍ଟ ମାସ ଶେଷ ସୁଦ୍ଧା ୭ ହଜାର ୩୫୩ ମେଟ୍ରିକ୍ ଟନ୍ ଆସିଯାଇଛି। ଏହି ୟୁରିଆ ସାର ବିକ୍ରି ସରିଥିଲେ ମଧ୍ୟ ଚାଷୀଙ୍କ ଆବଶ୍ୟକତା ରହିଛି। ତେବେ ୟୁରିଆ ସାର କାହିଁକି ଅଭାବ ହେଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କୃଷି ବିଭାଗର ତଥ୍ୟ ଅନୁସାରେ ଚଳିତ ଖରିଫ ଋତୁରେ ମାଲକାନଗିରି ଜିଲ୍ଲାରେ ମୋଟ ୭୫ ହଜାର ୬୬୦ ହେକ୍ଟର୍ ଜମିରେ ଧାନ ଚାଷ କରାଯାଇଛି। ତନ୍ମଧ୍ୟରୁ ଖାଲ ଜମିରେ ୨୫ ହଜାର ୬୪ ହେକ୍ଟର୍, ମଧ୍ୟମ କିସମ ଜମିରେ ୩୧ ହଜାର ୯୧୬ ହେକ୍ଟର୍ ଓ ଉଚ୍ଚ ଜମିରେ ୧୮ ହଜାର ୬୮୦ ହେକ୍ଟର୍ ଧାନ ଚାଷ ହୋଇଛି। ତେବେ ୭୫,୬୬୦ ହେକ୍ଟର୍ ଧାନ ଜମି ପାଇଁ ୧୦ ହଜାର ୟୁରିଆ ସାର ଆବଶ୍ୟକତା ରହିଥିବା ବେଳେ ଅନେକ ଚାଷୀ ବର୍ତ୍ତମାନ ସୁଦ୍ଧା ୟୁରିଆ ସାର ପାଇନଥିବାକୁ ନେଇ ପ୍ରଶ୍ନ ଉଠୁଛି। ବାସ୍ତବରେ ସେମାନଙ୍କୁ ୟୁରିଆ ଦିଆଯାଇଛି ନା ଜାଣିଶୁଣି ଉତ୍କଟ ଅଭାବ




ସୃଷ୍ଟି କରାଯାଇଛି ? କେବଳ କମ୍ପ୍ୟୁଟର ଡାଟା ଆଦାନ ପ୍ରଦାନରେ ସରକାରୀ ବ୍ୟବସ୍ଥା ଚାଲିଥିବା ବେଳେ ବାସ୍ତବ ତଥ୍ୟ କ'ଣ ୟୁରିଆ ସାର ଉତ୍କଟରୁ ଏହା ଅନୁମାନ କରାଯାଉଛି। ବର୍ତ୍ତମାନ ୟୁରିଆ ୫୦ କେଜି ବସ୍ତାକୁ ସରକାରୀ ମୂଲ୍ୟ ୨୬୬ ଟଙ୍କା ୫୦ ପଇସା ନିର୍ଦ୍ଧାରଣ କରାଯାଇଥିବା ବେଳେ ଲ୍ୟାମ୍ପରୁ ଚାଷୀ ୨୮୦ ଟଙ୍କାରେ କ୍ରୟ କରୁଥିବା କୁହାଯାଇଛି। ଗାଁ ଗହଳିରେ ବସ୍ତା ପିଛା ୟୁରିଆ ୫୫୦ ଟଙ୍କା ବିକ୍ରି ହେଉଥିବା ଜଣାପଡ଼ିଛି। ତେବେ ବର୍ତ୍ତମାନ ସମୟରେ ସାର କଳାବଜାରୀ ହେଉଥିଲେ ମଧ୍ୟ କୌଣସି ସ୍ଥାନରେ ଧରପଗଡ଼ ହେଉନାହିଁ। ଏ ସମ୍ପର୍କରେ ମାଲକାନଗିରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦିଲ ରଞ୍ଜନ ମାହାଳିକଙ୍କୁ ପଚାରିବାରୁ ଚାଷୀମାନେ ଆଜିପର୍ଯ୍ୟନ୍ତ ଅଭିଯୋଗ କରିନାହାନ୍ତି। ଯଦି କରିବେ ତଦନ୍ତ କରାଯିବ ବୋଲି ଶ୍ରୀ ମହାଳିକ କହିଛନ୍ତି।

## ଜୁଆ ଆଡ୍ଡା ଉପରେ ଚଢ଼ଉ, ୫ ଗିରଫ

**ରାଉରକେଲା,୨୧।୮/ଏନ୍‌ଏନ୍‌ଏସ୍:** ସେକ୍ଟର-୭ ଥାନା ଅଞ୍ଚଳର ଏକ ଘରେ ଜୁଆ ଆଡ୍ଡା ଚାଲିଥିବା ବେଳେ ପୁଲିସ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ପୁଲିସ୍ ନଗଦ ୧,୭୨୦ ଟଙ୍କା ଜବତ କରିଛି। ସେକ୍ଟର-୫ ଗୋଲଘର ବସ୍ତିର ଏକ ଘରେ ଆଡ୍ଡା ଚାଲିଥିବା ନେଇ ପୁଲିସକୁ ସ୍ଥାନୀୟ ଲୋକେ ସୂଚନା ଦେଇଥିଲେ। ପୁଲିସ୍ ସୂଚନା ଆଧାରରେ ଚଢ଼ଉ କରିଥିଲା। ତେବେ ପୁଲିସକୁ ଦେଖି କିଛି ଲୋକ ସେଠାରୁ ଫେରାର୍ ହୋଇଯାଇଥିଲେ। ଘର ଭିତରେ ଜୁଆ ଖେଳୁଥିବା ୫ ଜଣଙ୍କୁ ପୁଲିସ୍ ଥାନାକୁ ନେଇଥିଲା।

# ସାରର କଳାବଜାରୀ ରୋକିବାକୁ ଜରୁରୀ ବୈଠକ

**ପାଟଣାଗଡ଼,୨୧।୮/ଏନ୍‌ଏନ୍‌ଏସ୍:** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡରେ ୟୁରିଆ ସାର ମିଳୁନଥିବା ବେଳେ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ କ୍ଷେତ୍ରରେ ମୂଲ୍ୟଠାରୁ ଅଧିକ ଦରରେ ମଧ୍ୟ ସାର କିଣିବାକୁ ପଡୁଛି। ପାଟଣାଗଡ଼ ଉପଖଣ୍ଡରେ ୟୁରିଆ ସାରର ଅଭାବ କିପରି ଦୂର କରିହେବ ଏବଂ ଖୋଲା ବଜାରରେ ଅଧିକ ଚଢ଼ା ଦରରେ ବିକ୍ରି ହେଉଥିବା ନେଇ ପ୍ରଶାସନ ଅଭିଯୋଗ ପାଇବା ପରେ ସାର ହୋଲସେଲର୍, ରିଟେଲର୍, ଚାଷୀ ଓ ପାଟଣାଗଡ଼ କୃଷି ବିଭାଗ ଅଧିକାରୀ ପ୍ରମୋଦ




କୁମାର ବେହେରା, ଅତିରିକ୍ତ କୃଷି ଅଧିକାରୀ ରାଜେଶ୍ୱରୀ ଭୋଇ ଓ ପାଟଣାଗଡ଼ ତହସିଲଦାର୍ ରୁଦ୍ରମୋହନ ନାୟକଙ୍କୁ ନେଇ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେରଙ୍କ ନେତୃତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉପଖଣ୍ଡରେ କିପରି ଶୀଘ୍ର ୟୁରିଆର ଅଭାବ ଦୂର କରାଯାଇପାରିବ ଓ ଚଢ଼ା ଦରରେ ସାରର ବିକ୍ରିକୁ ବନ୍ଦ କରାଯିବ ସେ ବିଷୟରେ ବିଶେଷ ଆଲୋଚନା ହୋଇଥିଲା। ଯେଉଁ ଦୋକାନୀମାନେ କଳାବଜାରିରେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ବୈଠକରେ ଚାଷୀନେତା ମାଧବ ସାଏଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ବିପର୍ଯ୍ୟୟ ପ୍ରଶମନ ସଚେତନତା



**ରେଢ଼ାଖୋଲ,୨୧।୮/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟରେ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ କଲେଜର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଯୁବ ରେଡ୍‌କ୍ରସ୍ ଉପଦେଷ୍ଟା ଅଞ୍ଜନ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପାଇଁ ଉପଯୁକ୍ତ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଏନ୍‌ଡିଆର୍‌ଏଫ୍‌ର ତୃତୀୟ ବାଟାଲିୟନ, ମୁଣ୍ଡୁଳିରୁ ଆସିଥିବା ଇନ୍ସପେକ୍ଟର୍ ନବକିଶୋର ପ୍ରଧାନ ଓ ସବଇନ୍ସପେକ୍ଟର୍ ପୁଷ୍ପେନ୍ଦୁ ଦୁହାନଙ୍କ ନେତୃତ୍ୱରେ ଏହାର ଅନ୍ୟ ସଦସ୍ୟମାନେ ବିପର୍ଯ୍ୟୟ ପରିଚାଳନା ଏବଂ ସମ୍ମୁଖୀନ ହେବା ପାଇଁ ବିଭିନ୍ନ କୌଶଳ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ସେମାନେ ମୁଖ୍ୟତଃ ଭୂମିକମ୍ପ, ବଜ୍ରପାତ, ସଡ଼କ ଦୁର୍ଘଟଣା, ଅଗ୍ନିଜନିତ ଦୁର୍ଘଟଣା ଓ ଜଳଜନିତ ଦୁର୍ଘଟଣା ଆଦି ସମୟରେ ସୁରକ୍ଷିତ ରହିବାର ଉପାୟ ଗୁଡ଼ିକ ସମ୍ପର୍କରେ ଅବଗତ କରାଇବା ସହ ସିପିଆର୍ ଟ୍ରେନିଂ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ସୁପ୍ରିୟା କୁମାରୀ ମଲ୍ଲିକ, ପ୍ରାଧ୍ୟାପିକା ମମତା ମହାପାତ୍ର, ପ୍ରାଧ୍ୟାପକ ଡ. ମନୋରଞ୍ଜନ ମହନ୍ତ, ଅଧ୍ୟାପକ ଡା ବିରଞ୍ଚି ଖଡ଼ିଆ ଓ ମାନଭଞ୍ଜନ କହଁର ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ କଲେଜର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଜଳବିଭାଜିକା ବିଭାଗ ନିର୍ଦ୍ଦେଶକଙ୍କ ରାୟଗଡ଼ା ଗସ୍ତ



**ରାୟଗଡ଼ା,୨୧।୮/ଏନ୍‌ଏନ୍‌ଏସ୍:** ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ରାୟଗଡ଼ା ଜିଲ୍ଲାର କାଶିପୁର ବ୍ଲକ୍ ତଳଝିରୀ ପଞ୍ଚାୟତ ଗସ୍ତ କରିଥିଲେ। ଶ୍ରୀ ପଣ୍ଡାଙ୍କ ସହିତ ରାୟଗଡ଼ା ଜଳବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀ ଉପସ୍ଥିତ ରହି ପଡ଼ିଖାଲ ଗ୍ରାମର ହିତାଧିକାରୀ ବିରି ମାଝୀଙ୍କ ଏକ ଏକର ଜମିରେ ସିଲଭର୍ ଓକ୍ ଚାରାରୋପଣ କରି ତାର ଯତ୍ନ ଏବଂ ତଦାରଖ କରିବାକୁ ଉପଦେଶ ଦେଇଥିଲେ। ଏହାଦ୍ୱାରା କଫି ଚାଷ କରି କିଭଳି ଲାଭବାନ ହେବେ ବୋଲି ବୁଝାଇଥିଲେ। ପଡ଼ିଖାଲସ୍ଥିତ ସିଲଭର ଓକ୍ ନର୍ସରି ପରିଦର୍ଶନ କରିବା ସହ ଅନ୍ୟ ହିତାଧିକାରୀଙ୍କୁ ସିଲଭର ଓକ୍ ଚାରା ବାଣ୍ଟିଥିଲେ । ସିଲଭର ଓକ୍ ଚାରାରୋପଣର ତିନି ବର୍ଷ ପରେ ତାର ଛାୟା ତଳେ କଫି ଚାଷ ଏବଂ ଗୋଲମରିଚ ଚାଷ କରି ଚାଷୀ ଅଧିକ ଲାଭବାନ ହୋଇପାରିବ ବୋଲି ବୁଝାଇଥିଲେ। ଉଦ୍ୟାନ କୃଷି ବିଭାଗ ପକ୍ଷରୁ କରାଯାଇଥିବା ଆଳୁ କ୍ଷେତ ପରିଦର୍ଶନ କରି ହିତାଧିକାରୀ ଆନନ୍ଦ ରାଓ ମାଝୀଙ୍କ ସହ ଆଲୋଚନା କରିଥିଲେ। କାଶିପୁର ବ୍ଲକ୍ ସିଲାଗୁମା ଗ୍ରାମସ୍ଥିତ ପୂର୍ବ ୨୦୨୪-୨୫ ବର୍ଷର ରୋପଣ କରାଯାଇଥିବା ଛାୟା ବୃକ୍ଷ ବଗିଚା ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ଆଲୋଚନା ମାଧ୍ୟମରେ ସୁଫଳ ବିଷୟରେ ବୁଝାଇଥିଲେ। ସେହିପରି କୋଲନରା ବ୍ଲକ୍‌ର କିଛି ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକ ପରିଦର୍ଶନ କରିଥିଲେ । ରେଖାପଦର ପଞ୍ଚାୟତ ଅଧିନସ୍ଥ ତୁମ୍ବାଗୁଡ଼ା ଗ୍ରାମରେ କରାଯାଇଥିବା ଜଳ ଅମଳ ପ୍ରକଳ୍ପ ପରିଦର୍ଶନ କରିଥିଲେ। ବୁରୁଜୁଗୁଡ଼ା ଗ୍ରାମରେ ଗୋଟିଏ ଚେକ୍ ଡ୍ୟାମ୍ ଏବଂ ଗୋଟିଏ କ୍ଷେତ୍ର କେନାଲ୍ ପରିଦର୍ଶନ କରିଥିଲେ। ହିତାଧିକାରୀ ଜୟକୃଷ୍ଣ ହାରକାଙ୍କ କୁକୁଡ଼ା ଫାର୍ମ ୟୁନିଟ୍ ମଧ୍ୟ ବୁଲି ଦେଖିଥିଲେ।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଗୋଲାମୁଣ୍ଡା,୨୧।୮/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ସାନଚେରଗାଁ ବସ୍ତରାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମୁଖରେ ବେସରକାରୀ ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଛି। ଉକ୍ତ ବିଦ୍ୟାଳୟ କର୍ମଚାରୀମାନେ ୨୦୦୮ ମସିହାରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇ ଆଜିପର୍ଯ୍ୟନ୍ତ କାର୍ଯ୍ୟରତ ଅଛନ୍ତି। ହେଲେ ସରକାର ଆଜିପର୍ଯ୍ୟନ୍ତ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିନାହାନ୍ତି। ଏନେଇ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନକ୍ରମେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ୨୦୦୮ରୁ ୨୦୧୮ ମସିହା ପର୍ଯ୍ୟନ୍ତ ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ ନିମନ୍ତେ ସଂଘ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ



ସମସ୍ତ ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ତେବେ ସରକାର ସେମାନଙ୍କ ଦାବି ଗୁଡ଼ିକ ନ ଶୁଣିଲେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ ବୋଲି କୁହାଯାଇଛି।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

**ମ.ରାମପୁର,୨୧।୮/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ମ.ରାମପୁର ରେଞ୍ଜ ତଳସାଗର ପଡ଼ାରେ ଏକ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।

ତଳସାଗର ପଡ଼ାର ଭକ୍ତ ବାଗ(୨୯) ବୁଧବାର ବିଳମ୍ବିତ ରାତିରେ ଘରୁ ପଡ଼ା ଆଡ଼କୁ ଆସୁଥିବା ବେଳେ ତଳସାଗର ପଡ଼ା କାଳୀ ମନ୍ଦିର ନିକଟରେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଯୁବକଙ୍କୁ ହାତୀ ଶୁଣ୍ଢରେ ଗୁଡ଼ାଇ ଫିଙ୍ଗିଦେଇ ସେଠାରୁ ପଳେଇବାରୁ ସେ ଜଣଙ୍କ ଘରକୁ ଯାଇ ସହାୟତା ମାଗିଥିଲେ।

ଗଭୀର ଆହତ ଯୁବକଙ୍କୁ ପ୍ରଥମେ ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ବଲାଙ୍ଗୀରକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ସକାଳୁ ବନ ବିଭାଗ ଘଟଣା ସମ୍ପର୍କରେ ସୂଚନା ପାଇ ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ଏସିଏଫ୍ ଅସିତ୍ କୁମାର ଦାଶଙ୍କୁ ଏନେଇ ପଚାରିବାରୁ ବିଭାଗ ପକ୍ଷରୁ ଆହତ ଯୁବକଙ୍କୁ ଅନୁକମ୍ପାମୂଳକ ସହାୟତା ପାଇଁ ସହଯୋଗ କରାଯିବ ସହିତ ହାତୀ ଉପରେ ନଜର ରଖାଯାଇଛି ବୋଲି କହିଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସାଇବର୍ ଠକେଇର ଶିକାର

**ରାୟଗଡ଼ା,୨୧।୮/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲାରେ ସାଇବର ଠକେଇ ଦିନକୁଦିନ ବୃଦ୍ଧି ପାଇଥିବା ବେଳେ ଅନେକ ଲୋକ ଏହାର ଶିକାର ହୋଇ ଲକ୍ଷାଧିକ ଟଙ୍କା ହରାଇଛନ୍ତି । ଏହିକ୍ରମେ ରାୟଗଡ଼ା ସହରର ଇନ୍ଦିରା ନଗର ତୃତୀୟ ଗଳିରେ ରହୁଥିବା ଜନସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଠକେଇର ଶିକାର ହୋଇ ୧ ଲକ୍ଷ ୨୪ ହଜାର ଟଙ୍କା ତାଙ୍କ ଆକାଉଣ୍ଟରୁ କଟିଯାଇଥିବା ସୂଚନା ମିଳିଛି। ବୁଧବାର ପୂର୍ବାହ୍ନରେ ତାଙ୍କ ମୋବାଇଲ୍‌କୁ ଏକ ମେସେଜ୍ ଆସିବା ପରେ ସେ ଏହାକୁ ଖୋଲିଥିଲେ। ଏହାଦ୍ୱାରା ଉକ୍ତ ମୋବାଇଲ୍ ସହ ସଂଶ୍ଲିଷ୍ଟ ଥିବା ଏଡିବି ବ୍ୟାଙ୍କ ଆକାଉଣ୍ଟରୁ ଏହି ଟଙ୍କା ସାଇବର୍ ଠକେଇ ଉଠାଣ



କରିଥିବା ବ୍ୟାଙ୍କ୍ ସହ ଯୋଗାଯୋଗ ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଜଣାଇଥିଲେ। ଫଳରେ ଉକ୍ତ ଘଟଣା ପରେ ବ୍ୟାଙ୍କ ଆକାଉଣ୍ଟକୁ ଅସ୍ଥାୟୀ ଭାବେ ବନ୍ଦ କରଯାଇଥିଲା । ଏନେଇ ପୁଲିସ ସାଇବର୍ ସେଲ୍‌ରେ ଏତଲା ଦେବାକୁ କହିଥିଲେ। ଏହି ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯିବା ସହ ଉକ୍ତ ଟଙ୍କାକୁ ପୁନର୍ବାର ଫେରସ୍ତ କରିବାକୁ ସାଇବର୍ ସେଲକୁ ଦାବି କରାଯାଇଛି। ଆଗାମୀ ଦିନରେ ରାୟଗଡ଼ାରେ ମୋବାଇଲ୍ ବ୍ୟବହାର କରୁଥିବା ଉପଭୋକ୍ତାମାନେ ସଚେତନ ନହେଲେ ଏଭଳି ସାଇବର୍ ଠକେଇର ଶିକାର ହେବା ସୁନିଶ୍ଚିତ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି।

### ସିଆଇଟିୟୁର ଆନ୍ଦୋଳନ

# ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ରାଉରକେଲା,୨୧।୮/ଏନ୍‌ଏନ୍‌ଏସ୍:** ରାଉରକେଲା ଇଏସ୍‌ଆଇସି ମଡେଲ୍ ହସ୍ପିଟାଲ୍‌ରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାକୁ ନେଇ ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ୍ ମଜଦୁର୍ ୟୁନିୟନ୍ ଓ ଆଇଏଫ୍‌ଜିଏଲ୍ ରିଫ୍ରାକ୍ଟୋରିଜ୍ ଓ୍ୱାର୍କର୍ସ ୟୁନିୟନ୍ ପକ୍ଷରୁ ବୀମାଭୁକ୍ତ ଶ୍ରମିକଙ୍କୁ ନେଇ ହସ୍ପିଟାଲ୍ ସମ୍ମୁଖରେ ଧାରଣା ଦିଆଯାଇଥିଲା। ହସ୍ପିଟାଲ୍‌ର ଭାରପ୍ରାପ୍ତ ଅଧୀକ୍ଷକ ଡାକ୍ତର ଆଶିଷ ରଞ୍ଜନ ବେହେରା ଓ ଡାକ୍ତର ଲାଲାମୋହନ ମିଶ୍ର ଧାରଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ୟୁନିୟନ୍‌ର ଦାବି ଗୁଡ଼ିକ ସମାଧାନ କରାଯିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଯଦି ବୀମାଧାରୀଙ୍କ ଦାବିପୂରଣ ନହୁଏ ତେବେ ଆନ୍ଦୋଳନକୁ ଅଧିକ ବ୍ୟାପକ କରାଯିବ ବୋଲି ୟୁନିୟନ୍ ପକ୍ଷରୁ କୁହାଯାଇଛି। ପ୍ରତିଶ୍ରୁତି ଅନୁଯାୟୀ ଜଣେ ମେଡିକାଲ୍ ଅଫିସର୍ ଯୋଗ ଦେଇଥିବା ବେଳେ ଅନ୍ୟ ୩ ମେଡିକାଲ୍ ଅଫିସର୍ ଖୁବ୍‌ଶୀଘ୍ର ଯୋଗଦେବେ। ଗତ ୩ ବର୍ଷର ଇନ୍‌ଡୋର




ଓ ଆଉଟ୍‌ଡୋର୍ ରୋଗୀ, ଅନୁମୋଦନ ଶଯ୍ୟା ସଂଖ୍ୟା ଅନୁଧ୍ୟାନ କରି ନିଷ୍ପତ୍ତି ଗ୍ରହଣ କରାଯିବା ପାଇଁ ଗତ ଜୁଲାଇ ୩୦ରେ ଏକ ଚିଠି ଇଏସ୍‌ଆଇସି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଥିଲା।

ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ୍ ମଜଦୁର୍ ୟୁନିୟନ୍ ଓ ଆଇଏଫ୍‌ଜିଏଲ୍ ରିଫ୍ରାକ୍ଟୋରିଜ୍ ଓ୍ୱାର୍କର୍ସ ୟୁନିୟନ୍ ପକ୍ଷରୁ ରାଉରକେଲା ମଡେଲ୍ ହସ୍ପିଟାଲ୍ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବେଦବ୍ୟାସ, କଳୁଙ୍ଗା ଓ କୁଆଁରମୁଣ୍ଡା ଅଞ୍ଚଳର ବିଭିନ୍ନ କଳକାରଖାନାରେ କାମ କରୁଥିବା ବୀମାଧାରୀ ଶ୍ରମିକମାନେ ଏଥିରେ ସାମିଲ୍ ହୋଇଥିଲେ। ବୃତ୍ତିଗତ ରୋଗ କେନ୍ଦ୍ର, ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି, ସମସ୍ତ ବିଭାଗରେ ବିଶେଷଜ୍ଞ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ରେଡିଓଲୋଜିଷ୍ଟ, ସମସ୍ତ ରୋଗ ପାଇଁ ପରୀକ୍ଷାଗାର ଓ ରୋଗ ପରୀକ୍ଷା ପାଇଁ ଅତ୍ୟାଧୁନିକ ଉପକରଣ ଯୋଗାଇ ଦେବା ଆଦି ଦାବିରେ ୟୁନିୟନ୍ ପକ୍ଷରୁ ଗତ ୨ ଦିନ

### ଦାବିପୂରଣ ନହେଲେ ପୁଣି ଆନ୍ଦୋଳନ

ଧରି ଧାରଣା ଦିଆଯାଇଥିଲା। ଧାରଣାର ଦ୍ୱିତୀୟ ଦିନରେ ସିଆଇଟିୟୁର କେନ୍ଦ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି, ରାଜ୍ୟ କମିଟି ସଦସ୍ୟ ଯଯାତି କେଶରୀ ସାହୁ, ରାଜକିଶୋର ପ୍ରଧାନ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଅଜିତ ଏକ୍କା, ଅଜୟ ଶର୍ମା ଓ ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ୍ ମଜଦୁର୍ ୟୁନିୟନ୍‌ର ସମ୍ପାଦକ ସମ୍ବିତ ସ୍ୱାଇଁ ପ୍ରମୁଖ ଧାରଣାକାରୀଙ୍କୁ ବୁଝାଇଥିଲେ।

## ୩ ବାଇକ୍ ଚୋର ଗିରଫ



**ରାଉରକେଲା,୨୧।୮/ଏନ୍‌ଏନ୍‌ଏସ୍:** ରଘୁନାଥପାଲ୍ଲୀ ପୁଲିସ୍ ବାଇକ୍ ଚୋରି ର୍ୟାକେଟ୍‌ରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଳଦା ସି ବ୍ଲକ୍‌ର ଶଙ୍କର ଲୋହାର, ସୁନ୍ଦରଗଡ଼ ଜିଲ୍ଲା ଭଞ୍ଜପାଲିର ରବି ଲୋହାର ଓ ଆଜାଦ ବସ୍ତିର ପଣ୍ଡା ମହାକୁଦ। ଅଭିଯୁକ୍ତଙ୍କଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୧୬ଟି ବାଇକ୍ ଉଦ୍ଧାର କରାଯାଇଛି। ଏନେଇ ରଘୁନାଥପାଲ୍ଲୀ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ୍ ଘଟଣାର ତଦନ୍ତ ଜାରି ରଖି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏହି ଦଳ ବାଇକ୍ ଚୋରି କରି କୋଇଡ଼ା ଅଞ୍ଚଳରେ ଗଚ୍ଛିତ ରଖୁଥିବା ଜଣାପଡ଼ିଛି। ପରେ ଏହାକୁ ଗ୍ରାହକ ଦେଖି ବିକ୍ରି କରୁଥିଲେ। ଅଭିଯୁକ୍ତ ଶଙ୍କର ବର୍ତ୍ତମାନ ଜଗଦା ଅଞ୍ଚଳରେ ରହି ଏହି ଦଳର ପରିଚାଳନା କରୁଥିଲା। ଏହି ଦଳ ଆହୁରି ଅଧିକ ବାଇକ୍ ଚୋରିରେ ସମ୍ପୃକ୍ତ ଥିବା ଅନୁମାନ କରି ପୁଲିସ୍ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି। ଏହି ଦଳ ବାଇକ୍ ଚୋରି କରି ଏହାର ନମ୍ବର ପ୍ଲେଟ୍ ବଦଳାଇ ଗ୍ରାହକଙ୍କୁ ୧୦ରୁ ୧୫ ହଜାର ମଧ୍ୟରେ ବିକ୍ରି କରୁଥିବା ପୁଲିସ୍ ସୂଚନା ଦେଇଛି। ଅଭିଯୁକ୍ତଙ୍କ ନାମରେ ରଘୁନାଥପାଲ୍ଲୀ ଓ ଟାଙ୍ଗରପାଲି ଥାନାରେ ପୂର୍ବରୁ ମାମଲା ରହିଥିବା ପୁଲିସ୍ ସୂଚନା ଦେଇଛି।

# ଖୋର୍ଦ୍ଧାରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ



**ଖୋର୍ଦ୍ଧା,୨୧।୮/ଏନ୍ଏନ୍ଏସ୍:** ଅଗଷ୍ଟ ମାସ ୨୧ ତାରିଖକୁ ୧୯୯୧ ମସିହା ଠାରୁ ବିଶ୍ୱରେ ବରିଷ୍ଠ ନାଗରିକ ଦିବସ ରୂପେ ପାଳନ କରାଯାଉଛି । ବରିଷ୍ଠ ନାଗରିକମାନେ ସେମାନଙ୍କର ଜୀବନବ୍ୟାପି ସାଧନା ଓ ପରିବାର ସହିତ ସମାଜକୁ ଦେଇଥିବା ପରାମର୍ଶ ନିମନ୍ତେ ସେମାନଙ୍କୁ କୃତଜ୍ଞତା ଜଣାଇବା ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ । ଅନୁଷ୍ଠାନର ସଭାଗୃହରେ ରତ୍ନାକର ରଣସିଂହଙ୍କ ସଭାପତିତ୍ୱରେ ଏହି ଦିବସ ପାଳନ କରାଯାଇଥିଲା । ଓଡ଼ିଶା ଷ୍ଟେଟ୍ ଇଲେକ୍ଟ୍ରିସିଟି ବୋର୍ଡର ପ୍ରାକ୍ତନ ଇଞ୍ଜିନିୟର-ଇନ୍-ଚିଫ୍ ମନୋରଞ୍ଜନ ଜେନା ମୁଖ୍ୟ ଅତିଥି ରୂପେ ମଞ୍ଚାସିନ ଥିଲେ ଓ ସେ ୭୮ବର୍ଷରେ ପଦାର୍ପଣ କରିଥିବାରୁ ତାଙ୍କୁ ଅନୁଷ୍ଠାନ ତରଫରୁ ଡାକ୍ତର ଶୁଭେନ୍ଦୁ କୁମାର ମିଶ୍ର ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ୧୯୪୭ ମସିହା, ଦେଶ ସ୍ୱାଧିନତା ସମୟରେ ଭାରତୀୟଙ୍କ ହାରାହାରି ଆୟୁଷ ୩୨ ବର୍ଷ ଥିଲାବେଳେ ବର୍ତ୍ତମାନ ୭୦.୮୨ ବର୍ଷରେ ପହଞ୍ଚିଛି । ବିଶ୍ୱରେ ହାରାହାରି ଆୟୁଷ ୭୩.୪୯ ବର୍ଷ ଥିବାବେଳେ ଜାପାନ ଦେଶର ଅଧିବାସୀଙ୍କ ହାରାହାରି ଆୟୁଷ ବିଶ୍ୱରେ ସର୍ବାଧିକ ୮୫.୨୬ ବର୍ଷ । ଆମ ଦେଶ ଜନସଂଖ୍ୟାର ୧୦.୫ ଶତକଡ଼ା ବରିଷ୍ଠ ନାଗରିକ ୬୦ ବର୍ଷରୁ ଉର୍ଦ୍ଧ୍ୱ ଥିବାବେଳେ ୨୦୫୦ ମସିହା ବେଳକୁ ଏହା ୨୦.୫ ଶତକଡ଼ାରେ ପହଁଞ୍ଚିବ ବୋଲି ଜନଗଣନା ସୂଚୀରୁ ହିସାବ କରାଯାଉଅଛି । ସରକାରୀ ଓ ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ଆମ ଦେଶରେ ୬୦ ବର୍ଷ ବୟସରେ ଅବସର ପ୍ରଦାନ କରାଯାଉଥିବାରୁ ଦେଶର ଏକ ବୃହତ ସଂଖ୍ୟକ ମାନବସମ୍ବଳ ଶାରୀରିକ ଓ ମାନସିକ ଶକ୍ତି ଥାଇ ମଧ କାର୍ଯ୍ୟ କରିବାରୁ ବଞ୍ଚିତ ହେଉଛନ୍ତି । ଅପରପକ୍ଷରେ ଦେଶରେ କର୍ମ ସଂସ୍ଥାନ ଅଭାବରୁ ଏକ ବୃହତ ସଂଖ୍ୟକ ଯୁବବର୍ଗ ବେରୋଜଗାର ରହିବା ମଧ ଏକ ଚିନ୍ତାର ବିଷୟ । ଏହି ପରିସ୍ଥିତିରେ ବରିଷ୍ଠ ନାଗରିକମାନେ ନିସ୍ୱାର୍ଥପର ମନୋଭାବ ନେଇ ସାମାଜିକ କ୍ଷେତ୍ରରେ କାର୍ଯ୍ୟକରି ଦେଶ ଗଠନ ପ୍ରକ୍ରିୟାରେ ଯୋଗଦାନ କରିବାକୁ ମଞ୍ଚର ସମ୍ପାଦକ ରାମଶଙ୍କର ସଭାରେ ନିବେଦନ କରିଥିଲେ । ଶେଷରେ ବିପିନ ବିହାରି ମଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦ୍‌ଘାଟନ ଅପେକ୍ଷାରେ ଥିବା ଡାକ୍ତରଖାନା କୋଠାରୁ ଛାଡ଼ିଲା ରଙ୍ଗ



**ନୟାହାଟ,୨୧।୮/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତ ନୟାହାଟ ଠାରୁ ୭କିମି ଦୂର ହୋଇଥିବା ବେଳେ ଚିକିତ୍ସା ପାଇଁ ସେଠାର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମୟରେ ଦୁର୍ଗାପୁର ବାତ୍ୟାଶ୍ରାୟସ୍ଥଳୀ ପାଖରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇଥିବା ବେଳେ ଏଥିରେ ୪୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ହୋଇନଥିବା ବେଳେ କାନ୍ଥରୁ ରଙ୍ଗ ଛାଡ଼ିବା ଦେଖିବାକୁ ମିଳିଛି । ନିମ୍ନମାନର କାର୍ଯ୍ୟ ଯୋଗୁଁ ନିର୍ମାଣ ହୋଇଥିବା କୋଠାର ସ୍ଥାୟୀତ୍ୱ ନେଇ ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ ଉକ୍ତ ଘଟଣାର ତଦନ୍ତ ଦାବି କରିଛନ୍ତି ।

## ଟାଙ୍ଗୀରେ ସିଏନ୍‌ଜି ପମ୍ପ୍ ଉଦ୍‌ଘାଟିତ

**ଟାଙ୍ଗୀ,୨୧।୮/ଏନ୍ଏନ୍ଏସ୍:** ଟାଙ୍ଗୀ ସ୍ଥିତ ରବିନ୍ଦ୍ର ଆଣ୍ଡ କୋ ଫିଲିଂ ଷ୍ଟେସନରେ ପ୍ରଥମ ଥର ପାଇଁ ସିଏନଜି ପମ୍ପ ଉଦ୍‌ଘାଟିତ ହୋଇଯାଇଛି । ଫିଲିଙ୍ଗ ଷ୍ଟେସନ୍‌ର ମାଲିକ ଆଦିତ୍ୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଏଚ୍ ପିସିଏଲର ଜେନେରାଲ ମ୍ୟାନେଜର ସି.ଆର ବିଜୟ କୁମାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଶିଷ ପାଣ୍ଡେ, ଏସ୍‌ଓ ରିଷଭ ସିଂ ଯୋଗ ଦେଇ ସିଏନଜି ପେଟ୍ରୋଲ ଓ ଡିଜେଲ ଦରଠାରୁ ଶସ୍ତା ଓ ବିଶେଷ କରି ବାୟୁ ପ୍ରଦୂଷଣ ମୁକ୍ତ ରଖିବାରେ ସହାୟକ ହେବ । ତେଣୁ ପ୍ରତ୍ୟେକଟି ଗ୍ରାହକ ପେଟ୍ରୋଲ ଓ ଡିଜେଲଠୁ ସିଏନଜି ବ୍ୟବହାର ଗୁରୁତ୍ୱ ଦିଅନ୍ତୁ ବୋଲି କହିଥିଲେ । ଅତିଥି ଭାବେ ସିଏନଜି ଗ୍ୟାସର କୌସିକ ଦାସ, ଗିରିବାବୁ ପୂପାଲା, ହରଗୋପାଲ ଡାଡି ପ୍ରମୁଖ ଯୋଗଦେଇଥିବା ବେଳେ ଫିଲିଂ ଷ୍ଟେସନ୍‌ର ରଶ୍ମି ରଞ୍ଜନ ପଢିହାରି, ଦର୍ଶନ ବିଶ୍ୱାଳ, କିଶୋର ଲେଙ୍କା, ଦୁର୍ଗା ଚରଣ ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

## ବିଦେଇ ବାବାଜୀଜିଉ ଯୁବକ ସଂଘ ପକ୍ଷରୁ ସଦ୍‌ଭାବନା ଦିବସ

**ମାହାଙ୍ଗା,୨୧।୮/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହୀପୁର ପଞ୍ଚାୟତସ୍ଥିତ ବରାହୀପୁର ଠାରେ ବିଦେଇ ବାବାଜୀଜିଉ ଯୁବକ ସଂଘ ପକ୍ଷରୁ ମାଇଁ ଭାରତ ସହାୟତାରେ ସଦଭାବନ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଂପାଦକ ବିଭୂତି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ଶିକ୍ଷାବିତ ଦତହରି ସାହୁ, ଶିକ୍ଷାବିତ ଡଃ ଜୟରାମ ସ୍ୱାଇଁ, ଜଗବନ୍ଧୁ ରାଉତ ପ୍ରମୁଖ ଯୋଗଦେଇ ସଦଭାବନ ଦିବସ ଉପରେ ବିଷଦ ଭାବେ ଆଲୋଚନା କରିଥିଲେ । ହେମନ୍ତ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ରାମଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ହାଇଓ୍ୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବଲଙ୍ଗା,୨୧।୮/ଏନ୍ଏନ୍ଏସ୍:** ବଲଙ୍ଗା ଥାନା ଅନ୍ତର୍ଗତ ଗଡଚାନ୍ଦପୁର ଗ୍ରାମର ଜେନାମଣି ଶିବପ୍ରସାଦ ମାନସିଂହ(୩୨) ମୃତ୍ୟୁବରଣ କରିଥିବାବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ମୁତାବକ ଗଡଚାନ୍ଦପୁର ଗ୍ରାମର ଜେନାମଣି ଶିବପ୍ରସାଦ ମାନସିଂହ ବାଲିପାଟଣା ରେ ଏକ ପାଉଁରୁଟି କମ୍ପାନୀ ରେ କାମ କରୁଥିଲେ । କମ୍ପାନୀ ଗାଡି ୧୦୭ ରେ ମାଲ ନେଇ ଯାଉଥିବା ବେଳେଭୁବନେଶ୍ୱର ତମାଣ୍ଡୋ ଠାରେ ହାଇଓ ଧକ୍କା ଦେଇଥିଲବେଳେ ଘଟଣାସ୍ଥଳରେ ମୃତ୍ୟୁବରଣ ଘଟିଥିଲା । ଶିବପ୍ରସାଦଙ୍କ ବାପା ଦିଲ୍ଲିପ କୁମାର ମାନସିଂହ କିଛିଦିନ ପୂର୍ବରୁ ମୃତ୍ୟୁବରଣ କରିଥିବାବେଳେ ପରିବାର ବୋଝ ନିଜ ଉପରେ ନିର୍ଭର କରୁଥିଲା । ଶିବପ୍ରସାଦଙ୍କ ଏକ ୫ମାସର ପୁତ୍ର ସନ୍ତାନ ଏବଂ ସ୍ତ୍ରୀ ଥିବାବେଳେ ଏଭଳି ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ରାସ୍ତା ଉପରେ ଜଳିଗଲା ଆମ ବସ୍, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ଖୋର୍ଦ୍ଧା,୨୧।୮/ଏନ୍ଏନ୍ଏସ୍:** ୧୬ନଂ ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ପଞ୍ଚପାଇକ ଛକ ନିକଟେର ହୁତୁହୁତୁ ହୋଇ ଜଳିଲା ଆମ ବସ୍ । ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ବସ୍‌ରେ ଥିବା ଯାତ୍ରୀ । ଖବର ପାଇ ପୁଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ପ୍ରକାଶଥାଉ କି, ଆଜି ଓଡି.୩୩ୟୁ-୭୩୪୩ ନଂ ବିଶିଷ୍ଟ ଆମ ବସ୍ ଜଗତପୁରରୁ ଭୁବେନଶ୍ୱର ଦେଇ ଖୋର୍ଦ୍ଧା ଅଭିମୁଖେ ଆସୁଥିଲା । ବସ୍‌ରେ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ ରହିଥିଲେ । ମାତ୍ର ଚଳନ୍ତା ଅବସ୍ଥାରେ ହଠାତ୍ ବସ ରୁ ପଂଚପାଇକ ଛକ ନିକଟେର ଧୂଆଁ ବାହାରିଥିଲା । ଧୂଆଁ ଦେଖି ଡ୍ରାଇଭର ଓ କଣ୍ଡକ୍ଟର ସଂଗେ ସଂଗେ ଯାତ୍ରୀମାନଙ୍କୁ ତଳକୁ ଓହ୍ଲାଇଦେଇଥିଲେ । ଯାତ୍ରୀ ଓହ୍ଲାଇବା କ୍ଷଣି ବସ୍‌ଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା । ଖବର ପାଇ ଶିଳ୍ପାଞ୍ଚଳ ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ‘ଓଡ଼ିଶାର ସାଂସ୍କୃତିକ ବିକାଶ ପାଇଁ ଗଣମାଧ୍ୟମ ସଂକଳ୍ପବଦ୍ଧ ହେଉ’



**ପୁରୀ,୨୧।୮/ଏନ୍ଏନ୍ଏସ୍:** ଓଡ଼ିଶାର ସାଂସ୍କୃତିକ ବିକାଶ ପାଇଁ ଗଣମାଧ୍ୟମ ସଂକଳ୍ପବଦ୍ଧ ହେଉ ବୋଲି କହିଛନ୍ତି ସ୍ତମ୍ଭକାର ତଥା ପତ୍ରକାର ଡକ୍ଟର ବଦ୍ରି ମିଶ୍ର । ଢେଙ୍କାନାଳସ୍ଥ ଭାରତୀୟ ଜନସଂଚାର ସଂସ୍ଥାନର ଗଣମାଧ୍ୟମ ଓ ଗଣଯୋଗାଯୋଗ ପାଠ୍ୟକ୍ରମରେ ଯୋଗଦାନ କରିଥିବା ପଚିଶିତମ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଡକ୍ଟର ମିଶ୍ର,ଏକ ଶୃଙ୍ଖଳିତ ସମାଜ ଗଠନ ପାଇଁ ଅପରାଧ କାହାଣୀ, ଯୌନ ଉଦ୍ଦିପକ କାହାଣୀ, ହତ୍ୟା-ଗଣହତ୍ୟାର ସମ୍ବାଦ ଅପେକ୍ଷା ଗଣମାଧ୍ୟମ, ଓଡ଼ିଶାର ସାମାଜିକ ବିକାଶ, ଜନଗଣଙ୍କ ସମସ୍ୟା ବିଶେଷ କରି ଉତ୍କଳୀୟ ସଂସ୍କୃତିର ସୁରକ୍ଷା ପାଇଁ କଲମ ଓ କ୍ୟାମେରା ଚଳାନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଫେସର ମୃଣାଳ ଚାଟାର୍ଜୀ ଓ ପ୍ରଫେସର ଜୀତେନ୍ଦ୍ର ପତି ଉପସ୍ଥିତ ଥିଲେ । ଏହି ଅବସରରେ ନୂତନ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଗଣମାଧ୍ୟମର ଅତୀତ, ବର୍ତ୍ତମାନ ଓ ଆଜି ର ଆବଶ୍ୟକତା ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ୧କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ଗଞ୍ଜେଇ ଜବତ, ଆନ୍ତଃଜିଲ୍ଲା ଗଞ୍ଜେଇ ବେପାରୀ ଗିରଫ

**ଖୋର୍ଦ୍ଧା,୨୧।୮/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଅବକାରୀ ପୁଲିସକୁ ମିଳିଛି ବଡ଼ ସଫଳତା । ଅବକାରୀ ଟିମ୍ ଜଣେ ଆନ୍ତଃଜିଲ୍ଲା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ଗଞ୍ଜେଇ ସମେତ ଏକ ପିକ୍‌ଅପ୍ ଭ୍ୟାନ୍ ଗାଡିକୁ ଜବତ କରିଥିବା ଜଣାପଡ଼ିଛି । ଗିରଫ ବେପାରୀ ହେଲେ ପୁରୀ ଜିଲ୍ଲା ପିପିଲି ନୂଆଶାସନ ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଗୁଡୁମ ଗୋକୁଳପୁରର ପ୍ରିୟରଞ୍ଜନ ପଣ୍ଡା (୪୮) । ପ୍ରକାଶଥାଉକି, ଗଞ୍ଜେଇ ମାଫିଆଙ୍କ ଲାଗି ଏବେ ସୁବିଧା ରାସ୍ତା ପାଲଟିଛି ଜାତୀୟ ରାଜପଥ ଗଦୈନିକ ଅବକାରୀ ଓ ପୁଲିସକୁ ଚଖମା ଦେଇ ବିଭିନ୍ନ ଫନ୍ଦିରେ ମାଫିଆମାନେ ଗଞ୍ଜେଇ ଚାଲାଣ କରୁଛନ୍ତି । ଏହି ଘଟଣାରେ ପ୍ରିୟରଞ୍ଜନଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଥିବା ବେଳେ ଜବତ ଗଞ୍ଜେଇର ମୂଲ୍ୟ ୧କୋଟି ୫ଲକ୍ଷ ଟଙ୍କା ଏବଂ ଜବତ ଗାଡ଼ିର ମୂଲ୍ୟ ୭ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧିକ୍ଷକ ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି ।

## ଝୋଟ ତାଲିମ୍ ପ୍ରଶିକ୍ଷଣ ଉଦ୍‌ଯାପିତ




**ଓଡ଼ଗାଁ,୨୧।୮/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଶରଣକୁଳ ପଞ୍ଚାୟତ ଗୁଞ୍ଜୁବାରଣ ଗ୍ରାମରେ ଝୋଟ ତାଲିମ୍ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଝୋଟ ଏବଂ ଝୋଟର ବିବିଧକୃତ ପ୍ରୟୋଜନର ମୂଲ୍ୟବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗତମାସ ୨୩ ତାରିଖରୁ ତାଲିମ୍ ଶିବିର ଆରମ୍ଭହୋଇ ଆଜିଶେଷ ହୋଇଛି ।ଏଥିରେ ବିଭିନ୍ନ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀର ୨୦ଜଣ ମହିଳାଙ୍କୁ ଝୋଟର ୬ପ୍ରକାରର ଜିନିଷ ତିଆରି ଉପରେ ତାଲିମ୍ ପ୍ରଦାନ କରାଯାଇଥିଲା । ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଏସଏଜି ଗ୍ରୁପର ଲୋପାମୁଦ୍ରା ମହାନ୍ତି ଓ କଟକର ରୋଶା ଅନୁଷ୍ଠାନ ତାଲିମ୍ ପ୍ରଦାନ କରିଥିଲେ । ଏହି ତାଲିମ୍ ଶିବିରରେ ଅଂଶଗ୍ରହଣ କରିଥିବା ମହିଳାଙ୍କୁ ୩ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଜିଲ୍ଲା କୃଷି ଅଧିକାରୀ ଗୌରୀ ଶଙ୍କର ମିଶ୍ର, ମୃତ୍ତିକା ରସାୟନବିତ୍ ନରେଶ ପଟ୍ଟନାୟକ, ଜିଲ୍ଲା ସହକାରୀ କୃଷି ଅଧିକାରୀ ଜ୍ୟୋତିଶିଖା ନାୟକ, ଗୋଷ୍ଠୀ କୃଷିଧିକାରୀ ପ୍ରତିଭା ପ୍ରଧାନ, ମୃତ୍ୟୁଞ୍ଜୟ ବେହେରା ଆଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି ।

## ଜିଲ୍ଲା କଂଗ୍ରେସ କମିଟିର ସାଂଗଠନିକ ବୈଠକ




**ଓଡ଼ଗାଁ,୨୧।୮/ଏନ୍ଏନ୍ଏସ୍:** ଓଡ଼ଗାଁ ଏନ୍ଏସି ସ୍ଥିତ ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ ଗୁରୁବାର ନୟାଗଡ ଜିଲ୍ଲା କଂଗ୍ରେସ କମିଟିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନୟାଗଡ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ, ଅଖିଳ ଭାରତ କଂଗ୍ରେସ କମିଟି, କିଷାନ କଂଗ୍ରେସ ଓ ଜାତୀୟ କଂଗ୍ରେସ ସଂଯୋଜକ ପ୍ରମୁଖ ଯୋଗଦେଇ ଓଡ଼ଗାଁ ବ୍ଲକ କଂଗ୍ରେସ କମିଟି ସଂଗଠନକୁ କ୍ରିୟାଶୀଳ କରିବାପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ଆଗାମୀ ସାଂଗଠନିକ ପ୍ରକ୍ରିୟାରେ ବ୍ଲକ କଂଗ୍ରେସ କମିଟି ସଭାପତି ଚୟନପାଇଁ ବିଭିନ୍ନ ବର୍ଗର କାର୍ଯ୍ୟକର୍ତ୍ତାଙ୍କ ଠାରୁ ମତାମତ ଗ୍ରହଣ କରାଯାଇଥିଲା । ଉକ୍ତ ବୈଠକରେ ଓଡ଼ଗାଁ ବ୍ଲକ ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନୟାଗଡ ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ରଣଜିତ ଦାସ, ବରିଷ୍ଠ ନେତା ମନୋଜ କୁମାର ସାହୁ, ବିଧାୟକ ପ୍ରାର୍ଥୀ ବିଭୁପ୍ରସାଦ ମିଶ୍ର, ସମିତିସଭ୍ୟ ପ୍ରତୀକ ମହାପାତ୍ର, ନିରଞ୍ଜନ ତ୍ରିପାଠୀ, ଦେବରାଜ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ମଦନ ବିଶୋଇ, ଆଲୋକ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଆଇନଜୀବୀ ବିଭୂତି ରାଉତଙ୍କ ସମେତ ବହୁ ପୁରୁଖାକର୍ମୀ ଯୋଗଦେଇଥିବା ଜଣାପଡ଼ିଛି ।

## ନାରୀ ନିର୍ଯାତନା ନିରୋଧି ଶିବିର

**ଫୁଲନଖରା,୨୧।୮/ଏନ୍ଏନ୍ଏସ୍:** ନାରୀ ପ୍ରତି ବୃଦ୍ଧି ପାଉଥିବା ଯୌନ ଉତ୍ପୀଡ଼ନ ଓ ନିର୍ଯାତନା ସଂକ୍ରାନ୍ତରେ ଏକ ସଚେତନତା ଶିବିର ନଛିପୁରସ୍ଥ ଶୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଥିଲା । ସଦର ଥାନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୁଲିସ ଉପାୟୁକ୍ତ ଦେବଦତ୍ତ କର, ଆଇଆଇସି ଓମପ୍ରକାଶ ମହାନ୍ତି, ସାଇବର ଥାନା ଅଧିକାରୀ ରଶ୍ମିତା ଜେନା, ଜଗନ୍ନାଥ ମଲିକ, ଏସିପି ଶଶିଭୂଷଣ ରାଉତ ପ୍ରମୁଖ ଯୋଗଦେଇ ସମାଜରେ ନାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିବା ସହିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ଅନୁଷ୍ଠାନର ମୁଖ୍ୟ ଇଂ. ସୁନିଲକୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲାବେଳେ ଡିନ୍ ପ୍ରଫେସର ରଞ୍ଜନ କୁମାର ସାହୁ, ପ୍ରଫେସର ଚିତ୍ତରଞ୍ଜନ ପଣ୍ଡା, ପ୍ରଫେସର ସରିତା ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ଶିବିରରେ ପ୍ରତିଷ୍ଠାନର ୫ଶହରୁ ଉର୍ଦ୍ଧ୍ୱ ସଂଖ୍ୟକ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ଆଭିମୁଖୀକରଣ

**ପୁରୀ,୨୧।୮/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢୀଙ୍କ ଅଧ୍ୟକ୍ଷତରେ ଜିଲ୍ଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଆଭିମୁଖୀ କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ପୌର ପରିଷଦ ଟାଉନହଲ୍ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୦୨୪-୨୦୨୫ ବାର୍ଷିକ ପରୀକ୍ଷାରେ ଇ୧ ଗ୍ରେଡ୍‌ରେ ପାସ୍ କରିଥିବା ୩୬ ଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଓ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଇ୨ ଗ୍ରେଡ୍‌ରେ ପାସ୍ କରିଥିବା ୩ଜଣ, ୬ଜଣ ପି.ଇ.ଟି. ଶିକ୍ଷକ ଓ ସ୍ପୋର୍ଟର ସାତଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡା ସଭାପତିତ୍ୱ କରିଥିଲେ । ପ୍ରତ୍ୟେକ ସପ୍ତାହରେ ଭର୍ଚୁଆଲ ବୈଠକ ଜରିଆରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ବେସିକ୍ ଟେଷ୍ଟ ଓ ଦକ୍ଷତା ବ୍ଲକ ଶିକ୍ଷାଧିକାରୀଙ୍କ ତତ୍ତ୍ୱବଧାନରେ କରାଯିବା ପାଇଁ ସ୍ଥିର କରାଗଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିଂମାଂଶୁ ଭୂଷଣ ସାମର୍ଥ ଓ ଭବରଙ୍ଗ ପ୍ରଧାନ ପ୍ରତ୍ୟେକ ବ୍ଲକର ଶିକ୍ଷାଧିକାରୀ ଓ ସମେତ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଯୋଗଦେଇଥିଲେ ।


**AFFIDAVIT**

By virtue of an affidavit sworn before Notary Public, Balliguda dated 11.08.2025, I Umakanta Naik, aged about 37 years, Son of Raghunath Nayak of Village- Belghar, K.K.D.A. Colony, P.O- Belghar, P.S- Belghar, Dist- Kandhamal, PIN- 762107, Odisha have changed the name of my minor daughter from "N.ADHWISHAA KUMARI" to "ADHWISHAA KUMARI NAIK", and henceforth she shall be known as "**ADHWISHAA KUMARI NAIK**" for all purpose.

**AFFIDAVIT**

I, Manoj Moda, aged about 43 years, S/O-Late Girish Kumar Moda, Residing At-Plot No.2D/807, Sector-11, Near Model Police Station, CDA, PO- Avinab Bidanasi, PS-Sector-11, Model Police Station, Dist-Cuttack -753014, Odisha declare by this Affidavit No-1863, Dtd.-18/08/2025, that now onwards I shall be known as **MANOJ KUMAR MODA** for all future purposes.

**NOTICE**

**The partnership firm JJ MINERALS bearing Regd No 520202100113/2021 and its principal place At/PO-Barikpur, PS/Dist-Bhadrak, Pin- 756112 Odisha has been dissolved on dtd 05/01/2024.**

**Satya Ranjan Debata**
**JJ MINERALS**

**AFFIDAVIT**

By virtue of an affidavit sworn before Executive Magistrate, Puri, dated 20.08.2025, I, Suni Jena resident of At- Hatishala, Lokanathghat, Po.- Puri, Ps.- Basli Sahi, Dist.- Puri, State-Odisha, Pin- 752001 declare that I have changed my name from **Sunita Jena** (Old name) to **Suni Jena** (New name). Henceforth, I shall be known as **Suni Jena** for all purposes.
Sd/- **Suni Jena**

C-933

**Bhubaneswar Municipal Corporation**
**South West Zone**
Phone : 0674-2552715, Fax : 0674-2432895, E-mail : info@bmc.gov.in, Web : www.bmc.gov.in

**ନୋଟିସ୍**

No. 5154 Date : 14.08.2025

ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ ପଶ୍ଚିମ ମଣ୍ଡଳ ଅନ୍ତର୍ଗତ ନିମ୍ନଲିଖିତ ପାର୍କର ରକ୍ଷଣାବେକ୍ଷଣ ନିମନ୍ତେ RWA/SHG ଯେଉଁମାନେ ଇଚ୍ଛୁକ ଅଛନ୍ତି ସେମାନେ ନିମ୍ନ ପ୍ରମାଣ ପତ୍ର ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ତା.୨୦.୦୮.୨୦୨୫ରିଖ ଠାରୁ ତା.୨୪.୦୮.୨୦୨୫ ରିଖ ସଂଧ୍ୟା ୫.୦୦ ଘଟିକା ମଧ୍ୟରେ ଦାଖଲ କରିପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

| କ୍ର. ନଂ. | ୱାର୍ଡ ନଂ | ପାର୍କର ନାମ | ପାର୍କ କ୍ଷେତ୍ରଫଳ | ପାର୍କର ଠିକଣା |
|---|---|---|---|---|
| ୧ | ୨୪ | Census Colony Park, Baramunda | Ac.045 decimal | Census Colony Park, Baramunda |

୧. ରେଜିଷ୍ଟ୍ରେସନ କପି ୨. ମେମ୍ବର ମାନଙ୍କ ତାଲିକା ୩. ବୈଠକ ବିବରଣୀ

ସ୍ୱା/- ଉପାୟୁକ୍ତ ମଣ୍ଡଳ ଅଧିକ୍ଷ
ଦକ୍ଷିଣ ପଶ୍ଚିମ ମଣ୍ଡଳ
ଭୁବନେଶ୍ୱର ମହାନଗର ନିଗମ

OIPR-13002/11/0236/2526

O-619

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE : ANGUL**
E-mail : sencrwangul@yahoo.co.in, Ph. 06764-236404

**Tender Call Notice for Building works in Odisha**
**Bid Identification No. Building Online AGL-11/2025-26**

No. 2384 Dt. 18.08.2025

1. Name of the work : Building work
2. Total No. of work : 5 Nos.
3. Estimated cost : Rs.108.46 to Rs.113.70 lakhs Approx.
4. Class of Contractor : 'B' & 'A' Class
5. Period of completion : As per Annexure
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Building Online-AGL-11/2025-26 | 26.08.25 at 10.00 AM | 09.09.25 up to 5.00 PM | 08.09.25 up to 1.00 PM | 10.09.25 at 11.00 AM | Will be intimated later on |

For detailed notice inviting tenders, please visit to the website www.tendersorissa.gov.in

Sd/- Chief Construction Engineer
Rural Works Circle, Angul

OIPR-25180/11/0064/2526

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଉପ ମହାପ୍ରବନ୍ଧକ (ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ
ଅତ୍ୟଧିକ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ବଲାଙ୍ଗୀର
CIN-U40102OR2004SGC007553

OPTCL Lifeline of Odisha

CAD-1555

**ବିଜ୍ଞପ୍ତି**

ଏତଦ୍ୱାରା ଜନ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆଗଲପୁର ରାମପୁର ଠାରେ ଥିବା ୧୩୨/୩୩ କେ. ଭି. ଗ୍ରୀଡ ସବଷ୍ଟେସନ ଓ ୧୩୨ କେ.ଭି. ବଲାଙ୍ଗୀର-ବରପାଲି ଲାଇନକୁ ସଂଯୋଗ କରୁଥିବା ସଂପୃକ୍ତ ୧୩୨ କେ.ଭି. ଲାଇନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । ଉକ୍ତ ଲାଇନଟି ବଲାଙ୍ଗୀର ଜିଲ୍ଲାର ଝାରବନ୍ଧଲି,ମାନୁପାଲି ଓ ରାମପୁର ଗ୍ରାମ ଦେଇ ଯାଉଅଛି । ଉକ୍ତ ଲାଇନ୍‌ଟି ଆସନ୍ତା ତା. ୨୨.୦୮.୨୦୨୫ରିଖ ପରଠାରୁ ଯେକୌଣସି ମୁହୂର୍ତ୍ତରେ ବିଦ୍ୟୁତ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ ।

ଏହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ୧୯୫୬ ଅନ୍ତର୍ଗତ ଧାରା ୭୯,୮୦ ଓ ୮୨(କ) ଅନୁଯାୟୀ ଉପରୋକ୍ତ ସଂଚାରଣ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଘର ତୋଳିବା, ଗଛ ଲଗାଇବା, ଟାୱାରରେ ଚଢିବା କିମ୍ବା ତହିଁରେ ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି । ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ । ଯଦି ଏଥିରେ ବ୍ୟତିକ୍ରମ ହେତୁ କିଛି ଅଘଟଣ ହୁଏ, ସେଥିପାଇଁ ଓଡିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ ।

ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ)
ଇ.ଏଚ୍.ଟି (ପ୍ରୋଜେକ୍ଟ) ଡିଭିଜନ,ବଲାଙ୍ଗୀର

FIPR-38/2025-26 OIPR-04011/11/0210/2526

/optcl.odisha /optcl_odisha

E-336

**ZILLA SWASTHYA SAMITI, ANGUL**
**O/o- The CDM &PHO cum District Mission Director, Angul**
**TENDER CALL NOTICE**

No. 1880 Date : 19.08.2025

Sealed Tenders are invited from the interested firms / agencies / organization for **Selection of NABL Accredited Lab for Quality testing of Linen & Water (Used especially in Dialysis Centers) Samples at Public Health Facilities** as per given specifications and details of terms and conditions as available in Angul district website i.e, **https://angul.odisha.gov.in.** Interested firms / agencies / organization are requested to submit Tender (under two bid system) along with necessary documents (Technical & Financial Bid separately and outer envelope must contain the said two bids documents) to the office of the CDM & PHO, Angul, District Head Quarter Hospital, PIN – 759122 within due date and time through Regd. Post/Speed Post/Courier only. The authority reserves all the rights to cancel or reject partially or all tender without assigning any reason thereof. The typographical error (if any) may be exempted.

Sd/-
CDM & PHO cum DMD, Angul

OIPR-10142/11/0016/2526

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

## ଓଡ଼ିଶାର ହାତୀ ସଂରକ୍ଷଣ ...

ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ ଓଡ଼ିଶାର ବିକାଶକୁ ସୁରକ୍ଷା-କେନ୍ଦ୍ରିକ ଦୃଷ୍ଟିକୋଣରୁ ବାସସ୍ଥାନ କ୍ଷତିରୁ ସୃଷ୍ଟି ହେଉଥିବା ନକାରାତ୍ମକ ଅନ୍ତର୍କ୍ରିୟାକୁ ପରିଚାଳନା କରିବା ପାଇଁ ଏକ ସାମଗ୍ରିକ ସହାବସ୍ଥାନ ଦର୍ଶନ ଆଡ଼କୁ ରୂପରେଖ ଦେଇଥିଲେ। ପି. କେ. ଝା, ପିସିସିଏଫ୍ (ବନ୍ୟପ୍ରାଣୀ), ଓଡ଼ିଶା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଆଇୟୁସିଏନ୍ ପ୍ରଜାତି ସର୍ବାଇଭାର୍ ଉପାଧ୍ୟକ୍ଷ ହାଇଡି ରିଡଲ୍, ସହଯୋଗପୂର୍ଣ୍ଣ ବିଶ୍ୱ ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସୁରେଶ ପନ୍ତ, ପିସିସିଏଫ୍ ଏବଂ ହୋଏଫ୍ଏଫ୍, ଓଡ଼ିଶା, ହାତୀ ସଂରକ୍ଷଣରେ ରାଜ୍ୟସ୍ତରୀୟ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। କଲମ୍ବସ୍ ଚିଡ଼ିଆଖାନାର ପ୍ରାଣୀ ଯତ୍ନର ଉପାଧ୍ୟକ୍ଷ ଆଡାମ ଫେଲ୍ଟସ୍ ସର୍ବୋତ୍ତମ ଅଭ୍ୟାସ ଉପରେ ଅନ୍ତର୍ଜାତୀୟ ଦୃଷ୍ଟିକୋଣ ବାଣ୍ଟିଥିଲେ। ଓଡ଼ିଶା ସରକାରଙ୍କ ଏଫ୍ଇ ଆଣ୍ଡ୍ ସିସି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ରାଜ୍ୟସ୍ତରରେ ନୀତିଗତ ପଦକ୍ଷେପଗୁଡ଼ିକର ରୂପରେଖ ଦେଇଥିଲେ। ଡ. ମନୋଜ ଭି ନାୟାର, ସିସିଏଫ୍ (ବନ୍ୟପ୍ରାଣୀ) ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଦୁଇଦିନିଆ କର୍ମଶାଳାରେ ଶାନ୍ତିପୂର୍ଣ୍ଣ ମାନବ-ହାତୀ ସହ-ସମର୍ଥନ ପାଇଁ ସ୍ଥାୟୀ ରଣନୀତି ବିକଶିତ କରିବା ପାଇଁ ବିଶ୍ୱର ବିଶେଷଜ୍ଞମାନଙ୍କ ମଧ୍ୟରେ ବୈଷୟିକ ଅଧିବେଶନ, ଆଲୋଚନା ଏବଂ ଅଭିଜ୍ଞତା ବାଣ୍ଟିବା ଦେଖାଯିବ।

## ଆଇପିଏସ୍ ସ୍ତରରେ ...

ନିର୍ଦ୍ଦେଶକ, ଏସ୍. ପ୍ରବୀଣ କୁମାର, ଆଇଜି, ପ୍ରୋଭିଜର୍ନି, ଗଜଭିୟେ ସତୀଶ କୁମାର ଈଶ୍ୱରଦାସ, ଆଇଜି, ସ୍ପେସିଆଲ୍ ଆମର୍ଡ ପୁଲିସ, ସଞ୍ଜୟ କୁମାର କୌଶଳ, ଆଇଜି, ଇକୋନୋମିକ ଅଫେନ୍ସେସ୍ ଉଇଙ୍ଗ (ଇଓଡବ୍ଲ୍ୟୁ), ଅବିନାଶ କୁମାର, ନିର୍ଦ୍ଦେଶକ, ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏସ୍ସିଆର୍ବି), ସତ୍ୟଜିତ ନାୟକ, ଡିଆଇଜି, ସେଣ୍ଟ୍ରାଲ୍ ରେଞ୍ଜ, ପିନାକ ମିଶ୍ର, ଡିଆଇଜି, ଇଷ୍ଟର୍ଣ୍ଣ ରେଞ୍ଜ, ପରମାର ସ୍ମିତ ପୁରୁଷୋତ୍ତମ ଦାସ, ଏସ୍ପି, କ୍ରାଇମ୍ବ୍ରାଞ୍ଚ, ରାଜ ପ୍ରସାଦ, ଏସ୍ପି, ସ୍ପେସିଆଲ ବ୍ରାଞ୍ଚ, ଭବାନୀ ଶଙ୍କର ଉଦଗାତା, ଓପିଏସ୍ - ଏସପି, ରେଳବାଇ, କଟକରେ ନିଯୁକ୍ତ ହୋଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲ୍ଲାରେ ବିବେକାନନ୍ଦ ଶର୍ମାଙ୍କୁ ଏସ୍ପି ଭାବେ ନିଯୁକ୍ତ କରାଯାଇଥିବା ବେଳେ ପୁରୀ ଏସ୍ପି ଭାବେ ପ୍ରତୀକ ସିଂହ, ବାଲେଶ୍ୱର ଏସ୍ପି ଭାବେ ପ୍ରତ୍ୟୁଷ ଦିବାକର, ଝାରସୁଗୁଡ଼ା ଏସ୍ପି ଭାବେ ଗୁଣ୍ଡାଲା ରେଡ୍ଡୀ, ଜଗତସିଂହପୁର ଏସ୍ପି ଭାବେ ଅଙ୍କିତ କୁମାର ବର୍ମା, ନୂଆପଡ଼ା ଏସ୍ପି ଭାବେ ଅମୃତପାଲ ସିଂ, ସୁନ୍ଦରଗଡ଼ ଏସ୍ପି ଭାବେ ଅମୃତପାଲ କୌର ଏବଂ କଟକ (ଗ୍ରାମାଞ୍ଚଳ) ଏସ୍ପି ଭାବେ ବିନୀତ ଅଗ୍ରୱାଲଙ୍କୁ ନିଯୁକ୍ତି କରାଯାଇଛି।

## ସିଏମ୍ ଶ୍ରୀ ଯୋଜନା ଆର୍ଥିକ ...

ଓଡ଼ିଶା ପ୍ରକ୍ୟୁରମେଣ୍ଟ ପ୍ରିଫେରାନ୍ସ ପଲିସୀ ଫର୍ ମାଇକ୍ରୋ ଆଣ୍ଡ୍ ସ୍ମଲ୍ ମାନୁଫାକଚ୍ରିଙ୍ଗ ଏଣ୍ଟପ୍ରାଇଜ୍-୨୦୨୩'ର କଡ଼ା ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇଛି।

ଉକ୍ତ ବୈଠକରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ, ଏମ୍ଏସ୍ଏମ୍ଇ ବିଭାଗର କମିଶନର-ତଥା-ଶାସନ ସଚିବ ଏବଂ ନିର୍ଦ୍ଦେଶିକା ପ୍ରମୁଖ ଯୋଗଦେଇଥିଲେ।

## କେନ୍ଦ୍ରର ପ୍ରସ୍ତାବକୁ ସ୍ୱୀକୃତି ...

ପ୍ରଚଳନ ହେବା ପରଠାରୁ ସବୁଠାରୁ ବଡ଼ ସଂସ୍କାର ମଧ୍ୟରୁ ଗୋଟିଏ ହେବ। ନୂତନ ଗଠନ ଅନୁଯାୟୀ, ପୂର୍ବରୁ ଲାଗୁ ହେଉଥିବା ୧୨% ଏବଂ ୨୮% ସ୍ଲାବ୍‌କୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯିବ। ପୂର୍ବରୁ ୧୨% ଟିକସ ଲାଗୁ ହେଉଥିବା ୯୯% ଜିନିଷ ବର୍ତ୍ତମାନ ନିମ୍ନ ୫% ସ୍ଲାବ୍‌କୁ ସ୍ଥାନାନ୍ତରିତ ହେବ। ସେହିପରି, ୨୮% ସ୍ଲାବ୍ ଅଧୀନରେ ଥିବା ପ୍ରାୟ ୯୦% ଜିନିଷ ୧୮%କୁ ସ୍ଥାନାନ୍ତରିତ ହେବ। ବଡ଼ ଘରୋଇ ଉପକରଣ, ଟେଲିଭିଜନ୍ ଏବଂ ଅନ୍ୟାନ୍ୟ ସ୍ଥାୟୀ ସାମଗ୍ରୀ ପୂର୍ବ ୨୮% ପରିବର୍ତ୍ତେ ୧୮% ହାରରେ ଆସିବ। ସେହିପରି ଔଷଧ, ପ୍ରକ୍ରିୟାକୃତ ଖାଦ୍ୟ, ପୋଷାକ, ଜୋତା ଏବଂ ଅନେକ ଘରୋଇ ଉତ୍ପାଦ ୫% ସ୍ଲାବକୁ ସ୍ଥାନାନ୍ତରିତ ହେବ। ଏପରି ହେଲେ ମଧ୍ୟବିତ୍ତ ପରିବାର ପାଇଁ ସଞ୍ଚୟ ସମ୍ଭବ ହୋଇପାରିବ।

## ପାଣି ବ୍ୟବହାରରେ ଓଡ଼ିଶା ...

କୃଷି ସିଞ୍ଚାୟୀ ଯୋଜନା ୨.୦ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଅନୁମୋଦିତ ପାଣିର ୮୩% ବ୍ୟବହାର କରି ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଅଛି। ଏହି ପ୍ରକଳ୍ପର ଅବଧି ୨୦୨୧-୨୨ ଆର୍ଥିକ ବର୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରହିଥିବା ବେଳେ ମୋଟ ପ୍ରକଳ୍ପ ବ୍ୟୟ ୭୫୯.୨୭ କୋଟି ଟଙ୍କା ଏବଂ ଏଥିରେ କେନ୍ଦ୍ର ଏବଂ ରାଜ୍ୟ ଅଂଶ ୬୦:୪୦ ରହିଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସମୀକ୍ଷା ସମୟରେ ମାନ୍ୟବର କେନ୍ଦ୍ର ମନ୍ତ୍ରୀଙ୍କୁ ଓଡ଼ିଶା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। କେନ୍ଦ୍ର କୃଷି ମନ୍ତ୍ରୀ
ଶିବରାଜ ସିଂହ ଚୌହାନ ଆବଣ୍ଟିତ ପାଣିର ସର୍ବୋତ୍ତମ ବ୍ୟବହାର ପାଇଁ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହା ମଧ୍ୟ ଆଲୋକପାତ କରିଥିଲେ ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଡବ୍ଲ୍ୟୁଡିସି-ପିଏମ୍‌କେଏସ୍‌ୱାଇ୨.୦ ଅଧୀନରେ ୭ଟି ଅତିରିକ୍ତ ପ୍ରକଳ୍ପ ମଞ୍ଜୁର କରାଯାଇଛି ଯାହାର ମୋଟ ପ୍ରକଳ୍ପ ବ୍ୟୟ ୮୨.୧୦ କୋଟି ଟଙ୍କା ହେବ ଏବଂ ଏହା ଦ୍ୱାରା ସମନ୍ୱିତ ଜଳଛାୟା ପରିଚାଳନା ମାଧ୍ୟମରେ ଜମିର ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଇପାରିବ। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ, କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଭିଡିଓ କନଫରେନ୍ସିଂ ସମୟରେ ଉପସ୍ଥିତ ଥିଲେ।

## ୩୧ରେ ହେବନି ସ୍ୱତନ୍ତ୍ର ...

କରାଯାଇଛି। ଅନିବାର୍ଯ୍ୟ କାରଣରୁ ଓଟିଇଟି ପରୀକ୍ଷା ସ୍ଥଗିତ କରାଯାଇଥିବା ଦର୍ଶାଯାଇଛି। ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପାଇଁ ନୂଆ ତାରିଖ ଖୁବ ଶୀଘ୍ର ଘୋଷଣା କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

## ନିୟମିତ ହେବେ ସ୍କିମାଟିକ୍ ...

ପଦବୀ ପୂରଣ କରାଯିବ। ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଅନୁଯାୟୀ ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ କେବଳ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ପାଠ୍ୟପୁସ୍ତକ ଦିଆଯାଉଛି। ଏଣିକି ନବମ ଓ ଦଶମ ଶ୍ରେଣୀର ସବୁ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦେବାପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏନ୍‌ସିଇଆର୍‌ଟି ଢାଞ୍ଚାରେ ପ୍ରସ୍ତୁତ ହେବ ପୁସ୍ତକ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି।

ବୈଠକରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ, ଓସେପାର ନିର୍ଦ୍ଦେଶିକା ଅନନ୍ୟା ଦାସ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୫୭୪ ଡ୍ରୋନ୍, ୪୦ କ୍ଷେପଣାସ୍ତ୍ର ...

ଆଭିମୁଖ୍ୟରୁ ଶାନ୍ତି ସ୍ଥାପନା ଦିଗରେ ଏହାର କୌଣସି ମନୋଭାବ ନଥିବା ସ୍ପଷ୍ଟ ପ୍ରତୀତ ହେଉଛି। ଏପରି ସ୍ଥଳେ ମସ୍କୋ ଉପରେ ଅଧିକ ଟାରିଫ୍ ଲଗାଇବା ପୂର୍ବକ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷର କରିବାକୁ ବାଧ୍ୟ କରାଯିବା ଦିଗରେ ଆମେରିକା ଏବଂ ଅନ୍ୟ ପାଶ୍ଚାତ୍ୟଦେଶଗୁଡ଼ିକ ଆଗେଇ ଆସିବା ଜରୁରୀ। ଜେଲେନ୍ସ୍କି କହିଛନ୍ତି ଯେ ୟୁକ୍ରେନ୍ ଏହାର ସହଯୋଗୀମାନେ କି ପ୍ରକାରର ସୁରକ୍ଷା ଗ୍ୟାରେଣ୍ଟି ପ୍ରଦାନ କରିବାକୁ ଇଚ୍ଛୁକ ତାହା ବୁଝିବା ପାଇଁ ଘନିଷ୍ଠ ବୈଠକ କରିବ।

# ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ କୃଷ୍ଣ ବଳରାମ ବେଶ



**ପୁରୀ,୨୧।୮/ଏନ୍ଏନ୍ଏସ୍:** ଭାଦ୍ରବ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାର ଅନ୍ତିମ ବେଶ କୃଷ୍ଣ-ବଳରାମ ବେଶରେ ଦର୍ଶନ ଦେଲେ ଶ୍ରୀଜିଉ। ଏଥିପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ଏହି ବେଶ ବହୁତ ଆକର୍ଷଣୀୟ ତଥା ମନୋରମ ହୋଇଥାଏ। ଆଜି ମଧ୍ୟାହ୍ନ ଧୂପ ବଢ଼ିଲା ପରେ ଶ୍ରୀବଳଭଦ୍ରଙ୍କୁ ବଳରାମ ରୂପରେ, ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପରେ ଓ ଦେବୀ ସୁଭଦ୍ରାଙ୍କୁ ଯୋଗମାୟା ବେଶରେ ସୁସଜ୍ଜିତ କରାଯାଇଥିଲା। ଶ୍ରୀକୃଷ୍ଣଙ୍କର ବାଲ୍ୟ କାଳରେ ଗୋ ବତ୍ସା ଚାରଣର ବାତାବରଣ ସ୍ପଷ୍ଟ ପ୍ରତୀୟମାନ ହୋଇଥିଲା ଏହି ବେଶରେ। ଏହି ବେଶରେ ଶ୍ରୀ ବଳଭଦ୍ର ଓ ଶ୍ରୀ ଜଗନ୍ନାଥଙ୍କର ଦୁଇ ହସ୍ତ ଓ ମା ସୁଭଦ୍ରା ଚତୁର୍ଭୁଜ ଧାରଣ କରିଥିଲେ। ଉଭୟ କୃଷ୍ଣ (ଜଗନ୍ନାଥ) ଏବଂ ବଳରାମ (ବଳଭଦ୍ର) କାଷ୍ଠ ନିର୍ମିତ ଦୁଇ ଗୋଡ଼ ଛନ୍ଦି ଛନ୍ଦପୟର ମୁଦ୍ରାରେ ରହିଥିଲେ। ଦେବୀ ସୁଭଦ୍ରା ରତ୍ନସିଂହାସନ ଉପରେ ଖଞ୍ଜାଯାଇଥିବା ଏକ କାଷ୍ଠ ସିଂହାସନ ଉପରେ ଉପବେଶନ ଭଙ୍ଗୀରେ ବସିଥିଲେ। ଶ୍ରୀଜଗନ୍ନାଥ ଦକ୍ଷିଣ ଭୁଜରେ ବଂଶୀ ଓ ବାମ ଭୁଜରେ ସୋଲ ନିର୍ମିତ ପଦ୍ମ, ବଡଠାକୁର ଡାହାଣ ଭୁଜରେ ସିଙ୍ଗା ଏବଂ ବାମ ଭୁଜରେ ସୋଲ ପଦ୍ମ ଧାରଣ କରିଥିଲେ। କିରୀଟି ଉପରେ ସପ୍ତଫେଣୀ ନାଗ ଶୋଭା ପାଉଥିଲା। ହସ୍ତ ମଧ୍ୟ କାଠରେ ତିଆରି ହୋଇଥିଲା। ଏହି ବେଶରେ ଜଗନ୍ନାଥ ଓ ବଳଭଦ୍ର ଗୋଟିଏ ଗୋଟିଏ ପାଗ ପିନ୍ଧିଥାନ୍ତି। ତଥା ଏହି ପାଗ ଦ୍ୱୟ କିରୀଟଯୁକ୍ତ ହୋଇଥାଏ। ରତ୍ନ ସିଂହାସନ ଉପରେ ଖଞ୍ଜାଯାଇଥିବା ଏକ କ୍ଷୁଦ୍ରକାଷ୍ଠ ନିର୍ମିତ ତଥା ଜରି ଜମ୍ଫୁରାରେ ଆଚ୍ଛାଦିତ ସିଂହାସନରେ ଚକାମୁଣ୍ଡି ପକାଇ ମା' (ପଦ୍ମାସନ) ଉପନିବେଶ କରିଥିଲେ। ବାଙ୍କଚୂଳ କିରୀଟ ଉପରେ ପତ୍ରଲଗା କଦମ୍ବ ଫୁଲ ଶୋଭାପାଉଥିଲା। ଶ୍ରୀପୟର, ପାଉଁଜି, ବାଙ୍କି, ପାହୁଡ଼, ଗୋଡ଼ମୁଦି, ମଲ୍ଲ କଡ଼ି, ଚନ୍ଦ୍ର, ଚିତା, ନାକଚଣା, ହାତ ଫେର, ଖଡୁ ଇତ୍ୟାଦିରେ ସାରା ଶରୀର ଶୋଭା ପାଉଥିଲା। ସୁଭଦ୍ରାଙ୍କ ମସ୍ତକରେ ମଧ୍ୟ ଏକ କିରୀଟ ଶୋଭା ପାଉଥିଲା। ଦେବୀ ସୁଭଦ୍ରା ଏହି ବେଶରେ ୪ ହସ୍ତ ଅଭୟ ବରଦ, ପାଶ , ଅଙ୍କୁଶ ଧାରଣ କରିଥିଲେ। ସବୁ ଠାକୁରଙ୍କ କିରୀଟରେ କଦମ୍ବ ଫୁଲ ଆଉ ପତ୍ର ବହୁ ପରିମାଣରେ ଲାଗିଥିଲା। ବଳଭଦ୍ର ଓ ଜଗନ୍ନାଥଙ୍କ ଦୁଇ ପାର୍ଶ୍ୱରେ ନନ୍ଦ, ଉପନନ୍ଦ, ବସୁଦେବ, ଗୋପାଳ ବାଳକମାନେ ଗୋପୀ, ବ୍ରହ୍ମା ସହସ୍ର ଚକ୍ଷୁ ଇନ୍ଦ୍ର, ନାରଦ, ରୋହିଣୀ, ଯଶୋଦାଙ୍କୁ ଦଣ୍ଡାୟମାନ ଭଙ୍ଗୀରେ ରଖାଯାଇଥିଲା। ଠାକୁରଙ୍କ ଆଗରେ ଚାରିଗୋଟି ଗାଈ ଦଣ୍ଡାୟମାନ ଭଙ୍ଗୀରେ ଠିଆ ହୋଇଥିଲା। ଏହାସହ ଖିରି, ଅମ୍ବାଲୁ ଆଦି ଭୋଗ ଲାଗି କରାଯାଇଥିଲା। ଯଦି ରଘୁନାଥ ବେଶ ତୁଳନା ରେ ଦେଖା ଯାଏ ତେବେ କୃଷ୍ଣ ବଳରାମ ବେଶ ମଧ୍ୟ ସେହି ପରି ବିଶାଳ ରୂପରେ ହୋଇଥାଏ। ଏହି ବେଶ ଦେଖିଲେ ଗୋପୀ ଗୋପାଳଙ୍କ ସହିତ କୃଷ୍ଣ ବଳରାମ ବୃନ୍ଦାବନରେ ଲୀଳା କରୁଥିଲା ଭଳି ପ୍ରତୀୟମାନ ହୁଏ। ଏହି ବେଶ ଥାଇ ଶ୍ରୀଜୀଉମାନଙ୍କ ସନ୍ଧ୍ୟା ଧୂପ ଅନୁଷ୍ଠିତ ହୋଇଥିଲା। ଏହା ବିଳମ୍ବିତ ରାତ୍ରୀ ଯାଏ ଚାଲିଥିଲା। ତତ୍ପରେ ବେଶ ଓଲାଗି ହୋଇ ଅନ୍ୟ ନୀତି ହୋଇଥିଲା। ପୂର୍ବେ ଏହି ଦିନ ମହାପ୍ରଭୁଙ୍କର ଗିରିଟେକା ବା ଗିରିଗୋବର୍ଦ୍ଧନ ବେଶ ଅନୁଷ୍ଠିତ ହେଉଥିଲା ଏହି ବେଶ ବଡ ଓଡିଆ ମଠ ଆନୁମାନିକ ୧୫୨୪ ଖ୍ରୀଷ୍ଟାବ୍ଦରେ କରାଉଥିଲେ। ମାତ୍ର ପରେ ଏହା ବନ୍ଦ ହୋଇଯାଇଥିଲା। ଖ୍ରୀଷ୍ଟାବ୍ଦ ୧୮୪୫ ପରଠାରୁ ଏହାର ପୁନଃ ପ୍ରଚଳନ କରାଗଲା।

# ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




**ଖୋର୍ଦ୍ଧା,୨୧।୮/ଏନ୍ଏନ୍ଏସ୍:** ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଲ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ ୱାର୍କରସ ଆସୋସିଏସନ ରାଜ୍ୟ ଶାଖାର ନିଷ୍ପତି କ୍ରମେ, ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ୮ ଦଫା ଦାବୀପତ୍ର ପ୍ରଦାନ ସହିତ ଓଡିଶାର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମହିଳା ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ ଉଦ୍ଦେଶ୍ୟରେ ଦାବିପତ୍ର ଖୋର୍ଦ୍ଧା ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ସମ୍ମନିତ ଶିଶୁ ବିକାଶ ଯୋଜନାକୁ ୫୦ ବର୍ଷ ପୂର୍ଣ୍ଣ ହେବାକୁ ଯାଉଥିବା ବେଳେ ସମସ୍ତ ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଭାବରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିଆସୁଛନ୍ତି, ଫଳସ୍ୱରୂପ ପୋଲିଓ, ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ ପାଇଛି। କରୋନା ପରି ମହାମାରୀ ସମୟରେ ମଧ୍ୟ ଜୀବନକୁ ବାଜି ଲଗାଇ ଏକ ଅମୂଲ୍ୟ ଅବଦାନ ଦେଇ ଦେଶକୁ ଭୟଙ୍କର ମହାମାରୀରୁ ରକ୍ଷା କରିଛନ୍ତି। ୫୦ ବର୍ଷର ଦୀର୍ଘ ଯାତ୍ରା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ କେବଳ ଏକ ଯୋଜନା ମଧ୍ୟରେ ସୀମିତ ରହିଛି । ଏଣୁ ଅଙ୍ଗନବାଡ଼ି କର୍ମଚାରୀ ମହଲରେ ନୈରାଶ୍ୟ ପ୍ରକାଶ ପାଇବା ସହ ନିଜ ସମସ୍ୟା ସମ୍ମିଳିତ ଦାବୀ ଗୁଡିକ ସମାଧାନ ପାଇଁ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ଆଇ.ସି.ଡି.ଏସ୍. ଯୋଜନାର ନାମ ଉଚ୍ଛେଦ କରାଯିବା ସହ ଅଙ୍ଗନବାଡ଼ି କର୍ମୀ ଏବଂ ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା, ସରକାରୀକରଣ ନହେବା ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ସର୍ବନିମ୍ନ ଯଥାକ୍ରମେ ୧୮ହଜାର ଟଙ୍କା ଏବଂ ସହାୟିକାଙ୍କ ପାଇଁ ୯ହଜାର ଟଙ୍କା ପ୍ରଦାନ, ଅବସର ପରେ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାଙ୍କୁ ଯଥାକ୍ରମେ ୧୦ ଲକ୍ଷ ଏବଂ ୫ ଲକ୍ଷ ଟଙ୍କାର ଅବସରକାଳୀନ ସହାୟତା ରାଶି ପ୍ରଦାନ କରାଯିବା ସହିତ ମାସିକ ପେନସନ କର୍ମୀଙ୍କୁ ୫ହଜାରଟଙ୍କା ଏବଂ ସହାୟିକାଙ୍କୁ ୩ହଜାର ଟଙ୍କା ପ୍ରଦାନ ପ୍ରଭୃତି ଦାବିଗୁଡିକ ରହିଛି। ସେହିଭଳି ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକର ନିଜସ୍ୱ ଗୃହନିର୍ମାଣ ପୂର୍ବ ଭଳି ନକରି ଉନ୍ନତ ମାନର କେନ୍ଦ୍ର ତିଆରି କରିବା ସହିତ ପ୍ରତି କେନ୍ଦ୍ରକୁ ଜଳ ଓ ବିଦ୍ୟୁତ ଯୋଗାଣ ନିମନ୍ତେ ପଦକ୍ଷେପ ନିଆଯାଉ, କାର୍ଯ୍ୟରତ ସମୟରେ ମୃତ୍ୟୁ ବରଣ କରୁଥିବା ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ ସହିତ ପରିବାରରଜଣଙ୍କୁ ଯୋଗ୍ୟତା ଭିତ୍ତିରେ ସେହି ସ୍ଥାନରେ ନିଯୁକ୍ତି ସୁଯୋଗ ପ୍ରଦାନ, ଅବସରପ୍ରାପ୍ତ ଅଙ୍ଗନୱାଡ଼ି କର୍ମଚାରୀଙ୍କ ନିମନ୍ତେ ଡ଼ିସ-ଏନଗେଜ ଶବ୍ଦକୁ ଉଚ୍ଛେଦ କରି ରିଟାୟାରମେଣ୍ଟ ଶବ୍ଦ ବ୍ୟବହାର କରିବା ଏବଂ ଅବସରକାଳୀନ ସହାୟତା ରାଶି ଦୁଇମାସ ମଧ୍ୟରେ ପ୍ରଦାନ, ୨୦୨୪ ବିଧାନ ସଭା ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ବେତନ ବୃଦ୍ଧି ପ୍ରତିଶ୍ରୁତିକୁ ତୁରନ୍ତ ଲାଗୁକରି କର୍ମୀ ଓ ସହାୟିକାଙ୍କ ମନୋବଳ ବଢ଼ାଇବା ସହିତ ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଯୋଗ୍ୟତା ଭିତ୍ତିରେ ଅଙ୍ଗନବାଡ଼ି କର୍ମୀଙ୍କୁ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପ୍ରଦାନ ଭଳି ଦାବୀ ରହିଛି ଓ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପ୍ରଭାତୀ ପଟ୍ଟନାୟକ ଅଧ୍ୟକ୍ଷତା ଓ ଜିଲ୍ଲା ସମ୍ପାଦିକା ଶ୍ରୀମତୀ ସରସ୍ୱତୀ ବଳିୟାରସିଂହ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାନେତ୍ରୀ ସୌମ୍ୟସ୍ନିଗଧା ସୁନ୍ଦରାୟ, ନମିତା ପ୍ରଧାନ, ସନ୍ଧ୍ୟାରାଣୀ ଭୂୟାଁ, କବିତା ସ୍ୱାଇଁ, ସନ୍ଧ୍ୟାରାଣୀ ପ୍ରଧାନ, ଶର୍ମିଷ୍ଠା ପାତ୍ର, ସୂର୍ଯ୍ୟମଣି, ମମତା, ଦମୟନ୍ତୀ ଆଦିଙ୍କ ସହ ରାଜ୍ୟ ସଂଘ ତରଫରୁ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ କାର୍ଯ୍ୟକାରିଣୀ ସଭାପତି ସୁଶ୍ରୀ ବନିତାଞ୍ଜଳି ଦାସ, ରାଜ୍ୟ କୋଷାଧ୍ୟକ୍ଷ ମନ୍ଦାକିନୀ ପ୍ରଧାନ ଆଦିଙ୍କ ସହ ଭାରତୀୟ ମଜଦୁର ସଙ୍ଘ ତରଫରୁ ରାଜ୍ୟ ସଂଗଠନ ସମ୍ପାଦକ ଲକ୍ଷ୍ମଣ ଦାସ, ସମ୍ପାଦକ ସତ୍ୟବ୍ରତ ପରିଡା, ଜିଲ୍ଲା ସଭାପତି ଅକ୍ଷୟ କୁମାର ରାଉତରାୟ ଓ ଜିଲ୍ଲା ସମ୍ପାଦକ ଅମରେଶ ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକରୁ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ୩ ବଖରା ଭସ୍ମୀଭୂତ

**ବାଲିଅନ୍ତା,୨୧।୮/ଏନ୍ଏନ୍ଏସ୍:** ଆକସ୍ମିକ ଅଗ୍ନିକାଣ୍ଡ ଯୋଗୁଁ ତିରଣପଦା ଗ୍ରାମର ନଗେନ ଦାସଙ୍କ ତିନି ବଖରା ଚାଳ ଛପର ଘର ପୋଡ଼ିପାଉଁଶ ହୋଇଯାଇଛି। ଆଜି ସକାଳେ ଏହି ଘଟଣା ହୋଇଥିଲାବେଳେ ଘର ମଧ୍ୟରେ ଥିବା ସମସ୍ତ ଆସବାବପତ୍ର, ଖାଦ୍ୟଶସ୍ୟ, ଜିନିଷପତ୍ର ଓ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ଆଦି ଜଳିଯାଇଛି। ପାହାଳସ୍ଥିତ ଦମକଳ କେନ୍ଦ୍ରରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ସେତେବେଳକୁ ସମସ୍ତ ସମ୍ପତ୍ତି ଛାରଖାର ହୋଇଯାଇଥିଲା। ଖବର ପାଇ ଜୟଦେବ ବିଧାୟକ ନବକିଶୋର ମଲିକ, ବାଲିଅନ୍ତା ବିଡ଼ିଓ ରଶ୍ମିତା ନାଥ, ସରପଞ୍ଚ କୃଷ୍ଣକେଶବ ଆପଟ, ନାଏବ ସରପଞ୍ଚ ବିଦ୍ୟୁଲତା ହୋତା, ଅତିରିକ୍ତ ତହସିଲଦାର ଯୋଗୀନାଥ ଦାସ ଓ ସ୍ଥାନୀୟ ରାଜସ ନିରୀକ୍ଷକ ଅଜିତ ସାହୁ ତିରଣପଦାରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିଲେ। କ୍ଷତିଗ୍ରସ୍ତ ନଗେନଙ୍କ ପରିବାରକୁ ୭ଦିନ ପାଇଁ ପଡ଼ି ସାମଗ୍ରୀ, ଦୁଇଟି ଜରିପାଲ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଇଦେଇଥିଲେ। ନଗେନ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ପକ୍କା ଘର ଯୋଗାଇଦେବାକୁ ଧନେଶ୍ୱର ଦାଶ, ବଂଶୀଧର ରାଉତରାୟ, ସାମ୍ବାଦିକ ରାଜେଶ ହୋତା, କିଶୋର କୁମାର ଭୋଇ, ପ୍ରଶାନ୍ତ ଭୋଇ, ନାରଣ ଭୋଇ ପ୍ରମୁଖ ଗ୍ରାମବାସୀ ବିଧାୟକଙ୍କ ନିକଟରେ ଦାବି କରିଥିଲେ।

# ୭୫ବର୍ଷୀୟା ଦଳିତ ବିଧବାଙ୍କୁ ଦୁଷ୍କର୍ମ ଅଭିଯୋଗ

**ଦଶପଲ୍ଲା,୨୧।୮/ଏନ୍ଏନ୍ଏସ୍:** ଦଶପଲ୍ଲାରେ ଘଟିଯାଇଛି ଏକ ଲଜ୍ୟାଜନକ ଘଟଣା। ଜଣେ ୭୫ବର୍ଷ ବୟସ୍କା ଦଳିତ ବିଧବାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବାବେଳେ ଦଳିତ ବୃଦ୍ଧାଙ୍କ ଡାକ୍ତରୀ ମାଇନା କରାଯାଇଛି। ଗିରଫ ଯୁବକଙ୍କ ନାମ ଅଲେଖ ମହାରଣା ଓ ତାଙ୍କ ଘର ସ୍ଥାନୀୟ ମାଳିସାହି ଗ୍ରାମରେ।

ସୂଚନାଯୋଗ୍ୟ ଯେ, ଅତି ଗରିବ, ନିରୁପାୟ ଏବଂ ଏକ ସରକାରୀ ଜାଗାରେ ଝାଟିମାଟି ଘରକରି ରହୁଥିବା ଜଣେ ୭୫ବର୍ଷୀୟା ବୃଦ୍ଧା ଗତ ୧୪ ତାରିଖ ଦିନ ଅଲେଖ ଏକୁଟିଆର ସୁଯୋଗ ନେଇ ବୃଦ୍ଧାଙ୍କୁ ବଳାତ୍କାର କରିଥିବା ନେଇ ବୃଦ୍ଧା ଜଣକ ଦଶପଲ୍ଲା ଥାନାରେ ମୌଖିକ ଭାବେ ଜଣାଇଥିଲେ। ମାତ୍ର ପୁଲିସ ତାହାକୁ ଗୁରୁତ୍ୱ ଦେଇନଥିଲା। ନିରୁପାୟ ହୋଇ ଅଗଷ୍ଟ ୧୫ତାରିଖ ଦିନ ସାରାଦେଶରେ ସ୍ୱାଧୀନତା ଦିବସ ପାଳନ କରାଯାଉଥିବା ବେଳେ ଦଶପଲ୍ଲା କୋର୍ଟ ପରିସରରେ ପତାକା ଉତ୍ତୋଳନ କରାଯାଇଥିଲା। ଏହି ସମୟରେ ଅସହାୟା ବୃଦ୍ଧା ଜଣକ ସେହି ସ୍ଥାନରେ ପହଞ୍ଚି ଦଶପଲ୍ଲା କୋର୍ଟ ବିଚାରପତି ଜେଏମ୍ଏଫ୍‌ସି ତଥା ତାଲୁକ ଆଇନସେବା କମିଟି ଅଧ୍ୟକ୍ଷା ଦେବମାଳିନୀ ଐଶ୍ୱର୍ଯ୍ୟା ପତାକା ଉତ୍ତୋଳନ କରିସାରିବା ପରେ ବୃଦ୍ଧା ଜଣକ ବିଚାରପତିଙ୍କୁ ସବୁକଥା ଜଣାଇଥିଲେ। ପରେ ବିଚାରପତି ଦଶପଲ୍ଲା କୋର୍ଟରେ ଥିବା ଲିଗାଲ ଏଡ୍‌ରେ କାର୍ଯ୍ୟରତ ରିଟେନର ଆଇନଜୀବୀ ବଜେନ୍ଦ୍ର କୁମାର ବେହେରାଙ୍କୁ ବୃଦ୍ଧାଙ୍କ କଥା ବୁଝି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ବଜେନ୍ଦ୍ର ବୃଦ୍ଧାଙ୍କ ଠାରୁ ସବୁ କଥା ଶୁଣି ବୃଦ୍ଧାଙ୍କ ପାଇଁ ଏକ ଏତଲା ଲେଖି ବୃଦ୍ଧାଙ୍କୁ ଧରି ଦଶପଲ୍ଲା ଥାନାରେ ପହଞ୍ଚିଥିଲେ ଏବଂ ଦଶପଲ୍ଲା ଥାନାରେ ଏତଲା ଦେଇଥିଲେ। ପରେ ଦଶପଲ୍ଲା ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିଲା। ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତ ରାୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ପଣ୍ଡା ଦଶପଲ୍ଲାରେ ପହଞ୍ଚି ଏହାର ତଦନ୍ତ କରିଥିଲେ। ତଦନ୍ତ ସମୟ ରେ ବାଣୀଗୋଛା ଥାନା ଆଇଆଇସି ବିନୟ ରଞ୍ଜନ ପରିଡା, ନୂଆଗାଁ ଥାନା ଆଇଆଇସି ରଶ୍ମି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହିବା ସହ ଅଭିଯୁକ୍ତ ଅଲେଖ ମହାରଣାକୁ ଧରିବାରେ ସଫଳ ହୋଇଥିଲେ। ପରେ ଅଲେଖଙ୍କୁ ଦଶପଲ୍ଲା ଥାନାକୁ ଆଣି ପଚରା ଉଚରା କରାଯାଇଥିବା ବେଳେ ଗୁରୁବାର ଅଲେଖଙ୍କୁ କୋର୍ଟଚାଲାଣ କରାଯାଇଛି। ଅନ୍ୟ ପାର୍ଶ୍ୱରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ଏସ୍‌ଡିପିଓଙ୍କ ତଦନ୍ତ ସମୟରେ ଦଶପଲ୍ଲା ଥାନା ଆଇଆଇସି ଅନିତା ସାହୁଙ୍କ ଅନୁପସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ବଡ଼କଥା ହେଉଛି ଜଣେ ଅସହାୟା ଦଳିତ ବୃଦ୍ଧା ପ୍ରତି ଏଭଳି ଲଜ୍ୟାଜନକ ଘଟଣା ଘଟିବା ଏବଂ ଏ ସମ୍ପର୍କରେ ବୃଦ୍ଧା ଜଣକ ଦଶପଲ୍ଲା ଥାନାରେ ମୌଖିକ ଅଭିଯୋଗ କରିଥିଲେ ମଧ୍ୟ ବୃଦ୍ଧାଙ୍କ କଥାକୁ ଗ୍ରହଣ କରାନଯାଇ ହେୟଜ୍ଞାନ କରାଯିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଥିବା ବେଳେ ଅଲେଖ ମଦ ଖାଇ ଏଭଳି କରିଥିବା ଆଲୋଚନା ହେଉଛି। ବିଶେଷ ଭାବେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡିକୁ ଦଶପଲ୍ଲା ଥାନା ଆଇଆଇସିଙ୍କ ଅଣଦେଖା ଏବଂ ବିଭିନ୍ନ ଘଟଣାରେ ଆଜିପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରା ନଯିବା ନେଇ ଆଇଆଇସିଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଆଗକୁ ଏହି ଦଳିତ ବିଧବା ବୃଦ୍ଧାଙ୍କୁ କି ନ୍ୟାୟ ମିଳୁଛି ତାହା ଦେଖିବାକୁ ବାକି ରହିଛି।


## ପୁରୀ ଜିଲ୍ଲା ପ୍ରଶାସନ ତଥା ପର୍ଯ୍ୟଟନ ବିଭାଗର ପଦକ୍ଷେପ

# ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ପାଇଁ ବୈଠକ



**ପୁରୀ,୨୧।୮/ଏନ୍ଏନ୍ଏସ୍:** ଆଜି ଅପରାହ୍ନ ୪ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ୍)ଙ୍କ ଚାମ୍ବରରେ ବରିଷ୍ଠ ନାଗରିକଙ୍କର ତୀର୍ଥଯାତ୍ରା ଉପରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ୍) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀଜିଲ୍ଲାରୁ ମୋଟ ୯୭୨ଜଣ ଦରଖାସ୍ତ ଅନଲାଇନ୍ ମାଧ୍ୟମରେ ଆବେଦନ କରିଥିଲେ। ସେଥିମଧ୍ୟରୁ ପ୍ରଥମ ବ୍ୟାଚ୍‌ରେ ୧୨୭ଜଣଙ୍କୁ ତୀର୍ଥ ଯାତ୍ରାରେ ଜିଲ୍ଲାପାଇଁ ମନୋନୀତ କରାଯାଇଛି। ଏହି ତୀର୍ଥଯାତ୍ରାରେ ବରିଷ୍ଠ ନାଗରିକମାନେ ଅଯୋଧ୍ୟା ଠାରୁ ବାରଣାସୀ ପର୍ଯ୍ୟନ୍ତ ଭ୍ରମଣ କରିବେ। ଏହି ତୀର୍ଥ ଯାତ୍ରୀମାନେ ଆସନ୍ତା ୧୦.୦୯.୨୦୨୫ଠାରୁ ୧୫.୦୯.୨୦୨୫ ପର୍ଯ୍ୟନ୍ତ ଭ୍ରମଣ କରିବେ। ଯିବା ପୂର୍ବରୁ ୦୯.୦୯.୨୫ରେ ତୀର୍ଥଯାତ୍ରୀଙ୍କ ମେଡିକାଲ୍ ଟେଷ୍ଟ କରାଯିବ। ଏମାନେ ପୁରୀ ଠାରୁ ଟ୍ୟୁରିଷ୍ଟ ବସ୍‌ରେ ଯିବେ ଗୋଟେ ଦିନ ଭୁବନେଶ୍ୱର ରେ ରହିବେ, ତାପରଦିନ ଟ୍ରେନ୍‌ରେ ସଂରକ୍ଷଣ ଦିଆଯାଇଥିବା ସିଟ୍‌ରେ ତୀର୍ଥଯାତ୍ରୀମାନେ ଯିବେ, ସେମାନଙ୍କର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ଉକ୍ତ ବୈଠକରେ ଉପଜିଲ୍ଲାପାଳ ରାଜକିଶୋର ଜେନା, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ସରୋଜ କୁମାର ପ୍ରଧାନ, ଅତିରିକ୍ତ ଏସ୍.ପି. ସଚ୍ଚିନ୍ ପଟେଲ, ଏ.ଆର.ଟି.ଓ. ଦେବାଶିଷ ପଣ୍ଡା, ଜିଲ୍ଲା ସମାଜ ଓ ସୁରକ୍ଷା ଅଧିକାରିଣୀ ତନୁପ୍ରଭା ବେହେରା, ଜିଲ୍ଲାସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରାଙ୍କ ସମେତ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ବୈଠକରେ ଯୋଗଦେଇଥିଲେ।

# କଣ୍ଟିଲୋ ବଜାରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ



**କଣ୍ଟିଲୋ,୨୧।୮/ଏନ୍ଏନ୍ଏସ୍:** ପ୍ରମୁଖ ପର୍ଯ୍ୟଟନ ସ୍ଥଳ ତଥା ଜଗନ୍ନାଥ ମହାପ୍ରଭୁଙ୍କ ଆଦି ପୀଠ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋରେ ଏବେ ଟ୍ରାଫିକ୍ ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଦିନକୁ ଦିନ ହଜାର ହଜାର ଲୋକମାନଙ୍କର ସମାଗମ ତଥା ଠାକୁର ଦର୍ଶନ, କଂସା ପିତ୍ତଳ ବାସନ କ୍ରୟ ବିକ୍ରୟ, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ର କ୍ରୟ କରିବା ସହିତ ନିଜ ନିଜର ବାଇକ୍, ଅଟୋ, ଚାରିଚକିଆ ମୋଟର ଯାନ ରାସ୍ତା ଉପରେ ରଖୁ ଥିବାରୁ ଜାମ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଦ୍ୱିତୀୟତଃ ଦୈନିକ ବଜାର ରାସ୍ତାରେ ବ୍ୟବସାୟିକ ଅନୁଷ୍ଠାନ ଖୋଲି ରାସ୍ତାକୁ ସଂକୁଚିତ କରି ରଖିଥିବାରୁ ପୂର୍ବାହ୍ନ ୬ ଘଣ୍ଟା ଠାରୁ ୧୧ ଘଣ୍ଟା ଓ ଅପରାହ୍ନ ୪ ଘଣ୍ଟା ସମୟରୁ ରାତ୍ର ୯ ଘଣ୍ଟା ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଯାହା ଫଳରେ କି ଛାତ୍ର ଛାତ୍ରୀ ଓ ସାଧାରଣ ଲୋକ ମାନଙ୍କର ଯାତାୟତରେ ଘୋର ଅସୁବିଧା ଦେଖିବାକୁ ମିଳୁଛି। ୪୮ ନଂ ରାଜ୍ୟ ରାଜ ପଥ ଉପରେ ଥିବା ଏହି ବଜାର ରେ ଡ୍ରେନ ନଥିବା ଯୋଗୁଁ ଜଳଖିଆ ଦୋକାନ ଓ ହୋଟେଲ ମାଲିକ ମାନେ ବ୍ୟବହାର କରୁଥିବା ପାଣି କୁ ରାସ୍ତା ଉପରେ ଢାଳୁ ଥିବାରୁ ସାଧାରଣ ଲୋକେ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଯଥାଶୀଘ୍ର ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଅଗ୍ରାଧିକାର ଭାବେ ଏହା ଉପରେ ବିହୀତ ପଦକ୍ଷେପ ନେଇ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଆଜିର ଇତିହାସ

- ୧୬୩୯-ଇଷ୍ଟ ଇଣ୍ଡିଆ କମ୍ପାନୀ ଚେନ୍ନାଇ (ତତ୍କାଳୀନ ମାଡ୍ରାସ୍)ର ସ୍ଥାପନା କରିଥିଲା।
- ୧୮୯୪-ଗାନ୍ଧିଜୀ ନାଟାଲ୍ ଭାରତୀୟ କଂଗ୍ରେସର ସ୍ଥାପନା କରିଥିଲେ।
- ୧୯୧୮-ଦେଶର ପ୍ରଥମ ପାଇଲଟ୍ ଇନ୍ଦ୍ରଲାଲ୍ ରାୟ ପ୍ରଥମ ବିଶ୍ୱଯୁଦ୍ଧରେ ମୃତ୍ୟୁବରଣ କରିଥିଲେ।
- ୧୯୨୧-ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ବିଦେଶୀ ବସ୍ତ୍ରକୁ ଜଳାଇଥିଲେ।
- ୧୯୬୯-ରାଷ୍ଟ୍ରପତି ନୀଲମ ସଞ୍ଜୀବ ରେଡ୍ଡି ଲୋକସଭା ଭଙ୍ଗ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିତ୍ ବିଶ୍ୱନାଥ ପଣ୍ଡା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଦିନଟି ଖୁବ୍ ଭଲରେ ବିତିବ। ମାନସିକ ଶାନ୍ତି ପାଇବେ। କାମର ଚାପ ଚିନ୍ତାରେ ପକେଇବ। ପରିବାର ଓ ସାଙ୍ଗସାଥିଙ୍କ ସହିତ ସମୟ ଖୁବ୍ ଭଲରେ ବିତେଇବେ। ଜୀବନସାଥିଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ହେବ।

**ବୃଷ** - ଆଜି ଆର୍ଥିକ ଲାଭ ମିଳିବ। କାର୍ଯ୍ୟସ୍ଥଳରେ କୌଶଳ ଓ ପ୍ରତିଭା ଦେଖେଇବାକୁ ମିଳିବ। ଦାମ୍ପତ୍ୟ ଜୀବନ ଖୁବ୍ ଭଲ ଚାଲିବ। ବ୍ୟବସାୟିକ ସଫଳତା ମିଳିପାରେ। କୌଣସି ଶୁଭ ସମାଚାର ପ୍ରାପ୍ତି ହୋଇପାରେ।

**ମିଥୁନ** - ମଉଜ-ମସ୍ତିଭରା ଦିନଟିଏ। ଅଟକିଥିବା ମାମଲାଗୁଡ଼ିକ ପୂରା କରିବେ। କ୍ୟାରିୟରରେ ନୂଆ ଶିଖରକୁ ଛୁଇଁବେ। ଜୀବନସାଥିଙ୍କ ଭରପୂର ସାଥ୍ ମିଳିବ। ବ୍ୟବସାୟରେ ବିସ୍ତାର ଯୋଗ ରହିଛି।

**କର୍କଟ** - କୌଣସି ନିକଟ ସମ୍ପର୍କୀୟଙ୍କ ସହଯୋଗ ପାଇବେ। ମିତ୍ରଙ୍କ ଠାରୁ ଆର୍ଥିକ ସାହାଯ୍ୟ ନେଇପାରନ୍ତି। ବ୍ୟାପାରିକ ବିସ୍ତାର ଯୋଗ ରହିଛି। ଆର୍ଥିକ ଭାବରେ ସତର୍କ ରହିବେ। ନିଜ ଲୋକଙ୍କ ସହଯୋଗ ମିଳିବ।

**ସିଂହ** - କଥାବାର୍ତ୍ତାରେ ବାଲାନ୍ସ ରଖି ଚାଲିବେ। ପରିବାର ବୃଦ୍ଧି ହେବ। କୁଟୁମ୍ବରେ ନୂଆ ସଦସ୍ୟଙ୍କ ଆଗମନ ସମ୍ଭବ। ସଞ୍ଚୟ କରି ଚାଲନ୍ତୁ। ଭବିଷ୍ୟତରେ ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟରେ ଉନ୍ନତିର ସଂକେତ ମିଳୁଛି।

**କନ୍ୟା** - ଆଜି ମନ ଚିନ୍ତିତ ରହିବ। ଆତ୍ମବିଶ୍ୱାସର ଅଭାବ ଦେଖାଦେବ। ଚାକିରିରେ ପରିବର୍ତ୍ତନ ସହିତ ପ୍ରମୋଶନର ଅବସର ମିଳିବ। ଆୟ ବୃଦ୍ଧି ଯୋଗ ଅଛି, ଭୌତିକ ସୁଖ-ସୁବିଧା ବୃଦ୍ଧି ମିଳିଯିବ। କୋର୍ଟ ଆଦିରେ ବିଜୟୀ ହେବେ।

**ତୁଳା** - ଜୀବନରେ ଖୁସିର ଆଗମନ ହେବ। ମାତାପିତାଙ୍କ ସହଯୋଗ ପାଇବେ। ଆର୍ଥିକ ସମସ୍ୟାର ଅନ୍ତ ହେବ। କାର୍ଯ୍ୟସ୍ଥଳରେ ଜଣେ ଅଦ୍ଭୁତ ବ୍ୟକ୍ତିଙ୍କ ସହିତ ସାକ୍ଷାତ ହୋଇପାରେ। ଦିନଟିରେ ଖୁବ୍ ଭଲ ପରିଣାମ ପାଇବେ।

**ବିଛା** - ମନରେ ଉତ୍ଥାନ-ପତନ ଦେଖାଦେବ। ପଠନ-ପାଠନରେ ରୁଚି ବଢ଼ିବ। ଶୈକ୍ଷିକ କାର୍ଯ୍ୟରେ ସଫଳତା ମିଳିବ। ମାନ-ସମ୍ମାନ ପ୍ରାପ୍ତି ହେବ। ବୌଦ୍ଧିକ କାମରେ ଆୟ ବୃଦ୍ଧି ଯୋଗ ଅଛି।

**ଧନୁ** - କୌଣସି ନିକଟ ସମ୍ପର୍କୀୟଙ୍କ ସହିତ ସାକ୍ଷାତ ହେବ। ଜୀବନସାଥିଙ୍କ ସହିତ ଚାପଗ୍ରସ୍ତ ସମ୍ବନ୍ଧ ରହିବ। ଗମ୍ଭୀର କଳହ ସୃଷ୍ଟି ହୋଇପାରେ। କାର୍ଯ୍ୟସ୍ଥଳରେ କଠିନ ପରିଶ୍ରମ କରିବେ। ପଦୋନ୍ନତିର ସମ୍ଭାବନା ରହିଛି।


**ମକର** - ଜୀବନସାଥିଙ୍କ ସହିତ ସମୟ ବିତେଇବେ। କମ୍ପାନୀରେ ଆବେଗପୂର୍ଣ୍ଣ ଟିପ୍ପଣୀଗୁଡ଼ିକ ପାଇଁ କଡ଼ା ସମାଲୋଚନର ଶିକାର ହେବେ। ପରିଶ୍ରମର ପୂରା ଫଳ ମିଳିବ। ବ୍ୟାପାରରେ ପ୍ରମୋଶନ ଯୋଗ ରହିଛି।

**କୁମ୍ଭ** - କୌଣସି ଘଟଣା ପାଇଁ ତୁରନ୍ତ ଆକ୍ସନ୍ ନେବେ। ନିବେଶରୁ ଖୁବ୍ ଭଲ ରିଟର୍ଣ୍ଣ ମିଳିପାରେ। ଆର୍ଥିକ କ୍ଷତିର ସମ୍ଭାବନା ରହିଛି। ପରିବାର ସହିତ ଖୁବ୍ ଭଲ ସମୟ ବିତେଇବେ। ବ୍ୟବସାୟିକ ଉନ୍ନତିର ଯୋଗ ରହିଛି।

**ମୀନ** - ଆଜି ଆତ୍ମବିଶ୍ୱାସରେ ଭରି ରହିବେ। କିନ୍ତୁ ମନ ଉତ୍ଥାନ-ପତନ ଦେଇ ଗତି କରିବ। ଶୈକ୍ଷିକ କାର୍ଯ୍ୟରେ ସଫଳତା ମିଳିବ। ମାନ-ସମ୍ମାନ ପ୍ରାପ୍ତି ହୋଇପାରେ। ଖାସ୍ ବ୍ୟକ୍ତିଙ୍କ ଠାରୁ ସରପ୍ରାଇଜ୍ ଗିଫ୍ଟ ମିଳିପାରେ।

## ଶ୍ରୀମଦ୍ ଭଗବଦ୍‌ଗୀତା

ଶ୍ରୀଭଗବାନୁବାଚ
କାଳୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ
ଲୋକାନ୍ ସମାହର୍ତୁମିହ ପ୍ରବୃତ୍ତଃ।
ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ
ଯେ ବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ। (୧୧/୩୨)



ଶ୍ରୀ ଭଗବାନ କହିଲେ - ମୁଁ ହେଉଛି ଲୋକକ୍ଷୟକାରୀ ପ୍ରଚଣ୍ଡ କାଳ। ଏହିକ୍ଷଣି ଯେତେ ଲୋକ ଏଠାରେ ଅଛନ୍ତି ସେମାନଙ୍କୁ ସଂହାର କରିବା ପାଇଁ ପ୍ରବୃତ୍ତ ହୋଇଛି। ତୁମେ ଯୁଦ୍ଧ ନ କଲେ ମଧ୍ୟ ବିପକ୍ଷ ସୈନ୍ୟମାନଙ୍କ ମଧ୍ୟରେ ଯେଉଁସବୁ ଯୋଦ୍ଧା ରହିଛନ୍ତି, ସେମାନେ କେହି ରହିବେନି। ଆମକୁ ମନେ ରଖିବାକୁ ହେବ ଯେ କାଳରୂପୀ ଭଗବାନ ସମସ୍ତ ପ୍ରାଣୀଙ୍କର ସଂହାରକ। କୁରୁକ୍ଷେତ୍ର ଯୁଦ୍ଧରେ ସମବେତ ବୀରମାନଙ୍କୁ ସଂହାର କରିବା ପାଇଁ ସେ ବର୍ତ୍ତମାନ ପ୍ରବୃତ୍ତ ହୋଇଛନ୍ତି। ଏହା ହିଁ ତାଙ୍କର ପ୍ରବୃତ୍ତି। ଭୀଷ୍ମ, ଦ୍ରୋଣ ପ୍ରଭୃତି ଗୁରୁଜନମାନଙ୍କୁ ହତ୍ୟା କଲେ ପାପ ହେବ ବୋଲି ଅର୍ଜୁନ କହିଥିଲେ, ତାଙ୍କର ଏତାଦୃଶ ଆଶଙ୍କାକୁ ବିନାଶ କରିବା ପାଇଁ ଭଗବାନ ସ୍ପଷ୍ଟ କଣ୍ଠରେ ଏଠାରେ କହୁଛନ୍ତି - ହେ ଅର୍ଜୁନ! ତୁମେ ସେମାନଙ୍କୁ ନ ମାରିଲେ ବି କାଳ ବଶରେ ସେମାନେ ସମସ୍ତେ ଏଠାରେ ମରିବେ, ଏଥିରେ ସନ୍ଦେହ ନାହିଁ।



# କଳା ନଗର: କୋଲ୍‌କାତା

ଦେଶର ପୂର୍ବ ଭାଗରେ ଅବସ୍ଥିତ କୋଲ୍‌କାତା ନଗର। ଏହା କେବଳ ପଶ୍ଚିମବଙ୍ଗର ରାଜଧାନୀ ନୁହେଁ, ନିଜର ଅନୋଖା ପରିଚୟ, ଐତିହାସିକ ଐତିହ୍ୟ ସ୍ଥଳ ଓ ସମୃଦ୍ଧ ସଂସ୍କୃତି ପାଇଁ ପୂରା ଦୁନିଆରେ ପ୍ରସିଦ୍ଧି ଲାଭ କରିଛି। କୋଲ୍‌କାତାର ଗଳି ଗଳିରେ ଭବ୍ୟ ଅଟ୍ଟାଳିକା, ହାତରେ ରସଗୋଲା ଧରି ସ୍ମିତହାସ୍ୟ କରୁଥିବା ଲୋକମାନଙ୍କୁ ଦେଖିବାକୁ ମିଳିଯାଏ। ହୁଗୁଳି ନଦୀକୂଳରେ ସ୍ଥିତ ଏହି ନଗରକୁ କଳା, ସାହିତ୍ୟ, ସଙ୍ଗୀତ ଓ ରଙ୍ଗମଞ୍ଚର ଗଡ଼ ବୋଲି କୁହାଯାଏ। ସେଠାରେ ଅନେକ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ଖାଇବାକୁ ମିଳିଯିବ। ପର୍ଯ୍ୟଟକମାନଙ୍କ ପାଇଁ ମଧ୍ୟ ଏହା ଏକ ବେଷ୍ଟ ସ୍ଥାନ ହୋଇପାରେ। କିନ୍ତୁ କୋଲ୍‌କାତାକୁ କୁହାଯାଏ କଳା ନଗର। ଏହି ନାମ ଶୁଣି କେତେ ପ୍ରକାରର ପ୍ରଶ୍ନ ମନରେ ଉଠିପାରେ। ତେବେ କୋଲକାତା ନଗରକୁ କଳା ନଗର ବୋଲି କହିବା ପଛରେ ରହିଛି ଦୁଇଟି ବଡ଼ କାରଣ। ପ୍ରଥମଟି ୧୭୫୬ର ବ୍ଲାକ୍ ହୋଲ୍‌ବାଲା ଘଟଣା। ସେ ସମୟରେ କୋଲ୍‌କାତାର ଏକ ଛୋଟ ଜେଲ୍ ଯାହାକୁ ବ୍ଲାକ୍ ହୋଲ୍ ବୋଲି କୁହାଯାଉଥିଲା ସେଠାରେ ଅନେକ ସଂଖ୍ୟାରେ ସୈନିକଙ୍କୁ ଗୋଟିଏ ରାତିରେ ବନ୍ଦ କରିଦିଆ ଯାଇଥିଲା। ଜେଲ୍‌ରେ ଏତେ ଭିଡ଼ ହୋଇଗଲା ଯେ ଅକ୍ସିଜେନ ଅଭାବରୁ ସେମାନେ ମୃତ୍ୟୁବରଣ କରିଥିଲେ। ଇଂରେଜମାନେ ନିଜ ଦୁଃଖର ପ୍ରତୀକ ଭାବରେ ଏହି ଘଟଣାକୁ ମାନି ନେଇଥିଲେ। ଏହାପରେ କୋଲ୍‌କାତାକୁ କୁହାଗଲା ବ୍ଲାକ୍ ସିଟି। ବ୍ରିଟିଶ ଶାସନ ସମୟରେ ଇଂରେଜମାନେ କୋଲ୍‌କାତାକୁ ଦୁଇଟି ଭାଗରେ ବାଣ୍ଟି ଦେଇଥିଲେ - ହ୍ୱାଇଟ୍ ଟାଉନ୍ ଯେଉଁଠାରେ ଇଂରେଜ ଓ ୟୁରୋପର ଲୋକମାନେ ରହୁଥିଲେ। ଏହି ଭାଗଟି ବହୁତ ପରିଷ୍କାର ରହୁଥିଲା। ଦ୍ୱିତୀୟ ଭାଗଟିର ନାମ ଥିଲା ବ୍ଲାକ୍ ଟାଉନ୍ ଯେଉଁଠାରେ ରହୁଥିଲେ ଭାରତୀୟମାନେ। ଏହି ଭାଗଟିରେ ଜନସଂଖ୍ୟା ଅଧିକ ଥିଲା ଓ ଗରିବୀ, ଅପରିଷ୍କାର ଭିତରେ ଲୋକମାନେ ଜୀବନଯାପନ କରୁଥିଲେ। କୋଲ୍‌କାତାରେ ମା' କାଳୀଙ୍କର ଭବ୍ୟ ପୂଜାର୍ଚ୍ଚନା କରାଯାଏ ଓ ସେଠାରେ ରହୁଥିବା ଅଧିକାଂଶ ଲୋକ ମା' କାଳୀଙ୍କର ଭକ୍ତ। କାଳୀ ଘାଟ ମନ୍ଦିର ପୂରା ଦୁନିଆରେ ପ୍ରସିଦ୍ଧ। କଳା ନଗର କହିବା ପଛରେ ଏହି ଦୁଇଟି ମୁଖ୍ୟ କାରଣ ଥିବା କଥା କୁହାଯାଏ। କିନ୍ତୁ ଆଜିର କୋଲ୍‌କାତା ସହର ନିଜର ସଂସ୍କୃତି, କଳା ଓ ଖାଦ୍ୟପେୟ ପାଇଁ ଲୋକପ୍ରିୟତା ହାସଲ କରିଛି ଯେଉଁ କାରଣରୁ ଏହାକୁ କୁହାଯାଏ ସିଟି ଅଫ୍ ଜୟ। ପର୍ଯ୍ୟଟକମାନଙ୍କ ପାଇଁ କୋଲକାତା ଏକ ସୁନ୍ଦର ଓ ପସନ୍ଦଯୋଗ୍ୟ ପର୍ଯ୍ୟଟନ ସ୍ଥଳ ହୋଇପାରେ।



## କୃଷ୍ଣ ଷଷ୍ଠୀ

**ହିନ୍ଦୁ ଧର୍ମରେ ପିଲାଟିଏ ଜନ୍ମ ହେବାର ଷଷ୍ଠ ଦିନ ସାୟଂକାଳ କିମ୍ବା ରାତିରେ ଏକ ବିଶେଷ ପୂଜାର ଆୟୋଜନ କରାଯାଏ ଯେଉଁ ପୂଜାକୁ ସାଧାରଣରେ କୁହାଯାଏ ଛଠି ପୂଜା। ନବଜାତ ଶିଶୁର ମଙ୍ଗଳ କାମନା କରି ପରିବାରର ଲୋକମାନେ ଏହି ପୂଜା କରିଥାନ୍ତି। ଭଗବାନ ଶ୍ରୀକୃଷ୍ଣ ଜନ୍ମ ହେବାର ଅର୍ଥାତ ଜନ୍ମାଷ୍ଟମୀ ପାଳନ କରାଯିବାର ଷଷ୍ଠ ଦିନ ଦିନ ତାଙ୍କର ଛଠି ପୂଜନ କରାଯାଏ।**

**ଷଷ୍ଠୀ ଦେବୀ**-ମୂଳପ୍ରକୃତିର ଷଷ୍ଠାଂଶ (ଷଷ୍ଠ ଅଂଶ) ହୋଇଥିବାରୁ ତାଙ୍କୁ ଷଷ୍ଠୀ ଦେବୀ ବୋଲି କୁହାଯାଏ। ପୁରାଣରେ ଷଷ୍ଠୀ ଦେବୀଙ୍କୁ ବାଳକମାନଙ୍କର ଅଧିଷ୍ଠାତ୍ରୀ ଦେବୀ, ଦୀର୍ଘାୟୁ ପ୍ରଦାନ କରୁଥିବା, ଧାତ୍ରୀ (ଭରଣ-ପୋଷଣ କରୁଥିବା), ସେମାନଙ୍କର ରକ୍ଷା କରୁଥିବା ଓ ସଦୈବ ସେମାନଙ୍କ ପାଖରେ ରହୁଥିବା ମା' ଭାବରେ ପୂଜା କରାଯାଏ। ବିଷ୍ଣୁମାୟା, ବାଳଗା, ସିଦ୍ଧଯୋଗିନୀ ଓ ସ୍ୱାମୀ କାର୍ତ୍ତିକେୟଙ୍କ ପତ୍ନୀ ହୋଇଥିବାରୁ ତାଙ୍କୁ ଦେବସେନା ବୋଲି କୁହାଯାଏ। ଷଷ୍ଠୀ ଦେବୀଙ୍କ କୃପା ଦ୍ୱାରା ରାଜା ପ୍ରିୟବ୍ରତଙ୍କ ମୃତପୁତ୍ର ଜୀବିତ ହୋଇଥିଲା। ସେବେଠାରୁ ଶିଶୁମାନଙ୍କର ଜନ୍ମ ପରେ ସୂତିକାଗୃହରେ ଷଷ୍ଠ, ଏକୋଇଶ ଦିନ ଓ ଅନ୍ନପ୍ରାସନ ସଂସ୍କାର ତଥା ଅନ୍ୟ ଶୁଭକାର୍ଯ୍ୟରେ ଷଷ୍ଠୀ ଦେବୀଙ୍କୁ ପୂଜା କରାଯାଏ। ଯେତେବେଳେ ପରମାତ୍ମା ଶ୍ରୀକୃଷ୍ଣ ଗୋକୁଳରେ ପ୍ରକଟ ହୋଇଥିଲେ ବ୍ରଜବାସୀଙ୍କ ଘରେ ଘରେ ଆନନ୍ଦର ପରିବେଶ ଦେଖାଯାଇଥିଲା। ଗୋପୀମାନେ ସୂତିକାଗୃହରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଦର୍ଶନ କରିଥିଲେ ଓ ସେମାନେ ନିଜ ଘରକୁ ଯାଇ ତାଙ୍କୁ ନୀଳକାନ୍ତମଣିର ଅଙ୍କୁର ଓ ଅନେକ କିଛି ଭାଷାରେ ବର୍ଣ୍ଣନା କରିଥିଲେ। ତେବେ ଛଠୀ ପୂଜନ ଦିନ ନନ୍ଦବାବା, କଂସ ପରି ରାକ୍ଷସମାନଙ୍କ ଭୟରେ କେବଳ ବନ୍ଧୁବାନ୍ଧବମାନଙ୍କୁ ହିଁ ନିମନ୍ତ୍ରଣ କରିଥିଲେ। ଭଗବାନ କୃଷ୍ଣ ମଖନ ଓ ଦହି କଡ଼ି ଭଲ ପାଆନ୍ତି ବୋଲି କୁହାଯାଏ। ଏହି କାରଣରୁ କୃଷ୍ଣ ଷଷ୍ଠୀ ଦିନ ଭଗବାନଙ୍କ ପାଖରେ ଭାତ ଓ ଦହି କଡ଼ି ପ୍ରସାଦ ଭାବରେ ଲଗାଯାଏ। ଦହି ଓ ବେସନ ସାତ୍ତ୍ୱିକ ଭୋଜନ ଶ୍ରେଣୀରେ ଆସେ ଓ ଏହି ଭୋଜନ ପୌଷ୍ଟିକ ହେବା ସହିତ ସୁପାଚ୍ୟ ହୋଇଥିବାରୁ ଏହି ପରମ୍ପରା ପୂର୍ବରୁ ଚାଲିଆସିଛି।



# ବିଷାକ୍ତ ଗାଜର ଘାସ

ବିଶେଷ କରି ବର୍ଷାଦିନେ କ୍ଷେତମାନଙ୍କରେ ଏକ ଜଙ୍ଗଲୀ ଘାସ ଉଠିଥାଏ ଯାହା ଫସଲଗୁଡ଼ିକ ପାଇଁ ଘାତକ ସାବ୍ୟସ୍ତ ହୁଏ। ଏହା ମଣିଷ ଓ ପଶୁମାନଙ୍କ ପାଇଁ ମଧ୍ୟ କ୍ଷତିକାରକ ପ୍ରମାଣିତ ହୋଇଛି। ଏହା ସମ୍ପର୍କରେ ଆସିଥିବା ପ୍ରାଣୀ ଡର୍ମାଟାଇଟିସ୍ (ଚର୍ମ ରୋଗ), ଏକ୍‌ଜିମା, ଆଲର୍ଜି, ଜ୍ୱର, ଦମା ଆଦି ରୋଗ ଦ୍ୱାରା ଗ୍ରସ୍ତ ହୁଅନ୍ତି। ଏହାକୁ ପାର୍ଥେନିୟମ ଘାସ ବା ଗାଜର ଘାସ ବୋଲି କୁହାଯାଏ। କୃଷି ବୈଜ୍ଞାନିକମାନଙ୍କ ଅନୁସାରେ ଏହି ଘାସ ଉଠିବା ଯୋଗୁ ପାଖାପାଖି ୪୦ ପ୍ରତିଶତ ପର୍ଯ୍ୟନ୍ତ ଖାଦ୍ୟାନ୍ନ ଫସଲ ଉତ୍ପନ୍ନ ହ୍ରାସ ପାଏ। ପଶୁମାନଙ୍କ ପାଇଁ ଏହି ଘାସ ଅତ୍ୟଧିକ ବିଷାକ୍ତ। ଏହାକୁ ଖାଇଲେ ଅନେକ ପ୍ରକାରର ରୋଗ ହୁଏ ଓ କ୍ଷୀର ଦେଉଥିବା ପଶୁମାନଙ୍କ କ୍ଷୀର ପିତା ଲାଗିବା ସହିତ କ୍ଷୀର ଉତ୍ପାଦନ ମଧ୍ୟ ହ୍ରାସ ପାଏ। ତେବେ ଆମ ଦେଶ ବ୍ୟତୀତ ବିଶ୍ୱର ୩୮ଟି ଦେଶରେ ଏହି ଘାସ ଉଠିବାର ଦେଖିବାକୁ ମିଳେ ଯେଉଁ କାରଣରୁ କେବଳ ଫସଲ ନୁହେଁ ମଣିଷ, ପଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ବିପରୀତ ପ୍ରଭାବ ଦେଖିବାକୁ ମିଳେ। ବିଶେଷ କରି ସମୁଦ୍ରତଟୀୟ କ୍ଷେତ୍ର ଓ ମଧ୍ୟମରୁ କମ୍ ବର୍ଷା ହେଉଥିବା କ୍ଷେତ୍ରଗୁଡ଼ିକ ସହିତ ଜଳମଗ୍ନ ଧାନ ଓ ପଥୁରିଆ ସ୍ଥାନରେ ଅଧିକ ପରିମାଣରେ ଗାଜର ଘାସ ଉଠେ। ଏହା ଖାଲି ସ୍ଥାନ, ଅପ୍ରଯୁକ୍ତ ଜମି, ଔଦ୍ୟୋଗିକ କ୍ଷେତ୍ର, ସଡ଼କ, ରେଳ ଲାଇନ୍ ଆଦିରେ ଦେଖିବାକୁ ମିଳେ। ଆମ ଦେଶରେ ଏହାର ପ୍ରସାର ସିଞ୍ଚିତ ଅପେକ୍ଷା ଅସିଞ୍ଚିତ ଭୂମିରେ ଅଧିକ ଦେଖିବାକୁ ମିଳେ। ତେବେ ଏହା ଏକ ବାର୍ଷିକ ଗଛ ଯାହା ୧.୫-୨ ମିଟର ପର୍ଯ୍ୟନ୍ତ ଲମ୍ବା ହୋଇଥାଏ। ଏହାର ପତ୍ରଗୁଡ଼ିକ ଦେଖିବାକୁ ଗାଜରର ପତ୍ର ପରି। ଏହାର ଗୋଟିଏ ଗଛ ୫୦୦୦-୨୫,୦୦୦ ପର୍ଯ୍ୟନ୍ତ ବୀଜ ସୃଷ୍ଟି କରିପାରେ। ବୀଜଗୁଡ଼ିକ ବହୁତ ଛୋଟ ହୋଇଥିବାରୁ ଏଗୁଡ଼ିକ ଭୂମିରେ ପଡ଼ିବା ପରେ ଆର୍ଦ୍ରତା ପାଇ ପୁଣି ଥରେ ଅଙ୍କୁରିତ ହୋଇଥାନ୍ତି। ଏହି ଗଛର ଜୀବନକାଳ ୩-୪ ମାସ ହୋଇଥିବାରୁ ଏକ ବର୍ଷ ମଧ୍ୟରେ ଏମାନଙ୍କର ୨-୩ ପିଢ଼ି ପର୍ଯ୍ୟନ୍ତ ଗଛ ଉଠିଥାନ୍ତି।



# ସୁଟିଂ ଆରମ୍ଭ କରିବେ ଈଶା

ଅଜୟ ଦେବଗନଙ୍କର ଗୋଟିଏ ଫିଲ୍ମର ସୁଟିଂ ଶେଷ ନ ହୋଇଥିଲେ ମଧ୍ୟ ଅନ୍ୟ ଏକ ଫିଲ୍ମ ଉପରେ ସେ କାମ ଆରମ୍ଭ କରିଦିଅନ୍ତି। ନିଜ କାମ ଉପରେ ପୂରା ଧ୍ୟାନ ରଖୁଥିବା ଅଜୟଙ୍କ ପାଇଁ ଏ ବର୍ଷଟି କିଛି ଖାସ୍ ସଫଳତା ଦେଇପାରି ନାହିଁ। ତାଙ୍କର ଦୁଇଟି ଫିଲ୍ମ ପୂରା ଫ୍ଲପ୍ ହୋଇସାରିଥିବା ବେଳେ ଗୋଟିଏ ଫିଲ୍ମ ହିଟ୍ ହୋଇଛି। ବର୍ତ୍ତମାନ ତାଙ୍କର ଆଗାମୀ ଫିଲ୍ମରେ ବ୍ୟସ୍ତ ରହିବେ ଅଜୟ ଯେଉଁଟି ବହୁତ ଶୀଘ୍ର ରିଲିଜ ହେବ। ତେବେ ଅଜୟଙ୍କ ଖାତାରେ ଅଧିକ ସଂଖ୍ୟାରେ ରହିଛି ସିକ୍ୱେଲ୍ ଫିଲ୍ମ। ଏହା ମଧ୍ୟରେ ଏକ ବଡ଼ ଫ୍ରାଞ୍ଚାଇଜର୍ ଫିଲ୍ମକୁ ନେଇ ଆସିଛି ଅପ୍‌ଡେଟ୍। ଫିଲ୍ମଟି 'ଧମାଲ୍-୪' ଯେଉଁଥିରେ ଏଣ୍ଟ୍ରି ହୋଇଛି ବଲିଉଡ୍‌ର ପ୍ରସିଦ୍ଧ ଅଭିନେତ୍ରୀ ଈଶା ଗୁପ୍ତାଙ୍କର। ଈଶା ଏହି ଫିଲ୍ମ ଜରିଆରେ ପୁଣି ଥରେ ବଡ଼ ପରଦାକୁ ଫେରୁଛନ୍ତି। ନିର୍ମାତାମାନେ ଈଶାଙ୍କୁ ଅଜୟ ଦେବଗନଙ୍କ ଅପୋଜିଟ୍‌ରେ କାଷ୍ଟ କରିଛନ୍ତି। ଏହି କମେଡି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଇନ୍ଦ୍ର କୁମାର। ସୂତ୍ର ଅନୁସାରେ ଈଶା ଏ ମାସର ଶେଷ ଆଡ଼କୁ ସୁଟିଂ ଆରମ୍ଭ କରିବେ। ଏହାପରେ ଅଜୟ ଓ ଫିଲ୍ମର ଅନ୍ୟ ଦଳଙ୍କ ସହିତ ଈଶା ଯୋଡ଼ି ହୋଇଯିବେ। ଏହି ଫିଲ୍ମ ପାଇଁ ଈଶା ହେଉଛନ୍ତି ସଠିକ୍ ପସନ୍ଦ ଯେଉଁଥିରେ ଈଶା କମେଡିର ତଡ଼କା ଲଗେଇ ଦର୍ଶକମାନଙ୍କର ମନୋରଞ୍ଜନ କରେଇବେ। କିନ୍ତୁ ଫିଲ୍ମରେ ଈଶାଙ୍କର ଭୂମିକା ସମ୍ପର୍କରେ କୌଣସି ତଥ୍ୟ ଦିଆଯାଇ ନାହିଁ। ପୂର୍ବରୁ ଅଜୟ-ଈଶା ଅନେକଗୁଡ଼ିଏ ଫିଲ୍ମରେ କାମ କରିସାରିଛନ୍ତି ଯେଉଁଥିରୁ ଅନ୍ୟତମ ୨୦୧୭ରେ ରିଲିଜ ହୋଇଥିବା ଫିଲ୍ମ 'ବାଦଶାହୋ'। ଫିଲ୍ମଟି ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା। ଏହା ପୂର୍ବରୁ 'ଧମାଲ୍-୩'ରେ ମଧ୍ୟ ଈଶା ନଜର ଆସିଥିଲେ। ତେବେ 'ଧମାଲ୍-୪'ରେ ଏମାନଙ୍କ ବ୍ୟତୀତ ନଜର ଆସିବେ ରିତେଶ ଦେଶମୁଖ, ଅରଶାଦ ୱାର୍‌ସୀ, ଜାଭେଦ ଜାଫ୍ରି, ରବି କିଷନ ଓ ସଞ୍ଜୟ ମିଶ୍ରଙ୍କ ପରି ଅନେକ କଳାକାର। ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ଈଶା ଗୁପ୍ତାଙ୍କୁ ଶେଷ ଥର ପାଇଁ ୨୦୧୯ରେ ରିଲିଜ ହୋଇଥିବା ଫିଲ୍ମ 'ୱାନ୍ ଡେ: ଜଷ୍ଟିସ୍ ଡେଲିଭର୍ଡ'ରେ ଦେଖିବାକୁ ମିଳିଥିଲା।




# ମନିକା ବିଶ୍ୱକର୍ମା

ଦେଶ ପାଇସାରିଛି ମିସ୍ ୟୁନିଭର୍ସ ଇଣ୍ଡିଆ-୨୦୨୫ର ବିଜେତାଙ୍କୁ। ରାଜସ୍ଥାନର ଜୟପୁରରେ ହୋଇଥିବା ମିସ୍ ୟୁନିଭର୍ସ ଇଣ୍ଡିଆ-୨୦୨୫ ପ୍ରତିଯୋଗିତାର ମୁକୁଟ ଶୋଭା ପାଇଥିଲା ମନିକା ବିଶ୍ୱକର୍ମାଙ୍କ ମୁଣ୍ଡରେ। ସେ ସମୟରେ ତାଙ୍କର ସ୍ମିତହାସ୍ୟ ଦେଖିବାଯୋଗ୍ୟ ଥିଲା। ରାଜସ୍ଥାନର ଗଙ୍ଗାନଗରର ନିବାସୀ ମନିକା ବିଶ୍ୱକର୍ମା ଏ ସମୟରେ ଦିଲ୍ଲୀରେ ମଡେଲିଂ କରୁଛନ୍ତି। ଏହି ଟାଇଟଲ୍ ଜିତିବା ପରେ ମନିକା ଏବେ ଲମ୍ବା ଉଡ଼ାଣ ଭରିବାର ପ୍ରସ୍ତୁତିରେ ଅଛନ୍ତି। ତେବେ ପ୍ରତିଯୋଗିତା ଜିତିବା ପୂର୍ବରୁ ସେ ମିସ୍ ୟୁନିଭର୍ସ ରାଜସ୍ଥାନ-୨୦୨୪ର ତାଜ୍ ନିଜ ନାମରେ କରିସାରିଥିଲେ। ଏହାପରେ ଦିଲ୍ଲୀରେ ମଡେଲିଂ କ୍ଷେତ୍ରରେ ନିଜ କ୍ୟାରିୟର୍ ଆରମ୍ଭ କଲେ। ଏବେ ମନିକାଙ୍କ କାନ୍ଧ ଉପରେ ରହିଛି ଗୁରୁ ଦାୟିତ୍ୱ। କାରଣ ଏହାପରେ ୭୪ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ସେ ଭାରତର ପ୍ରତିନିଧିତ୍ୱ କରିବେ। ଏହା ଥାଇଲାଣ୍ଡରେ ଅନୁଷ୍ଠିତ ହେବାକୁ ଯାଉଛି ଯେଉଁଥିରେ ଭାଗ ନେବେ ୧୩୦ଟି ଦେଶର ସୁନ୍ଦରୀମାନେ। ତେବେ ମିସ୍ ୟୁନିଭର୍ସ ଇଣ୍ଡିଆ-୨୦୨୫ ଜିତିବା ପରେ ସେ ନିଜ ଖୁସିକୁ ଅନ୍ୟମାନଙ୍କ ସହିତ ବାଣ୍ଟି କହିଥିଲେ- 'ଏହା ଏକ ଅଦ୍ଭୁତ ଅନୁଭବ। ମୋର ଏହି ଯାତ୍ରା ମଧ୍ୟ ଅଦ୍ଭୁତ ଥିଲା। ମୁଁ ମୋ ଟିଚର୍ସ, ମାର୍ଗଦର୍ଶକ, ମାତାପିତା, ସାଙ୍ଗସାଥି ଓ ପରିବାରର ଲୋକମାନଙ୍କୁ ଏହି ଯାତ୍ରାରେ ସହଯୋଗ କରିଥିବାରୁ ଧନ୍ୟବାଦ ଜଣାଇବାକୁ ଚାହୁଁଛି। ଏବେ ମୋର ଲକ୍ଷ୍ୟ ଦେଶର ସର୍ବୋତ୍ତମ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବା ଓ ମିସ୍ ୟୁନିଭର୍ସର ତାଜ୍ ନିଜ ଘରକୁ ଆଣିବା।' ତାଙ୍କର ଏହି ସଫଳତାର ଯାତ୍ରା ଆରମ୍ଭ ହୋଇଥିଲା ଗଙ୍ଗାନଗରରୁ। ଏହାପରେ ପ୍ରତିଯୋଗିତାର ପ୍ରସ୍ତୁତି ପାଇଁ ସେ ଦିଲ୍ଲୀ ଗଲେ। ସେଠାରେ ନିଜର ଆତ୍ମବିଶ୍ୱାସ ଓ ସାହସକୁ ଜାଗ୍ରତ କରେଇବାର ଆବଶ୍ୟକତା ଥିଲା। ତାଙ୍କର ସୌନ୍ଦର୍ଯ୍ୟ ଏହି ପ୍ରତିଯୋଗିତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ତେବେ ପ୍ରତିଯୋଗିତାରେ ବିଜୟୀ ହେବା ପରେ ଅଭିନେତ୍ରୀ ଓ ଜୁରୀ ସଦସ୍ୟା ଉର୍ବଶୀ ରୌତେଲା ତାଙ୍କୁ ଆଗାମୀ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ।




# ନିର୍ମାଣ ଦୁନିଆରେ କ୍ରାନ୍ତି





ରିୟଲ୍ ଇଷ୍ଟେଟ୍ ଷ୍ଟେକ୍‌ହୋଲ୍ଡର୍ସ ଆସୋସିଏସନ୍ ଏବେ ଏକ ନୂଆ ଟେକ୍‌ନିକ୍ ଉପରେ ଗୁରୁତ୍ୱ ଦେଉଛନ୍ତି ଯାହାର ନାମ ମାଇଭନ୍ ସଟରିଂ। ଏହା ବଡ଼ ଧରଣର ନିର୍ମାଣ କ୍ଷେତ୍ରରେ ନିଜର କ୍ଷମତାକୁ ଦର୍ଶାଇଥାଏ। ଏହା ଦ୍ୱାରା ରିୟଲ୍ ଇଷ୍ଟେଟ୍‌ର ପ୍ରଣାଳୀଗୁଡ଼ିକରେ ପରିବର୍ତ୍ତନ ହୋଇ ଆଗକୁ ବଢ଼ିବାରେ ଏହା ସଫଳ ହୋଇଛି ଓ ନିର୍ମାଣକାରୀମାନେ ଏ ବିଷୟରେ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ ଚାହୁଁଛନ୍ତି। ମାଇଭନ୍ ଟେକ୍ନୋଲୋଜି ବା ଆଲୁମିନିୟମ୍ ଫ୍ରେମ୍ ୱର୍କ ସିଷ୍ଟମକୁ ଏକ ୟୁରୋପିଆନ୍ କମ୍ପାନୀ ତିଆରି କରିଥିଲା। ୧୯୯୦ରେ ମାଇଭନ୍ କମ୍ପାନୀ ଲିମିଟେଡ୍ ଏହି ଫ୍ରେମ୍ ୱର୍କର ଉତ୍ପାଦନ ଆରମ୍ଭ କରିଥିବାରୁ ଏହାର ନାମ ରଖାଯାଇଥିଲା ମାଇଭନ୍ ଟେକ୍ନୋଲୋଜି। ତେବେ ଆମ ଦେଶରେ ବହୁତ ଅଧିକ ଏହାର ବ୍ୟବହାର କରାଯାଉ ନାହିଁ। ସମୁଦ୍ରକୂଳରେ ଥିବା ଦେଶଗୁଡ଼ିକ, ୟୁରୋପ୍ ଓ ଏସିଆର କିଛି ଭାଗରେ ଏହି ଟେକ୍ନୋଲୋଜିର ପ୍ରଚଳନ ବହୁତ ଅଧିକ। ତେବେ ୨୦୨୨ରୁ ହାଉସିଂ ଫର୍ ଅଲ୍‌ର ମହତ୍ତ୍ୱାକାଂକ୍ଷୀ ପ୍ରୋଜେକ୍ଟରୁ ଆଖିଆଗରେ ରଖି ଏହାକୁ ଖୁବ୍ ପ୍ରମୋଟ୍ କରାଯାଉଛି। ତେବେ ନୂଆ ଟେକ୍ନୋଲୋଜି ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ ଯେପରି ନିର୍ମାଣ ସମୟରେ ଉଭୟେ ସମୟ ଓ ଅର୍ଥ କମ୍ ଖର୍ଚ୍ଚ ହେବ। ଏଥିପାଇଁ ମାଇଭନ୍ ସଟରିଂ ହେଉଛି ସମାଧାନର ରାସ୍ତା। ସମୟ ଓ ଅର୍ଥ କମ୍ ଖର୍ଚ୍ଚ ହେବା ସହିତ ଏହି ଟେକ୍ନୋଲୋଜି ବିଲ୍ଡିଂର ମଜଭୁତି ଓ କ୍ୱାଲିଟିକୁ ସୁନିଶ୍ଚିତ କରିଥାଏ। ମାଇଭନ୍ ସଟରିଂରେ ୱାଲ୍, ବିମ୍, ଡେକ୍ ଓ ଅନ୍ୟ କମ୍ପୋନେଣ୍ଟ୍ସ ଓ ପାର୍ଟସ୍‌ର ଆବଶ୍ୟକ ହୁଏ। କାନ୍ଥଗୁଡ଼ିକୁ ମଜଭୁତ କରିବା ପାଇଁ, ବିଲ୍ଡିଂକୁ ଏକ ଢ଼ାଞ୍ଚା ଦେବା ପାଇଁ ଓ କଂକ୍ରିଟ୍‌କୁ ସପୋର୍ଟ ଦେବା ପାଇଁ ଷ୍ଟିଲ୍‌ର ବ୍ୟବହାର କରାଯାଏ ଯେଉଁ ପର୍ଯ୍ୟନ୍ତ ଏହା ଜରୁରୀ ତାକତର ଅଧା ଭାଗ ହାସଲ ନକରିଛି। ଆଲୁମିନିୟମ୍ ଫ୍ରେମ୍‌ୱର୍କ ଷ୍ଟିଲ୍ ଜାଲିର ଚାରିପଟେ ଲଗାଯାଏ। ଏହାକୁ କାରଖାନାରେ ତିଆରି କରି ସିଧା ନିର୍ମାଣ ସାଇଟ୍‌ରେ ସ୍ଥାପିତ କରାଯାଇଥାଏ।

# ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ୧୯ତମ ସଂସ୍କରଣ ଆରମ୍ଭ

**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:** ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ୧୯ତମ ସଂସ୍କରଣ ଶୁଭାରମ୍ଭ ହୋଇଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ସଂସ୍କରଣ ଟାଟା ଷ୍ଟିଲ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନସ୍ଥ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ସହଭାଗିତାରେ ଆୟୋଜନ କରାଯାଉଛି । ଚଳିତ ବର୍ଷର ବିଷୟବସ୍ତୁ 'ଆଜିର ନକ୍ଷତ୍ରଦର୍ଶୀ, କାଲିର ମହାକାଶଚାରୀ' ଶୀର୍ଷକ ଉପରେ ଏହି ସଂସ୍କରଣ ଆୟୋଜିତ ହେଉଛି । ବିଭିନ୍ନ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଏବଂ ନବମ-ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କୁଇଜ୍ ପ୍ରତିଯୋଗିତା ଓ ଅନ୍ଲାଇନ୍ ମାଧ୍ୟମରେ ପରୀକ୍ଷା କରାଯାଇ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ । ସେମାନଙ୍କ ମଧ୍ୟରୁ ପ୍ରତି ଜିଲ୍ଲାରୁ ଶ୍ରେଷ୍ଠ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଡିସେମ୍ବର ୧୩ ତାରିଖରେ ଚୂଡ଼ାନ୍ତ ଚୟନ ପାଇଁ ଭୁବନେଶ୍ୱରକୁ ଆମନ୍ତ୍ରଣ କରାଯିବ । ବିଶେଷଜ୍ଞମାନଙ୍କ ଦ୍ୱାରା ବ୍ୟକ୍ତିଗତ ଆଲୋଚନା, ପ୍ରସ୍ତୁତ ମଡେଲ ଓ ମୂଲ୍ୟାଙ୍କନ ଆଧାରରେ ଶ୍ରେଷ୍ଠ ୩୦ ଜଣ ବିଜେତାଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ । ସେମାନେ ମଧ୍ୟ ଇସ୍ରୋ ଯାଇ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନର ସୁଯୋଗ ପାଇବେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ଏହି ସଂସ୍କରଣର ପୁସ୍ତିକା ଉନ୍ମୋଚନ କରି କହିଛନ୍ତି ଯେ ସବୁବର୍ଗର ଛାତ୍ରଛାତ୍ରୀ ଏହି ଅଭିଯାନରେ ସାମିଲ ହେବାର ସମାନ ସୁଯୋଗ ରହିଛି । ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ଓ ପୂଜା ମିଶ୍ର, ବିତ୍ତ ପରାମର୍ଶଦାତା ବିଦ୍ୟୁତ ପ୍ରଭା ରାଉତ, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ର ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ଚିନ୍ମୟୀ ଚେତନା ଦାସ, ଟାଟା ଷ୍ଟିଲର ମୁଖ୍ୟ ନିର୍ବାହୀ ଦେବାଶିଷ ଜେନା ଓ ଅନନ୍ୟା ମିହିର ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲ୍ଲା ସଭାପତି ଚୟନ ପୂର୍ବରୁ କଂଗ୍ରେସର ପ୍ରସ୍ତୁତି

# ଗଠନ ହେଲା ରାଜ୍ୟସ୍ତରୀୟ ସୃଜନ, ୱାର୍ରୁମ୍ କମିଟି

**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:** ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଓଡ଼ିଶାର ୩୫ଟି ଜିଲ୍ଲା କଂଗ୍ରେସ କମିଟି ସଭାପତି ଚୟନ ପ୍ରକ୍ରିୟା ନିମନ୍ତେ ଅଖିଳ ଭାରତ କଂଗ୍ରେସ କମିଟି ୩୫ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ନିଯୁକ୍ତି କରିଛନ୍ତି । ଏହି ପର୍ଯ୍ୟବେକ୍ଷକମାନଙ୍କ ସହିତ ଯୋଗାଯୋଗ ଓ ସମନ୍ୱୟ ରଖିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଏକ ରାଜ୍ୟସ୍ତରୀୟ ସୃଜନ କମିଟି ଏବଂ ୱାର୍ରୁମ କମିଟି ଗଠନ କରିଛନ୍ତି । ଉପରୋକ୍ତ ଦୁଇ କମିଟି ମିଳିତ ଭାବେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି । ସୃଜନ କମିଟିରେ ଅଧ୍ୟକ୍ଷ ଭାବେ ଡ. ଦେବାଶିଷ ପଟ୍ଟନାୟକ ରହିଥିବାବେଳେ ସହ ଅଧ୍ୟକ୍ଷ ଭାବେ ସୁଧାଂଶୁଶେଖର ଦେଓ ରହିଛନ୍ତି । ସେହିପରି ୱାର୍ରୁମ୍ କମିଟିର ଅଧ୍ୟକ୍ଷ ଭାବେ ମନୋରଞ୍ଜନ ଦାଶ ରହିଥିବାବେଳେ ସଭ୍ୟଭାବରେ ତରୁଣମିଶ୍ର, ବାଙ୍କନିଧି ବେହେରା, ଶାନ୍ତନୁ କୁମାରସାହୁ ଓ ଜୟଶ୍ରୀ ପାତ୍ର ରହିଛନ୍ତି ବୋଲି ପିସିସି ଇସ୍ତାହାରରେ କୁହାଯାଇଛି ।

# କଗ୍ନିଜାଣ୍ଟ ପକ୍ଷରୁ କର୍ମଚାରୀଙ୍କୁ ମିଳିବ ସୁବିଧା

**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:** ଆଇଟି ସେବା କ୍ଷେତ୍ରରେ କଗ୍ନିଜାଣ୍ଟ ପକ୍ଷରୁ ଏହାର ୮୦% ଯୋଗ୍ୟ କର୍ମଚାରୀଙ୍କୁ ବେତନ ବୃଦ୍ଧି ପ୍ରଦାନ କରାଯିବ । ଏହି ବେତନ ବୃଦ୍ଧି ସିନିୟର ଆସୋସିଏଟ୍ସ୍ତର ପର୍ଯ୍ୟନ୍ତ ରହିବ । ତେବେ ବିଶେଷକରି ବ୍ୟକ୍ତିଗତ ପ୍ରଦର୍ଶନ ମୂଲ୍ୟାୟନକୁ ଗୁରୁତ୍ୱ ଦେଇ କର୍ମଚାରୀଙ୍କୁ ସୁବିଧା ଦିଆଯିବ ବୋଲି ଧାର୍ଯ୍ୟ ହୋଇଛି । ଉତ୍ତମ ପ୍ରଦର୍ଶନ କରୁଥିବା କର୍ମଚାରୀମାନଙ୍କ ୮-୯% ବେତନ ବୃଦ୍ଧି ପାଇବ ବୋଲି ଧାର୍ଯ୍ୟ ହୋଇଛି । ତେବେ ସମୟାନୁବର୍ତ୍ତିତା, ଦକ୍ଷତା, ଉତ୍ତମ ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କୁ ପୂର୍ବରୁ ସର୍ବାଧିକ ବୋନସ୍ ସହ ଅନେକ ସୁବିଧା ସୁଯୋଗ ମିଳିଥିବା ଜଣାପଡ଼ିଛି ।

# ଏସ୍ସିବିରେ ମୁଖ୍ୟମନ୍ତ୍ରୀ ପତ୍ନୀଙ୍କ ସଫଳ ଅସ୍ତ୍ରୋପଚାର

**କଟକ,୨୧।୮/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଧର୍ମପତ୍ନୀ ପ୍ରିୟଙ୍କା ମାରାଣ୍ଡିଙ୍କର ଆଜି ସଫଳ ଅସ୍ତ୍ରୋପଚାର କରାଯାଇଛି । ଏସସିବି ମେଡିକାଲ କଲେଜ ହସ୍ପିଟାଲ୍ର ସର୍ଜରୀ ବିଭାଗର ପ୍ରଫେସର ଡା. ଏଲ. ଭି. ଗୌରୀ ଏହି ଅସ୍ତ୍ରୋପଚାର କରିଛନ୍ତି । ପୂର୍ବାହ୍ଣ ୧୧ ଘଟିକାରୁ ଆରମ୍ଭ ହୋଇଥିବା ଏହି ଅସ୍ତ୍ରୋପଚାର ପ୍ରାୟ ୪୫ ମିନିଟ୍ ଧରି ଚାଲିଥିଲା । ଅସ୍ତ୍ରୋପଚାର ପରେ ଶ୍ରୀମତୀ ମାରାଣ୍ଡିଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି । ସମ୍ପୂର୍ଣ୍ଣ ଭାବେ ସୁସ୍ଥହେବା ପରେ ତାଙ୍କୁ ହସ୍ପିଟାଲ୍ରୁ ଡିସ୍ଚାର୍ଜ କରାଯିବ ବୋଲି ଏସ୍ସିବି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଗତକାଲି ଶ୍ରୀମତୀ ମାରାଣ୍ଡି ଏକ ଛୋଟ ଧରଣର ଅସ୍ତ୍ରୋପଚାର ପାଇଁ ଏସ୍ସିବି ମେଡିକାଲ୍ କଲେଜ ହସ୍ପିଟାଲର ଶଲ୍ୟ ଚିକିତ୍ସା ବିଭାଗରେ ଭର୍ତ୍ତି ହୋଇଥିଲେ । ଏଥିପାଇଁ ମେଡିକାଲ ପକ୍ଷରୁ ପ୍ରସ୍ତୁତି ସବୁପ୍ରକାର ପରୀକ୍ଷା ନିରୀକ୍ଷା କରାଯାଇଥିଲା । ଡାଇବେଟିସ୍, ରକ୍ତଚାପ, କାର୍ଡିଓଲୋଜି, ରେସ୍ପିରେଟୋରି, ଆନାସଥେସିଆ ଆଦି ପରୀକ୍ଷା ଗତକାଲି ଶେଷ ହୋଇଥିଲା । ଏସ୍ସିବି ମେଡିକାଲ କଲେଜ ହସ୍ପିଟାଲ୍ ଅଧୀକ୍ଷକ ଗୌତମ ଶତପଥିଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ତଦାରଖ କରାଯାଇଛି ।

# ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୨୧।୮/ଏନ୍ଏନ୍ଏସ୍:** କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ଆସନ୍ତା ସେପ୍ଟେମ୍ବର ୧୩ତାରିଖ ଶନିବାର ପୂର୍ବାହ୍ଣ ୧୦ଘଟିକା ସମୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମୋକଦ୍ଦମା ଯଥା ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଲୋକ ଅଦାଲତରେ ମୋକଦ୍ଦମା, ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଓ ଫଳପ୍ରଦ ।

# ମୁଖ୍ୟ ସଚିବଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'ର କାର୍ଯ୍ୟକାରିତା ସମୀକ୍ଷା

**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:** ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'ର ସଫଳ କାର୍ଯ୍ୟକାରିତା ସଂପର୍କରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିଛନ୍ତି । ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ଏହି ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଉପସ୍ଥିତିରେ ଯୋଜନାର କାର୍ଯ୍ୟାନ୍ୱୟନ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ବିଶଦ୍ ଆଲୋଚନା କରାଯାଇଥିଲା । ଯୋଜନାର କାର୍ଯ୍ୟକାରିତା ଅନୁଧ୍ୟାନ ପୂର୍ବକ ଏହି ଯୋଜନାରୁ ଗୋପାଳନ କରୁଥିବା ଚାଷୀ ଏବଂ କୃଷି ଉଦ୍ୟୋଗୀମାନେ କିପରି ଅଧିକ ଲାଭବାନ ହୋଇପାରିବେ, ଚାଷୀମାନଙ୍କ ଆର୍ଥିକ ସଶକ୍ତିକରଣ ହୋଇପାରିବ, ସେଥିପାଇଁ ଯୋଜନାର ପ୍ରଭାବୀ କାର୍ଯ୍ୟାନ୍ୱୟନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ବୈଠକରେ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ସମୀକ୍ଷାରୁ ଜଣାଯାଇଛି ଯେ, କାମଧେନୁ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଗୋପାଳନ ଉପ- ଯୋଜନାରେ ୨,୫୦୦ ଧାର୍ଯ୍ୟ ଲକ୍ଷ୍ୟ ଥିବା ବେଳେ ୩୫,୪୯୪

### ଅଦ୍ୟାବଧି ୪,୫୩୨ ଗାଈ ପ୍ରଦାନ

ଆବେଦନ ହୋଇଥିଲା ଏବଂ ୨୮୯୨ ମଞ୍ଜୁର କରାଯାଇଥିବା ସ୍ଥଳେ ସେଥିରୁ ୧୭୨୭ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲା । ଏ ବାବଦକୁ ୨୪.୫ କୋଟି ଟଙ୍କା ସବ୍ସିଡି ପ୍ରଦାନ କରାଯାଇଥିଲା । ସେହିପରି ୨୦୨୫-୨୬ ବର୍ଷରେ ୧୦,୦୦୦ ଧାର୍ଯ୍ୟ ଲକ୍ଷ୍ୟ ଥିବା ବେଳେ ୨୩,୯୨୯ ଆବେଦନ ହୋଇଛି ଓ ସେଥିରୁ ଅଦ୍ୟାବଧି ୫,୩୮୫ ମଞ୍ଜୁର ହୋଇ ୫୯୬ ସମ୍ପୂର୍ଣ୍ଣ ପୂର୍ବକ ୮.୩୬ କୋଟି ଟଙ୍କା ସବସିଡି ପ୍ରଦାନ କରାଯାଇଛି ଏବଂ ଏହି ପ୍ରକ୍ରିୟା ଜାରି ରହିଛି । ଧାର୍ଯ୍ୟ ଲକ୍ଷ୍ୟ ଏକ ସୂଚକାଙ୍କ ହୋଇଥିବା ବେଳେ ଆବେଦନ ସଂଖ୍ୟା ସୀମୀତ ନୁହେଁ, ଅର୍ଥାତ ସର୍ବାଧିକ ଆବେଦନ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କ ଆବେଦନକୁ ଗ୍ରହଣ କରାଯିବା ନେଇ ବ୍ୟବସ୍ଥା ରହିଛି । କାମଧେନୁ ଯୋଜନାରେ ଅଦ୍ୟାବଧି ୪,୫୩୨ ଗାଈ ପ୍ରଦାନ କରାଯାଇଛି, ଯଦ୍ୱାରା ଓଡ଼ିଶାରେ ଦୈନିକ ଦୁଗ୍ଧ ଉତ୍ପାଦନରେ ଅଧିକ ୪୫,୦୦୦ ଲିଟର ଦୁଗ୍ଧ ଉତ୍ପାଦନ ଯୋଗ ହୋଇପାରିଛି । ସେହିପରି ୨୦୨୪-୨୫ ବର୍ଷରେ ମଇଁଷି ଔଦ୍ୟୋଗିକ ବିକାଶ ଯୋଜନାରେ ୫୬୮ଟି ପ୍ରକଳ୍ପ ଶେଷ ହୋଇ ଥିବା ବେଳେ ୮.୧୫ କୋଟି ସବ୍ସିଡି ପ୍ରଦାନ କରାଯାଇଛି ଏବଂ ୨୦୨୫-୨୬ ବର୍ଷରେ ଅଦ୍ୟାବଧି ୭୫ ପ୍ରକଳ୍ପ ମଞ୍ଜୁର ହୋଇ ୧.୦୨ କୋଟି ଟଙ୍କା ସବସିଡି ପ୍ରଦାନ କରାଯାଇଛି । ଏହି ଯୋଜନାରେ ୧୨୬୦ ମଇଁଷି ଦିଆଯାଇଛି ଏବଂ ସେମାନେ ଦୈନିକ ୧୦,୦୮୦ ଲିଟର ଦୁଗ୍ଧ ଉତ୍ପାଦନ ଯୋଗଦାନ ଫଳରେ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କମର୍ସିଆଲ ଡାଏରୀ ଫାର୍ମ ମାଧ୍ୟମରେ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିରେ ୨୦୨୪-୨୫ ବର୍ଷରେ ୭୧୬ ଆବେଦନ ଗ୍ରହଣ କରାଇବାବେଳେ ୬୨୬ ଆବେଦନକୁ ମଞ୍ଜୁରି ମିଳିଛି ଏବଂ ୫,୦୦୮ ପ୍ରାଣୀ ପାଳନ କରାଯିବ । ୨୦୨୫-୨୬ ରେ ଆବେଦନ କରିଥିବା ୨୭୨ରୁ ୧୪୪ ଆବେଦନ ମଞ୍ଜୁର ହୋଇ ୧୧୫୨ ପ୍ରାଣୀ ପାଳନକୁ ମଞ୍ଜୁରି ମିଳିଛି । ୨ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ଶେଷ କରିବାକୁ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଛି । ପ୍ରାଣୀମାନଙ୍କୁ କିପରି ସନ୍ତୁଳିତ ପୋଷଣ ମିଳିପାରିବ, ସେଥି ପାଇଁ ଗୋଖାଦ୍ୟ-ଉଦ୍ୟୋଗ ସ୍କିମ୍ କାର୍ଯ୍ୟକାରୀ ହୋଇଛି । ୮୫ ପ୍ରତିଶତ ହିତାଧିକାରୀ ଗୋ-ଖାଦ୍ୟ ପାଇଁ ଘାସ ଚାଷ କରି ନିଜ ନିଜର ଗୋ-ପାଳନ ପାଇଁ ବ୍ୟବହାର କରୁଛନ୍ତି । ଏଥିରେ ବ୍ୟକ୍ତିଗତ ବା ଗ୍ରୁପ ପିଛା ଏକର ପ୍ରତି ୩୫,୦୦୦ ସବସିଡି ରହିଛି । ଏଥିରେ ଦେୟ ମୁକ୍ତ ମିନି କିଟ୍ ( ମକା ଓ ବରଗୁଡ଼ି ମଞ୍ଜି ) ବଣ୍ଟନ କରାଯାଉଛି । ମାଈ ବାଛୁରୀ ପାଳନ ଯୋଜନାରେ ୫୦% ସବସିଡି ଗୋଖାଦ୍ୟ ପାଇଁ ଏବଂ ୧୦୦% ବୀମା ସବସିଡି ବ୍ୟବସ୍ଥା ରହିଛି । ଏହି ସ୍କିମରେ ୨୦୨୪-୨୫ ରେ ୬୨୩ ଘାସ ଚାଷ ଉତ୍ପାଦନ ଆରମ୍ଭ ହୋଇଥିବା ବେଳେ ୨୦୨୫-୨୬ ରେ ଅଦ୍ୟାବଧି ୧୮୫ ଘାସ ଉତ୍ପାଦନ ପ୍ରକଳ୍ପ ଆରମ୍ଭ ହୋଇଛି ।

# ୫୧୦୦ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ବଳ ଦେବ ରିଲାଏନ୍ସ ଫାଉଣ୍ଡେସନ୍ ଛାତ୍ରବୃତ୍ତି

### ୪ ଅକ୍ଟୋବର ଆବେଦନ କରିବାର ଶେଷ ତାରିଖ

**ମୁମ୍ବାଇ,୨୧।୮/ଏଜେନ୍ସି:** ରିଲାଏନ୍ସ ଫାଉଣ୍ଡେସନର ବାର୍ଷିକ ଛାତ୍ରବୃତ୍ତି ପାଇଁ ଆବେଦନ ଆରମ୍ଭ ହୋଇଛି । ରିଲାଏନ୍ସ ଫାଉଣ୍ଡେସନ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୫୧୦୦ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବ । କେବଳ ପ୍ରଥମ ବର୍ଷର ନିୟମିତ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଛାତ୍ରବୃତ୍ତି ପାଇଁ ଆବେଦନ କରିପାରିବେ । ଉଚ୍ଚଶିକ୍ଷା ପାଇଁ ଭାରତର ସର୍ବବୃହତ ଛାତ୍ରବୃତ୍ତି ପାଇଁ ଆବେଦନ କରିବାର ଶେଷ ତାରିଖ ୪ ଅକ୍ଟୋବର, ୨୦୨୫ ରହିଛି । ସୂଚନାଯୋଗ୍ୟ ଯେ ୨୦୨୨ରେ, ଧୀରୁଭାଇ ଅମ୍ବାନୀଙ୍କ ୯୦ତମ ଜନ୍ମବାର୍ଷିକୀରେ ରିଲାଏନ୍ସ ଫାଉଣ୍ଡେସନ ଅଧ୍ୟକ୍ଷା ନୀତା ଅମ୍ବାନୀ ୧୦ ବର୍ଷରେ ୫୦,୦୦୦ ଛାତ୍ରବୃତ୍ତି ଦେବାକୁ ଘୋଷଣା କରିଥିଲେ । ରିଲାଏନ୍ସ ଫାଉଣ୍ଡେସନ୍ ସ୍ନାତକ ସ୍ତରରେ ୫,୦୦୦ ଛାତ୍ରଛାତ୍ରୀମାନଙ୍କୁ ଏବଂ ସ୍ନାତକୋତ୍ତର ସ୍ତରରେ ୧୦୦ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବ । ସ୍ନାତକ ଛାତ୍ରଛାତ୍ରୀଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ପ୍ରଦାନ କରାଯିବ । ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଶୈକ୍ଷିକ ଯୋଗ୍ୟତା ଏବଂ ଆର୍ଥିକ ସ୍ଥିତି ଆଧାରରେ ଛାତ୍ରବୃତ୍ତି ପାଇଁ ଚୟନ କରାଯିବ । ଅନ୍ୟପକ୍ଷରେ ଇଞ୍ଜିନିୟରିଂ, ପ୍ରଯୁକ୍ତିବିଦ୍ୟା, ଶକ୍ତି ଏବଂ ଲାଇଫ ସାଇନ୍ସର କିଛି ଚୟନିତ କ୍ଷେତ୍ରରେ ଭାରତର ୧୦୦ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ସ୍ନାତକୋତ୍ତର ଛାତ୍ରବୃତ୍ତି ପ୍ରଦାନ କରାଯିବ । ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ବିକାଶ ଏବଂ ବିଶ୍ୱ ସ୍ତରରେ ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉନ୍ନତ ଅଧ୍ୟୟନ ଏବଂ ଗବେଷଣା ପାଇଁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ମିଳିବ । ଏହି ଛାତ୍ରବୃତ୍ତିର ଲକ୍ଷ୍ୟ ହେଉଛି ଭବିଷ୍ୟତର ନେତୃତ୍ୱ ନେବାର କ୍ଷମତା ରଖୁଥିବା ଏକ ସମୁଦାୟ ସୃଷ୍ଟି କରିବା ଯେଉଁମାନଙ୍କର ସାମାଜିକ, ପରିବେଶଗତ ଏବଂ ଡିଜିଟାଲ୍ ଚିନ୍ତାଧାରା ରହିଛି ଏବଂ ଯେଉଁମାନେ ଭାରତ ପାଇଁ କିଛି ବଡ଼ ଚିନ୍ତା କରିପାରିବେ । ରିଲାଏନ୍ସ ୨୯ ବର୍ଷରୁ ଅଧିକ ସମୟ ଧରି ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ଦେଇ ଆସୁଛି । ରିଲାଏନ୍ସ ଏପର୍ଯ୍ୟନ୍ତ ବିଭିନ୍ନ ମାଧ୍ୟମରେ ୨୮,୦୦୦ ରୁ ଅଧିକ ଛାତ୍ରବୃତ୍ତି ପ୍ରଦାନ କରିସାରିଛି । ସ୍କଲାରସିପ୍ ବିଷୟରେ ଅଧିକ ଜାଣିବା ଏବଂ ଆବେଦନ କରିବାକୁ scholarships.reliancefoundation.org ପରିଦର୍ଶନ କରନ୍ତୁ ।




# ନିଖିଳ ଉତ୍କଳ ପ୍ରବକ୍ତା ପରିଷଦର 'ଅମୃତବର୍ଷଣ ମହୋତ୍ସବ'



**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:** ନିଖିଳ ଉତ୍କଳ ପ୍ରବକ୍ତା ପରିଷଦର ରାଜ୍ୟସ୍ତରୀୟ ପ୍ରବକ୍ତା ସମାରୋହ 'ଅମୃତବର୍ଷଣ ମହୋତ୍ସବ -୨୦୨୫' ଉଦଯାପିତ ହୋଇଯାଇଛି । ଖଣ୍ଡଗିରିସ୍ଥିତ ଠାକୁର ଅଭିରାମ ଶାନ୍ତି ଆଶ୍ରମରେ ଦୁଇଦିନଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ପ୍ରବକ୍ତା ଯୋଗଦେଇ ରାମଚରିତ ମାନସ, ଗୀତା, ଭାଗବତ ଆଦି ବିଭିନ୍ନ ଶାସ୍ତ୍ର ଉପରେ ତତ୍ତ୍ୱମୂଳକ ପ୍ରବଚନ ପ୍ରଦାନ କରିଥିଲେ । ଉଦଯାପନୀ ସଭାରେ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯେତେ କଷ୍ଟ ହେଲେ ବି ଧର୍ମ ପ୍ରଚାରରେ ବ୍ରତୀ ହେବାକୁ ଉପସ୍ଥିତ ପ୍ରବକ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ପରିଷଦର ଅଧ୍ୟକ୍ଷ ପଣ୍ଡିତ ପଦ୍ମନାଭ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ଶାଖାର ସଂପାଦକ ପଣ୍ଡିତ ମହେଶ ସାହୁ, ବରେଣ୍ୟ ଅତିଥି ଭାବେ ବାବାଜୀ ସତ୍ୟାନନ୍ଦ ଦାସ, ପଣ୍ଡିତ ରବିନାରାୟଣ ପଣ୍ଡା, ପଣ୍ଡିତ ବିଶ୍ୱନାଥ ଶତପଥୀ, ପଣ୍ଡିତ ବିଜୟ ଦେବତା, ପଣ୍ଡିତ ପ୍ରଶାନ୍ତ ବେହେରା ଏବଂ ସମ୍ମାନିତ ଅତିଥି ଭାବେ 'ଦିବ୍ୟାଲୋକ ସନ୍ଧାନେ'ର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ । ପଣ୍ଡିତ ଶୁକଦେବ ପଣ୍ଡା ସ୍ୱାଗତ ଭାଷଣ, ଖୋର୍ଦ୍ଧା ଜିଲ୍ଲା ସଂପାଦକ କମଳେଶ ମହାରଣା ମଞ୍ଚ ପରିଚାଳନା ଓ କୋଷାଧ୍ୟକ୍ଷ ଅର୍ଜୁନ ମହାନ୍ତି ଧନ୍ୟବାଦ ଦେଇଥିଲେ । ପରିଷଦର ରାଜ୍ୟ ସମ୍ପାଦକ ପଣ୍ଡିତ ପ୍ରମୋଦ ପଣ୍ଡା ସଂସ୍କୃତି ମନ୍ତ୍ରୀଙ୍କୁ ପ୍ରବକ୍ତାମାନଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବା, ନିତ୍ୟ ପ୍ରବଚନ ନିମନ୍ତେ ଶ୍ରୀମନ୍ଦିର ଆଖପାଖରେ ଏକ ଭବନ ପ୍ରଦାନ କରିବା ଆଦି ୧୦ ଦଫା ଦାବି ପ୍ରଦାନ କରିଥିଲେ । ଏହି ଅବସରରେ ପରିଷଦ ତରଫରୁ ମନ୍ତ୍ରୀଙ୍କୁ 'ସଂସ୍କୃତି ସେବାରତ୍ନ ସମ୍ମାନ ୨୦୨୫'ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଡ କିଶନଲାଲ ଭରତିଆଙ୍କ ସମେତ କିଛି ବିଶିଷ୍ଟ ପ୍ରତିଭାଙ୍କୁ' ସତସଂଗ ସେବାରତ୍ନ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା ।

# ନଦୀ, ନାଳର ସ୍ରୋତକୁ ଦୃଷ୍ଟିରେ ରଖି ସତର୍କ ଫଳକ

**କଟକ,୨୧।୮/ଏନ୍ଏନ୍ଏସ୍:** ବର୍ଷା ଯୋଗୁ କଟକର ମହାନଦୀ, କାଠଯୋଡ଼ି ଏବଂ ତାଳଦଣ୍ଡା କେନାଲରେ ପାଣିର ସ୍ରୋତ ବୃଦ୍ଧି ପାଇଥାଏ । ଏହାକୁ ଦୃଷ୍ଟିରେ ରଖି ଗୁରୁବାର ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସତର୍କ ଫଳକ ଲଗାଯାଇଛି । ଜନସାଧାରଣ ପାଣି ସ୍ରୋତ ଭିତରକୁ ନ ଯିବା ପାଇଁ ଫଳକରେ ଚେତାବନୀ ଦିଆଯାଇଛି । ବିଗତ ଦିନରେ ଅନେକ ଦୁର୍ଘଟଣା ଘଟିଥିଲା ଯାହାକୁ ନେଇ ଆଜି ମଧୁପାଟଣା ଥାନା ପକ୍ଷରୁ ସଚେତନତା ଫଳକ ଲଗାଯାଇଛି । ବିନା କାରଣରେ ପାଣିଭିତରକୁ ଛୋଟ ପିଲା ଓ ନିଶାଗ୍ରସ୍ତ ଲୋକମାନଙ୍କୁ ନ ଯିବା ପାଇଁ ଚେତାବନୀ ଦିଆଯାଇଛି । ଏଥିସହିତ ଯଦି ସେଠାରେ କିଛି ଅଘଟଣ ଘଟେ ତେବେ ତୁରନ୍ତ ଜରୁରୀକାଳୀନ ଫୋନ୍ ନମ୍ବର୍ରେ ଯୋଗାଯୋଗ କରିବା ପାଇଁ ଏହି ଫଳକରେ ସୂଚନା ଦିଆଯାଇଛି ।




# ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ରେଳ ଚଳାଚଳରେ ପରିବର୍ତ୍ତନ

**ଭୁବନେଶ୍ୱର,୨୧।୮/ଏନ୍ଏନ୍ଏସ୍:** ଦକ୍ଷିଣ ପୂର୍ବ ରେଳବାଇର ଚକ୍ରଧରପୁର ଡିଭିଜନର ଜରାଇକେଲା - ମନୋହରପୁର ଡାଉନଲାଇନ୍ ସେକ୍ସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ପୂର୍ବ ତଟ ରେଳପଥ ଦେଇ ଚଳାଚଳ କରୁଥିବା କିଛି ଟ୍ରେନ୍ ସେବା ପ୍ରଭାବିତ ହେବ । ହାୱଡ଼ାରୁ ଛାଡୁଥିବା ଟ୍ରେନ୍ ନମ୍ବର ୧୨୮୭୧ ହାୱଡ଼ା-ଟିଟଲାଗଡ଼ ଏକ୍ସପ୍ରେସ୍ ଏବଂ ଟ୍ରେନ୍ ନମ୍ବର ୨୨୮୬୧ ହାୱଡ଼ା-କଣ୍ଟାବାଞ୍ଜି ଇସ୍ପାତ ଏକ୍ସପେସ୍ ୩୦.୦୮.୨୦୨୫, ୦୬.୦୯.୨୦୨୫, ୧୩.୦୯.୨୦୨୫, ୨୦.୦୯.୨୦୨୫, ୨୭.୦୯.୨୦୨୫ ଏବଂ ୦୪.୧୦.୨୦୨୫ରେ ଟାଟାରେ ଯାତ୍ରା ଶେଷ କରିବ । ଏହି ଦୁଇଟି ଟ୍ରେନ୍ ପାଇଁ ଟାଟାରୁ ଟିଟଲାଗଡ଼ ଏବଂ ଟାଟାରୁ କଣ୍ଟାବାଞ୍ଜି ମଧ୍ୟରେ ଟ୍ରେନ୍ ସେବା ବାତିଲ ରହିବ । ସେହିପରି ଟିଟଲାଗଡ଼ରୁ ଛାଡୁଥିବା ଟ୍ରେନ ନମ୍ବର ୧୨୮୭୨ ଟିଟଲାଗଡ଼-ହାୱଡ଼ା ଏକ୍ସପ୍ରେସ ଏବଂ କଣ୍ଟାବାଞ୍ଜିରୁ ଛାଡୁଥିବା ଟ୍ରେନ ନମ୍ବର ୨୨୮୬୨ କଣ୍ଟାବାଜି - ହାୱଡ଼ା ଇସ୍ପାତ ଏକ୍ସପ୍ରେସ ୩୦.୦୮.୨୦୨୫, ୦୬.୦୯.୨୦୨୫, ୧୩.୦୯.୨୦୨୫, ୨୦.୦୯.୨୦୨୫, ୨୭.୦୯.୨୦୨୫ ଏବଂ ୦୪.୧୦.୨୦୨୫ରେ ରାଉରକେଲାରେ ଯାତ୍ରା ଶେଷ କରିବ । ଏହି ଦୁଇଟି ଟ୍ରେନ ପାଇଁ ରାଉରକେଲାରୁ ହାୱଡ଼ା ମଧ୍ୟରେ ଟ୍ରେନ ସେବା ବାତିଲ ରହିବ । ଅନ୍ୟପକ୍ଷରେ ୨୯.୦୮.୨୦୨୫ ,୦୫.୦୯.୨୦୨୫ ,୧୨.୦୯.୨୦୨୫,୧୯.୦୯.୨୦୨୫,୨୬.୦୯.୨୦୨୫ ଏବଂ ୦୩.୧୦.୨୦୨୫ ରେ ଛାଡୁଥିବା ଟ୍ରେନ୍ ନଂ. ୧୮୪୭୮ ଯୋଗ ନଗରୀ ଋଷିକେଶ-ପୁରୀ ଏକ୍ସପ୍ରେସ୍ ଏହାର ମୂଳ ମାର୍ଗ ଅର୍ଥାତ୍ ବ୍ରଜରାଜ ନଗର, ଝାରସୁଗୁଡା ଜଙ୍କସନ୍, ରାଉରକେଲା, ଟାଟା, ହିଜଳି, ଭଦ୍ରକ, କଟକ ପରିବର୍ତ୍ତେ ବ୍ରଜରାଜ ନଗର, ଝାରସୁଗୁଡା ରୋଡ୍, ସମ୍ବଲପୁର ସିଟି, କଟକ ମଧ୍ୟଦେଇ ଚଳାଚଳ କରିବ ।

### ଗଣେଶ ପୂଜା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି

# ଶବ୍ଦ ପ୍ରଦୂଷଣ ରୋକିବା ସହ ପାରମ୍ପରିକ ବାଦ୍ୟ ଉପରେ ଗୁରୁତ୍ୱ



**କଟକ,୨୧।୮/ଏନ୍ଏନ୍ଏସ୍:** ଚଳିତବର୍ଷ ଗଣେଶ ପୂଜାକୁ ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଶାନ୍ତି କମିଟିର କର୍ମକର୍ତ୍ତା ତଥା ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ନେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଗଣେଶ ପୂଜା ପାଳନ ଓ ଭସାଣି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂଜା ପ୍ରସ୍ତୁତି ଓ ଭସାଣୀ ସମ୍ବନ୍ଧିତ ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନର ସମସ୍ତ ସଂପୃକ୍ତ ବିଭାଗ ସହିତ ପୂଜା କମିଟିମାନେ ସମନ୍ୱୟ ରକ୍ଷା କରି ଗଣେଶ ପୂଜା ପାଳନ ଓ ଭସାଣି ଉତ୍ସବ ସୁରୁଖୁରୁରେ ଅନୁଷ୍ଠିତ ହେବା ନେଇ ବୈଠକରେ ଆଲୋଚନା କରିଥିଲେ । ବୈଠକରେ ପୂଜା ଦିନ ଓ ଭସାଣି ସମୟରେ ଡିଜେ ବଦଳରେ ପାରମ୍ପରିକ ବାଦ୍ୟ ବ୍ୟବହାର କରି ଶୋଭାଯାତ୍ରା ନେଲେ ଶବ୍ଦ ପ୍ରଦୂଷଣ ରୋକିବା ସହିତ ପାରମ୍ପରିକ ବାଦ୍ୟ କଳାକାର ମଧ୍ୟ ରୋଜଗାର ପାଇବେ ଓ ସମଗ୍ର ସମାଜର ମଙ୍ଗଳ ସାଧିତ ହେବ ବୋଲି ଜିଲ୍ଲାପାଳ ବୈଠକରେ ମତ ପ୍ରକାଶ କରିବା ସହ ସମସ୍ତ ପୂଜା ମଣ୍ଡପରେ ବିଶେଷ କରି ଅଗ୍ନିଶମ, ବିଦ୍ୟୁତ ଏବଂ ନିର୍ମାଣ ସମ୍ବନ୍ଧୀୟ ସୁରକ୍ଷା ପ୍ରମାଣ ପତ୍ର ହାସଲ କରିବାକୁ କହିଥିଲେ । ରାତ୍ରୀ ୧୦ଘଟିକା ପରେ ଡାକବାଜି ଯନ୍ତ୍ରର ବ୍ୟବହାର ନିଷେଧ ଏବଂ ସଂବେଦନଶୀଳ ସ୍ଥାନମାନଙ୍କରେ କମ ଧ୍ୱନି କରିବା ସହ ଲେଜର ଲାଇଟକୁ ପୂଜାମଣ୍ଡପ ଓ ଭସାଣିଉତ୍ସବରେ ବ୍ୟବହାର ନକରିବା ତଥା ନିଶା ସେବନ ନକରି ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଉପସ୍ଥିତ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ଚଳିତବର୍ଷ ଗଣେଶ ପୂଜା ତା୨୭.୦୮.୨୦୨୫ରିଖ ଦିନ ପାଳନ କରାଯାଇ ପର୍ଯ୍ୟାୟ କ୍ରମେ ତା ୩୧.୦୮.୨୦୨୫ରିଖ, ତା ୭.୦୯.୨୦୨୫ରିଖ ଏବଂ ତା ୧୪.୦୯.୨୦୨୫ରିଖ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ଗଣେଶ ପୂଜା ପାଳନ ଓ ଭସାଣୀ ସମୟରେ ବିଦ୍ୟୁତ ସରବରାହ, ରାସ୍ତା ମରାମତି, ପାନୀୟଜଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ସ୍ୱାସ୍ଥ୍ୟ, ପରିମଳ,ଆଇନ ଶୃଙ୍ଖଳା, ମେଢ଼ ଯାତାୟାତ ନିମନ୍ତେ କେବୁଲ୍ ତାର ଅପସାରଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ନାଥ ସାହୁ, ସଂପାଦକ ଭିକାରି ଦାସ, କଟକ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ଶାନ୍ତି କମିଟିର ବରିଷ୍ଠ କର୍ମକର୍ତ୍ତା ଶିବେନ୍ଦ୍ର ହାତୀ, ନରସିଂହ ଚୌଧୁରୀ, ନରସିଂହ ସାହୁ, ଦୀପାୟନ ପଟ୍ଟନାୟକ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ । ଆୟୁକ୍ତ କଟକ ମହାନଗର ନିଗମ ସୁଶ୍ରୀ କିରନଦୀପ କୌର ସହୋତା କଟକ ମହାନଗର ନିଗମ ପକ୍ଷରୁ ସମସ୍ତ ଆବଶ୍ୟକୀୟ ମୌଳିକ କାର୍ଯ୍ୟ ପୂଜା ପୂର୍ବରୁ ଶେଷ କରାଯିବ ବୋଲି ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ,ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ପୋଲିସ ଉପ-ଆୟୁକ୍ତ ଦେବଦତ୍ତ କର ଉପସ୍ଥିତ ଥିଲେ ।

### ହାଇକୋର୍ଟରେ କଟକ ସହର ସମସ୍ୟା ମାମଲା

# ପୂଜାରେ ସୁଉଚ୍ଚ ତୋରଣ, ବାଜା ଓ ବାଣ ଉପରେ କଟକଣା

**କଟକ,୨୧।୮/ଏନ୍ଏନ୍ଏସ୍:** ଆଗକୁ ଆସୁଛି ପୂଜାଋତୁ । କଟକ ସହରର ପ୍ରସିଦ୍ଧ ଦୁର୍ଗପୂଜା ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । କଟକ ସହରର ଦଶହରା ସୁଉଚ୍ଚ ତୋରଣ, ରଙ୍ଗବେରଙ୍ଗର ଆଲୋକମାଳା, ମେଲାଡି କାର୍ଯ୍ୟକ୍ରମ ଏବଂ ଭସାଣିର ରୋଷଣି ପାଇଁ ପ୍ରଖ୍ୟାତ । ତେବେ ଏନେଇ ପୂର୍ବରୁ ଅନେକ କଟକଣା ଲାଗିଥିଲା ବେଳେ ଗୁରୁବାର ହାଇକୋର୍ଟ ସୁଉଚ୍ଚ ତୋରଣ ଉପରେ କଟକଣା ଲଗାଇଛନ୍ତି । ରାସ୍ତା ଉପରେ ସୁଉଚ୍ଚ ତୋରଣ ନିର୍ମାଣ ଲାଗି ହାଇକୋର୍ଟ ବାରଣ କରିଛନ୍ତି । ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗେଟ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ପୂଜା ଲାଗି ଗେଟ ନିର୍ମାଣ ପାଇଁ ନିର୍ଦ୍ଦିଷ୍ଟ ସର୍ତ୍ତ ରହିବ । ଅପରପକ୍ଷେ ରଙ୍ଗବେରଙ୍ଗର ଇଲେକ୍ଟ୍ରି ଗେଟ୍କୁ ସଂପୂର୍ଣ୍ଣ ରୂପେ ବାରଣ କରାଯାଇଛି । କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଅଦାଲତ ଏଭଳି ନିର୍ଦ୍ଦେଶ ଦେଇଛନ୍ତି । ଭସାଣିରେ ପୂଜାରେ ୬୫ଡେସିବଲ୍ ସାଉଣ୍ଡ୍ ମଧ୍ୟରେ ଡିଜେ ବଜାଇବା ପାଇଁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଏନେଇ ଉଭୟ କଟକ ଜିଲ୍ଲାପାଳଓ ଡିସିପି ନଜର ରଖିବେ ବୋଲି ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି । ଭସାଣିରେ କେବଳ ୪ଟି ସାଉଣ୍ଡ୍ ବକ୍ସ ବ୍ୟବହାର ପାଇଁ ଅନୁମତି ମିଳିବ । ଏସବୁ ଉପରେ ତୁରନ୍ତ ନିଷ୍ପତ୍ତି ନେଇ ଆସନ୍ତା ରବିବାର ହେବାକୁ ଥିବା ଦଶହରା ପ୍ରସ୍ତୁତି ବୈଠକରେ କଟକ ଜିଲ୍ଲାପାଳ ଏ ନେଇ ସମସ୍ତ ପୂଜା କମିଟି କର୍ମକର୍ତ୍ତାମାନଙ୍କୁ ଅବଗତ କରାଇବେ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଗଣେଶ ପୂଜାଠାରୁ ବାଲିଯାତ୍ରା ଶେଷ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ । ଏହାବାଦ ପ୍ରତ୍ୟେକ ପୂଜା ମଣ୍ଡପ ଅନୁମତି ପତ୍ର ନେବା ପୂର୍ବରୁ ମଣ୍ଡପର ଅଗ୍ନି ନିରାପତ୍ତା, ବିଦ୍ୟୁତ ନିରାପତ୍ତା ଏବଂ ହାଇକୋର୍ଟଙ୍କ ଦ୍ୱାରା ଜାରି ହୋଇଥିବା କଟକଣା ସଠିକ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ତାହା ତଦାରଖ ଲାଗି କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# କୃଷକଙ୍କୁ ସଶକ୍ତ କରିବା ପାଇଁ ଜୋନାଲ୍ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**କଟକ,୨୧।୮/ଏନ୍ଏନ୍ଏସ୍:** କଟକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ୧୦କେ କୃଷକ ଉତ୍ପାଦକ ଗୋଷ୍ଠୀ ୧୦କେ ଏଫ୍ପିଓ (ଫାରମର ପ୍ରଡ୍ୟୁସର ପ୍ରେଗ୍ରାମ୍) ଯୋଜନା ଅଧୀନରେ ଏକ ଜୋନାଲ୍ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଫ୍ପିଓମାନଙ୍କୁ ସଶକ୍ତ କରିବା ପାଇଁ ବିହନ, ସାର, କୀଟନାଶକ ପରି ଇନପୁଟ୍ ସର୍ଭିସ, ମଣ୍ଡି, ଏଫ୍ଏସ୍ଏସ୍ଆଇ, ଇ-ନାମ, ଓଏନ୍ଡିସି ପରି ସର୍ଟିଫିକେସନ୍, ବଜାର ଯୋଗାଣ, ରପ୍ତାନି ସୁଯୋଗ, ଉଚ୍ଚମୂଲ୍ୟ କୃଷିପଦାର୍ଥ ଓ ଋଣ ସୁବିଧା ଆଦି ଉପରେ ଆଲୋଚନା କରାଯାଇଥିଲା । ଏଥିରେ ଓର୍ମାସ ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ, ପ୍ରଶିକ୍ଷଣରେ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ,ଏଫ୍ଡିଆର୍ଭିସିର ସଦାନନ୍ଦ ଗାଡିପାଇଲେ, ଓରମାସର ସପନ ଗୋସ୍ୱାମୀ ଓ ମନୋଜ ପାତ୍ର ଉପସ୍ଥିତ ଥିଲେ ।

## ଜୁନିୟର ପୁରୁଷ ଜାତୀୟ ହକି ଚାମ୍ପିଅନ୍‌ଶିପ୍

# ଫାଇନାଲ୍‌ରେ ଓଡ଼ିଶା-ହରିଆଣା



**ଜଲନ୍ଧର,୨୧।୮/ଏଜେନ୍ସି:** ଓଡ଼ିଶା ଓ ହରିଆଣା ଗୁରୁବାର ନିଜ ନିଜର ସେମିଫାଇନାଲ୍ ମ୍ୟାଚ୍ ଜିତି ୧୫ଶ ହକି ଇଣ୍ଡିଆ ଜୁନିୟର୍ ପୁରୁଷ ଜାତୀୟ ଚାମ୍ପିଅନ୍‌ଶିପ୍‌ର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏଠାରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ କରଣ ଲାକ୍ରାଙ୍କ ୫୮ତମ ମିନିଟ୍‌ର ନିର୍ଣ୍ଣାୟକ ଗୋଲ୍ ବଳରେ ଓଡ଼ିଶା ୩-୨ରେ ପଞ୍ଜାବକୁ ହରାଇ ଦେଇଛି। ମ୍ୟାଚ୍‌ର ପ୍ରଥମ ମିନିଟ୍‌ରେ ପ୍ରତାପ ଟପ୍ପୋ ଗୋଲ୍ ଦେଇ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ତେବେ ୧୨ଶ ମିନିଟ୍‌ରେ ପଞ୍ଜାବ କ୍ୟାପ୍ଟେନ୍ ଗୁରସେବକ ସିଂହ ଏହାକୁ ଶୁଝାଇ ଦେଇଥିଲେ। ଏହାପରେ ୧୫ତମ ମିନିଟ୍‌ରେ ପ୍ରତାପ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ସ୍କୋର୍‌କରି ଟିମ୍‌କୁ ୨-୧ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧରେ ସ୍ଥିତି ୨-୧ରେ ଓଡ଼ିଶା ସପକ୍ଷରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମନମୀତ୍ ସିଂହ ରାୟ (୪୪ତମ ମିନିଟ୍) ପଞ୍ଜାବ ପକ୍ଷରୁ ଦ୍ୱିତୀୟ ଗୋଲ୍ ଦେଇ ସ୍ଥିତି ୨-୨ କରିଥିଲେ। ତେବେ କରଣ ଲାକ୍ରା ୫୮ତମ ମିନିଟ୍‌ରେ ନିର୍ଣ୍ଣାୟକ ଗୋଲ୍ ଦେଇ ଓଡ଼ିଶାକୁ ଫାଇନାଲ୍‌ରେ ପହଞ୍ଚାଇଥିଲେ।

ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍‌ରେ ହରିଆଣା ୩-୦ ଗୋଲ୍‌ରେ ଉତ୍ତର ପ୍ରଦେଶକୁ ହରାଇଥିଲା। ହରିଆଣା ପକ୍ଷରୁ ନିତିନ୍ ୩ୟ ଏବଂ ୫୪ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇଥିବା ବେଳେ ଜିତ୍‌ପାଲ୍ ୪୭ତମ ମିନିଟ୍‌ରେ ଗୋଟିଏ ଗୋଲ୍ କରିଥିଲେ।

## ● ମହିଳା ହକି ଏସିଆ କପ୍ ପାଇଁ ଭାରତୀୟ ଟିମ୍ ଘୋଷିତ

# ସଲିମା ଟେଟେଙ୍କୁ ଟିମ୍‌ର ନେତୃତ୍ୱ

**ନୂଆଦିଲ୍ଲୀ,୨୧।୮/ଏଜେନ୍ସି:** ଚୀନ୍‌ର ହାଙ୍ଗ୍‌ଝୋଉରେ ସେପ୍ଟେମ୍ବର ୩ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମହିଳା ଏସିଆ କପ୍ ପାଇଁ ହକି ଇଣ୍ଡିଆ ଗୁରୁବାର ୨୦ ଜଣିଆ ଭାରତୀୟ ଟିମ୍ ଘୋଷଣା କରିଛି। ଅନୁଭବୀ ମିଡ୍‌ଫିଲ୍ଡର ସଲିମା ଟେଟେଙ୍କୁ ଟିମ୍‌ର ନେତୃତ୍ୱ ପ୍ରଦାନ କରାଯାଇଛି। ତେବେ ଅନୁଭବୀ ଖେଳାଳି ସବିତା ଏବଂ ସୁଶିଳା ଚାନୁଙ୍କୁ ଟିମ୍‌ରେ ସାମିଲ କରାଯାଇ ନାହିଁ। ଏହି ଦୁଇ ଖେଳାଳି ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ ଚରଣରେ ଖେଳିଥିଲେ। ଟୁର୍ଣ୍ଣାମେଣ୍ଟର ବିଜେତା ୨୦୨୬ରେ ହେବାକୁ ଥିବା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବାକୁ ଥିବାରୁ ଏହା ବହୁ ଗୁରୁତ୍ୱପୂର୍ଣ୍ଣ। ଭାରତକୁ ପୁଲ୍-ବି'ରେ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ସହିତ ରଖାଯାଇଛି। ଟିମ୍ ନିଜର ଅଭିଯାନ ସେପ୍ଟେମ୍ବର ୫ ତାରିଖରେ ଥାଇଲାଣ୍ଡ ବିପକ୍ଷରେ କରିବ। ଏହାପରେ ସେପ୍ଟେମ୍ବର ୬ ତାରିଖରେ ଜାପାନକୁ ଭେଟିବ। ଭାରତ ନିଜର ଅନ୍ତିମ ପୁଲ୍ ମ୍ୟାଚ୍ ସେପ୍ଟେମ୍ବର ୮ରେ ସିଙ୍ଗାପୁର ବିପକ୍ଷରେ ଖେଳିବ। ହକି ଇଣ୍ଡିଆ ଦ୍ୱାରା ଜାରି ଏକ ବିଜ୍ଞପ୍ତିରେ ମୁଖ୍ୟ କୋଚ୍ ହରେନ୍ଦ୍ର ସିଂହ କହିଛନ୍ତି, ଏସିଆ କପ୍ ପାଇଁ ଯେଉଁ ଟିମ୍ ଚୟନ କରାଯାଇଛି ତାକୁ ନେଇ ଆମେ ବେଶ୍ ଉତ୍ସାହିତ। ଏହି ଟିମ୍ କଠିନ ପରିଶ୍ରମ ସହିତ ପ୍ରଶିକ୍ଷଣ ନେଇଛି। ଆମେ ଅନୁଭବୀ ଖେଳାଳିଙ୍କ ସହିତ ଯୁବ ପ୍ରତିଭାଙ୍କ ମଧ୍ୟରେ ସଠିକ୍ ସନ୍ତୁଳନ ପାଇଁ ଉଦ୍ୟମ କରିଛୁ। ଆମର ଧ୍ୟାନ ଆକ୍ରମଣାତ୍ମକ ଏବଂ ଅନୁଶାସିତ ହକି ଖେଳିବା ଉପରେ ରହିବ। ଏସିଆର ସର୍ବଶ୍ରେଷ୍ଠ ଟିମ୍‌ଗୁଡ଼ିକୁ ଶକ୍ତିଶାଳୀ ଭାବେ ମୁକାବିଲା କରିବାର କ୍ଷମତା ଆମ ଟିମ୍‌ର ରହିଛି।'



**ଭାରତୀୟ ଟିମ୍:** ଗୋଲ୍‌କିପର୍- ବଂଶାରୀ ସୋଲାଙ୍କି, ବିଚୁ ଦେବୀ ଖାରିବାମ୍। ଡିଫେଣ୍ଡର୍- ମନୀଷା ଚୌହାନ୍, ଉଦିତା, ଜ୍ୟୋତି, ସୁମନ ଦେବୀ ଥୋଡ଼ମ୍, ନିକ୍କି ପ୍ରଧାନ, ଇକିଶା ଚୌଧୁରୀ। ମିଡ୍‌ଫିଲ୍ଡର- ନେହା, ବୈଷ୍ଣବୀ ବିଠଲ୍ ଫାଲ୍‌କେ, ସଲିମା ଟେଟେ, ଶର୍ମିଳା ଦେବୀ, ଲାଲରେମ୍‌ସିୟାମୀ, ସୁନେଲିତା ଟପ୍ପୋ। ଫରୱାର୍ଡ- ନବନୀତ କୌର୍, ରୁତୁଜା ଦାଦାସୋ ପିସ୍‌ଲେ, ବ୍ୟୁଟି ଡୁଙ୍ଗ୍‌ଡୁଙ୍ଗ୍, ମୁମତାଜ୍ ଖାନ୍, ଦୀପିକା ଓ ସଙ୍ଗୀତା କୁମାରୀ।

## ମୁମ୍ବାଇ ରଣଜୀ ଟିମ୍ ନେତୃତ୍ୱ ଛାଡ଼ିଲେ ରାହାଣେ

**ମୁମ୍ବାଇ,୨୧।୮/ଏଜେନ୍ସି:** ଆଜିଙ୍କ୍ୟ ରାହାଣେ ୨୦୨୫-୨୬ ଘରୋଇ ସିଜନ୍ ପୂର୍ବରୁ ମୁମ୍ବାଇ ଟିମ୍‌ର ନେତୃତ୍ୱ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ସେ ମୁମ୍ବାଇ କ୍ରିକେଟ୍ ସଂଘ (ଏମ୍‌ସିଏ)କୁ ସୂଚୀତ କରିଦେଇଛନ୍ତି। ତାଙ୍କ ଅନୁସାରେ ଏହା ନୂଆ ନେତୃତ୍ୱ ପ୍ରସ୍ତୁତ କରିବାର ଠିକ୍ ସମୟ। ତେବେ ସେ ବ୍ୟାଟ୍ସମ୍ୟାନ୍ ଭାବେ ଖେଳ ଜାରି ରଖିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ୩୭ ବର୍ଷୀୟ ରାହାଣେ ନଅ ବର୍ଷର ମରୁଡ଼ିରେ ଅନ୍ତ ଘଟାଇ ୨୦୨୩-୨୪ ସିଜନ୍‌ରେ ମୁମ୍ବାଇକୁ ୪୨ତମ ରଣଜୀ ଟ୍ରଫି ଜିତାଇଥିଲେ। ଅବଶ୍ୟ ଲାଲ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ତାଙ୍କ ପ୍ରଦର୍ଶନ କରିଛି ଖାସ୍ ନଥିଲା। ସେ ମୋଟ ୨୭ ଇନିଂସ୍‌ରେ ୪୬୭ ରନ୍ କରିଥିଲେ। ଏହା ମଧ୍ୟରେ କେବଳ ଗୋଟିଏ ଶତକ ସାମିଲ ଥିଲା। ରାହାଣେ ଗତବର୍ଷ ସୟଦ୍ ମୁସ୍ତାକ୍ ଅଲୀ ଟ୍ରଫିରେ ଶ୍ରେୟସ୍ ଆୟରଙ୍କ ନେତୃତ୍ୱରେ ୪୬୯ ରନ୍ କରିଥିଲେ ଏବଂ ମୁମ୍ବାଇର ଟାଇଟଲ୍ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ୬ଷ୍ଠ ରାଜ୍ୟ ଟିଟି ଚାମ୍ପିଅନ୍‌ଶିପ୍ ଉଦ୍‌ଯାପିତ

**କଟକ,୨୧।୮/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ମଲ୍ଟିପର୍‌ପୋଜ୍ ଇନ୍‌ଡୋର ହଲ୍‌ରେ ଓଡ଼ିଶା ରାଜ୍ୟ ଟେବଲ୍ ଟେନିସ୍ ସଂଘ (ଓଏସ୍‌ଟିଟିଏ) ପକ୍ଷରୁ ବୁଧବାରଠାରୁ ଆରମ୍ଭ ହୋଇଥିବା ୬ଷ୍ଠ ଆନ୍ତଃସ୍କୁଲ ରାଜ୍ୟ ଟେବଲ୍ ଟେନିସ୍ ଚାମ୍ପିଅନ୍‌ଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ଗୁରୁବାର ଅନୁଷ୍ଠିତ ସିନିୟର୍ ବାଳିକା ଫାଇନାଲ୍‌ରେ କଟକର ଗୁରୁ ନାନକ ପବ୍ଲିକ୍ ସ୍କୁଲ୍ ୩-୦ରେ କଟକର ଷ୍ଟିୱାର୍ଟ ସ୍କୁଲ୍‌କୁ ହରାଇ ଚାମ୍ପିଅନ୍ ହୋଇଛି। ସେହିପରି ବାଳକ ବିଭାଗରେ ଭୁବନେଶ୍ୱରର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ କଟକର ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ୍‌କୁ ୩-୦ରେ ମାତ୍ ଦେଇ ଟ୍ରଫି ଜିତିଛି। ଜୁନିୟର୍ ବାଳକ ବିଭାଗରେ କଟକର ନ୍ୟୁ ଷ୍ଟିୱାର୍ଟ ସ୍କୁଲ୍ ୩-୧ରେ ଡିପିଏସ୍ କଳିଙ୍ଗାଙ୍କୁ ହରାଇ ବିଜେତା ହୋଇଛି। ଜୁନିୟର୍ ବାଳିକା ବିଭାଗରେ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ୍ ୩-୧ରେ ପୁରୀ ଜିଲ୍ଲା ସ୍କୁଲ୍‌କୁ ହରାଇ ଚାମ୍ପିଅନ୍ ହୋଇଛି। ଚାମ୍ପିଅନ୍‌ଶିପ୍‌କୁ ବୁଧବାର ପୂର୍ବତନ ଜାତୀୟ ଟେବଲ୍ ଟେନିସ୍ ଖେଳାଳି ଏବଂ ଶିଳ୍ପପତି ଆନନ୍ଦ ପୋଦ୍ଦାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟ ଟେବଲ୍ ଟେନିସ୍ ଆସୋସିଏସନ୍ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଉପସଭାପତି ଚିତ୍ତରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ନିହାର ରଞ୍ଜନ ମିଶ୍ର ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

**ଗୁରୁ ନାନକ ସିନିୟର୍ ବାଳିକା ଏବଂ ପିଏମ୍‌ଶ୍ରୀ କେଭି-୧ ବାଳକ ଚାମ୍ପିଅନ୍**

ଆସନ୍ତାକାଲିଠାରୁ ରବିବାର ପର୍ଯ୍ୟନ୍ତ ଏହିଠାରେ ୩୦ତମ ୱାଇଜିଟିଟିଏ ରାଜ୍ୟ ର୍‌ୟାଙ୍କିଙ୍ଗ୍ ଟିଟି ଚାମ୍ପିଅନ୍‌ଶିପ୍ ଆୟୋଜିତ ହେବ। ଏହି ଚାମ୍ପିଅନ୍‌ଶିପ୍ କଟକ ୟଙ୍ଗ୍ ଜେନେରେସନ୍ ଟେବଲ୍ ଟେନିସ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ହେଉଛି।

# ଏସିଆ କପ୍‌ରେ ପାକିସ୍ତାନ ସହ ଖେଳିବ ଭାରତ

**ଅନୁମତି ପ୍ରଦାନ କଲେ କେନ୍ଦ୍ର ସରକାର**

**ଦ୍ୱିପାକ୍ଷିକ ସିରିଜ୍ ହେବ ନାହିଁ**

**ନୂଆଦିଲ୍ଲୀ,୨୧।୮/ଏଜେନ୍ସି:** ସେପ୍ଟେମ୍ବର ୯ ତାରିଖରୁ ଆରମ୍ଭ ହେବାକୁ ଥିବା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଟିମ୍ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବ। ଭାରତ ସରକାର ଗୁରୁବାର ଏଥିପାଇଁ ଅନୁମତି ଦେଇଛନ୍ତି। ସରକାର କହିଛନ୍ତି, ମଲ୍ଟିନାସନାଲ୍ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହ ଖେଳିବା ଉପରେ ରୋକ୍ ନାହିଁ। ତେବେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ୍ ହେବନାହିଁ। ଖେଳ ମନ୍ତ୍ରଣାଳୟରେ ଜଣେ ଅଧିକାରୀ କହିଛନ୍ତି, ଏହା ଭାରତ ସରକାରଙ୍କ ନୂଆ ଖେଳ ପଲିସି ଏବଂ ଗୁରୁବାର ଏହା ଜାରି କରାଯାଇଛି। ନୂଆ ଖେଳ ନୀତିରେ ଭାରତ ସରକାର ଏହା ସ୍ପଷ୍ଟ କରିଛନ୍ତି ଯେ ଆମେ ପାକିସ୍ତାନ ଟିମ୍ କିମ୍ବା ଖେଳାଳିଙ୍କୁ ମଲ୍ଟିନାସନାଲ୍ ଇଭେଣ୍ଟ ପାଇଁ ଭାରତ ଆସିବାକୁ ରୋକିବୁ ନାହିଁ। ତେବେ ଭାରତ ଏପରି ଇଭେଣ୍ଟରେ ଭାଗ ନେବାକୁ ପାକିସ୍ତାନ ଯିବ କି ନାହିଁ ତାହା ଏଥିରେ ସ୍ପଷ୍ଟ କରିନାହାନ୍ତି। ଭାରତ ଚଳିତ ବର୍ଷ ଫେବୃଆରୀ-ମାର୍ଚ୍ଚରେ ଆୟୋଜିତ ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଯିବାକୁ ମନା କରିଦେଇଥିଲା। ଫଳରେ ଆୟୋଜକ ପାକିସ୍ତାନକୁ ଭାରତର ମ୍ୟାଚ୍ ୟୁଏଇରେ କରାଇବାକୁ ପଡ଼ିଥିଲା ଏବଂ ଦୁବାଇରେ ଫାଇନାଲ୍ ଖେଳାଯାଇଥିଲା।




ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୩ଟି ମ୍ୟାଚ୍ ଖେଳାଯିବାର ସମ୍ଭାବନା ରହିଛି। ପ୍ରଥମ ମ୍ୟାଚ୍ ଲିଗ୍ ପର୍ଯ୍ୟାୟରେ ସେପ୍ଟେମ୍ବର ୧୪ରେ ଦୁବାଇ ଇଣ୍ଟରନାସନାଲ୍ ଷ୍ଟାଡିୟମ୍‌ରେ ଖେଳାଯିବ। ଲିଗ୍ ପର୍ଯ୍ୟାୟ ପରେ ସୁପର୍-୪ ପର୍ଯ୍ୟାୟ ଖେଳାଯିବ। ଯଦି ଉଭୟ ଟିମ୍ ସୁପର୍-୪ରେ ପ୍ରବେଶ କରନ୍ତି, ତେବେ ସେପ୍ଟେମ୍ବର ୨୧ରେ ଭାରତ ଓ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୨୧ରେ ଦ୍ୱିତୀୟ ଥର ମୁକାବିଲା ହୋଇପାରେ। ଯଦି ଦୁଇ ଟିମ୍ ସେମିଫାଇନାଲ୍‌ରେ ପହଞ୍ଚନ୍ତି, ତେବେ ତେବେ ସେପ୍ଟେମ୍ବର ୨୮ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଏସିଆ କପ୍‌ର ତୃତୀୟ ମ୍ୟାଚ୍ ଖେଳାଯିବ।

# ମହିଳା ବକ୍ସର୍‌ଙ୍କ ଜେଣ୍ଡର୍ ଟେଷ୍ଟ କରାଯିବ

**ନୂଆଦିଲ୍ଲୀ,୨୧।୮/ଏଜେନ୍ସି:** ସମସ୍ତ ମହିଳା ବକ୍ସର୍‌ଙ୍କୁ ଏବେ ଜେଣ୍ଡର୍ ଟେଷ୍ଟ କରାଇବାକୁ ପଡ଼ିବ। ଏଥିରେ ବିଫଳ ହେଲେ କୌଣସି ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଅନୁମତି ମିଳିବ ନାହିଁ। ୱାର୍ଲ୍ଡ ବକ୍ସିଂ ଗୁରୁବାର ଏହି ଘୋଷଣା କରିଛି। ଇଂଲଣ୍ଡର ଲିଭର୍‌ପୁଲ୍‌ରେ ସେପ୍ଟେମ୍ବର ୪ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୱାର୍ଲ୍ଡ ବକ୍ସିଂ ଚାମ୍ପିଅନ୍‌ଶିପ୍‌ରୁ ଏହାର ଆରମ୍ଭ ହେବ। ଏହି ଟେଷ୍ଟ ପଲିମରେଜ୍ ଚେନ୍ ରିଆକ୍ସନ୍ (ପିସିଆର୍) କିମ୍ବା ଏହାର ଜେନେଟିକ୍ ସ୍କ୍ରିନିଂ ଜରିଆରେ ହେବ। ଜନ୍ମ ସମୟରେ ଲିଙ୍ଗ ନିର୍ଦ୍ଧାରିତ କରିବା ପାଇଁ ଜରୁରୀ ୱାଇ କ୍ରୋମୋଜୋମ୍‌ର ଉପସ୍ଥିତି କିମ୍ବା ଅନୁପସ୍ଥିତିର ଏହା ଯାଞ୍ଚ କରିବ। ୱାର୍ଲ୍ଡ ବକ୍ସିଂ ଅଧ୍ୟକ୍ଷ ବୋରିସ୍ ଭାନ୍ ଡେର୍ ଭୋର୍ଷ୍ଟ କହିଛନ୍ତି, 'ଆମେ ସମସ୍ତ ବ୍ୟକ୍ତିଙ୍କ ଗରିମାର ସମ୍ମାନ କରୁଛୁ ଏବଂ ଆମ ଖେଳ ଅଧିକରୁ ଅଧିକ ଇନ୍‌କ୍ଲୁସିଭ୍ ହେଉ ଏହା ଚାହୁଁଛୁ। କିନ୍ତୁ ବକ୍ସିଂ ପରି ଖେଳରେ ଖେଳାଳିଙ୍କ ସୁରକ୍ଷା ଏବଂ ପ୍ରତିଦ୍ୱନ୍ଦ୍ୱିତାରେ ନିରପେକ୍ଷତା ବଜାୟ ରଖିବା ଆମ ଦାୟିତ୍ୱ।'

୨୧ ଦିନ ତଳେ ଆଥ୍‌ଲେଟିକ୍ସରେ ଏହି ନିୟମ ଲାଗୁ କରାଯାଇଥିଲା। ଜୁଲାଇ ୩୦ରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କାଉନ୍‌ସିଲ୍ କହିଥିଲା ଯେ ଯେଉଁ ଖେଳାଳି ଏହି ଟେଷ୍ଟ କରାଇବେ ନାହିଁ, ସେମାନେ ୱାର୍ଲ୍ଡ ର୍‌ୟାଙ୍କିଙ୍ଗ୍ ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ। ଆଥ୍‌ଲେଟିକ୍ସରେ ଏହି ନିୟମ ୨୦୨୫ ସେପ୍ଟେମ୍ବର ୧ରୁ ଲାଗୁ ହେବ। ସେପ୍ଟେମ୍ବର ୧୩ରୁ ଟୋକିଓରେ ହେବାକୁ ଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ମହିଳା ଆଥ୍‌ଲେଟ୍ ଏହି ଟେଷ୍ଟ ପାସ୍ ବିନା ଭାଗ ନେଇପାରିବେ ନାହିଁ।

**ବିନା ଟେଷ୍ଟରେ ଟୁର୍ଣ୍ଣାମେଣ୍ଟ ଖେଳିପାରିବେ ନାହିଁ**

ଏକ ବର୍ଷ ତଳେ ପ୍ୟାରିସ୍ ଅଲିମ୍ପିକ୍ସରେ ବକ୍ସିଂରେ ଜେଣ୍ଡର୍ ବିବାଦ ଦେଖା ଦେଇଥିଲା। ସେତେବେଳେ ଆଲ୍‌ଜେରିଆ ବକ୍ସର୍ ଇମାନ୍ ଖଲିଫ୍ ପୁରୁଷ ହୋଇଥିବା ଅଭିଯୋଗ ହୋଇଥିଲା। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପୁରୁଷଙ୍କ ସହ ଲଢ଼ିବେ ନାହିଁ କହି ମ୍ୟାଚ୍‌ରୁ ଓହରି ଯାଇଥିଲେ। ଖଲିଫ୍ ପ୍ୟାରିସ୍ ଅଲିମ୍ପିକ୍ସରେ ନିଜ ଓଜନ ବର୍ଗର (ୱେଲ୍ଟରୱେଟ୍) ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ଦେଶ ବିଦେଶ

### ଭାରତରେ ଗିରଫ୍ ଆମେରିକାର ମୋଷ୍ଟୱାଣ୍ଟେଡ୍

**ନୂଆଦିଲ୍ଲୀ,୨୧।୮/ଏଜେନ୍ସି:** ଆମେରିକାର ୧୦ ମୋଷ୍ଟ ୱାଣ୍ଟେଡ୍ ଅପରାଧୀଙ୍କ ତାଲିକାରେ ସାମିଲ ଜଣେ ମହିଳାଙ୍କୁ ଭାରତରୁ ଗିରଫ କରାଯାଇଛି। ମହିଳାଙ୍କ ଉପରେ ତାଙ୍କ ୬ ବର୍ଷର ପୁଅକୁ ହତ୍ୟା କରିବାର ଅଭିଯୋଗ ରହିଛି। ତେବେ ଏହି ମହିଳାଜଣକ ଆମେରିକାରେ ଅପରାଧ ଘଟାଇବା ପରେ ଭାରତ ଚାଲିଆସିଥିଲେ। ସବୁଠୁ ବଡ଼କଥା ହେଉଛି ସେ ଗତ ୨ ବର୍ଷ ଧରି ଭାରତରେ ଲୁଚି ରହିଥିଲେ ମଧ୍ୟ ତାଙ୍କ ସମ୍ପର୍କରେ କେହି କିଛି ଜାଣିପାରିନଥିଲେ। ତେବେ ଶେଷରେ ଆମେରିକୀୟ ତଦନ୍ତ ଏଜେନ୍ସି ଏଫ୍‌ବିଆଇ ଭାରତରୁ ଏହି ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିବା ସହ ବିଚାର ପାଇଁ ବର୍ତ୍ତମାନ ତାଙ୍କୁ ଆମେରିକା ନେଇଯାଇଛି। ଏହି ମହିଳାଙ୍କ ନାମ ସିଣ୍ଡି ରୋଡ୍ରିଗେଜ୍ ସିଂହ, ଯାହାଙ୍କ ବିରୁଦ୍ଧରେ ଦୁଇଟି ୱାରେଣ୍ଟ ଅଛି। ଗୋଟିଏ ହେଉଛି ଅବୈଧ ପଳାୟନ ପାଇଁ ଏକ ଫେଡେରାଲ୍ ୱାରେଣ୍ଟ ଏବଂ ଅନ୍ୟଟି ହେଉଛି ୧୦ ବର୍ଷରୁ କମ୍ ବୟସର ଏକ ଶିଶୁକୁ ହତ୍ୟା କରିବା ପାଇଁ ୱାରେଣ୍ଟ।

# ରାଜ୍ୟସଭାରେ ମଧ୍ୟ ପାରିତ ହେଲା 'ଅନ୍‌ଲାଇନ୍ ଗେମିଂ ବିଲ୍'

**ନୂଆଦିଲ୍ଲୀ,୨୧।୮/ଏଜେନ୍ସି:** ବିରୋଧୀ ସାଂସଦଙ୍କ ହଟ୍ଟଗୋଳ ମଧ୍ୟରେ ଗୁରୁବାର ରାଜ୍ୟସଭାରେ ମଧ୍ୟ 'ଅନଲାଇନ୍ ଗେମିଂ ପ୍ରମୋସନ୍ ଆଣ୍ଡ ରେଗୁଲେସନ୍ ବିଲ୍ ୨୦୨୫' ବିଲ୍ ବାଚନିକ ଭୋଟ୍ ଆଧାରରେ ପାରିତ ହୋଇଛି। ଦିନକ ପୂର୍ବେ ଏହି ବିଲ୍ ଲୋକସଭାରେ ମଧ୍ୟ ପାରିତ ହୋଇଥିଲା। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଆଗତ ଏହି ବିଲ, ଇ-କ୍ରୀଡା ଏବଂ ଅନଲାଇନ ସାମାଜିକ ଖେଳକୁ ପ୍ରୋତ୍ସାହିତ କରିବା ସହିତ ସମସ୍ତ ପ୍ରକାରର ଅନଲାଇନ ଟଙ୍କା ଖେଳକୁ ନିଷେଧ କରିବା ପାଇଁ ଲକ୍ଷ୍ୟ ରଖିଛି। ତେବେ ବିରୋଧୀ ସଦସ୍ୟମାନଙ୍କ ଦ୍ୱାରା ଉପସ୍ଥାପିତ ସଂଶୋଧନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପରେ ରାଜ୍ୟସଭା ଏହାକୁ ଅନୁମୋଦନ କରିଛି। ଏହି ବିଲ୍‌ରେ ଅନଲାଇନ ଟଙ୍କା ଖେଳ ସହିତ ଜଡ଼ିତ ବିଜ୍ଞାପନକୁ ନିଷେଧ କରିବା ଏବଂ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ଏପରି କୌଣସି ଖେଳ ପାଇଁ ପାଣ୍ଠି ପ୍ରଦାନ କିମ୍ବା ସ୍ଥାନାନ୍ତର କରିବାରୁ ନିଷେଧ କରିବାର ବ୍ୟବସ୍ଥା ରହିଛି। ନଗଦ ଏବଂ ଅନ୍ୟାନ୍ୟ ପୁରସ୍କାର ଜିତିବା ଆଶାରେ ଟଙ୍କା ଜମା କରି ଅନଲାଇନ ଟଙ୍କା ଖେଳ ଖେଳାଯାଇଥାଏ। ତେବେ ଗୃହ ଉପାଧ୍ୟକ୍ଷ ହରିବଂଶ ରାଜ୍ୟସଭାରେ ବିଲ୍ ପାରିତ ହେବା ନେଇ ଘୋଷଣା କରିବା ପରେ ଗୃହକାର୍ଯ୍ୟକୁ ୧୦ମିନିଟ୍ ପାଇଁ ମୁଲତବୀ ରଖିଥିଲେ।



ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଏହି ବିଲ୍‌ର ଉଦ୍ଦେଶ୍ୟ ହେଉଛି ସମାଜ ପ୍ରତି ଯେକୌଣସି ବିପଦକୁ ଦୂରେଇ ରଖିବା। ଏହି ବିଲ୍ ଆଗତ ହେବା ପରେ ସମାଜର ଅନେକ ସମସ୍ୟାର ସମାଧାନ ହେବ। ଅନଲାଇନ୍ ମନି ଗେମିଂ ମାଧ୍ୟମରେ ଆତଙ୍କବାଦକୁ ଆର୍ଥିକ ସହାୟତା ଦିଆଯାଉଥିଲା। ଏହାର ଅନେକ ମାମଲା ସାମ୍ନାକୁ ଆସିଛି। ଏହି ବିଲ୍ ପାରିତ ହେବା ଦ୍ୱାରା ଏବେ ଆତଙ୍କବାଦକୁ ଆର୍ଥିକ ସହାୟତା ମିଳିବା କଷ୍ଟ ହେବ। ଏହି ବିଲ୍ ଇ-କ୍ରୀଡାକୁ ପ୍ରୋତ୍ସାହିତ କରିବ ଏବଂ ଏହାକୁ ଆଇନଗତ ସ୍ୱୀକୃତି ମଧ୍ୟ ମିଳିବ। ଇ-କ୍ରୀଡା ସହିତ 'ଅନଲାଇନ୍ ସୋସିଆଲ୍ ଗେମିଂ' ପ୍ରୋତ୍ସାହିତ କରିବାରେ ମଧ୍ୟ ସହାୟକ ହେବ ଏହି ବିଲ୍। ଏହି ବିଲ୍ କେବଳ ଏବଂ କେବଳ ଅନଲାଇନ୍ ମନି ଗେମିଂକୁ ବିରୋଧ କରେ। ନିକଟ ଅତୀତରେ, ଏହି ଖେଳଗୁଡିକର ନକାରାତ୍ମକ ପ୍ରଭାବ ଦେଖାଯାଇଛି, ଯାହା ଟଙ୍କା ଠକେଇରେ ମଧ୍ୟ ବ୍ୟବହୃତ ହୋଇଛି। ଲୋକମାନେ ଟଙ୍କା ହରାଇବା ଯୋଗୁଁ ଆତ୍ମହତ୍ୟା ମଧ୍ୟ କରିଛନ୍ତି। ତେବେ ଏହି ବିଲ୍ ମାଧ୍ୟମରେ, ପ୍ରଥମ ଥର ପାଇଁ ଇ-କ୍ରୀଡାକୁ ଆଇନଗତ ସ୍ୱୀକୃତି ଦିଆଯାଉଛି। କ୍ରୀଡା ମନ୍ତ୍ରାଳୟ ଇ-କ୍ରୀଡା ପାଇଁ ନିର୍ଦ୍ଦେଶାବଳୀ ସ୍ଥିର କରିବ। ସେମାନଙ୍କର ତାଲିମ-ଗବେଷଣା କେନ୍ଦ୍ର ଏବଂ ପ୍ରଯୁକ୍ତିବିଦ୍ୟା ପ୍ଲାଟଫର୍ମ ମଧ୍ୟ ବିକଶିତ କରାଯିବ। ଏହି ବିଲ୍ ମାଧ୍ୟମରେ ଅନଲାଇନ୍ ସାମାଜିକ ଖେଳକୁ ଆଇନଗତ ସ୍ୱୀକୃତି ଦେବାକୁ ସରକାର ପ୍ରସ୍ତାବ ଦେଇଛନ୍ତି। ସାଢ଼େ ତିନି ବର୍ଷର ବିଚାର-ବିମର୍ଶ ପରେ ଏହି ବିଲ୍ ଉପରେ ନିଷ୍ପତ୍ତି ନିଆଯାଇଥିବା ଶ୍ରୀ ବୈଷ୍ଣବ କହିଛନ୍ତି।


## ଶ୍ରେଣୀରେ ଚାପୁଡ଼ା ମାରିଲେ ବୋଲି...

# ଶିକ୍ଷକଙ୍କୁ ଗୁଳିମାଡ଼ କଲା ସ୍କୁଲ ଛାତ୍ର

**ଡେରାଡୁନ୍,୨୧।୮/ଏଜେନ୍ସି:** ବର୍ତ୍ତମାନ ସମୟରେ ସ୍କୁଲ ପିଲାମାନଙ୍କ ଠାରେ ହିଂସା, ପ୍ରତିଶୋଧ ମନୋଭାବ ବଢ଼ିବଢ଼ି ଚାଲିଛି। ଦିନକ ପୂର୍ବେ ସାମାନ୍ୟ କଥାରୁ ଜଣେ ୮ମ ଶ୍ରେଣୀ ଛାତ୍ର ନିଜ ସ୍କୁଲର ଜଣେ ୧୦ଶ୍ରେଣୀ ଛାତ୍ରକୁ ଛୁରୀ ଭୁଷି ହତ୍ୟା କରିବା ଘଟଣା ସାମ୍ନାକୁ ଆସିଥିଲା। ଏବେ ଉତ୍ତରାଖଣ୍ଡର ଉଦ୍ଧମସିଂହ ନଗର ଜିଲ୍ଲାରୁ ମଧ୍ୟ ସେପରି ଏକ ଘଟଣା ଦୃଷ୍ଟିକୁ ଆସିଛି। ଏଠାରେ ଜଣେ ୮ମ ଶ୍ରେଣୀ ଛାତ୍ର ନିଜ ଶ୍ରେଣୀ ଶିକ୍ଷକଙ୍କୁ ଗୁଳିମାଡ଼ କରିଛି। ତେବେ ସୌଭାଗ୍ୟବଶତଃ ଏହି ଗୁଳିମାଡ଼ରେ ଶିକ୍ଷକଜଣକ ଗୁରୁତର ଆହତ ହୋଇଥିଲେ ମଧ୍ୟ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି।


ଗଗନଦୀପ ସିଂହ କୋହଲି ନାମକ ଜଣେ ଶିକ୍ଷକ ଉତ୍ତରାଖଣ୍ଡର ଉଦ୍ଧମ ସିଂହ ନଗର ଜିଲ୍ଲାରେ ଥିବା ଗୁରୁ ନାନକ ନାମକ ଏକ ଘରୋଇ ସ୍କୁଲରେ ପଦାର୍ଥ ବିଜ୍ଞାନ ପଢ଼ାନ୍ତି। ତେବେ ମଙ୍ଗଳବାର ଦିନ ସେ ଶ୍ରେଣୀକକ୍ଷରେ ପାଠପଢ଼ାକୁ ନେଇ ଜଣେ ଛାତ୍ରଙ୍କୁ କୌଣସି କାରଣରୁ ଏକ ଚାପୁଡ଼ା ମାରିଥିଲେ। ତେବେ ଏହି ସାମାନ୍ୟ କଥାରେ ଛାତ୍ରଜଣକ ଏତେ ମାତ୍ରାରେ ପ୍ରତିଶୋଧ ପରାୟଣ ହୋଇପଡିଥିଲା ଯେ, ପରଦିନ ଅର୍ଥାତ୍ ବୁଧବାର ଦିନ, ସେ ନିଜ ଟିଫିନ୍ ବାକ୍ସରେ ଏକ ବନ୍ଧୁକ ଭର୍ତ୍ତି କରି ଆଣିଥିଲା ଏବଂ ଶିକ୍ଷକ କୋହଲିଙ୍କୁ ଗୁଳି କରିଥିଲା। ତାଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା ଯେଉଁଠାରେ ତାଙ୍କର ଜରୁରୀକାଳୀନ ଅସ୍ତ୍ରୋପଚାର କରାଯାଇଥିଲା। ଅଭିଯୁକ୍ତ ଛାତ୍ରର ନାମ ସମର୍ଥ ବାଜୱା ବୋଲି ଜଣାପଡିଛି। କିନ୍ତୁ ସେ ବନ୍ଧୁକ କେଉଁଠୁ ଆଣିଲା ସେନେଇ ଏବେ କିଛି ବି ଜଣାପଡିନାହିଁ। ପୁଲିସ୍ ଉକ୍ତ ବନ୍ଧୁକକୁ ଜବତ କରି ତଦନ୍ତ ଆରମ୍ଭ କରିଛି।





# ନାମାଙ୍କନ ଦାଖଲ କଲେ ଇଣ୍ଡିଆ ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ

**ନୂଆଦିଲ୍ଲୀ,୨୧।୮/ଏଜେନ୍ସି:** ଇଣ୍ଡିଆ ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀ ଗୁରୁବାର ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ସମୟରେ କଂଗ୍ରେସ ନେତା ସୋନିଆ ଗାନ୍ଧୀ, ସାଂସଦ ରାହୁଲ ଗାନ୍ଧୀ, ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ ଏବଂ ସଞ୍ଜୟ ରାଉତଙ୍କ ସମେତ ସମସ୍ତ ବିରୋଧୀ ଦଳର ନେତା ଉପସ୍ଥିତ ଥିଲେ। ଶ୍ରୀ ରେଡ୍ଡୀଙ୍କ ପାଇଁ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖର୍ଗେଙ୍କ ସମେତ ପ୍ରାୟ ୧୬୦ସାଂସଦ ପ୍ରସ୍ତାବକ ଏବଂ ସମର୍ଥକ ଭାବରେ ସ୍ୱାକ୍ଷର କରିଛନ୍ତି। ସୁଦର୍ଶନ ରେଡ୍ଡୀ ଜଣେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଏବଂ ଗୋଆ ଲୋକାୟୁକ୍ତ।



### ସତୀଶ ଗୋଲ୍‌ଚା ହେଲେ ନୂଆ ଦିଲ୍ଲୀ ପୁଲିସ୍ କମିଶନର୍

# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଜେଡ୍‌ସ୍ତରୀୟ ସୁରକ୍ଷା

**ନୂଆଦିଲ୍ଲୀ,୨୧।୮/ଏଜେନ୍ସି:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଆକ୍ରମଣ ପରେ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି। ରିପୋର୍ଟ ଅନୁସାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରେଖା ଗୁପ୍ତାଙ୍କୁ ଜେଡ୍‌ସ୍ତରୀୟ ସୁରକ୍ଷା ପ୍ରଦାନ କରାଯାଇଛି। କୁହାଯାଉଛି ଯେ ସୁରକ୍ଷାକୁ ଦୃଷ୍ଟିରେ ରଖି ଜନଅଭିଯୋଗ ଶୁଣାଣି ସମୟରେ ଏଣିକି କାହାକୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବାକୁ ଅନୁମତି ଦିଆଯିବ ନାହିଁ। ପୂର୍ବାପେକ୍ଷା ଏବେ ଅଧିକ ସଂଖ୍ୟକ ସିଆରପିଏଫ୍ କମାଣ୍ଡୋ ମୁଖ୍ୟମନ୍ତ୍ରୀଙ୍କୁ ୨୪ ଘଣ୍ଟିଆ ସୁରକ୍ଷା ଯୋଗାଇବେ।

ଏସବୁ ମଧ୍ୟରେ ଦିଲ୍ଲୀ ପୁଲିସକୁ ଜଣେ ନୂଆ କମିଶନର ମଧ୍ୟ ମିଳିଛନ୍ତି। ଆଇପିଏସ୍ ଅଧିକାରୀ ସତୀଶ ଗୋଲ୍‌ଚାଙ୍କୁ ଏବେ ଦିଲ୍ଲୀ ପୁଲିସ୍ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ସେ ଦାୟିତ୍ୱ ଗ୍ରହଣ କରିବା ତାରିଖରୁ ଏହି ନିଯୁକ୍ତି କାର୍ଯ୍ୟକାରୀ ହେବ ଏବଂ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷେ ପୂର୍ବରୁ ଏହି ପଦରେ ଥିବା ଆଇପିଏସ୍ ଅଧିକାରୀ ଶଶୀ ଭୂଷଣ କୁମାର ସିଂହଙ୍କୁ ଏବେ ବର୍ତ୍ତମାନ ଡିଜି (ହୋମଗାର୍ଡ) ଭାବରେ କାର୍ଯ୍ୟ କରିବେ। ୧୯୯୨ ବ୍ୟାଚ୍‌ର ଅରୁଣାଚଳ ପ୍ରଦେଶ-ଗୋଆ-ମିଜୋରାମ ଏବଂ କେନ୍ଦ୍ରଶାସିତ ଅଞ୍ଚଳ କ୍ୟାଡରର ଆଇପିଏସ୍ ଅଧିକାରୀ ସତୀଶ ଗୋଲଚା ତିହାର ଜେଲର ମହାନିର୍ଦ୍ଦେଶକ ଭାବରେ ଅତିରିକ୍ତ ଦାୟିତ୍ୱ ମଧ୍ୟ ସମ୍ଭାଳିସାରିଛନ୍ତି। ଏତଦ୍‌ବ୍ୟତୀତ ସେ ଦିଲ୍ଲୀ ପୋଲିସରେ ସ୍ୱତନ୍ତ୍ର କମିଶନର ଇଣ୍ଟେଲିଜେନ୍ସ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଆଇପିଏସ ଗୋଲଚା ଗତ ବର୍ଷ ମେ' ମାସରେ ମହାନିର୍ଦ୍ଦେଶକ (କାରାଗାର) ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଆଇପିଏସ ଗୋଲଚା ଦିଲ୍ଲୀ କ୍ରାଇମ ବ୍ରାଞ୍ଚର ମୁଖ୍ୟ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି।





Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra